# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୨/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, July 12/2024 | Page 18 | ₹ 7.00

୫୦ଶ ଭାଗ ୨୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 228 | ମୂଲ୍ୟ ₹୭/-









ହରିୟାଣାରୁ ଦିଲ୍ଲୀକୁ ପ୍ରବାହିତ ମୁନକ୍ କେନାଲ ବନ୍ଧ ଭୁଶୁଡ଼ିବା ପରେ ରାଜଧାନୀର ବୱାନାସ୍ଥିତ ଜେଜେ କଲୋନି ଜଳମଗ୍ନ ହୋଇଯାଇଛି।

## ୮ ବର୍ଷୀୟାଙ୍କୁ ଗଣବଳାତ୍କାର, ହତ୍ୟା

### ୩ ନାବାଳକଙ୍କୁ ସନ୍ଧାନୀ କୁକୁର ଧରାଇଦେଲା

ହାଇଦ୍ରାବାଦ,୧୧।୭

ଆନ୍ଧ୍ରପ୍ରଦେଶର ନନ୍ଦ୍ୟାଲା ଜିଲା ମୁଚୁମାରିରେ ଜଣେ ୮ ବର୍ଷୀୟା ସ୍କୁଲ ଛାତ୍ରୀଙ୍କୁ ୩ ଜଣ ସିନିୟର ଗଣବଳାତ୍କାର କରି ହତ୍ୟା କରିଛନ୍ତି। ୩ ନାବାଳକ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି। ସେମାନେ ନାବାଳିକାଙ୍କ ମୃତଦେହକୁ ଏକ କେନାଲରେ ଫିଙ୍ଗିଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ତେବେ ପୋଲିସ ମୃତଦେହ ଠାବ କରିପାରିନାହିଁ।

ତୃତୀୟ ଶ୍ରେଣୀ ଛାତ୍ରୀ ଜଣକ ରବିବାର ଅପରାହ୍ନ ୫ଟାରେ ଏକ ପାର୍କରେ ଖେଳିବାବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଘରକୁ ନ ଫେରିବାରୁ ବହୁ ଖୋଜାଖୋଜି ପରେ ତାଙ୍କ ବାପା ସ୍ଥାନୀୟ ଥାନାରେ ରିପୋର୍ଟ କରିଥିଲେ। ପୋଲିସ ମଧ୍ୟ ନାବାଳିକାଙ୍କୁ ଠାବ କରିବା ପାଇଁ ତଲାସି ଚଲାଇଥିଲା। ତଦନ୍ତ ବେଳେ ଏକ ସନ୍ଧାନୀ କୁକୁର ଉକ୍ତ ସ୍କୁଲର ୩ ନାବାଳକଙ୍କୁ ଧରାଇଦେଲା। ଅଭିଯୁକ୍ତମାନଙ୍କ ମଧ୍ୟରୁ ୨ ଜଣ ଷଷ୍ଠ ଓ ଜଣେ ସପ୍ତମ ଶ୍ରେଣୀ ଛାତ୍ର। ପାର୍କରେ ନାବାଳିକା ଖେଳିବା ସମୟରେ ସେମାନେ ତାଙ୍କ ସହ ମିଶିଥିଲେ। ପରେ ସେମାନେ ତାଙ୍କୁ ମୁଚୁମାରି ଡ୍ୟାମ୍ ନିକଟ ଏକ ନିଛାଟିଆ ସ୍ଥାନକୁ ☞ପୃଷ୍ଠା–୨

## ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର,୧୧।୭(ଅନିଲ ଦାସ)



ଆଡ଼ପ ପହଣ୍ଡି ଅଘଟଣ ପରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦବୀରୁ ବୀର ବିକ୍ରମ ଯାଦବଙ୍କୁ ହଟାଇ ଦେଇଛନ୍ତି। ତାଙ୍କ ସ୍ଥାନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଫିସର ଅରବିନ୍ଦ କୁମାର ପାଢ଼ୀଙ୍କୁ ଶ୍ରୀମନ୍ଦିର ☞ପୃଷ୍ଠା–୨






## ଗୁଜରାଟୀରେ ଉତ୍ତର, ପରୀକ୍ଷାର୍ଥୀ ବାହାର ରାଜ୍ୟର

### ଏନ୍‌ଇଇଟି-ୟୁଜି

### ୧୮କୁ ଘୁଞ୍ଚିଲା ସୁପ୍ରିମକୋର୍ଟଙ୍କ ଶୁଣାଣି

ନୂଆଦିଲ୍ଲୀ/ଗୋଧ୍ରା,୧୧।୭

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ମେ' ୫ରେ ହୋଇଥିବା ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଗୁଜରାଟ, ବିହାର ସମେତ ବିଭିନ୍ନ ରାଜ୍ୟରେ ବ୍ୟାପକ ପ୍ରଶ୍ନପତ୍ର ଲିକ୍ ହୋଇଥବା ଖବର ପ୍ରକାଶ ପାଇଥିଲା। ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୋଧ୍ରାସ୍ଥିତ ୨ଟି ପରୀକ୍ଷା କେନ୍ଦ୍ରରେ ଅନିୟମିତତା ହୋଇଥିବା ଗୁରୁବାର ଗୁଜରାଟର ଏକ ଅଦାଲତକୁ ଜଣାଇଛି। ରିପୋର୍ଟ ଅନୁଯାୟୀ ଗୁଜରାଟର ଗୋଧ୍ରା ଅନ୍ତର୍ଗତ ୨ଟି ପରୀକ୍ଷାକେନ୍ଦ୍ରରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ରାଜସ୍ଥାନ ସମେତ ୧୨ ରାଜ୍ୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନେ ପରୀକ୍ଷା ପାଇଁ ଗୁଜରାଟୀ ଭାଷା ଚୟନ କରିବାକୁ କୁହାଯାଇଥିଲା, ଯେପରି ୨ ଜଣ ଗୁଜରାଟୀ ସେମାନଙ୍କ ଉତ୍ତର ଖାତା ପୂରଣ କରିପାରିବେ। ପରୀକ୍ଷାର୍ଥୀମାନେ ପଞ୍ଚମହଲ ଏବଂ ବଡୋଦର ଜିଲାକୁ ସେମାନଙ୍କର ବର୍ତ୍ତମାନ କିମ୍ବା ସ୍ଥାୟୀ ଠିକଣା ଭାବେ ଉଲ୍ଲେଖ କରିଥିଲେ। ସିବିଆଇ କହିବା ଅନୁଯାୟୀ ସ୍କୁଲ୍‌ର ପ୍ରିନ୍ସିପାଲ ପୁରୁଷୋତ୍ତମ ଶର୍ମା, ଫିଜିକ୍ସ ଶିକ୍ଷକ ତୁଷାର ଭଟ୍ଟଙ୍କ ସମେତ ଅଭିଯୁକ୍ତମାନେ ଓଏମ୍‌ଆର୍ ଶିଟ୍ ଜାଲିଆତି କରିଥିଲେ। କାରଣ ପରୀକ୍ଷା ଦିନ ରାତିରେ ସେଣ୍ଟରରେ ଉତ୍ତର ଖାତା ରହିବ ବୋଲି ସେମାନେ ଜାଣିଥିଲେ। ପୂର୍ବବର୍ଷ ଉକ୍ତ ସ୍କୁଲ୍‌ରେ ପରୀକ୍ଷା କେନ୍ଦ୍ର ହୋଇଥିବାରୁ ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ସେମାନେ ଅବଗତ ଥିଲେ। ଶର୍ମାଙ୍କୁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସିଟି କୋ-ଅର୍ଡିନେଟର ନିଯୁକ୍ତ କରାଯାଇଥିଲାବେଳେ ଭଟ୍ଟଙ୍କୁ ପରୀକ୍ଷାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କରାଯାଇଥିଲା। ପରୀକ୍ଷାରେ ଅଧିକ ମାର୍କ ପାଇଁ ଅଭିଯୁକ୍ତମାନଙ୍କୁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ବ୍ଲାଙ୍କ୍ ଚେକ୍ ଏବଂ ନଗଦ ଟଙ୍କା ଦେଇଥିଲେ ବୋଲି ସିବିଆଇ ଗୋଧ୍ରା କୋର୍ଟଙ୍କୁ ଅବଗତ କରାଇଛି। ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ଥିବା ☞ପୃଷ୍ଠା–୨

## ଗୃହ ବିଭାଗ ଓଏସ୍‌ଡି ଭାବେ ବଦଳି ହେଲେ ଆଶିଷ ସିଂ



ଭୁବନେଶ୍ୱର,୧୧।୭(ସୁନିତ୍ ମିଶ୍ର)

ବରିଷ୍ଠ ଆଇପିଏସ୍ ଅଫିସର ଆଇଜି ଅଶିଷ ସିଂଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କୁ ଗୁରୁବାର ଗୃହ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଛି। ସେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ଗୁରୁବାର ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିବା ପରେ ଆଇପିଏସ୍ ☞ପୃଷ୍ଠା–୨

## ୧୪ରେ ରତ୍ନଭଣ୍ଡାର ଖୋଲିବା ପ୍ରାୟ ସ୍ପଷ୍ଟ: ହରିଚନ୍ଦନ

ଭୁବନେଶ୍ୱର,୧୧।୭(ସୁନିତ୍ ମିଶ୍ର)



ପୃଥ୍ୱୀରାଜ ହରିଚନ୍ଦନ

ଆସନ୍ତା ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରାୟତଃ ସ୍ପଷ୍ଟ। କେବଳ ପରିଚାଳନା କମିଟି ଯେଉଁ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ସୁପାରିସ କରିଛି ତା'ର ବିଭିନ୍ନ ଦିଗକୁ ଯାଞ୍ଚ କରାଯିବ। ନୀତିକାନ୍ତିସହ ଖାପ ଖୁଆଇ ସବୁଦିଗକୁ ସୁବିଧା ହେବା ଭଳି ନିଷ୍ପତ୍ତି ନିଆଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଆଇନ ମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ଯେଉଁ ତାରିଖ ଧାର୍ଯ୍ୟ କରିଛି ସେଦିନ ରତ୍ନଭଣ୍ଡାର ଖୋଲିବ। ରତ୍ନଭଣ୍ଡାର ଯାଞ୍ଚ କମିଟିର ସୁପାରିସକୁ ପରିଚାଳନା କମିଟିରେ ମୋହର ବାଜିଛି। ତାହା ବର୍ତ୍ତମାନ ସରକାରଙ୍କ ନିକଟରେ ପହଞ୍ଚିବ। ଯେଉଁ ଏସ୍‌ଓପି ସେମାନେ ତିଆରି କରିଛନ୍ତି ତାକୁ ଠିକ୍ ଭାବେ ଯାଞ୍ଚ କରାଯିବ। ଏହାକୁ ବାଦ୍ ଦେଲେ ଯାଞ୍ଚ କମିଟି ଯେଉଁ ତାରିଖ ସ୍ଥିର କରିଛି ସେହି ସମୟରେ ହିଁ ରତ୍ନଭଣ୍ଡାର ଖୋଲିବା ପ୍ରାୟତଃ ସ୍ପଷ୍ଟ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ☞ପୃଷ୍ଠା–୨

## ଭଜନ ଗାଉ ଗାଉ ଚଳିପଡ଼ିଲେ ଏଡିଏମ୍

### ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ

ପାରଳାଖେମୁଣ୍ଡି, ୧୧।୭ (ଗିରିଧାରୀ ପରିଛା)



ବୀରେନ୍ଦ୍ର କୁମାର ଦାସ

ମୃତ୍ୟୁ ଏମିତିବି ଆସେ। ଏକ ଷ୍ଟେଜରେ ଶ୍ରୀଜଗନ୍ନାଥଙ୍କ ଭଜନ ଗାଉଥିଲା ବେଳେ ହଠାତ୍ ଟଳି ପଡ଼ିଥିଲେ ଗଜପତି ଜିଲା ଅତିରିକ୍ତ ଜିଲାପାଳ (ଏଡିଏମ) ବୀରେନ୍ଦ୍ର କୁମାର ଦାସ। ତାଙ୍କୁ ସଙ୍ଗେ ସଙ୍ଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ପ୍ରାଥମିକ ଅବସ୍ଥାରେ ଡାକ୍ତର ସୂଚନା ଦେଇଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି।

ଗଜପତି ଜିଲାରେ ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସରକାରୀ କର୍ମଚାରୀମାନଙ୍କୁ ନେଇ ବିଏନ୍ ପ୍ୟାଲେସରେ ☞ପୃଷ୍ଠା–୨


ଆଜିର ସମ୍ପାଦକୀୟ
ଷ୍ଟାର୍ମର ମଡେଲ







ଉତ୍ତରାଖଣ୍ଡର ଚାମୋଲି ଜିଲା ବଦ୍ରିନାଥ ଜାତୀୟ ରାଜପଥର ଯୋଗୀଧାରାରେ ଭୂସ୍ଖଳନ ପରେ ଲୋକଙ୍କୁ ପାର୍ କରାଉଛନ୍ତି ଏସ୍‌ଡିଆର୍‌ଏଫ୍ କର୍ମଚାରୀ।



ଉତ୍ତରପ୍ରଦେଶର ଶାହାଜାହାନପୁରରେ ସୁରକ୍ଷା କର୍ମୀ ପିଲାମାନଙ୍କୁ ଉଦ୍ଧାର କରୁଛନ୍ତି।

# ଆସାମରୁ ୟୁପି ଜଳ ପ୍ରଳୟ

ପ୍ରାୟ ସପ୍ତାହେ ପୂର୍ବରୁ ମୌସୁମୀର କୃପଣତାରୁ ଦେଶର ବିଭିନ୍ନ ଭାଗରେ ଅନାବୃଷ୍ଟି ଯୋଗୁ ମାଟି ଫାଟି ଆଁ କରିଥିଲା। ଜଳ ଭଣ୍ଡାରଗୁଡ଼ିକ ଶୁଷ୍କ ହୋଇଯାଇଥିଲା। ଇତିମଧ୍ୟରେ ଲଗାଣ ବର୍ଷା ଆସାମରୁ ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ଅନେକ ରାଜ୍ୟକୁ ପ୍ରଳୟଙ୍କରୀ ବନ୍ୟା ଆଣିଛି। କେଉଁଠି ଉଚ୍ଛୁଳା ନଈର ପାଣିରେ ଘରଦ୍ୱାର ବୁଡ଼ିଗଲାଣି ତ ଆଉ କେଉଁଠାରେ ଡ୍ୟାମ୍ ଭୁଶୁଡ଼ି ରାସ୍ତାଘାଟ ଧୋଇନେଲାଣି। ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇ ମଧ ବର୍ତ୍ତିପାରିନାହିଁ ପ୍ରକୃତିର କୋପରୁ। ଦୀର୍ଘ ଅନାବୃଷ୍ଟି ପରେ ଏଭଳି ବର୍ଷା ବିପ୍ଳାତ ପାଇଁ ବିଶେଷଜ୍ଞମାନେ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି। ତେବେ ବେଳ ଥାଉ ଥାଉ ଆବଶ୍ୟକ ବନ୍ଦୋବସ୍ତ କରାଯାଇଥିଲେ ଲୋକେ ଏତେ ଦୁର୍ଦ୍ଦଶା ଭୋଗି ନ ଥାନ୍ତେ ବୋଲି ଅନେକେ ମତ ଦେଉଛନ୍ତି।

ନୂଆଦିଲ୍ଲୀ/ଗୁଆହାଟୀ/ଲକ୍ଷ୍ନୌ,୧୧।୭

ଆସାମରେ ବ୍ରହ୍ମପୁତ୍ର ନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏହାସହ ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୮୪କୁ ବୃଦ୍ଧି ପାଇଥିବା ଆସାମର ବିପର୍ଯ୍ୟୟ ରିପୋର୍ଟିଂ ଓ ସୂଚନା ପରିଚାଳନା ବ୍ୟବସ୍ଥା ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ବନ୍ୟାରେ ରାଜ୍ୟର ୨୭ ଜିଲାର ୧୪.୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଅସୁରକ୍ଷିତ ଅବସ୍ଥାରେ ଥିବା ୧ ଲକ୍ଷ ୫୭ ହଜାର ଲୋକଙ୍କୁ ୩୬୫ଟି ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ଏବେ ମଧ୍ୟ ତେଜପୁର, ଗୁଆହାଟୀ, ଧୁବ୍ରୀ, ନେମାଟିଘାଟ୍ ଆଦି ଅଞ୍ଚଳରେ ବ୍ରହ୍ମପୁତ୍ର ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରଭାବିତ ହେଉଛି। ବନ୍ୟା ଯୋଗୁ କାଜିରଙ୍ଗା ଜାତୀୟ ଉଦ୍ୟାନରେ ୧୨୮ ହଗ୍ ଡିୟର, ୯ଟି ଗଣ୍ଡା ସମେତ ୧୫୯ ବନ୍ୟପ୍ରାଣୀ ଗୁରୁବାର ସୁଦ୍ଧା ପ୍ରାଣ ହରାଇଥିବା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ସୂଚନା ଦେଇଛି।

ସେହିପରି ଉତ୍ତରପ୍ରଦେଶର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ୧୨ ଜିଲାର ୩୩ ତହସିଲ ଅନ୍ତର୍ଗତ ୬୩୩ ଗ୍ରାମର ୧୮ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଲଗାଣ ବର୍ଷା ଓ ବଜ୍ରପାତ ଯୋଗୁ ୧୯ ଜଣଙ୍କର ମୃତ୍ୟୁ ଘଟିଥିବା ଉତ୍ତରପ୍ରଦେଶ ରିଲିଫ୍ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ସୀତାପୁର ଜିଲାରେ ବନ୍ୟା ସ୍ରୋତରେ ବହି ଆସି ଶାରଦା ନଦୀରୁ ୨୦୦ ମିଟର ଦୂରରେ ଅବସ୍ଥିତ ଘରେ ଗୋଟିଏ କୁମ୍ଭୀର ବୁଧବାର ପଶିଆସିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବରପାଇ ବନ ବିଭାଗର ଟିମ୍ ଉକ୍ତ କୁମ୍ଭୀରକୁ ଉଦ୍ଧାର କରି ପୁଣି ଥରେ ନଦୀରେ ଛାଡ଼ିଦେଇଥିଲା। ରାଜ୍ୟର ସର୍ବାଧିକ ପ୍ରଭାବିତ ଶ୍ରାବସ୍ତୀ ଓ ବଳରାମପୁର ଜିଲାରେ ଗୁରୁବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ବନ୍ୟାରେ ୧ ଲକ୍ଷ ୪୫ ହଜାରରୁ ଅଧିକ କୃଷିଜମିର ଫସଲ ନଷ୍ଟ ହୋଇଥିବା ସହ ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ରାଜ୍ୟରେ ୧୦୩୩ଟି ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ବିହାରରେ ଲଗାଣ ବର୍ଷା ଯୋଗୁ କୋଶୀ, ଗଣ୍ଡକ, ବାଗମତୀ ଆଦି ନଦୀର ଜଳସ୍ତର ବୃଦ୍ଧି ଘଟିବାରେ ଲାଗିଛି। ଫଳରେ ରାଜ୍ୟର ଦରଭଙ୍ଗା, ମଧୁବନୀ, ଗୋପାଳଗଞ୍ଜ, ପଶ୍ଚିମ ଚମ୍ପାରନ୍, ସାରନ୍ ଆଦି ଜିଲାର ତଳିଆ ଅଞ୍ଚଳରେ ବନ୍ୟାପାଣି ପ୍ରବେଶ କରିଛି। ସେପଟେ ଦିଲ୍ଲୀର ବୱାନା ଅଞ୍ଚଳରେ ଥିବା ମୁନକ କେନାଲର ଏକ ଅଂଶ ବୁଧବାର ବିଳମ୍ବିତ ରାତ୍ରିରେ ଭାଙ୍ଗିଯିବାରୁ ଗୁରୁବାର ଦିଲ୍ଲୀର ଜେ.ଜେ କଲୋନୀ ଓ ଏହାର ଆଖପାଖ ଅଞ୍ଚଳରେ ବନ୍ୟାସ୍ଥିତି ଦେଖାଦେଇଛି। ବୱାନା ଅଞ୍ଚଳର ଅନେକ ଘରେ ପାଣି ଜମାହେବା ସହ ବିଦ୍ୟୁତ୍ କାଟ୍ କରାଯିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ତେବେ ମୁନକ କେନାଲର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଏହା ୨୪ ଘଣ୍ଟା ମଧ୍ୟରେ ଶେଷ ହେବ ବୋଲି ଦିଲ୍ଲୀ ଜଳ ସମ୍ପଦ ମନ୍ତ୍ରୀ ଆତିଶୀ ସୂଚନା ଦେଇଛନ୍ତି।



ଦିଲ୍ଲୀର ବୱାନାରେ ମୁନକ୍ କେନାଲର ଉଚ୍ଛୁଳା ପାଣି।

## ପ୍ରଶ୍ନପତ୍ର ଲିକ୍‌ର କିଙ୍ଗପିନ୍‌ଙ୍କୁ ଗିରଫକଲା ସିବିଆଇ

ନୂଆଦିଲ୍ଲୀ,୧୧।୭

ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଲିକ୍‌ର କିଙ୍ଗପିନ୍‌ଙ୍କୁ ସିବିଆଇ ପାଟନା ନିକଟରୁ ଗିରଫ କରିଛି। ନାଳନ୍ଦାର ରାକେଶ ରଞ୍ଜନ ଓରଫ ରକି ପ୍ରଶ୍ନପତ୍ର ଲିକ୍ ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ସିବିଆଇ ତାଙ୍କୁ ଗୁରୁବାର ପାଟନାର ସ୍ୱତନ୍ତ୍ର ଅଦାଲତରେ ହାଜର କରାଇବା ପରେ ୧୦ ଦିନ ପାଇଁ ହାଜତକୁ ନେଇଛି। ପ୍ରବେଶିକା ପରୀକ୍ଷା ଅନିୟମିତତା ମାମଲାରେ ଚଢ଼ାଉ ବେଳେ ରିକି ସିବିଆଇ ରାଡାରରୁ ଖସିଯିବା ପାଇଁ ବାରମ୍ବାର ନିଜର ରହଣି ବଦଳାଉଥିଲା। ସିବିଆଇ ତଦନ୍ତ ଦାୟିତ୍ୱ ନେବାଠାରୁ ତାଙ୍କ ପଛରେ ପଡ଼ିଥିଲା। ଟେକ୍‌ନିକାଲ ସର୍ଭିଲାନ୍ସ ସହାୟତାରେ ତଦନ୍ତକାରୀ ଅଧିକାରୀମାନେ ତାଙ୍କ ପ୍ରକୃତ ଅବସ୍ଥିତି ପାଇବା ପରେ ଗୁରୁବାର ଭୋର ସମୟରେ ଗିରଫ କରିଥିଲେ।

## ଅର୍ଦ୍ଧସାମରିକ ବାହିନୀରେ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ

ନୂଆଦିଲ୍ଲୀ,୧୧।୭ (ପି.ଟି.)

ସିଆଇଏସ୍‌ଏଫ୍, ବିଏସ୍‌ଏଫ୍ ଏବଂ ସିଆର୍‌ପିଏଫ୍‌ରେ ସୈନ୍ୟ ନିଯୁକ୍ତିରେ ପୂର୍ବତନ ଅଗ୍ନିବୀରମାନଙ୍କ ପାଇଁ ୧୦ ପ୍ରତିଶତ ପଦବୀ ସଂରକ୍ଷିତ ରହିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିଷ୍ପତ୍ତିକ୍ରମେ ଉପରୋକ୍ତ ୩ ବାହିନୀର ମୁଖ୍ୟମାନେ ଗୁରୁବାର ଏହା ଘୋଷଣା କରିଛନ୍ତି। ସ୍ଥଳସେନା, ବାୟୁସେନା ଏବଂ ନୌସେନାରେ ସ୍ୱଳ୍ପମିଆଦୀ ଅଗ୍ନିପଥ ନିଯୁକ୍ତି ଯୋଜନାକୁ ନେଇ ବିରୋଧ ଜାରି ରହିଥିବାବେଳେ ସିଆଇଏସ୍‌ଏଫ୍ ଡିଜି ନିନା ସିଂ, ତାଙ୍କ ବିଏସ୍‌ଏଫ୍ ପ୍ରତିପକ୍ଷ ନିତୀନ ଅଗ୍ରୱାଲ ଏବଂ ସିଆର୍‌ପିଏଫ୍ ଡିଜି ଅନିଶ ଦୟାଲ ସିଂ ଉପରୋକ୍ତ ବୟାନ ଦେଇଛନ୍ତି। ପୂର୍ବତନ ଅଗ୍ନିବୀରମାନଙ୍କ ନିଯୁକ୍ତି ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏଥିପାଇଁ ସିଆଇଏସ୍‌ଏଫ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭବିଷ୍ୟତରେ ସିଆଇଏସ୍‌ଏଫ୍‌ର ସମସ୍ତ କନ୍‌ଷ୍ଟେବଲ ନିଯୁକ୍ତିରେ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିବ। ପୂର୍ବତନ ଅଗ୍ନିବୀରଙ୍କୁ ଶାରୀରିକ ପରୀକ୍ଷା ଦେବାକୁ ପଡ଼ିବ ନାହିଁ ଏବଂ ବୟସସୀମା କୋହଳ କରାଯିବ।

## ଓଡ଼ିଶା ସମେତ ୧୫ ରାଜ୍ୟର ମୁଖ୍ୟ ସଚିବଙ୍କୁ ସୁପ୍ରିମକୋର୍ଟଙ୍କ ସମନ

### ବେତନ କମିଶନ ରିପୋର୍ଟ କାର୍ଯ୍ୟକାରୀ ହୋଇନି

ନୂଆଦିଲ୍ଲୀ,୧୧।୭(ପି.ଟି.)

ଦ୍ୱିତୀୟ ଜାତୀୟ ନ୍ୟାୟିକ ବେତନ କମିଶନଙ୍କ ସୁପାରିସ୍‌କୁ ଅନୁପାଳନ କରି ନ ଥିବା ଓଡ଼ିଶା ସମେତ ୧୬ ରାଜ୍ୟର ମୁଖ୍ୟ ସଚିବ ଏବଂ ଅର୍ଥ ସଚିବଙ୍କୁ ସୁପ୍ରିମକୋର୍ଟ ଗୁରୁବାର ସମନ ଜାରି କରିଛନ୍ତି। ନ୍ୟାୟିକ ଅଧିକାରୀମାନଙ୍କ ବକେୟା ପେନ୍‌ସନ ଏବଂ ଅବସରକାଳୀନ ଅନ୍ୟାନ୍ୟ ସୁବିଧା ପୈଠ କରିବା ପାଇଁ କମିଶନ ସୁପାରିସ କରିଥିଲେ। ବେତନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ମୁଖ୍ୟ ସଚିବ ଓ ଅର୍ଥ ସଚିବଙ୍କୁ ଜେଲ ପଠାଉନାହୁଁ। ସେମାନେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସତ୍ୟପାଠ ଦାଖଲ କରିବା ଚାହୁଁଛୁ ବୋଲି ଖଣ୍ଡପୀଠ କହିଛନ୍ତି। ଅଗଷ୍ଟ ୨୩ରେ ମୁଖ୍ୟ ସଚିବ ଏବଂ ଅର୍ଥ ସଚିବ ଉପସ୍ଥିତ ନ ହେଲେ, ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

## ୧୦ ପଦବୀ ପାଇଁ ୧,୮୦୦ ଆଶାୟୀ

### ସାକ୍ଷାତକାରବେଳେ ଦଳାଚକଟା ସ୍ଥିତି

ଅହମଦାବାଦ,୧୧।୭

ଗୁଜରାଟରେ ଏକ ଘରୋଇ କମ୍ପାନୀର ୧୦ ପଦବୀରେ ନିଯୁକ୍ତି ପାଇଁ ଇଣ୍ଟରଭ୍ୟୁ ଦେବାକୁ ୧,୮୦୦ ଆଶାୟୀ ପହଞ୍ଚିବାରୁ ଦଳାଚକଟା ସ୍ଥିତି ଉପୁଜିଥିଲା। ଭରୁଚ୍ ଜିଲାର ଅଙ୍କଲେଶ୍ୱରସ୍ଥିତ ଲର୍ଡସ୍ ପ୍ଲାଜା ହୋଟେଲରେ ସୋମବାର ନିଯୁକ୍ତି ପାଇଁ ସାକ୍ଷାତ୍‌କାର ହେଉଥିଲା। ଗହଳି ଯୋଗୁ ପ୍ରାର୍ଥୀମାନଙ୍କ ମଧ୍ୟରେ ଠେଲାପେଲା ହୋଇ ହୋଟେଲର ଷ୍ଟିଲ୍ ରେଲିଂ ଭାଙ୍ଗିଯିବାରୁ ବହୁ ଆଶାୟୀ ତଳେ ପଡ଼ିଯାଇଥିଲେ। ଏହି ଦୃଶ୍ୟ ଦେଶରେ ବେରୋଜଗାରି ବୃଦ୍ଧିର ପ୍ରମାଣ ଏବଂ ଭାଜପା ଗୁଜରାଟ ମଡେଲର ବିଫଳତା ବୋଲି କଂଗ୍ରେସ କହିଛି। ଭାଇରାଲ୍ ଭିଡିଓରେ ଶହ ଶହ ଆଶାୟୀ ସାକ୍ଷାତ୍‌କାର ଦେବା ପାଇଁ ହୋଟେଲ ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ଠେଲାପେଲା ହୋଇଥିଲେ। ଗହଳି ବଢ଼ିବାରୁ ରେଲିଂ ଦବିଯାଇଥିଲା। କେତେଜଣ ପରୀକ୍ଷାର୍ଥୀ ରେଲିଂ ଉପରେ ଛିଡ଼ା ହେବାରୁ ଏହା ଭୁଶୁଡ଼ି ପଡ଼ିବାରୁ ୬ ଜଣ ତଳକୁ ଖସିପଡ଼ିଥିଲେ ଓ ଅନ୍ୟ ୨ ଜଣ ଡେଇଁପଡ଼ିଥିଲେ।



## ଦୋଷ ମାନିଲେ ମିହିର

### ହିଟ୍-ଆଣ୍ଡ-ରନ୍ ମାମଲା

ମୁମ୍ବାଇ,୧୧।୭

ମୁମ୍ବାଇ ବିଏମ୍‌ଡବ୍ଲ୍ୟୁ ହିଟ୍-ଆଣ୍ଡ-ରନ୍ ମାମଲାର ମୁଖ୍ୟ ଅଭିଯୁକ୍ତ ମିହିର ଶାହା ପୋଲିସ ଆଗରେ ଦୋଷ ସ୍ୱୀକାର କରିଛନ୍ତି। ଦୁର୍ଘଟଣା ବେଳେ ସେ କାର୍ ଚଳାଉଥିଲେ ବୋଲି କହିଛନ୍ତି। ପୋଲିସ ମିହିର ଏବଂ କାର୍‌ର ଡ୍ରାଇଭର ରାଜର୍ଷି ବିଦାୱରଙ୍କୁ ମୁହାଁମୁହିଁ ଜେରା କରିଥିଲା। ଉଭୟ ଅପରାଧରେ ସେମାନଙ୍କ ଭୂମିକା ସମ୍ପର୍କରେ ପୋଲିସକୁ କହିବା ସହ ୱର୍ଲିଂର ସିଜେ ହାଉସ୍‌ଠାରୁ ଶି' ଲିଙ୍କ୍ ପର୍ଯ୍ୟନ୍ତ ଅପରାଧ ଦୃଶ୍ୟ ରିକ୍ରିଏଶନ କରିଥିଲେ। ଗତ ରବିବାର ଭୋର ସମୟରେ ମିହିର ନିଶାଗ୍ରସ୍ତ ଅବସ୍ଥାରେ ବିଏମ୍‌ଡବ୍ଲ୍ୟୁ ଚଳାଉଥିବାବେଳେ ପାଖରେ ଡ୍ରାଇଭର ରାଜର୍ଷି ଉପସ୍ଥିତ ଥିଲେ। ବିଏମ୍‌ଡବ୍ଲ୍ୟୁ ଏକ ମତ୍ସ୍ୟଜୀବୀ ଦମ୍ପତିଙ୍କ ସ୍କୁଟିକୁ ଧକ୍କା ଦେଇ ମହିଳାଙ୍କୁ ଘୋଷାରିନେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ୨୦୧୯ ନିର୍ବାଚନ ଆଚାର ସଂହିତା ଉଲ୍ଲଂଘନ ମାମଲାରେ ଜୟାପ୍ରଦା ନିର୍ଦ୍ଦୋଷ



ରାମପୁର, ୧୧।୭

ଅଭିନେତ୍ରୀ ତଥା ପୂର୍ବତନ ଏମ୍‌ପି ଜୟାପ୍ରଦାଙ୍କୁ ଗୁରୁବାର ରାମପୁରର ଏମ୍‌ପି ଏମଏଲଏ କୋର୍ଟଙ୍କ ନିକଟରୁ ବଡ଼ ଆଶ୍ୱସ୍ତି ମିଳିଛି। ୨୦୧୯ ଲୋକ ସଭା ନିର୍ବାଚନରେ ଆଚାର ସଂହିତା ଭଙ୍ଗ ମାମଲାରେ ସ୍ୱତନ୍ତ୍ର କୋର୍ଟ ଜୟାପ୍ରଦାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ରାମପୁରରୁ ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ଟିକେଟରେ ଲଢ଼ିଥିଲେ। ନିର୍ବାଚନ ପ୍ରଚାର ବେଳେ ସେ ସମାଜବାଦୀ ପାର୍ଟି(ଏସ୍‌ପି) ପ୍ରାର୍ଥୀ ଆଜମ ଖାନଙ୍କ ବିରୋଧରେ ଆପତ୍ତିଜନକ ବୟାନ ଦେଇଥିଲେ। ଏହି ଭାଷଣ ନିର୍ବାଚନ ଆଚାର ସଂହିତା ଉଲ୍ଲଂଘନ କରୁଥିବା ଦର୍ଶାଇ ଆଜମଙ୍କ ସମର୍ଥକଙ୍କ ପକ୍ଷରୁ ରାମପୁର ଜିଲା କେମରୀ ଥାନାରେ ମାମଲା ରୁଜୁ କରାଯାଇଥିଲା।

## ଅଡି କାର୍‌ରେ ନାଲିବତି, ଭିଆଇପି ନମ୍ବର ପ୍ଲେଟ୍

ମୁମ୍ବାଇ,୧୧।୭

ମହାରାଷ୍ଟ୍ରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ପୂଜା ଖେଡ୍‌କର ନିଜ କ୍ଷମତାର ଦୁରୁପଯୋଗକୁ ନେଇ ବିବାଦ ଘେରରେ ରହିଛନ୍ତି। ପୂଜା ନିଜ ଅଡି କାର୍‌ରେ ନାଲିବତି, ସାଇରନ୍ ଏବଂ ଭିଆଇପି ନମ୍ବର ପ୍ଲେଟ୍ ଲଗାଇଥିବା ସାମ୍ନାକୁ ଆସିବା ପରେ ତାଙ୍କୁ ପୁଣେରୁ ୱାଶିମ୍‌କୁ ବଦଳି କରାଯାଇଛି।

୨୦୨୩ ବ୍ୟାଚ୍ ଆଇଏଏସ୍ ଅଧିକାରିଣୀ ପୂଜା ସର୍ବଭାରତୀୟ ର୍ୟାଙ୍କ ୮୪୧ ସ୍ଥାନ ଅଧିକାର କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ଭାବେ ଯୋଗଦାନ ପୂର୍ବରୁ ସେ ସରକାରୀ ଗାଡ଼ି, ଭିଆଇପି ନମ୍ବର ପ୍ଲେଟ୍, ଘର, ପର୍ଯ୍ୟାପ୍ତ ଷ୍ଟାଫ୍ ଓ ଜଣେ କନ୍‌ଷ୍ଟେବଲ ଦାବି କରିଥିଲେ। ଜଣେ ଟ୍ରେନି ଅଫିସର ଏହି ସୁବିଧା ପାଇଁ ହକ୍‌ଦାର ନୁହନ୍ତି। ପୂଜାଙ୍କ ବାପା ଦିଲୀପ ଖେଡ୍‌କର ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ। ଝିଅଙ୍କ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ସେ ଜିଲାପାଳଙ୍କୁ ଚାପ ପକାଇଥିଲେ। ପୂଜା ଏସବୁ ସୁବିଧା ହାସଲ ପାଇଁ ନିଜକୁ ମିଛରେ ଦୃଷ୍ଟିବାଧିତ ଓ ମାନସିକ ଅକ୍ଷମ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଦର୍ଶାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେ ବର୍ତ୍ତମାନଠାରୁ ୨୦୨୫ ଜୁଲାଇ ୩୦ ପର୍ଯ୍ୟନ୍ତ ୱାଶିମ୍‌ରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ ପ୍ରୋବେଶନ୍‌ରେ କାର୍ଯ୍ୟ କରିବେ। ତାଙ୍କ ବିରୋଧରେ ଅଭିଯୋଗର ତଦନ୍ତ ପାଇଁ କେନ୍ଦ୍ର ସରକାର ଏକ ପ୍ୟାନେଲ ଗଠନ କରିଛନ୍ତି। ଜଣେ ଅତିରିକ୍ତ ସଚିବ ପାହ୍ୟା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପୂଜାଙ୍କ ଦସ୍ତାବିଜ ଯାଞ୍ଚ କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବ।



ପୂଜା ଖେଡ୍‌କର

### ବିବାଦରେ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡ୍‌କର

## ଚାଇନା ଉସୁକାଉଛି ୟୁକ୍ରେନ୍ ଯୁଦ୍ଧ: ନାଟୋ

ୱାଶିଂଟନ୍,୧୧।୭

ରୁଷିଆ ସହିତ ଚାଇନାର ଗଭୀର ସମ୍ପର୍କକୁ ନେଇ ନର୍ଥ ଆଟାଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଚିନ୍ତାବ୍ୟକ୍ତ କରିଛି। ଏଥିସହ ୟୁକ୍ରେନ୍ ବିରୋଧରେ ରୁଷିଆ ପ୍ରାୟ ଅଢ଼େଇ ବର୍ଷ ଧରି ଚଳାଇଥିବା ଯୁଦ୍ଧରେ ବେଜିଂର ନିର୍ଣ୍ଣାୟକ ଭୂମିକା ଥିବା ଅଭିଯୋଗ ଆଣିଛି। ଅନ୍ୟପକ୍ଷେ ପାଶ୍ଚାତ୍ୟ ସାମରିକ ମେଣ୍ଟ ପକ୍ଷରୁ ଅଣାଯାଇଥିବା ଏହି ଅଭିଯୋଗକୁ ବେଜିଂ ଖଣ୍ଡନ କରିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥରେ ନାଟୋ ନିଜ ସୁରକ୍ଷା ଖୋଜୁଛି। ଏସିଆକୁ ଏଭଳି ବିବାଦ ନ ଆଣିବାକୁ ନାଟୋକୁ ଚାଇନା ପରାମର୍ଶ ଦେଇଛି।

ୱାଶିଂଟନ୍‌ରେ ଆମେରିକା ନେତୃତ୍ୱାଧୀନ ନାଟୋର ୭୫ତମ ବାର୍ଷିକ ନର୍ଥ ଆଟଲାଣ୍ଟିକ୍ କାଉନ୍‌ସିଲ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗୁରୁବାର ଏହାର ଉଦ୍‌ଯାପନୀ ଅବସରରେ ୩୨ ସଦସ୍ୟ ରାଷ୍ଟ୍ରର ନେତାମାନେ ଏକ ମିଳିତ ବିବୃତି ଜାରି କରିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି, ଚାଇନାର ମହତ୍ତ୍ୱାକାଂକ୍ଷା ଓ କଠୋର ନୀତିଗୁଡ଼ିକ ନାଟୋର ସ୍ୱାର୍ଥ, ସୁରକ୍ଷା ଓ ମୂଲ୍ୟବୋଧ ପାଇଁ ଆହ୍ୱାନ ସୃଷ୍ଟି କରିଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ଚାଇନାର ବଢ଼ିଚାଲିଥିବା ସୀମାହୀନ ରଣନୈତିକ ସହଭାଗିତା ଅତ୍ୟନ୍ତ ଚିନ୍ତାଜନକ। ୨୦୨୨ ଫେବୃୟାରୀରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଓ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ସାକ୍ଷାତ ବେଳେ ଏହି ସହଭାଗିତାର ଘୋଷଣା କରାଯାଇଥିଲା। ଏହାର ଦିନକ ପରେ ଫେବୃୟାରୀ ୨୪ରେ ପୁଟିନ୍ ୟୁକ୍ରେନ୍ ଆକ୍ରମଣର ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁ ନାଟୋକୁ ହାଇବ୍ରିଡ୍, ସାଇବର, ସ୍ପେସ୍ ଓ ଅନ୍ୟ କ୍ଷେତ୍ରରେ ବିପଦର ସମ୍ମୁଖୀନ ହେବାକୁ ପଡ଼ିଛି। ତେଣୁ ଚାଇନା ରୁଷିଆର ଯୁଦ୍ଧ ଉଦ୍ୟମ ପାଇଁ ଯୋଗାଇଥିବା ଅସ୍ତ୍ରଶସ୍ତ୍ର ଓ ରାଜନୈତିକ ସହଯୋଗ ପ୍ରତ୍ୟାହାର କରିବା ଉଚିତ ବୋଲି ମିଳିତ ଘୋଷଣାନାମାରେ କୁହାଯାଇଛି। ଏହା ଉପରେ ଚାଇନା ବହିର୍ବ୍ୟାପାର ମୁଖପାତ୍ର ଲି ଜିଆନ୍ କହିଛନ୍ତି, ୟୁକ୍ରେନ୍ ପ୍ରସଙ୍ଗରେ ଚାଇନାର ଉତ୍ତରଦାୟିତ୍ୱକୁ ନେଇ ନାଟୋ ମନ୍ଦ ଉଦ୍ଦେଶ୍ୟ ରଖି ଅନାବଶ୍ୟକ ଭାବେ ଉନ୍ମାଦ ସୃଷ୍ଟି କରୁଛି। ରୁଷିଆ ସହ ଚାଇନାର ବାଣିଜ୍ୟିକ ସମ୍ପର୍କ ବିଶ୍ୱ ବାଣିଜ୍ୟ ସଙ୍ଗଠନର ନିୟମ ଉପରେ ପର୍ଯ୍ୟବସିତ। ଚାଇନାର ଆଭ୍ୟନ୍ତରୀଣ ରାଜନୀତିରେ ନଟୋ ହସ୍ତକ୍ଷେପ ବନ୍ଦ କରୁ ବୋଲି ସେ କହିଛନ୍ତି।





ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ଏବଂ ନାଟୋ ସେକ୍ରେଟାରି ଜେନେରାଲ ଜେନ୍ସ ଷ୍ଟୋଲଟେନ୍‌ବର୍ଗ।

### ୟୁକ୍ରେନ୍‌କୁ ୪୩ ବିଲିୟନ୍ ଡଲାର ସହାୟତା

ନାଟୋ ନେତାମାନେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ବର୍ଷକ ମଧ୍ୟରେ ଅନ୍ୟୁନ ୪୩ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର ସାମରିକ ସହାୟତା ଯୋଗାଇଦେବେ। ରୁଷିଆ ବିରୋଧୀ ଯୁଦ୍ଧରେ ଏହା ୟୁକ୍ରେନ୍‌ର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ନାଟୋ ସାମରିକ ମେଣ୍ଟରେ ୟୁକ୍ରେନ୍ ସଦସ୍ୟତା ପାଇଁ ବାଟ ଫିଟାଇବାକୁ ମଧ୍ୟ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ମୁତାବକ ଆମେରିକା, ନେଦରଲାଣ୍ଡ ଓ ଡେନ୍‌ମାର୍କ ୟୁକ୍ରେନ୍ ସେନାକୁ ଏଫ୍-୧୬ ଫାଇଟର ଜେଟ୍ ଯୋଗାଇଦେବେ। ଏହାବାଦ୍ ଆମେରିକା ୨୦୨୬ ସୁଦ୍ଧା ଜର୍ମାନୀରେ ଦୂରଗାମୀ କ୍ଷେପଣାସ୍ତ୍ର ମୁତୟନ କରିବ। ୟୁରୋପ ଉପରେ ରୁଷିଆ ପଟୁ ବିପଦ ବଢ଼ିବାରେ ଲାଗିଥିବାବେଳେ ଏହାକୁ ୱାଶିଂଟନ୍‌ର ମୁକାବିଲାମୂଳକ ପଦକ୍ଷେପ ବୋଲି କୁହାଯାଉଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏକ୍ସ'ରେ ନାଟୋର ଏହି ସହାୟତା ପ୍ରତିଶ୍ରୁତିକୁ ପ୍ରଶଂସା କରିଛନ୍ତି। ନୂଆ ଫାଇଟର ଜେଟ୍ ଶାନ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୨/୨୦୨୪ | Bhubaneswar, Friday, July 12/2024 | 




# ରାଜ୍ୟରେ ଡେଙ୍ଗୁ ୫୦୦ମୁହାଁ

**ଭୁବନେଶ୍ୱର,୧୧।୭(ଅସମାପିକା ସାହୁ)**

## ମାସକରେ ସଂକ୍ରମିତଙ୍କ ସଂଖ୍ୟା ୨ଗୁଣାରୁ ଊର୍ଦ୍ଧ୍ୱ

ରାଜ୍ୟରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାସକରେ ସଂକ୍ରମିତଙ୍କ ସଂଖ୍ୟା ୨ଗୁଣାରୁ ଅଧିକ ବୃଦ୍ଧି ପାଇଛି। ଗତ ମାସ ୧୦ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨୩୫ ଥିବାବେଳେ ଏବେ ସୁଦ୍ଧା ରାଜ୍ୟରେ ୪୮୮ ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇସାରିଲେଣି। ଏଯାଏଁ ମୋଟ ୩୫,୪୭୦ ଟେଷ୍ଟିଂ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୩୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବୁଧବାର ୩୩ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ଷା ଋତୁ ଆସିଥିବାରୁ ରାଜ୍ୟରେ ମ୍ୟାଲେରିଆ ବଢ଼ିଛି। ମଶାବଂଶ ବୃଦ୍ଧିକୁ ରୋକାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି।

ମିଶ୍ରଙ୍କ ସୂଚନାନୁସାରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଏଥିରେ ସବୁ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ସତର୍କ ରହିବା ସହ ମାର୍ଗଦର୍ଶିକା ଜାରି କରାଯାଇଛି। ମଶାବଂଶ ବୃଦ୍ଧିକୁ ରୋକାଯିବା ପାଇଁ ଆବଶ୍ୟକ ☞ପୃଷ୍ଠା-୧୦

## ମାଥିଲିରେ ଝାଡ଼ାବାନ୍ତି, ୧୭ ଆକ୍ରାନ୍ତ

**ମାଥିଲି,୧୧।୭(ସୁବାସ ଚନ୍ଦ୍ର ଖୁଡୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ୍ କର୍ତ୍ତନପାଲ୍ଲୀ ପଞ୍ଚାୟତ କୋପ୍ରା ଗ୍ରାମରେ ଝାଡ଼ାବାନ୍ତିରେ ବୁଧବାର ରାତିରୁ ଲାଗିଥିବା ଝାଡ଼ାବାନ୍ତିରେ ୧୭ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସମସ୍ତ ଆକ୍ରାନ୍ତଙ୍କୁ ମାଥିଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଝାଡ଼ାବାନ୍ତିର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ଦୂଷିତ ପାଣି ପାଇଁ ଏପରି ଘଟିଥିବା ସନ୍ଦେହ କରାଯାଉଛି । ଘଟଣା ଜଣାପଡିବା ପରେ ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗାଁରେ ଏକ ଅସ୍ଥାୟୀ କ୍ୟାମ୍ପ ବସାଯାଇ ଜଳ ବିଶୋଧନ କରିବା ପାଇଁ ଗାଁକୁ ସଫେଇ କରାଯାଇଛି। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଆକ୍ରାନ୍ତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି। ବିଧାୟକ ସମସ୍ତ ଆକ୍ରାନ୍ତଙ୍କ ସ୍ଥିତି ☞ପୃଷ୍ଠା-୧୦

# ରାଜ୍ୟପାଳଙ୍କ ପୁଅଙ୍କ ନାଁରେ ମାରପିଟ ଅଭିଯୋଗ

**ଭୁବନେଶ୍ୱର,୧୧।୭(ଅସମାପିକା ସାହୁ)**

ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାରଙ୍କ ବିରୋଧରେ ଜଣେ ଏଏସ୍ଓ ମାର୍‌ପିଟ୍ ଅଭିଯୋଗ ଆଣିଛନ୍ତି। ଲଳିତ ନିଜର ୫ଜଣ ସହଯୋଗୀଙ୍କ ସହ ମିଶି ବିଳମ୍ବିତ ରାତ୍ରିରେ ଓଡ଼ିଶା ସଚିବାଳୟ ସେବାର ଜଣେ କର୍ତ୍ତବ୍ୟରତ ଅଫିସର ବୈକୁଣ୍ଠନାଥ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ବୈକୁଣ୍ଠନାଥ ଏନେଇ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କୁ ଗତ ୮ତାରିଖ ଅପରାହ୍ନ ସାଢ଼େ ୪ଟାରେ ମୌଖିକ ଅବଗତ କରି ନ୍ୟାୟ ପାଇଁ ଗୁହାରି କରିଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ବୁଧବାର ପୁଣିଥରେ ବୈକୁଣ୍ଠନାଥ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ବୈକୁଣ୍ଠନାଥ ଏବେ ସଂସଦୀୟ ବ୍ୟାପାର ବିଭାଗରେ ନିଯୁକ୍ତି ପାଇଛନ୍ତି ଓ ଡେପୁଟେଶନରେ ରାଜଭବନର ହାଉସହୋଲ୍ଡ ସେକ୍ସନରେ ଏଏସ୍ଓ(ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ଭାବେ କାର୍ଯ୍ୟରତ। ଗତ ୭ ଓ ୮ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତ ସମୟରେ ତାଙ୍କର ରାଜଭବନ ରହଣିର ପ୍ରସ୍ତୁତି ତଦାରଖ ପାଇଁ ସେ ପୁରୀ ରାଜଭବନର ଇନ୍‌ଚାର୍ଜ ଭାବେ ଗତ ୫ତାରିଖରୁ ସେଠାରେ ରହିଥିଲେ। ୭ ତାରିଖ ରାତି ପ୍ରାୟ ୧୧ଟା ୪୫ମିନିଟ୍‌ରେ ସେ ରାଜଭବନସ୍ଥିତ ଅଫିସ ରୁମ୍‌ରେ ☞ପୃଷ୍ଠା-୧୦



To

The Principal Secretary to Hon'ble Governor
Governor's Secretariat, Odisha, Bhubaneswar

Sub: Manhandling and bodily injury done by Mr. Lalit Kumar, Son of Hon'ble Governor of Odisha and others (Total 6 persons)

Sir,

I, Baikuntha Pradhan, Asst. Section Officer, Parliamentary Affairs Department, currently working on deployment basis at Governor's Household, beg to state the following unfortunate and life threatening incident done by Mr. Lalit Kumar, Son of Hon'ble Governor of Odisha and others (Total 6 persons) in the night of 07th July 2024 at Raj Bhavan, Puri.

Being the In-Charge of Raj Bhavan, Puri, I was in Raj Bhavan, Puri since 05.07.2024 to supervise the preparedness of Raj Bhavan, Puri for visit/stay of Smt. Droupadi Murmu, Hon'ble President of India on 07th and 08th of July 2024. The President visit was going very smoothly on 07.07.2024. However, on that night at around 11.45 PM, when I was sitting in the office room, Mr. Aakash Singh (Personal Cook of Hon'ble Governor) came to office and told me that Mr. Lalit Kumar ( Son of Hon'ble Governor of Odisha) wants to meet me right now. I came with Mr. Aakash to meet Mr. Lalit Kumar at Suite No-4. The moment Mr. Lalit Kumar saw me; he started scolding me in unparliamentarily language and used highly objectionable slangs. When I objected to such humiliation, they started slapping me. Feeling helpless, I started running out of the room and hid myself behind the Annex building. However, the two PSOs of Mr. Lalit Kumar could find out my location and dragged me Room No. 4 through the lift. Security Personnel and others present there have witnessed this incident. They again started slapping, blowing punches on my face, kicking every part of my body and twisted my left ankle. Mr. Lalit Kumar kept on saying that if they murder me, nobody can save me, neither the Comptroller nor anybody else. Though the above incident was explained to you verbally at 04.30 P.M of 08th July, 2024, I am mailing this letter with documentary evidence for your kind reference.

In view of the facts stated above, I request you earnestly to give me justice and bring the culprit to book as I received bodily injuries, humiliated severely and loss of human dignity, for which I will remain highly obliged to you.

Yours faithfully,
10.07.2024
(Baikuntha Pradhan)
ASO, Household Section
Governor's Secretariat, Odisha

Encl: As above.

ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବଙ୍କୁ ଏଏସ୍ଓ ବୈକୁଣ୍ଠନାଥ ପ୍ରଧାନ ଲେଖିଥିବା ଚିଠି।

### ପହଣ୍ଡି ଅଘଟଣ: ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ, ଉତ୍ତର ଦେଲେ ମୋହନ

## ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଅନ୍ତୁ

**ଭୁବନେଶ୍ୱର,୧୧।୭(ଅନିଲ ଦାସ)**



ବଡ଼ଠାକୁର ବଳଭଦ୍ର ଆଡ଼ପ ପହଣ୍ଡି ବେଳେ ମୁହଁମାଡ଼ି ପଡ଼ିଯିବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଏ ନେଇ ସେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଏଭଳି ସ୍ପର୍ଶକାତର ବିଷୟରେ ରାଜ୍ୟ ମନ୍ତ୍ରିମଣ୍ଡଳର କିଛି ସଦସ୍ୟ ଯେଉଁଭଳି ହାଲୁକା ମନ୍ତବ୍ୟ ଦେଲେ, ତାହା ଜଗନ୍ନାଥପ୍ରେମୀଙ୍କ ଦୁଃଖକୁ ଦ୍ୱିଗୁଣିତ ☞ପୃଷ୍ଠା-୧୦

## ଆପଣଙ୍କ ପରାମର୍ଶ ସବୁବେଳେ ସମ୍ମାନର ସହ ଗ୍ରହଣୀୟ ହେବ

**ଭୁବନେଶ୍ୱର,୧୧।୭(ଅନିଲ ଦାସ)**



ଆଡ଼ପ ପହଣ୍ଡି ବେଳେ ବଡ଼ଠାକୁର ବଳଭଦ୍ର ମୁହଁମାଡ଼ି ପଡ଼ିଯିବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିବା ସହ ଗୁରୁବାର ପୂର୍ବାହ୍ନରେ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଏପରି ଅଘଟଣର ଯେପରି ପୁନରାବୃତ୍ତି ନ ଘଟିବ ତାହା ସୁନିଶ୍ଚିତ କରିବାକୁ ନବୀନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ☞ପୃଷ୍ଠା-୧୦

DSPL-45

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ
ଭାରତ ସରକାର



**୨୦୨୪ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା (PMFBY) ରେ ପଞ୍ଜିକରଣ**



ଏତ ଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇ ଓ ଭଉଣୀ ମାନଙ୍କୁ ସୂଚିତ କରାଯାଉ ଅଛି ଯେ, ଚଳିତ ଖରିଫ୍ ଋତୁରେ ଚାଷ କରିଥିବା ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ ।



- ବିଜ୍ଞପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ, ଅଦା ଓ ହଳଦୀ ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇ ଓ ଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଋଣୀ ଓ ଅଣଋଣୀ ଚାଷୀ ସମସ୍ତେ ଏହି ଯୋଜନା ଅଧିନରେ ନିଜ ଫସଲର ବୀମା ପଞ୍ଜିକରଣ କରିପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କ ଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା-ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ ସହମତି ଦେଇ ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ ଆଧାର କାର୍ଡ (Aadhar Card) ବାଧ୍ୟତା ମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ ବିନା କୌଣସି ଦେୟରେ କରାଯିବ । ବ୍ୟାଙ୍କ ଆକାଉଣ୍ଟ validation ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ କୃଷି ସମବାୟ ସମିତି (PACS /LAMPCS) ବ୍ୟାଙ୍କ ଶାଖା କିମ୍ବା ARCS, DRCS, CDAO ଅଫିସରେ ଯୋଗାଯୋଗ କରନ୍ତୁ ।



*ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇ ଦେବାକୁ ଅନୁରୋଧ ।

ପଞ୍ଜିକରଣର ଶେଷ ତାରିଖ
୩୧ ଜୁଲାଇ ୨୦୨୪

OIPR-39001/13/0002/2425

ସମବାୟ ବିଭାଗ, ଓଡ଼ିଶା ସରକାର

**ଆଜିର ମନ୍ତବ୍ୟ**
"ଭାରତରେ ବେରୋଜଗାରି ରୋଗ ମହାମାରୀର ରୂପ ନେଇଛି। ଭାଜପା ଶାସିତ ରାଜ୍ୟଗୁଡ଼ିକ ଏହି ରୋଗର କେନ୍ଦ୍ର ପାଲଟିଛି।
– ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗଙ୍ଗାଧର ପାଇକରାୟ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ଅପରାହ୍ଣ ୫ଟା ୩୦।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଓଡ଼ିଶା ମେଡ଼ିକାଲ କଲେଜ ଟିଚର୍ସ ଆସୋସିଏଶନର କର୍ମଶାଳା, ସ୍ଥାନ: ହେରିଟେଜ୍ ଅଡ଼ିଟୋରିୟମ୍, ଏସ୍‌ସିବି, ସମୟ:ସକାଳ ୯ଟା।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ବରିଷ୍ଠ ଶିକ୍ଷକ ଭାଗୀରଥି ପରିଡ଼ା ଓ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଷଡ଼ଙ୍ଗୀଙ୍କୁ ଅବସର ସମ୍ବର୍ଦ୍ଧନା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୧ଟା।

## ବାଲେଶ୍ୱର
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ବୃନ୍ଦାବନରୁ ଆସୁଥିବା ବିଶିଷ୍ଟ କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳା କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ବରାହ ନୃସିଂହ ଅବତାର ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା ୩୦।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।

## ମୟୂରଭଞ୍ଜ
- ମାଉସୀ ମା' ମନ୍ଦିରରେ ରଥର ଦକ୍ଷିଣ ମୋଡ଼, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମାଉସୀମା ମନ୍ଦିର, ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ନୃସିଂହ ବରାହ ବେଶ, ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ସାନ ଜଗନ୍ନାଥ ମହାପ୍ରଭୁଙ୍କ ନୃସିଂହ ବରାହ ବେଶ, ସ୍ଥାନ: ମାଉସୀ ମା' ମନ୍ଦିର, ଲାଲବଜାର, ବାରିପଦା, ସନ୍ଧ୍ୟା ୭ଟା।

## ଭଦ୍ରକ
- ଜଗନ୍ନାଥ ଓ ବିମଳାଙ୍କ ବିଗ୍ରହ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବସନ୍ତିଆ, ଭଦ୍ରକ, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚନ୍ଦନପୁର, ବେତଡ଼ା, ବାସୁଦେବପୁର, ସମୟ: ସକାଳ ୯ଟା।
- ବିଗ୍ରହରାଜ ଶିବଲିଙ୍ଗ ପ୍ରାଣ ପ୍ରତିଷ୍ଠା ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଏକଡାଳ, ବାହାବଳପୁର, ତିହିଡ଼ି, ସମୟ: ପୂର୍ବାହ୍ଣ ୧୦ଟା।

## କେନ୍ଦୁଝର
- ମା' ତାରିଣୀ ମନ୍ଦିରରେ ପୂଜା ଏବଂ ବିଗ୍ରହ ପ୍ରତିଷ୍ଠା, ଯଜ୍ଞ, ସ୍ଥାନ: ଇଂଚୋଲ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଦେବାଳୟ, ଦେବତା ପ୍ରତିଷ୍ଠା ଉତ୍ସବ, ଯଜ୍ଞ, ଭଜନ, କୀର୍ତ୍ତନ, ସ୍ଥାନ: ଗଳିଗୋପାଳପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ନାରାୟଣଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନାରାୟଣ ମଠ ପରିସର, ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ଣ ୧୦ଟା।
- ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ଓ କଳସ ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା, ସ୍ଥାନ: ବେଲବାହାଲି, ଆନନ୍ଦପୁର, ସମୟ: ପୂର୍ବାହ୍ଣ ୧୦ଟା।
- ଗୁଣ୍ଡିଚା ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ଐକ୍ୟ କ୍ଷେତ୍ର, ପିଏଚଡି, ବଡବିଲ, ସମୟ: ସନ୍ଧ୍ୟା ୭ ଟା।

## ବ୍ରହ୍ମପୁର
- ରାମମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦଯାପନୀ, ସ୍ଥାନ: ନିମଖଣ୍ଡି ଗ୍ରାମ, ସମୟ: ସକାଳ ୭ଟା।
- ବିଏମ୍‌ସି କର୍ପୋରେଶନ ବୈଠକ, ସ୍ଥାନ: ବିଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।

## ଗଞ୍ଜାମ
- ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।

## ରାୟଗଡ଼ା
- ଶ୍ରୀଜୀଉଙ୍କ ବାମନ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- ଗୁଣପୁର ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: କାଳୀ ପୂଜା ମଣ୍ଡପ, ଗୁଣପୁର, ସମୟ: ସକାଳ ୭ଟା ୪୫।
- ରଥଯାତ୍ରା ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ରାୟଗଡ଼ା ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ରୁ ଆରମ୍ଭ।

## କୋରାପୁଟ
- ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ବାମନ ଓ ପର୍ଶୁରାମ ଅବତାର, ସ୍ଥାନ: କୋରାପୁଟସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ଖାଦ୍ୟ ଆୟୋଗଙ୍କ ଜିଲା ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ଣ ୧୧ଟା।

## ସମ୍ବଲପୁର
- ଚାରାଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ଗୋବିନ୍ଦଟୋଲଶ ସ୍କେଟିଂ ୟୁନିୟନ, ସମୟ: ସକାଳ ୮ଟା।
- ବ୍ରହ୍ମପୁରା ଠାକୁରଙ୍କ ହରି ଓ ହର ବେଶ, ସ୍ଥାନ : ଝାଡୁଆପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଭକ୍ତି ସଙ୍ଗୀତ ଓ ନୃତ୍ୟ ସମାରୋହ, ସ୍ଥାନ : ସାକ୍ଷୀଗୋପୀନାଥ ପଡା ସ୍ଥିତ ରାଧାମଦନ ଗୋପାଳ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଚତୁର୍ଦ୍ଧା ମୂର୍ତ୍ତି ସ୍ୱତନ୍ତ୍ର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଗୋବିନ୍ଦଟୋଲ ମାଉସୀ ମା' ମନ୍ଦିର ସମ୍ମୁଖ , ସମୟ : ସନ୍ଧ୍ୟା ୭ଟା।
- ହୁତାପଡା ଠାକୁରଙ୍କ ହରି ଓ ହର ବଳରାମ ବେଶ, ସ୍ଥାନ : କୁଞ୍ଜେଲପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ,ବଲାଙ୍ଗୀର, ସମୟ: ସକାଳ ୬ଟା।
- ଲୋଇସିଂହା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ଣ ୧୧ଟା।

## ବରଗଡ଼
- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ବରଗଡ଼ ବିଜ୍ଞାନ କେନ୍ଦ୍ର, ଗୁରୁଁଲା। ବାଳକ ଉଚ୍ଚ ବିଦ୍ୟାଳୟ, ସୋହେଲା। ସରକାରୀ ଏସଏସଡି ହାଇସ୍କୁଲ, ନୃସିଂହନାଥ, ପାଇକମାଳ। କେଦାରନାଥ ହାଇସ୍କୁଲ, ଅମ୍ବାଭୋନା। ଅତାବିରା ବାଳିକା ହାଇସ୍କୁଲ। ଗ୍ରାମପଞ୍ଚାୟତ ହାଇସ୍କୁଲ, ପତ୍ରାପାଲ। ସରକାରୀ ହାଇସ୍କୁଲ, ପାଣିମୋରା, ସୋହେଲା। ପଞ୍ଚାୟତ ହାଇସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ଣ ୧୦ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ଅପରାହ୍ଣ ୫ଟା।

## ରାଉରକେଲା
- ରାଉରକେଲା ଇସ୍କନ ପକ୍ଷରୁ ନଗରସଂକୀର୍ତ୍ତନ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ପ୍ରାତଃ ୫ଟା୩୦।
- ବାସନ୍ତୀ ପାଠାଗାରରେ ସାହିତ୍ୟ ଓ ସଂସ୍କୃତି ସଭା, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି
- ରଥଯାତ୍ରା ଉପଲକ୍ଷେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମାରୋହ, ସ୍ଥାନ: ମାଉସୀ ମା' ମନ୍ଦିର, ଭବାନୀପାଟଣା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ସିଦ୍ଧ ତପୋସେବା ବନ ଡମ୍ବରୁଗାଡ଼ ମଠଠାରେ ବିଶ୍ୱଶାନ୍ତି ବିଷ୍ଣୁମହାଯଜ୍ଞ ନେଇ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଡମ୍ବରୁଗାଡ଼ ମଠ, କଙ୍କଲା, ବୌଦ୍ଧ, ସମୟ: ପୂର୍ବାହ୍ଣ ୧୦ଟା।
- ସଂସ୍କୃତି ଭବନର ଗୃହ ପ୍ରତିଷ୍ଠା, ସ୍ଥାନ: ସଂସ୍କୃତି ଭବନ କଚେରୀ ରାସ୍ତା, ବୌଦ୍ଧ, ସମୟ: ଅପରାହ୍ଣ ୧ଟା।

## ଦେବଗଡ଼
- ବିଶ୍ୱ ଜନସଂଖ୍ୟା ଦିବସ ପାଳନ, ସ୍ଥାନ: ଜିଲା ପ୍ରଶିକ୍ଷଣ ୟୁନିଟ, ଦେବଗଡ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ଣ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ କୃଷ୍ଣ ବଳରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସୋନପୁର ବୃନ୍ଦାବନ ବିହାରୀ ମନ୍ଦିରରେ ଶ୍ରୀଜୀଉଙ୍କ କାଳିଆ ଦଳନ ଅବତାର, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ସହ ହୋମଯଜ୍ଞ, ସ୍ଥାନ: ସହରସ୍ଥିତ କେଲଡାମାଲ ଗ୍ରାମ ମଣ୍ଡପ, ସମୟ: ସକାଳ ୮ଟା ୫୦।
- ଶ୍ରୀ ଜଗନ୍ନାଥଙ୍କ ସପ୍ତମୀ ଦର୍ଶନ, ସ୍ଥାନ: ସହରସ୍ଥିତ କୁକୁରଝଂଘା ଗ୍ରାମ, ସମୟ: ପୂର୍ବାହ୍ଣ ୧୦ଟା।
- ମୁସଲମାନ ସମ୍ପ୍ରଦାୟଙ୍କ ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଓ ହଟଲି ପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବାବୁପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ଶ୍ରୀଶ୍ରୀ ମଣ୍ଡଳେଶ୍ୱର ମନ୍ଦିରର ଉତ୍ସମୁଦ ଉତ୍ସବ, ସ୍ଥାନ: ମଣ୍ଡାପାଳ ସଦର ବ୍ଲକ ଢେଙ୍କାନାଳ, ସମୟ: ପ୍ରାତଃ ୫ଟା।
- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର
- ଡିଏଭି ସ୍କୁଲ ପରିସରରେ ଶିକ୍ଷ ମନ୍ତ୍ରୀଙ୍କୁ ଅଳଙ୍କରଣ ସମାରୋହ(ଇନ୍‌ଭେଷ୍ଟର ସେରମୋନି) ସ୍ଥାନ: ପିପିଏଲ୍, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।
- ଜଗନ୍ନାଥ ଲଳିତ କଳାସଂସଦର ଭକ୍ତି ଭଜନ ପରିବେଷଣ, ସ୍ଥାନ: ମାଉସୀ ମା' ମନ୍ଦିର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଦାସିଆ ଅଜାଙ୍କ ୧୧୭ ତମ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ନୟାଗଡ଼ କଚେରୀ ବଜାର ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ୯ଟା।
- ପଟ୍ଟା ପ୍ରଦାନ ଦାବି ନେଇ ତହସିଲ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ଣ ୧୧ଟା୩୦।
- ନୃସିଂହ ବେଶ, ସ୍ଥାନ:ନୟାଗଡ଼ ମାଉସୀମା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ସହର ସାତପାଟଣା, ସମୟ:ସନ୍ଧ୍ୟା ୭ଟା୩୦।

## କେନ୍ଦ୍ରାପଡ଼ା
- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, ଆଳି, ସମୟ: ପୂର୍ବାହ୍ଣ ୧୦ଟା।
- ମା' ରାମଚଣ୍ଡୀଙ୍କର ନୂତନ ମନ୍ଦିର ନିର୍ମାଣ ପାଇଁ ବୈଠକ, ସ୍ଥାନ: ମନ୍ଦିର ପରିସର, ରାମନଗର, ମହାକାଳପଡ଼ା, ସମୟ: ପୂର୍ବାହ୍ଣ ୧୧ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଯାଜପୁର ରୋଡ ହାଉସିଂବୋର୍ଡ ବାବା ବିଶ୍ୱନାଥ ମନ୍ଦିରର ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ମନ୍ଦିର ପରିସର,ସମୟ: ସକାଳ ୭ଟା।
- ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଦେବ ଡ୍ୟାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଅନ୍ୱେଷଣ ଥିଏଟର ଆନୁକୂଲ୍ୟରେ ଭଜନ ଓ ନୃତ୍ୟ ପରିବେଷଣ, ସ୍ଥାନ : ଯାଜପୁର ଜଗନ୍ନାଥ ମନ୍ଦିର ପରିସର,ସମୟ : ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ରସୁଲପୁର ବ୍ଲକ ବଡ଼ ଗୋବିନ୍ଦପୁରସ୍ଥିତ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ବୀରମହାରାଜପୁରରେ ଭାଜପା କର୍ମୀଙ୍କୁ ହତ୍ୟା

ଅମରପାଲି,୧୧।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଫୁଲଚରା ଗ୍ରାମର ଭାଜପା କର୍ମୀ ସୁରଥ ନାଏକ(୫୫)ଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାକାରୀଙ୍କୁ ଗିରଫ କରିବା ଦାବିରେ ମୃତକଙ୍କ ପରିବାର, ଗ୍ରାମବାସୀ ଓ ଭାଜପା କର୍ମୀମାନେ ଗୁରୁବାର ସୋନପୁର-ରେଢାଖୋଲ ରାସ୍ତାର ବୀରମହାରାଜପୁର ମୁଖ୍ୟଛକରେ ରାସ୍ତାରୋକୋ କରିଥିଲେ। ଏହି ସମୟରେ ବୀରମହାରାଜପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ସ୍ଥାନୀୟ ବିଧାୟକ ଇଂ.ରଘୁନାଥ ଜଗଦଲା ରାସ୍ତାରୋକୋସ୍ଥଳକୁ ଯାଇ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଅଭିଯୋଗ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

ମିଳିଥିବା ସୂଚନା ଅନୁସାରେ, ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ଲୋକ ସଭା ସଦସ୍ୟ ସିଂଦେଓ, ବୀରମହାରାଜପୁର ବିଧାୟକ ଜଗଦଲାଙ୍କର ବୀରମହାରାଜପୁରଠାରେ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଥିଲା। କିନ୍ତୁ କୌଣସି କାରଣରୁ ଉକ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଫୁଲଚର ଗାଁର ସୁରଥ ନାୟକ ବୀରମହାରାଜପୁର ଆସିଥିଲେ। ସନ୍ଧ୍ୟା ୬ଟାରେ ଘରକୁ ଫେରି ଶୌଚ ପାଇଁ ନିକଟସ୍ଥ ହରିହର ଯୋରକୁ ଯାଇଥିଲେ।


ସୁରଥ ନାୟକ

ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କୌଣସି ପତ୍ତା ନ ମିଳିବାରୁ ଅପହରଣ କରିନେଇ ମାରି ଦିଆଯାଇଥିବା ନେଇ ରାତିରେ ପରିବାର ଲୋକେ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ ସେମାନେ ସ୍ଥାନୀୟ ବିଜେଡିର ଜଣେ ଆଗଧାଡିର କର୍ମୀଙ୍କ ସମେତ ଅନ୍ୟ ଦୁଇଜଣଙ୍କ ସମ୍ପୃକ୍ତି ଥିବା ଦର୍ଶାଇଥିଲେ। ତେବେ ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ମୃତଦେହ ଠାବ କରିବାରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଗୁରୁବାର ମଧ୍ୟାହ୍ନରେ ମୃତକଙ୍କ ପରିବାର ଓ ଭାଜପା କର୍ମୀମାନେ ବୀରମହାରାଜପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଖୁବ୍‌ଶୀଘ୍ର ପୋଲିସ ଫେରାର ଅଭିଯୁକ୍ତଙ୍କୁ ଧରିବା ଓ ସୁରଥଙ୍କୁ ଖୋଜି ବାହାର କରିବ ବୋଲି ଆଶ୍ୱାସନା ଦେବାପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋରୁ ହଟିଥିଲେ। ବହୁ ଖୋଜାଖୋଜି କରିବା ପରେ ଅପରାହ୍ଣରେ ସୁରଥଙ୍କ ମୃତଦେହ ଫୁଲଚରା ଗ୍ରାମଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ମହାନଦୀ ହରିହର ଯୋର ମୁହାଣ ନିକଟରେ ଥିବା ଏକ କୂଅରୁ ଜବତ କରାଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଏବଂ ବେକରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୀରମହାରାଜପୁର ଡାକ୍ତରଖାନା ପଠାଯାଇଛି। ଘଟଣାରେ ଜଡ଼ିତ ଥିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରୁଛି। ଶାସକ ଦଳର କର୍ମୀଙ୍କୁ ହତ୍ୟା କରାଯାଇଥିବା ଏବଂ ଅଭିଯୁକ୍ତମାନେ ବିରୋଧୀ ଦଳର ହୋଇଥିବାରୁ ବୀରମହାରାଜପୁରରେ ଚାପା ଉତ୍ତେଜନା ଦେଖାଦେଇଛି।

# ସବାରିକୁ ଧକ୍କାଦେଲା ଟ୍ରକ୍, ୮ ଆହତ

କେନ୍ଦୁଝର,୧୧।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଧୀନ ଧାନଗଦି ଛକ ନିକଟରେ ଗୁରୁବାର ଏକ ଟ୍ରକ୍ ସବାରିକୁ ଧକ୍କା ଦେଇଛି। ଫଳରେ ସବାରି ଚାଳକଙ୍କ ସମେତ ୨ ଜଣ ଗୁରୁତର ହୋଇଥିବା ବେଳେ ୬ ଆହତ ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ନୟାକୋଟ ଥାନା ଅଧୀନ ବାଲରାୟ ଗ୍ରାମର କବିବର ବେହେରା(୩୦) ଓ ଅନୁଗୋଳ ଜିଲା ପାଲହଡ଼ା ଥାନା କଇରା ଗ୍ରାମର ଜଗନ୍ନାଥ ନାୟକ(୬୧)। ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ସମସ୍ତେ ସବାରି ଗାଡ଼ିରେ ବାଂଶପାଳ ଗୁରୁବାର ସାପ୍ତାହିକ ହାଟକୁ ଆସିଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଏକ ୧୨ ଚକିଆ ଟ୍ରକ୍ (ଓଆର ୦୯ଏଲ-୪୧୬୮) ସବାରିକୁ ଧକ୍କାଦେଇଥିଲା। ଟ୍ରକ୍ ଧକ୍କାରେ ସବାରି ସମ୍ମୁଖ ଭାଙ୍ଗିରୁଜିଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ୮ ବର୍ଷୀୟାଙ୍କୁ...

ନେଇ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତା ଏହି କଥା ପ୍ରଘଟ କରିଦେବା ଆଶଙ୍କାରେ ସେମାନେ ତାଙ୍କୁ ହତ୍ୟାକରି ମୃତଦେହକୁ ଏକ କେନାଲକୁ ଫିଙ୍ଗିଦେଇଥିଲେ। ଅଭିଯୁକ୍ତମାନେ ନିକଟରେ ଦୋଷ ସ୍ୱୀକାର କରିବା ସତ୍ତ୍ୱେ ମୃତଦେହ ଠାବ ହୋଇ ନ ଥିବାରୁ ପୋଲିସ ନାବାଳିକାଙ୍କୁ ଖୋଜୁଛି। ନାବାଳିକାଙ୍କ ମୃତଦେହ ନ ମିଳିବା ଯାଏ ତାଙ୍କୁ ବଳାତ୍କାର କରାଯାଇଥିଲା ନା ନାହିଁ ତାହା ସ୍ପଷ୍ଟ ହେବ ନାହିଁ ବୋଲି ନନ୍ଦୟାଲ ଏସ୍‌ପି ରଘୁବୀରା ରେଡ୍ଡୀ କହିଛନ୍ତି।

## ଗୁଜରାଟୀରେ ଉତ୍ତର...

ସେମାନଙ୍କ ଲିଙ୍କ୍ ଜରିଆରେ ଛାତ୍ରୀଛାତ୍ର ଯୋଗାଡ଼ କରିଥିଲେ, ଯେଉଁମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ମୋଟା ଅଙ୍କର ଅର୍ଥ ଦେଇପାରିବେ। ସିବିଆଇ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିବା ଅବସରରେ ଅଦାଲତଙ୍କୁ ଏହା ଜଣାଇଛି। ଏନ୍‌ଇଇଟି ଅନିୟମିତତା ନେଇ ସୁପ୍ରିମକୋର୍ଟରେ ଦାଏର ୩୮ଟି ପିଟିଶନ୍‌ର ଶୁଣାଣିକୁ ଜୁଲାଇ ୧୮କୁ ଘୁଞ୍ଚାଇ ଦିଆଯାଇଛି। ସିବିଆଇ ସର୍ବୋଚ୍ଚ ଅଦାଲତରେ ତଦନ୍ତ ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛି। ଅନ୍ୟ ପକ୍ଷରେ ଅସାଧୁ ଉପାୟ ଅବଲମ୍ବନ ଯୋଗୁ ଏନ୍‌ଇଇଟି-ୟୁଜି ପରୀକ୍ଷା ବିଶେଷ ପ୍ରଭାବିତ ହୋଇନାହିଁ କିମ୍ବା କେତେଜଣ ପରୀକ୍ଷାର୍ଥୀଙ୍କୁ ଅହେତୁକ ଅନୁକମ୍ପା ଯୋଗୁ ପରୀକ୍ଷାରେ ଅସ୍ୱାଭାବିକ ସ୍କୋର ହୋଇ ନ ଥିବା କେନ୍ଦ୍ର ସରକାର ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଆଇଆଇଟି ମାଡ୍ରାସ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା କିମ୍ବା ନିର୍ଦ୍ଦିଷ୍ଟ ପ୍ରାର୍ଥୀ ଅଯଥା ସୁବିଧା ପାଇଥିବାର ପ୍ରମାଣ ନାହିଁ। କାଉନ୍‌ସେଲିଂ ପ୍ରକ୍ରିୟା ୪ ପର୍ଯ୍ୟାୟରେ କରାଯିବା ନେଇ କେନ୍ଦ୍ର ସରକାର ଅନ୍ୟ ଏକ ସତ୍ୟପାଠରେ ସରକାରଙ୍କୁ ଜଣାଇଛନ୍ତି। ଜୁଲାଇ ତୃତୀୟ ସପ୍ତାହରୁ ପ୍ରଥମ ପର୍ଯ୍ୟାୟ କାଉନ୍‌ସେଲିଂ ଆରମ୍ଭ ହେବ।

ସୂଚନାଯୋଗ୍ୟ, ଚଳିତ ବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷାର ସାଧୁତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଥିଲେ। ଯଦି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଜରିଆରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥାଏ, ତେବେ ପୁନଃ ପରୀକ୍ଷା କରାଇବାକୁ ହେବ ବୋଲି ସର୍ବୋଚ୍ଚ ଅଦାଲତ ପୂର୍ବରୁ କହିଥିଲେ। ମାମଲାର ଶୁଣାଣି ଜୁଲାଇ ୧୧କୁ ଧାର୍ଯ୍ୟ ହୋଇଥିବାବେଳେ ଏହାକୁ ୧୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

## ୧୪ରେ ରତ୍ନଭଣ୍ଡାର ଖୋଲିବା...

ଗତ ୯ ତାରିଖରେ ରତ୍ନଭଣ୍ଡାର ଯାଞ୍ଚ କମିଟିର ଦ୍ୱିତୀୟ ବୈଠକ ବସିଥିଲା। ଏହି ସମୟରେ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। କେବଳ ସରକାରଙ୍କ ଅନୁମତିକୁ ଅପେକ୍ଷା ଥିବା ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି। ଏଥିଲାଗି ହୁଏତ ଭକ୍ତମାନଙ୍କୁ ସାମାନ୍ୟ ଦୂରରୁ ଦର୍ଶନକରିବାକୁ ପଡ଼ିପାରେ ବୋଲି ସେ କହିଥିଲେ। ସେଦିନ ଗଣତି ଆରମ୍ଭ ହେବ। ତାହା କେବେ ସରିବ ନିର୍ଦ୍ଧାରଣ ହୋଇନାହିଁ। ଏଥିଲାଗି ପ୍ରଥମେ ଠାକୁରଙ୍କ ଗହଣା ଚିହ୍ନିପାରିବା ସହ ତା'ର ଗୁଣବତ୍ତା ପରଖିପାରୁଥିବା ସ୍ୱର୍ଣ୍ଣକାରଙ୍କୁ ଚୟନ କରାଯିବ ବୋଲି ରଥ କହିଛନ୍ତି।

## ଭଜନ ଗାଉ ଗାଉ...

ଏକ ନୈଶ ଭୋଜି ସହିତ ସାଧାରଣ ସଭା ଆୟୋଜନ କରାଯାଇଥିଲା। ସଭା ଶେଷ ହେବା ପରେ କେତେଜଣ ଅଧିକାରୀ ମଞ୍ଚ ଉପରକୁ ଉଠି ଭଜନ ପରିବେଷଣ କରିଥିଲେ। ଏହି କ୍ରମରେ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର ଦାସ ମଞ୍ଚ ଉପରକୁ ଉଠି ଶ୍ରୀଜଗନ୍ନାଥଙ୍କ ଭଜନ 'ଭକତ ବିଦୁର ଶାଗ ଭଜା ଦେଇ...' ପରିବେଷଣ କରିଥିଲେ। ଉପସ୍ଥିତ ଅଧିକାରୀ ବେଶ୍ ଭକ୍ତିର ସହକାରେ ଅତିରିକ୍ତ ଜିଲାପାଳଙ୍କ ଭଜନ ଶୁଣୁଥିଲେ। ଭଜନର ଦୁଇ ଚାରି ପଙ୍କ୍ତି ଗାଇଛନ୍ତି, ହଠାତ୍ ମଞ୍ଚ ଉପରେ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ କେତେଜଣ ଅଧିକାରୀ ଓ ସହକର୍ମୀ ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଓ ଅନ୍ୟ କେତେଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏମ୍‌କେସିଜିରେ ପହଞ୍ଚିଥିଲେ। ତାଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରେ ହୋଇଥିବାରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସେ ଗଜପତି ଜିଲାରେ ଦୁଇ ବର୍ଷ ହେଲା କାର୍ଯ୍ୟରତ ଥିଲେ। ପ୍ରଥମେ ସେ ଛେଳିଗଡ଼ ପ୍ରକଳ୍ପର ଲ୍ୟାଣ୍ଡ ଆକ୍ୟୁଜିସନ ଅଫିସର ଭାବେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ଗୃହ ବିଭାଗ ଓଏସ୍‌ଡି...

ଅଫିସର ସ୍ତରରେ ଆଶିଷ ସିଂଙ୍କୁ ବଦଳି କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆଶିଷ ସିଂଙ୍କୁ ନେଇ କିଛିଦିନ ହେଲା ଚର୍ଚ୍ଚା ଲାଗି ରହିଥିଲା। ନିର୍ବାଚନ ସମୟରେ ସେ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ଦର୍ଶାଇ ଛୁଟି ନେଇ ବିଜେଡି ପାଇଁ କାମ କରୁଥିବା ଭାଜପା ପକ୍ଷରୁ ଇସିଆଇଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହାପରେ ଇସିଆଇ ଏମ୍‌ସର ଏକ ଡାକ୍ତରୀ ଦଳକୁ ଆଶିଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ରିପୋର୍ଟଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆଶିଷ ସିଂ ସୁସ୍ଥ ଥିବା ଏମ୍‌ସ ଡାକ୍ତରୀ ଦଳ ରିପୋର୍ଟ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପଟେ କିଛିଦିନ ତଳେ ଗୃହ ବିଭାଗ ପୋଲିସ ଡିଜିଙ୍କୁ ଏକ ଚିଠି ଲେଖି ଆଶିଷ ସିଂ କୁଆଡ଼େ ଗଲେ ବୋଲି ପ୍ରଶ୍ନ କରିବା ସହ ସେ କାର୍ଯ୍ୟରେ ଯୋଗ ଦେଲେଣି ନା ନାହିଁ ବୋଲି ପଚାରିଥିଲେ।

## ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର...

ମୁଖ୍ୟ ପ୍ରଶାସକଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ଗୁରୁବାର ଆଇନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅରବିନ୍ଦ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଥିବା ଭି.ଭି. ଯାଦବଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ଆଡ଼ପ ପହଣ୍ଡିବେଳେ ବଡ଼ଠାକୁର ପଡ଼ିଯିବାଘଟଣାକୁ ନେଇ ଜଗନ୍ନାଥ ଭକ୍ତଙ୍କ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ବିରୋଧୀଦଳ ନେତାଙ୍କ ଚିଠି ପାଇବା ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହାର ଉତ୍ତର ଦେଇଛନ୍ତି। ଉକ୍ତ ଅଘଟଣ ପାଇଁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦବୀରୁ ଯାଦବଙ୍କୁ ଅବ୍ୟାହତି ଦିଆଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକଙ୍କୁ ଦାୟୀ କରି ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଗୁରୁଙ୍କ କୃପାରୁ କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ତଥା କର୍ମାରମ୍ଭ ପ୍ରଭୃତିରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ**
ରବି ଧନଭାବସ୍ଥ ହେତୁ ବନ୍ଧୁ କିମ୍ବା ସହକର୍ମୀଙ୍କ ସହୃଦୟତା ପାଇବାରେ ସାହାଯ୍ୟ କରିବ। ଆର୍ଥିକ ଉନ୍ନତି ସହ କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ବିଭିନ୍ନ ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭ ଫଳ ପାଇବେ।

**ମିଥୁନ**
ବୁଧ ସୁଖଭାବସ୍ଥ ଯୋଗୁ ଲୋକପ୍ରିୟତା ବୃଦ୍ଧି ସହ ପାରିବାରିକ ଓ କର୍ମକ୍ଷେତ୍ରକୁ ସରସ, ସୁନ୍ଦର କରିବାରେ ସହାୟକ ହେବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଆକସ୍ମିକ କଳହକୁ ଏଡି ହେବ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ। ଶିଳ୍ପ,ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
କର୍ମଭାବସ୍ଥ ମଙ୍ଗଳ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ମନ କଥା ମନରେ ରଖି କାମ କଲେ ଉପକୃତ ହେବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ଚନ୍ଦ୍ର ସହ କେତୁଙ୍କ ସଂଯୋଗରୁ ଦୁଃଖକୁ ବନ୍ଧୁ ସମ୍ମୁଖରେ ପ୍ରକାଶ କରି ମନ ହାଲୁକା କରିପାରନ୍ତି। ସ୍ୱାସ୍ଥ୍ୟ ଉନ୍ନତି ଦିଗକୁ ଗତି କରିବା ସଙ୍ଗେ ସଙ୍ଗେ ପାରିବାରିକ ପରିସ୍ଥିତି ଭଲ ରହିବ। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। କ୍ରୀଡ଼ା, କଳା, ସଙ୍ଗୀତ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ଭାଗ୍ୟସ୍ଥ ଦେବଗୁରୁ ହେତୁ ବନ୍ଧୁଙ୍କ ସୌଜନ୍ୟତା, ଉପରିସ୍ଥଙ୍କ ଅନୁକମ୍ପା, ଅର୍ଥଲାଭ ସାଙ୍ଗକୁ କାର୍ଯ୍ୟସିଦ୍ଧି ଘଟିବ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ମନ ବଳାଇପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ମକଦ୍ଦମା, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
ଶୁକ୍ର କର୍ମଭାବରେ ଥିବାରୁ ଆଜିର ଜୀବନଯାତ୍ରା ସରସ ହେବ। ପରିବାରରେ ଭୁଲ୍ ବୁଝାମଣା କାରଣରୁ ମୂଲ୍ୟବାନ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ରାଗିପାରନ୍ତି। ଆଲୋଚନା ପରିସରରେ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ରାଶ୍ୟାଧିପ ସହ ବୃହସ୍ପତିଙ୍କ ସୁପ୍ରଭାବରୁ ଦୀର୍ଘ ଦିନର ଅଭିଳାଷ ପୂରଣ ସକାଶେ ମାର୍ଗ ଉନ୍ମୁକ୍ତ ହେବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅନୁରାଧା ନକ୍ଷତ୍ରର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। କଳା , ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତିରେ ସମସ୍ୟା ସମାଧାନ ହେବ।

**ଧନୁ**
ଚତୁର୍ଥସ୍ଥ ରାହୁଜନିତ ସମସ୍ୟା ନ ଥିଲେ ମଧ୍ୟ ଗୁଡ଼ାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡିପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୌଣସି ବନ୍ଧୁ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। କଚେରି ମାମଲା ସପକ୍ଷରେ ଯିବାର ବହୁତ ସମ୍ଭାବନା ଦେଖା ଦେଇପାରେ।

**ମକର**
ରାଶି ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ହେତୁ ଶାରୀରିକ ସୁସ୍ଥତା କାମର ଉତ୍ସାହକୁ ବହୁଗୁଣିତ କରିପାରେ। ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ ସମାରୋହ ପ୍ରଭୃତିରେ ପ୍ରଶଂସିତ ହେବେ। ରପ୍ତାନି, ଧାତୁ ଅଳଙ୍କାର, ଷ୍ଟେଶନାରୀ ଓ ଯାନ୍ତ୍ରିକ ଜିନିଷ ବ୍ୟବସାୟରେ ଲାଭବାନ୍ ହେବେ।

**କୁମ୍ଭ**
ଦୁଃସ୍ଥାନସ୍ଥ ଚନ୍ଦ୍ର ଯୁକ୍ତ କେତୁ ଯୋଗୁ ଦୂରଯାତ୍ରା, ବ୍ୟୟବୃଦ୍ଧି, ପରୋକ୍ଷ ଶତ୍ରୁତା ଓ ଋଣ ପରିଶୋଧକୁ କେନ୍ଦ୍ରକରି କଳହ ଘଟିପାରେ। ଜଣେ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିପାରନ୍ତି। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିଦାୟକ ମନେହେବା ସହ ନୂତନ ବନ୍ଧୁଙ୍କ ସାନ୍ନିଧ୍ୟ ମିଳିବ। ଗୁରୁଙ୍କ ଦୃଷ୍ଟିରୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଉତ୍ତର ଭାଦ୍ରପଦ ନକ୍ଷତ୍ର ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

ଆଜି ଜୁଲାଇ ୧୨ ତାରିଖ, ମାଲାଲା ଦିବସ, ଆଷାଢ଼ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ଶୁକ୍ରବାର, ରାଶି ନକ୍ଷତ୍ର-ଉତ୍ତରା ଫାଲଗୁନୀ/ କନ୍ୟା, ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ, ଜଳାଶୟ ଖନନ ଓ ପ୍ରତିଷ୍ଠା, ଗୃହାରମ୍ଭ ଓ ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ପାଇଁ ଶୁଭ ଦିନ। ଦିବା ଘ.୦୬।୦୧୧ ଗତେ ଦିବା ଘ.୦୭।୦୩ ମଧ୍ୟେ, ଘ.୧୨।୧୮ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୩ ଗତେ ଘ.୧୧।୫୨ ମଧ୍ୟେ ରାହୁ କାଳ।



ଗୁରୁବାର ହେରାପଞ୍ଚମୀ ଅବସରରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପୁରୀ ଶରଧାବାଲିରେ ଶ୍ରଦ୍ଧାଳୁଙ୍କ ଭିଡ଼।

# କଲବଲ କଲା ଖରା, ଗୁଳୁଗୁଳି

**ଭୁବନେଶ୍ୱର,୧୧।୭(ଅନୁରାଧା ମହାରଣା)**

ରାଜ୍ୟରେ ଲଗାତର କିଛିଦିନ ବର୍ଷା ପରେ ରାଜ୍ୟରେ ଏବେ ଗରମ ଅନୁଭୂତ ହେଉଛି। ଗୁରୁବାର ଦୁଇ ତିନୋଟି ସ୍ଥାନକୁ ବାଦ୍‌ଦେଲେ ପୂରା ରାଜ୍ୟରେ ପାଗ ଶୁଖିଲା ରହିଥିଲା। ଭୁବନେଶ୍ୱର, କଟକ ସମେତ ବିଭିନ୍ନ ସ୍ଥାନରେ ଖରା ଓ ଗୁଳୁଗୁଳି ଲୋକଙ୍କୁ କଲବଲ କରିଥିଲା। ୧୧ ତାରିଖରୁ ବର୍ଷା ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଥିଲେ ମଧ୍ୟ ସେପରି କିଛି ହୋଇ ନ ଥିଲା। ତେବେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

**ବେତନଟୀ,୧୧।୭(ଧରଣୀଧର ମହାନ୍ତି)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦହିକୋଠି ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଦ୍ଧେଶ୍ୱର ମହାନ୍ତ (୫୫)। ବୁଦ୍ଧେଶ୍ୱର ଗୋରୁ ଚରାଇବା ପାଇଁ ପାଖ ବିଲକୁ ଯାଇଥିଲା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ବେତନଟୀ ଡାକ୍ତରଖାନାକୁ ପଠାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବେତନଟୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ରୋବୋ, ଏନ୍‌ଡିଆର୍‌ଏଫ୍ ଟିମ୍‌ର ତଲାସି ଜାରି



## ଖଣି ପୋଖରୀରେ ଯୁବକ ନିଖୋଜ ଘଟଣା

**ଖୋର୍ଦ୍ଧା,୧୧।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଳି କଳିଙ୍ଗମୁଣ୍ଡିଆ ପୋଖରୀରେ ବୁଡ଼ିଯାଇ ନିଖୋଜ ଥିବା ଓମ୍‌ପ୍ରସାଦ ରଥଙ୍କ ସନ୍ଧାନ ୭୨ଘଣ୍ଟା ପରେ ମଧ୍ୟ ମିଳିପାରି ନାହିଁ। ତାଙ୍କୁ ଖୋଜିବାକୁ ରୋବୋ ନିୟୋଜିତ ହୋଇଛି। ଓମ୍ ନିଖୋଜ ହୋଇଥିବା ସ୍ଥାନରୁ ଚାରିପଟ ଖୋଜୁଛି ରୋବୋ। ଏନ୍‌ଆଇଟି ରାଉରକେଲାରୁ ଆସିଥିବା ରୋବୋ ସମେତ ୭ଜଣିଆ ଟିମ୍ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଗୁରୁବାର ଶହେ ଫୁଟ ପର୍ଯ୍ୟନ୍ତ ରୋବୋ ପାଣି ତଳେ ଓମ୍‌ଙ୍କୁ ଖୋଜିବାରେ ଲାଗିଥିବାବେଳେ ଅନ୍ୟ ଏକ ଏକ୍ସପର୍ଟ ଟିମ୍ ଏହାକୁ ମନିଟରିଂ କରୁଛନ୍ତି। ଏଥିସହିତ କଟକ ମୁଣ୍ଡିଆରୁ ଏନ୍‌ଡିଆର୍‌ଏଫ୍ କମାଣ୍ଡର ପି.କେ. ଯାଦବଙ୍କ ନେତୃତ୍ୱରେ ୩ ଗଭୀର ବୁଡ଼ାଳିଙ୍କ ସମେତ ୪୦ ଜଣିଆ ଟିମ୍ ଖଣି ଚାରିପଟ ଯାଞ୍ଚ ସହ ଶହେ ଫୁଟ ତଳେ ତଲାସି ଅଭିଯାନ ଜାରି ରଖିଛନ୍ତି। ଏନ୍‌ଡିଆର୍‌ଏଫ୍, ନୌସେନାର ଏକ ଟିମ୍ ସମେତ ରୋବୋ ଯାଞ୍ଚ କରିବା ସହ ଗଭୀର ପାଣି ତଳର ଫଟୋ ସଂଗ୍ରହ କରୁଥିବା ଏକ୍ସପର୍ଟମାନେ ସୂଚନା ଦେଇଛନ୍ତି। ଗତ ୮ତାରିଖରେ ତାପଙ୍ଗ ବଡ଼ସାଉଁଳି କଳିଙ୍ଗମୁଣ୍ଡିଆକୁ କେତେଜଣ ଛାତ୍ର ବୁଲିବାକୁ ଯାଇଥିବାବେଳେ ଓମ୍ ଏହି ପୋଖରୀରେ ବୁଡ଼ିଯାଇଥିଲେ। ସେଲ୍‌ଫି ନେବା ସମୟ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀ, ଓଡ୍ରାଫ, ନାଭାଲ ଟିମ୍ ଓ ସ୍କୁବା ଡ୍ରାଇଭର ନିୟୋଜିତ ହୋଇଥିଲେ ମଧ୍ୟ ଓମଙ୍କୁ ଠାବ କରିପାରିନାହାନ୍ତି। ଖୋଜିବାରେ କ୍ୟାମେରା ମଧ୍ୟ ଫେଲ୍ ମାରିଛି। ତେଣୁ ଏବେ ଉଦ୍ଧାର କାର୍ଯ୍ୟରେ ରୋବୋ ନିୟୋଜିତ କରାଯାଇଛି। ଏନ୍‌ଆଇଟି ଟିମ୍ ସଦସ୍ୟ ଅମିତ ଦାସ କହିଛନ୍ତି, ଉକ୍ତ ଘଟଣା ସମ୍ପର୍କରେ ଶୁଣିବା ପରେ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରିଥିଲୁ। ପୋଖରୀରେ ବର୍ତ୍ତମାନ ହାଇଟେକ୍ନୋଲୋଜିର ପ୍ରସ୍ତୁତ ରୋବା ସର୍ଚ୍ଚ ଅପରେଶନ କରୁଛି। ୩ ଫୁଟ ପର୍ଯ୍ୟନ୍ତ ଗଭୀର ଜଳରୁ ଏହା ତଥ୍ୟ ସଂଗ୍ରହ କରିପାରିବ। ଏହି ରୋବା ଏନ୍‌ଡିଆର୍‌ଏଫ୍ ପାଇଁ ପ୍ରସ୍ତୁତ କରାଯାଇଛି। ପୂର୍ବରୁ ବଙ୍ଗୋପସାଗରରେ ଏହା ପରୀକ୍ଷଣ ହୋଇସାରିଛି। ଗଭୀର ପାଣି ତଳେ ଯୁବକ ଦେଖାଯିବା କ୍ଷଣି ଏହା ସେହି ମୁହୂର୍ତ୍ତରେ ଫଟୋ ଉତ୍ତୋଳନ କରିପାରିବ। ସଫଳ ପାଇବା ପର୍ଯ୍ୟନ୍ତ ଆମ ଉଦ୍ୟମ ଜାରି ରହିବ ବୋଲି ଦାସ ପ୍ରକାଶ କରିଛନ୍ତି। ଏନ୍‌ଡିଆର୍‌ଏଫ୍ କମାଣ୍ଡର ଯାଦବ କହିଛନ୍ତି, ଆମର ୩ ବୁଡ଼ାଳି ଅଭିଜ୍ଞ ସମ୍ପନ୍ନ ଓ ଉଚ୍ଚତାଲିମପ୍ରାପ୍ତ। ଗଭୀର ପାଣି ତଳେ ପଙ୍କ, ଶିଉଳି ସମେତ ଅନେକ ସ୍ଥାନରେ ପଥର ରହିଛି। ଗୁରୁବାର ଖଣି ଚାରିପାଖ ସନ୍ଧାନ କରାଯାଇଛି। ଉଲ୍ଲେଖ ଥାଉ କି, ତାପଙ୍ଗ ଖଣି ଅଞ୍ଚଳର ପାହାଡ଼ ଓ ନୀଳ ଜଳରାଶି ପାଇଁ ଲଦାଖର ଭ୍ରମ ସୃଷ୍ଟି କରୁଥିବାରୁ ଅନେକ ଲୋକ ଏଠାରେ ଭିଡ଼ ଜମାଉଛନ୍ତି। ତେବେ ପୂର୍ବରୁ ପାଣିରେ ବୁଡ଼ି କେତେଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ପରେ ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ତଥାପି ଅନେକ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଥିବା ବେଳେ ଏଭଳି ଅଘଟଣ ଘଟୁଛି।

# ଗୁଳୁଗୁଳି: ବିଦ୍ୟାଳୟରେ ଚେତାଶୂନ୍ୟ ହେଲେ ୧୨ ଛାତ୍ରୀଛାତ୍ର



**ଡେରାବିଶ,୧୧।୭ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସହର ନିକଟସ୍ଥ ଉଦୟନଗର ଗାଁରେ ଥିବା ବେସରକାରୀ ବିଦ୍ୟାଳୟରେ ଗୁଳୁଗୁଳି ଯୋଗୁ ୧୨ ଛାତ୍ରୀଛାତ୍ର ଗୁରୁବାର ଚେତାଶୂନ୍ୟ ହୋଇପଡ଼ିଛନ୍ତି। ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସମସ୍ତେ ସୁସ୍ଥ ହେବାରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଏନେଇ ପୀଡ଼ିତ ଛାତ୍ରୀଛାତ୍ର କହିଛନ୍ତି ଯେ ୨ ଦିନ ହେବ ବିଦ୍ୟାଳୟରେ ବିଦ୍ୟୁତ୍ ବିଭ୍ରାଟ ଦେଖା ଦେଇଛି। ଇନ୍‌ଭର୍ଟର ସମସ୍ୟା ଥିବାରୁ ପଙ୍ଖା ଚାଲୁ ନ ଥିଲା। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଥିଲା। ମଧ୍ୟାହ୍ନରେ ଅସହ୍ୟ ଗରମ ଯୋଗୁ ଜଣେ ପରେ ଜଣେ ୧୨ ଛାତ୍ରୀଛାତ୍ର ଚେତାଶୂନ୍ୟ ହୋଇପଡ଼ିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୪ ଛାତ୍ରୀଛାତ୍ର ଗୁରୁତର ଥିବା କର୍ତ୍ତୃପକ୍ଷ କହିଛନ୍ତି। ଏ ସମ୍ପର୍କରେ ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି, ହିଟ୍ ୱେଭ ପାଇଁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ସମସ୍ତ ଛାତ୍ରୀଛାତ୍ର ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ଶ୍ରେଣୀଗୃହରେ ଅସୁସ୍ଥ ହୋଇପଡ଼ିଲେ ୪ ଛାତ୍ରୀଛାତ୍ର

**ବାସୁଦେବପୁର,୧୧।୭ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୪ ଛାତ୍ରୀଛାତ୍ର ଗୁରୁବାର ମଧ୍ୟାହ୍ନରେ ହଠାତ୍ ଶ୍ରେଣୀଗୃହରେ ଅସୁସ୍ଥ ହୋଇପଡ଼ିଛନ୍ତି। ଛାତି ଓ ମୁଣ୍ଡରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରୁଥିବା ୪ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଶିକ୍ଷକ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅସୁସ୍ଥ ଛାତ୍ରୀଛାତ୍ର ହେଲେ ଅଷ୍ଟମ ଶ୍ରେଣୀର ଉର୍ବଶୀ ପାଣିଗ୍ରାହୀ, ରାହୁଲ ସାହୁ, ଓମ୍‌ପ୍ରକାଶ ପାଣିଗ୍ରାହୀ ଓ ନବମ ଶ୍ରେଣୀର ସାରୁକ୍ ଖାନ୍। ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ଅଛନ୍ତି। ଅତ୍ୟଧିକ ଗରମ ଓ ଗୁଳୁଗୁଳିରୁ ଏପରି ଘଟଣା ଘଟିଥିବା ଡାକ୍ତରଖାନା ପକ୍ଷରୁ ଜଣାଯାଇଛି। ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ଜଣାପଡ଼ିବା ପରେ ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ଶିକ୍ଷକ ବଦଳି ପ୍ରକ୍ରିୟା ୭ଦିନରେ ନ ସରିଲେ ଆନ୍ଦୋଳନ

**ଭୁବନେଶ୍ୱର, ୧୧।୭(ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କ ବଦଳି ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ପାଇଁ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘ ସରକାରଙ୍କୁ ଦାବି ଜଣାଇଛି। ଏଥିସହିତ ବଦଳି ପ୍ରକ୍ରିୟା ସପ୍ତାହେ ଭିତରେ ଶେଷ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ସଂଘର କହିବାନୁସାରେ, ୨୦୨୩ ଅକ୍ଟୋବରରୁ ବଦଳି ପ୍ରକ୍ରିୟା ଆରମ୍ଭ ହେବାଠାରୁ ପ୍ରାୟ ୧୦ ମାସ ବିତିଯାଇଥିଲେ ମଧ୍ୟ ଶିକ୍ଷା ବିଭାଗରୁ ଟ୍ରାନ୍ସଫର୍ ଅର୍ଡର ବାହାରି ପାରୁନି। ବିଭାଗର ବଦଳି କ୍ୟାଲେଣ୍ଡର ଅନୁଯାୟୀ ୨୦୨୪ ଫେବୃଆରୀ ୨୦ ସୁଦ୍ଧା ବଦଳି ପ୍ରକ୍ରିୟା ସାରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ସେସବୁ ପାଣିର ଗାର ପାଲଟିଛି। ଏପରିକି ଗୁରୁତର ରୋଗାକ୍ରାନ୍ତ ଶିକ୍ଷକ ମେଡିକାଲ ଗ୍ରାଉଣ୍ଡରେ ବଦଳି ପାଇଁ ଆବେଦନ କରିଥିଲେ ମଧ୍ୟ ଅର୍ଡର ବାହାରିବା ପୂର୍ବରୁ ସମ୍ପୃକ୍ତ ଶିକ୍ଷକ ଚିରଦିନ ପାଇଁ ଆଖି ବୁଜି ଦେଲେ। ହେଲେ ବଦଳି ହୋଇ ଶେଷ ସମୟରେ ପରିବାର ସହ ସମୟ ଟିକିଏ ବିତାଇ ପାରିଲେ ନାହିଁ। ସେହିଭଳି ବିଭିନ୍ନ ଗ୍ରାଉଣ୍ଡରେ ବଦଳି ଆବେଦନ କରି ଟ୍ରାନ୍ସଫର ଅର୍ଡର ଅପେକ୍ଷାରେ ଥିବା ଶିକ୍ଷକମାନେ ମାନସିକ ଯନ୍ତ୍ରଣା ଭୋଗୁଥିବାରୁ ଶିକ୍ଷକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଅନ୍‌ଲାଇନ ଜନ ଶୁଣାଣି ପୋର୍ଟାଲ ତଥା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଉପସ୍ଥାପନ କରିବା ସହିତ ଶିକ୍ଷାମନ୍ତ୍ରୀଙ୍କ ସହ ସାକ୍ଷାତ କରି ସଂଘ ବଦଳି ପ୍ରକ୍ରିୟାକୁ ଶୀଘ୍ର ସାରିବାକୁ ନିବେଦନ କରିସାରିଛି। ମାତ୍ର ବଦଳି ପ୍ରକ୍ରିୟାରେ କୌଣସି ଅଗ୍ରଗତି ନ ଘଟିବାରୁ ଗୁରୁବାର ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଶିକ୍ଷାମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିବା ସଂଘ ଉପଦେଷ୍ଟା ଶୁଭଜିତ ପ୍ରତିହାରୀ, ସମ୍ପାଦକ ଦେବରାଜ ସାହୁ ପ୍ରମୁଖ ଜଣାଇଛନ୍ତି। ଏଥିସହ ବଦଳି ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ସେମାନେ ଦାବି କରିଛନ୍ତି।

# ଧରିତ୍ରୀରେ ଖବର ପ୍ରକାଶ ପରେ... | ବଦଳିଲା ଛେନାପୋଡ଼ ତଥ୍ୟ, ଆରିସା ପିଠା ଗାଏବ




**ଭୁବନେଶ୍ୱର,୧୧।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଖାଦ୍ୟ ଡେଲିଭରି ଆପ୍ ଜୋମାଟୋରେ ଛେନାପୋଡ଼ ଓ ଆରିସା ପିଠା ବେଙ୍ଗଲର ବୋଲି ଲେଖାଯାଇଥିଲା। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରାଜ୍ୟ ବ୍ୟାପୀ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗତ ମଙ୍ଗଳବାର ୯ ତାରିଖ ଦୈନିକ 'ଧରିତ୍ରୀ'ରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଜୋମାଟୋ ଉକ୍ତ ତଥ୍ୟରେ ପରିବର୍ତ୍ତନ ଆଣିଛି। ପୂର୍ବରୁ ଛେନାପୋଡ଼ ବେଙ୍ଗଲର ଏକ ପାରମ୍ପରିକ ଖାଦ୍ୟ ଲେଖାଯାଇଥିବାବେଳେ ଏବେ ଏହା ଓଡ଼ିଶାର ଏକ ପାରମ୍ପରିକ ଖାଦ୍ୟ ବୋଲି ଉଲ୍ଲେଖ କରାଯାଇଛି। ମାତ୍ର ପିଠା ବିଭାଗରେ ରହିଥିବା ଆରିସା ପିଠା ସମ୍ପର୍କିତ ତଥ୍ୟରେ ପରିବର୍ତ୍ତନ କରା ନ ଯାଇ ଉକ୍ତ ମେନ୍ୟୁକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ନିଆଯାଇଛି। ଏହା ଜାଣିବା ପରେ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଛେନାପୋଡ଼ର ତଥ୍ୟ ବଦଳିବା ନେଇ ଖୁସିବ୍ୟକ୍ତ କରିଛନ୍ତି। କିନ୍ତୁ ପିଠା ବିଭାଗରେ ଆରିସା ପିଠା କାହିଁକି ଆସୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଫେସର ଡ. ଭୁବନାନନ୍ଦ ଅଧିକାରୀ ଜୋମାଟୋର ଏହି ଭୁଲ୍ ତଥ୍ୟକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପରେ ଏହା ଭାଇରାଲ ହୋଇଥିଲା। ବହୁ ୟୁଜର୍ସ ନିଜ କମେଣ୍ଟରେ 'ବଏକଟ୍ ଜୋମାଟୋ' ଲେଖିବା ସହ ତୁରନ୍ତ ତ୍ରୁଟି ସୁଧାରିବାକୁ ଦାବି କରିଥିଲେ।

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନାଁରେ ଏତଲା ଦେଲେ ଆଇନଜୀବୀ



**ଭୁବନେଶ୍ୱର,୧୧।୭(ସତ୍ୟଜିତ୍ ରାଉତ)**

ପୁରୀ ରଥଯାତ୍ରାବେଳେ ଆଡ଼ପ ପହଣ୍ଡି ବିଭ୍ରାଟକୁ ନେଇ ଗୁରୁବାର ଭୁବନେଶ୍ୱର ଓକିଲ ସଂଘର କେତେଜଣ ସଦସ୍ୟ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବଙ୍କୁ ଦାୟୀ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଆଇନଜୀବୀମାନେ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକାରୀ ଅଶୋକ ବଡ଼ପଣ୍ଡା କହିଛନ୍ତି, ଠାକୁର କିପରି ମନ୍ଦିରରୁ ଭଲରେ ଯିବେ ଏବଂ ପୁଣି ଭଲରେ ଫେରିବେ ତାହା ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ। ଏହି ସମୟରେ କିଛି ଅଘଟଣ ଘଟିଲେ ମୁଖ୍ୟ ପ୍ରଶାସକ ଦାୟୀ ରହିବେ ବୋଲି ବଡ଼ପଣ୍ଡା କହିଛନ୍ତି। ବଡ଼ପଣ୍ଡାଙ୍କ ସହ ଆଇନଜୀବୀ ପୂର୍ଣ୍ଣିମା ପଟ୍ଟନାୟକ, ଲଲାଟେନ୍ଦୁ ଦାସ, ସୁନୀଲ ମହାପାତ୍ର, ଶୁଭାଶିଷ ରାଉତ, ନିବେଦିତା ସାହୁ ପ୍ରମୁଖ ଅଭିଯୋଗକାରୀ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଆଡ଼ପମଣ୍ଡପ

## ପହଣ୍ଡି ବିଭ୍ରାଟ ଘଟଣା

ପହଣ୍ଡି ବେଳେ ଏହି ଅଘଟଣ ଘଟିଥିଲା। ବଡ଼ଠାକୁର ବଳଭଦ୍ରଙ୍କୁ ରଥରୁ ପହଣ୍ଡି କରି ଆଡ଼ପ ମଣ୍ଡପକୁ ନିଆଯାଉଥିବାବେଳେ ଚାରମାଳ ଉପରେ ସେବାୟତମାନେ ପକାଇ ଦେଇଥିଲେ। ଏହି ଘଟଣାରେ ୯ ସେବାୟତ ଆହତ ହୋଇଥିଲେ। ତେବେ ଏହି ଅଘଟଣର ତଦନ୍ତ ପାଇଁ ବୁଧବାର ମନ୍ଦିର ପ୍ରଶାସନ ପକ୍ଷରୁ ୩ ଜଣିଆ କମିଟି ଗଠନ କରାଯାଇଛି। ନୀଳାଦ୍ରି ବିଜେ ଶେଷ ହେବାପରେ ୧୦ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଉକ୍ତ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏଭଳି ବାରମ୍ବାର ଘଟୁଥିବାରୁ ଭକ୍ତ ମହଲ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରି ଆସୁଛି।

# ମହରମ ଶୋଭାଯାତ୍ରା ହେବନି: ଉତ୍ତରାଞ୍ଚଳ ଆଇଜି

## ଦିନକ ତଳେ ଶୋଭାଯାତ୍ରା ହେବ ବୋଲି କହିଥିଲେ ଜିଲାପାଳ



ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ମହରମ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଆଇଜି, ଜିଲାପାଳ, ଝାରସୁଗୁଡ଼ା ଏସ୍‌ପି ଓ ମହାନଗର ନିଗମ କମିଶନର ।

**ସମ୍ବଲପୁର,୧୧।୭(ପ୍ରମୋଦ ବହିଦାର)**

ସମ୍ବଲପୁରରେ ଆସନ୍ତା ୧୭ରେ ପାଳନ ହେବାକୁ ଥିବା ମହରମ ପର୍ବ ଶୋଭାଯାତ୍ରାକୁ ବାତିଲ କରିଦିଆଯାଇଛି। ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ଜିଲା ପ୍ରଶାସନ ଓ ମହରମ କମିଟିର ମିଳିତ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ ଶୋଭାଯାତ୍ରା ଆୟୋଜନ ସମ୍ଭବ ନୁହେଁ। ତେଣୁ ବିଗତ ଦିନରେ ସମ୍ବଲପୁରରେ ଆଞ୍ଚଳିକସ୍ତରରେ ଆୟୋଜିତ ହନୁମାନ ଜୟନ୍ତୀ ଉତ୍ସବ ସଦୃଶ ନିଜ ଅଞ୍ଚଳରେ ମହରମ ଉତ୍ସବ ପାଳନ ସୀମିତ ରହିବ। କେବଳ ମହରମ ନୁହେଁ ବରଂ ସହରରେ ବର୍ତ୍ତମାନ କୌଣସି ଧାର୍ମିକ ଶୋଭାଯାତ୍ରାକୁ ଅନୁମତି ଦିଆଯିବ ନାହିଁ। ତେବେ ଜିଲାର ପ୍ରଶାସନିକ ଅଧିକାରୀମାନେ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳକୁ ମିଳିତ ଭାବେ ଗସ୍ତ କରି ସହରବାସୀଙ୍କ ମଧ୍ୟରେ ପୂର୍ବଭଳି ଭାଇଚାରା ଓ ଆତ୍ମବିଶ୍ୱାସ ବୃଦ୍ଧି ଅଭିଯାନରେ ନିୟୋଜିତ ହେବେ। ପରେ ସମଗ୍ର ପରିସ୍ଥିତିକୁ ଅନୁଧ୍ୟାନ କରି ଆଗାମୀ ଦିନରେ ଧାର୍ମିକ ଶୋଭାଯାତ୍ରାକୁ ଅନୁମତି ଦିଆଯିବା ନେଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ଲାଲ।

ସୂଚନାଯୋଗ୍ୟ, ବୁଧବାର ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମହରମ ଆୟୋଜନ ପାଇଁ ଅନୁଷ୍ଠିତ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ମହରମ ଉତ୍ସବ ପାଳନ ଶୋଭାଯାତ୍ରାକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଥିଲା। ବିନା ଅସ୍ତ୍ରଶସ୍ତ୍ର ପ୍ରଦର୍ଶନରେ ମହରମ ଶୋଭାଯାତ୍ରା ଆୟୋଜନ ପାଇଁ ଜିଲାପାଳ ଅନୁମତି ପ୍ରଦାନ କରିଥିଲେ। ୨୦୨୩ ଏପ୍ରିଲ୍ ୧୨ ଓ ୧୪ ତାରିଖରେ ଯଥାକ୍ରମେ ହନୁମାନ ଜୟନ୍ତୀ ସଚେତନତା ବାଇକ୍ ରାଲି ଓ ମୁଖ୍ୟ ଶୋଭାଯାତ୍ରା ସମୟରେ ସଂଘଟିତ ହିଂସା ଓ ପୋଡ଼ାଜଳା ପାଇଁ ସମ୍ବଲପୁର ସହରରେ ଏକ ବର୍ଷ ପାଇଁ ଧାର୍ମିକ ଶୋଭାଯାତ୍ରା ଉପରେ କଟକଣା ଲଗାଯାଇଥିଲା। ବର୍ତ୍ତମାନ କଟକଣା ଏକ ବର୍ଷ ପୂର୍ଣ୍ଣ ହୋଇ ସାରିଥିବାରୁ ଚଳିତ ବର୍ଷ କଟକଣାକୁ ପ୍ରତ୍ୟାହାର କରାଯାଇ ଧାର୍ମିକ ଶୋଭାଯାତ୍ରାକୁ ଅନୁମତି ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ମାତ୍ର ଏହାର ଦିନକ ପରେ ଶୋଭାଯାତ୍ରାକୁ ବାତିଲ କରାଯିବା ପଛର ଉଦ୍ଦେଶ୍ୟ ସମ୍ପର୍କରେ ପଚରାଯିବାରୁ ଜିଲାପାଳ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଛନ୍ତି। ଏହି ବୈଠକରେ ଆଇଜିଙ୍କ ସହିତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ବଲପୁର ଏସ୍‌ପି ଦାୟିତ୍ୱରେ ଥିବା ଝାରସୁଗୁଡ଼ା ଏସ୍‌ପି ସ୍ମିଥ ପି.ପାରମାର, ମହାନଗର ନିଗମ କମିଶନର ବେଦ ଭୂଷଣ ଉପସ୍ଥିତ ଥିଲେ।

# ସତୀଗୁଡ଼ା ସବୁଜ ଉଦ୍ୟାନରେ ବିରଳ ପ୍ରଜାତିର ପ୍ରଜାପତି ଠାବ



**ମାଲକାନଗିରି,୧୧।୭ (ଦୁର୍ଯ୍ୟୋଧନ ପାତ୍ର)**

ବର୍ଷା ଛାଡି ଯିବାପରେ ମଲକାନଗିରି ଜିଲାର ବିଭିନ୍ନ ଗ୍ରାମର ନାନା ପ୍ରକାର ପ୍ରଜାପତି ଉଡୁଥିବାର ଦେଖାଯାଉଛି। ଗୁରୁବାର ମାଲକାନଗିରି ସତୀଗୁଡା ସବୁଜ ଉଦ୍ୟାନରେ ରଙ୍ଗବେରଙ୍ଗର ଏକ ବିରଳ ପ୍ରଜାପତି ଦେଖିବାକୁ ମିଳିଥିଲା। ଏହି ପ୍ରଜାପତିଟିକୁ ଦେଖିବା ପାଇଁ ବହୁ ଲୋକେ ଭିଡ ଜମିଥିଲା। ଉଦ୍ୟାନ ନିକଟରେ ଥିବା ଏକ ଗଛରେ ଅନେକ ସମୟ ଧରି ପ୍ରଜାପତିଟି ବସି ରହିବା ପରେ ଉଡି ଯାଇଥିଲା। ପ୍ରଜାପତି ଦେହରେ ନାନା ପ୍ରକାର ବିଚିତ୍ର ରଙ୍ଗ ଦେଖିବାକୁ ମିଳିଥିଲା। ବିଶେଷ କରି ପ୍ରଜାପତିର ପିଠିରେ ସାଇବାବାଙ୍କ ମୁଖମଣ୍ଡଳ ପରି ଦୃଶ୍ୟମାନ ହେଉଥିବାରୁ ଏହି ଦୃଶ୍ୟ ଦେଖି କିଛି ଲୋକ ଏହାକୁ ସାଇବାବାଙ୍କ ମହିମା କହି ମୁଣ୍ଡିଆ ମାରିଥିଲେ। ଏହା ବ୍ୟତିତ ଅନ୍ୟାନ ଗଛରେ ଅନେକ ନାନା ଜାତିର ପ୍ରଜାପତି ଉଡି ଆସିଥିବା ଦେଖିବାକୁ ମିଳିଛି।

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ଷ୍ଟାର୍ମର ମଡେଲ



ଡାରୋନ୍ ଆକେମୋଗ୍ଲୁ

ବ୍ରିଟେନର ସାଧାରଣ ନିର୍ବାଚନରେ ଲେବର ପାର୍ଟି ବିପୁଳ ବିଜୟ ହାସଲ କରିଛି। କିନ୍ତୁ ଆର୍ଥିକ ସମସ୍ୟା ଦୂରକରିବାକୁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ସାମର୍ଥ୍ୟ ଉପରେ ଏହା ଦୀର୍ଘ ସମୟ ନିର୍ଭରଶୀଳ ହେବ କି ନାହିଁ ତାହା ହିଁ ପ୍ରଶ୍ନ। ହେଲେ ଏହା ପୂରଣ କରିବା ଅତ୍ୟନ୍ତ କଷ୍ଟକର। କଞ୍ଜରଭେଟିଭ ପାର୍ଟିର ସମର୍ଥକମାନେ ସେମାନଙ୍କର ଶ୍ରେୟ ପାଇଁ ପରାଜୟ ଗ୍ରହଣକରି ବି ଗଣତନ୍ତ୍ର ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। କଞ୍ଜରଭେଟିଭ ପାର୍ଟିର ନେତା ଋଷି ସୁନକ୍ ଭୋଟ ଗଣନା ଶେଷହେବା ପୂର୍ବରୁ ମଧ ଷ୍ଟାର୍ମରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡୋନାଲ୍ଡ ଟ୍ରମ୍ପ ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଏଭଳି କରିବାର ଏକ ପରିସ୍ଥିତି ଉପରେ କଳ୍ପନା କରିବା ଅସମ୍ଭବ। ଅନେକ ରିପବ୍ଲିକାନ୍ ଏହି ନଭେମ୍ବରରେ କୌଣସି ନିର୍ବାଚନୀ ପରାଜୟକୁ ପ୍ରତ୍ୟାଖ୍ୟାନ କରିବାକୁ ପ୍ରସ୍ତୁତ ହୋଇସାରିଛନ୍ତି। ବ୍ରିଟେନ୍‌ର ଦୃଷ୍ଟାନ୍ତ ଆମକୁ ମନେପକାଇଦିଏ ଯେ ଆମେ ଏପରି ଆଚରଣକୁ ସାଧାରଣ ମନେକରିବା ଉଚିତ ନୁହେଁ। ଆମେରିକାର ଗଣମାଧମ ଏବଂ ନାଗରିକ ସମାଜର କର୍ତ୍ତବ୍ୟ ହେଉଛି ଟ୍ରମ୍ପ ଏବଂ ତାଙ୍କ ସହଯୋଗୀଙ୍କ ଗଣତାନ୍ତ୍ରିକ ବିରୋଧୀ ଆଚରଣକୁ ପ୍ରତି ମୁହୂର୍ତ୍ତରେ ସମାଲୋଚନା କରିବାକୁ ହେବ।

ଷ୍ଟାର୍ମରଙ୍କ ଲେବର ପାର୍ଟିର ତ୍ୱରିତ ପୁନରୁଦ୍ଧାର ପଛରେ ପ୍ରକୃଷ୍ଟ କାରଣ ରହିଛି। ୧୯୩୫ରୁ ଦଳର ଶୋଚନୀୟ ପରାଜୟ ପରେ ୨୦୨୦ ରେ ଜେରେମି କୋର୍ବିନ୍‌ଙ୍କ ଠାରୁ କ୍ଷମତା ପାଇବା ପରେ ଷ୍ଟାର୍ମର ଅର୍ଥନୀତି ଏବଂ ଜନସେବାରେ ଉନ୍ନତି ଆଣିବା ପାଇଁ ସନ୍ତୁଳନ ଓ ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ବିଜୟ ଦର୍ଶାଏ ଯେ କଟ୍ଟରବାଦ ବିନା ନିର୍ବାଚନରେ ଜିତିବା ସମ୍ଭବ। ସେ ଗଣତନ୍ତ୍ରକୁ ସମସ୍ତଙ୍କ ପାଇଁ ଉନ୍ନତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ଏକ ଶକ୍ତିଶାଳୀ ବାର୍ତ୍ତା। ମୋର ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି ଯେ ଯେତେବେଳେ ଗଣତନ୍ତ୍ର ଠିକ୍ ଭାବରେ କାର୍ଯ୍ୟକରେ ଏବଂ ଅର୍ଥନୈତିକ ଅଭିବୃଦ୍ଧି, ସ୍ଥିରତା, ଜନସେବା ଯୋଗାଇଦିଏ ଏବଂ ନିମ୍ନ ସ୍ତରରେ ଅସମାନତା ଏବଂ ଦୁର୍ନୀତ କ୍ଷେତ୍ରରେ ଉଚିତ ପଦକ୍ଷେପ ନେଇପାରେ ସେତେବେଳେ ଲୋକମାନେ ଅଧିକ ଗଣତାନ୍ତ୍ରିକ ହୋଇଥାନ୍ତି। ଏହି ସମାନ ମୌଳିକ ସୂତ୍ର ଅନ୍ୟତ୍ର ୱାର୍କର୍ସ ପାର୍ଟି ଓ ସୋସିଆଲ ଡେମୋକ୍ରାଟ୍‌ସଙ୍କ ପାଇଁ ଭଲ କାମ କରିଛି। ପ୍ରାୟ ଏକ ଶତାବ୍ଦୀ ପୂର୍ବରୁ ଡେନ୍‌ମାର୍କ, ସୁଇଡେନ୍ ଏବଂ ନରୱେରେ ଲେବର୍ସ ପାର୍ଟି ଦ୍ୱାରା ନିର୍ବାଚନ ବିଜୟରେ ନର୍ଡିକ ମଡେଲ (ଉତ୍ତର ୟୁରୋପ ଓ ଉତ୍ତର ଆଣ୍ଟଲାଟିକ୍ ଅଞ୍ଚଳରେ ଥିବା ଦେଶଗୁଡ଼ିକରେ ଆର୍ଥିକ, ସାମାଜିକ ଓ ସାଂସ୍କୃତର ସମନ୍ୱିତ ଢାଞ୍ଚା) ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଏହି ଦଳଗୁଡ଼ିକ ପ୍ରଥମେ କଠୋର ବାମପନ୍ଥୀ ବିଚାର ଏବଂ ମନ୍ତବ୍ୟଠାରୁ ଦୂରେଇଯାଇ କ୍ଷମତାକୁ ଆସିବା ମାତ୍ରେ ପ୍ରତିଶ୍ରୁତି ମୁତାବକ



ବାସ୍ତବ ବିକାଶ ପ୍ରଦାନ କରିଥିଲେ। ସୁଇଡେନ୍ କ୍ଷେତ୍ରରେ ସାମାଜିକ ଗଣତନ୍ତ୍ର ଗ୍ରେଟ୍ ଡିପ୍ରେସନ (ବୈଶ୍ୱିକ ଆର୍ଥିକ ଅଧୋଗତି) ଭଳି ବିପର୍ଯ୍ୟୟରୁ ସୃଷ୍ଟି ହୋଇଥିଲା। ୨ ଦଶନ୍ଧି ପୂର୍ବରୁ ମୂଳ ମାର୍କ୍ସବାଦୀରୁ ବିଚ୍ଛିନ୍ନ ହୋଇଥିବା ୱାର୍କର୍ସ ପାର୍ଟି ବ୍ୟାପକ ଆର୍ଥିକ ସ୍ଥିରତା, ଅଧିକ ଚାକିରି ଏବଂ ବେତନ ବୃଦ୍ଧି ଉପରେ ପ୍ରଚାର କରିଥିଲା। ଏହି ପ୍ରତିଶ୍ରୁତିଗୁଡିକ ଦେବା ପରେ ଏହା ଦେଶର ମୁଖ୍ୟ ଶାସକ ଦଳ ପାଲଟିଗଲା।

୨୦୨୪ରେ ବିଟ୍ରେନ୍‌ର ଲେବର ପାର୍ଟି ଭଳି ନରୱେର ଲେବର ପାର୍ଟି ଏକ ଭଲ ବାଟ ପାଇଥିଲା। ୧୯୩୫ରେ କଠୋର ବାମପନ୍ଥୀ ଢାଞ୍ଚାରେ ଯାଇ ଏବଂ ଏହାର ମୋଟ ଆସନର ୨୦% ହରାଇବା ପରେ ଏହା କ୍ଷତି ପୂରଣ କରିବାକୁ ତୁରନ୍ତ ପଦକ୍ଷେପ ନେଇଥିଲା। ୧୯୩୫ରେ ବିଦ୍ୟାଳୟ ସଂସ୍କାର, କଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ଚାକିରି ଉପରେ ପ୍ରଚାରକରି ଲେବର ପାର୍ଟି କ୍ଷମତାକୁ ଆସିଲା। ଏହା ଦେଶର କମ୍ ଅର୍ଥନୈତିକ ବିକଶିତ ଅଞ୍ଚଳରେ ଶିକ୍ଷାର ଗୁଣବତ୍ତା ବଢ଼ାଇବା ସହ ବହୁ ଭୋଟରଙ୍କ ସ୍ଥାୟୀ ସମର୍ଥନ ହାସଲକଲା। ସେହିଦିନଠାରୁ ନରୱେରେ ସୋସିଆଲ ଡେମୋକ୍ରାସି ବା ସାମାଜିକ ଗଣତନ୍ତ୍ର ପ୍ରାଧାନ୍ୟ ବିସ୍ତାର କରିଆସୁଛି।

ଏକ ପାର୍ଟିର ପରିବର୍ତ୍ତନ କରିବା କଷ୍ଟକର। ଷ୍ଟାର୍ମର କିନ୍ତୁ କୋର୍ବିନ୍‌ଙ୍କୁ ଅଲଗା ରଖିବା ବିଷୟ ସ୍ପଷ୍ଟ କରିଛି ଯେ କୋର୍ବିନ୍‌ଙ୍କ ବାମପନ୍ଥୀ କଠୋରବାଦ ବ୍ରାଣ୍ଡ ଆଉ ଏଜେଣ୍ଡାରେ ରହିବ ନାହିଁ। ଷ୍ଟାର୍ମର ବହୁ ମାସ ଧରି ବାମପନ୍ଥୀ ସମାଲୋଚନାକୁ ସାମ୍ନା କରିଥିଲେ, କିନ୍ତୁ ଦୃଢ଼ ରହିଥିଲେ । ବର୍ତ୍ତମାନ ଆହୁରି ବଡ ପରୀକ୍ଷା ଆସିଛି। ବିଶେଷକରି ଅର୍ଥନୈତିକ ଅଭିବୃଦ୍ଧିର ପୁନରୁଦ୍ଧାର କରିପାରୁଛି କି ନାହିଁ ତାହା ଲେବର ପାର୍ଟି ଉପରେ ନିର୍ଭର କରିବ। କଞ୍ଜରଭେଟିଭ ଶାସନର ଗତ ୧୪ ବର୍ଷ ମଧ୍ୟରେ ବ୍ରିଟେନ୍‌ର ଆର୍ଥିକ ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ଥିଲା। ମୁଣ୍ଡ ପିଛା ଆୟର ଅଭିବୃଦ୍ଧି ମନ୍ଥର ହୋଇଯାଇଛି ଏବଂ ଦେଶର ନେତାମାନେ ଉତ୍ପାଦନ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏହା ସ୍ୱୀକାର କରିବାକୁ ହେବ ଯେ, ସରକାରୀ ଏବଂ ବେସରକାରୀ ନିବେଶରେ ଅଭାବ ବ୍ରିଟେନ୍‌ର ଉତ୍ପାଦନ ଏବଂ ରୋଜଗାର କ୍ଷେତ୍ରରେ ଶୋଚନୀୟ ପ୍ରଦର୍ଶନର କାରଣ ହୋଇଛି । ଲେବର ପାର୍ଟିର ଏକ ଶକ୍ତିଶାଳୀ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ଠିକ୍ ଧାରଣା ଅଛି। କିନ୍ତୁ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି ଏବଂ ପ୍ରଯୁକ୍ତିରେ ସରକାରୀ ପୁଞ୍ଜି ବିନିଯୋଗ କରିବାକୁ ଷ୍ଟାର୍ମର ପ୍ରତିଶ୍ରୁତି ଦେଇଥିବା ବେଳେ ସରକାରଙ୍କୁ ଟିକସ ସଂଗ୍ରହ ବୃଦ୍ଧି କରିବାକୁ ପଡ଼ିବ। ତେଣୁ ଷ୍ଟାର୍ମର ପ୍ରତିଶ୍ରୁତିରୁ ପଛକୁ ଫେରି କାର୍ଯ୍ୟରତ ଲୋକଙ୍କ ପାଇଁ ଟିକସ ବୃଦ୍ଧି ନ କରିବାକୁ ଅଲଗା ପ୍ରତିଶ୍ରୁତି ନେବା ଆବଶ୍ୟକ ମଣିପାରନ୍ତି। ଯଦି ଏହା ହୁଏ, ସେ ସୂଚାଇ ଦେବା ଉଚିତ ଯେ କୌଣସି ଉନ୍ନତ ଅର୍ଥ ବ୍ୟବସ୍ଥା ନୂତନତ୍ୱ ବିନା ସ୍ଥାୟୀ, ଗତିଶୀଳ ଅଭିବୃଦ୍ଧି ହାସଲ କରିପାରିବ ନାହିଁ । ଭିଏତ୍‌ନାମ ଏବଂ ଚାଇନା ଭଳି ଦେଶ ଉନ୍ନତ ଟେକ୍ନୋଲୋଜି ଏବଂ କମ୍ ମୂଲ୍ୟର ଶ୍ରମକୁ ଉପଯୋଗକରି ଲାଭ ପାଇବାରେ ସକ୍ଷମ ହୋଇଥିବାବେଳେ ଉଚ୍ଚ ଆୟକାରୀ ଅର୍ଥବ୍ୟବସ୍ଥାଗୁଡ଼ିକରେ ଏଭଳି ବିକଳ୍ପର ଅଭାବ ରହିଛି। ସେମାନଙ୍କୁ ନିଶ୍ଚିତ ଭାବରେ ନୂଆ ପନ୍ଥା ଆପଣାଇବାକୁ ପଡ଼ିବ ନଚେତ୍ ବିଶ୍ୱର ବୈଷୟିକ ସୀମା ପଛରେ ରହିଯିବେ। କୃତ୍ରିମ ବୁଦ୍ଧିମତ୍ତା ଉପରେ ପୂର୍ବ ସରକାରଙ୍କ ଗୁରୁତ୍ୱ ସତ୍ତ୍ୱେ ବ୍ରିଟେନ୍ ଟେକ୍ନୋଲୋଜି ଦୌଡ଼ରେ ପଛରେ ପଡିଛି ଏବଂ କୌଣସି ପରିମାଣର ସରକାରୀ ଗୁରୁତ୍ୱ ଚମତ୍କାର ଭାବରେ ଏହି ବିଷୟରେ ପରିବର୍ତ୍ତନ ଆଣିପାରିବ ନାହିଁ। ଏହା ପରିବର୍ତ୍ତେ ବ୍ରିଟେନ୍ ଏକ ସମନ୍ୱିତ ଦୀର୍ଘକାଳୀନ ରଣନୀତି ଆବଶ୍ୟକ କରେ ଯାହାକି ବ୍ୟାପକ ଉଦ୍ଭାବନ ଅର୍ଥ ବ୍ୟବସ୍ଥାରେ ଏକ ସ୍ଥାନ ପାଇପାରିବ। ସଫଳତା ନିର୍ଦ୍ଦିଷ୍ଟ କମ୍ପାନୀ କିମ୍ବା କ୍ଷେତ୍ରଗୁଡିକୁ ସମର୍ଥନ କରୁଥିବା ଏକ ପୁରାତନ ଶୈଳୀରେ ଶିଳ୍ପନୀତିଠାରୁ ଅଧିକ କିଛି ଆବଶ୍ୟକ ହେବ। ଗଣତନ୍ତ୍ରକୁ ଭଲ ଭାବେ କାର୍ଯ୍ୟ କରାଇବା ପାଇଁ ଲେବର ପାର୍ଟିର ଯୋଜନା ମଧ୍ୟରେ ଏକ ସମ୍ଭାବ୍ୟ ତ୍ରୁଟି ମଧ ଅଛି। ପ୍ରତିକ୍ରିୟାଶୀଳ ଗଣତାନ୍ତ୍ରିକ ଶାସନ ଅର୍ଥ ହେଉଛି ଯେ ସେଥିରେ କୌଣସି ପ୍ରମୁଖ ଜନସାଧାରଣଙ୍କ ଚିନ୍ତାଧାରାକୁ ଅଣଦେଖା କରାଯାଏ ନାହିଁ। ବ୍ରିଟିଶ ନିର୍ବାଚିତ ପ୍ରତିନିଧିମାନେ ପୁନର୍ବାର ସଙ୍କେତ ଦେଇଛନ୍ତି ଯେ ଏହା ପ୍ରବାସୀଙ୍କ ବିଷୟରେ ଅଧିକ ଚିନ୍ତିତ।

ଅନ୍ୟ ୟୁରୋପୀୟ ଦେଶ ପରି ବ୍ରିଟେନ୍ ଦକ୍ଷିଣପନ୍ଥୀ ମଧ ଅଧିକ ଦକ୍ଷିଣପନ୍ଥୀ ଆଡ଼କୁ ଢଳିବାରେ ବେଶି ଚାପର ସମ୍ମୁଖୀନ ହେବେ। ଏହାସହ ଲେବର ପାର୍ଟି ଏବଂ ଅନ୍ୟ ଉଦାରବାଦୀ ବାମପନ୍ଥୀ ରାଜନେତାମାନେ ଏହି ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ନିର୍ବାଚନ ପରେ ନିର୍ବାଚନ ଦର୍ଶାଏ ଯେ ଇମିଗ୍ରେସନ ଉପରେ ଜନସଂଖ୍ୟାର ମତକୁ ଅଣଦେଖା କରିବା ଏକ ସଫଳ ରଣନୀତି ନୁହେଁ। ସାମଗ୍ରିକ ଭାବେ ଇମିଗ୍ରେସନ ଉପରେ ଅଧିକ ସ୍ୱଚ୍ଛତା ଏବଂ ନିୟନ୍ତ୍ରଣର ପ୍ରତିଶ୍ରୁତି ଦେଉଥିବାବେଳେ ଶରଣାର୍ଥୀଙ୍କୁ ଅନୁମତି ଦେଇ ମାନବୀୟ ଉଦାହରଣ ସୃଷ୍ଟିକରିବା ଆବଶ୍ୟକ। ପ୍ରବାସୀ ନୀତିକୁ ମାର୍ଗଦର୍ଶନ କରିବା ପାଇଁ ଠିକ୍ ଯୋଗାଯୋଗ ରଣନୀତି ଏବଂ ଠିକ୍ ନୀତି ଖୋଜିବା ନୂତନ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ। ଷ୍ଟାର୍ମର ପୂର୍ବରୁ ମାନବ ଅଧିକାର ଆଇନଜୀବୀ ଭାବେ କାର୍ଯ୍ୟ କରିଥିବାରୁ ଅନ୍ୟମାନେ ବିଫଳ ହୋଇଥିବା ସ୍ଥାନରେ ସଫଳ ହେବା ସମ୍ଭାବନା ଅଧିକ।

**ଇନ୍‌ଷ୍ଟିଚ୍ୟୁଟ୍ ପ୍ରଫେସର**
**ଅଫ୍ ଇକୋନୋମିକ୍ସ, ଏମ୍‌ଆଇଟି**

# ଘନିଷ୍ଠତା ବେଶି, ତିକ୍ତତା କମ୍



ଲଳିତେନ୍ଦୁ ପଲାଉରୀ

୭୭ବର୍ଷରେ ପଦାର୍ପଣ କରିଛି ଭାରତ-ରୁଷ ବନ୍ଧୁତା। ଗତ ୧୦ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୧୭ଥର ସାକ୍ଷାତ ଆଲୋଚନା କରିଛନ୍ତି। କିନ୍ତୁ ଦୀର୍ଘ ୫ବର୍ଷର ବ୍ୟବଧାନ ପରେ ଉଭୟ ମସ୍କୋରେ ଏକାଠି ହୋଇଥିଲେ। ରୁଷ-ୟୁକ୍ରେନ ଯୁଦ୍ଧ, ମଧ୍ୟପ୍ରାଚ୍ୟରେ ଅସ୍ଥିରତା, ରୁଷକୁ ନାଟୋ ସଦସ୍ୟ ଦେଶଙ୍କ ବାସନ୍ଦ, ସୁପରପାୱାର ପାଇଁ ରେସ ଭିତରେ ଉଭୟ ଭାରତ-ରୁଷ ରାଷ୍ଟ୍ରନେତାଙ୍କ ସାକ୍ଷାତ ଆଲୋଚନା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ମସ୍କୋରେ ଭାରତ-ରୁଷ ୨୨ତମ ଦ୍ୱିପାକ୍ଷିକ ଶିଖର ବୈଠକରେ ଦୁଇ ନେତା ବର୍ତ୍ତମାନ ବିଶ୍ୱର ସ୍ଥିତି, ଅନେକ ଐତିହାସିକ ରାଜିନାମା, ସହଯୋଗ ଓ ସହଭାଗିତା ନେଇ ଆଲୋଚନା କରିଛନ୍ତି। ଦୁଇଦେଶ ମଧ୍ୟରେ ତିକ୍ତତା କମ୍ ବରଂ ବିଶ୍ୱାସ ଅଧିକ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ରୁଷଠାରୁ ୪୫.୪ଲକ୍ଷ କୋଟିର ଅଶୋଧିତ ତୈଳ ଆମଦାନୀ କରିଛି। ଉଭୟ ଦେଶ ମଧ୍ୟରେ ୫୪ଲକ୍ଷ କୋଟିର ବ୍ୟବସାୟ ହୋଇଛି। ଭାରତକୁ ରୁଷ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ଦେବାକୁ ୨୦୧୯ରେ ରାଜିନାମା କରିଥିବା ବେଳେ ତୁରନ୍ତ ସମସ୍ତ ଏୟାରଡିଫେନ୍ସ ସିଷ୍ଟମ ଭାରତକୁ ଯୋଗାଇ ଦେବାକୁ ପୁଟିନଙ୍କୁ ମୋଦି କହିଛନ୍ତି। ନିକଟରେ ଭାରତ ଇରାନର ଚାବାହାର ବନ୍ଦରକୁ ଲିଜ ସୂତ୍ରରେ ନେଇଥିବା ବେଳେ ରୁଷ-ଭାରତ ମଧ୍ୟରେ ନୂଆ ବାଣିଜ୍ୟ ରୁଟ୍ ସମ୍ପର୍କରେ ମଧ ଆଲୋଚନା ହୋଇଛି। ଉଭୟ ଦେଶ ନର୍ଥ-ସାଉଥ୍ ଟ୍ରାନ୍ସପୋର୍ଟ କରିଡରକୁ ଗୁରୁତ୍ୱ ଦେଇଛନ୍ତି। ରୁଷର ପର୍ଯ୍ୟଟନ ଶିଳ୍ପର ବିକାଶରେ ପ୍ରବାସୀ ଭାରତୀୟଙ୍କ ସହଭାଗିତା ମଧ ଆଲୋଚନାରେ ସ୍ଥାନ ପାଇଛି।

ଭାରତ-ରୁଷ ସମ୍ପର୍କ କେବେ ବି ଭଙ୍ଗା ପଡିନି। ଏହା ଚିର ସବୁଜ ହୋଇଛି। ମୋଦିଙ୍କୁ ରୁଷର ସର୍ବୋଚ୍ଚ ବେସାମରିକ ସମ୍ମାନ ଅର୍ଡର ଅଫ ସେଣ୍ଟ ଆଣ୍ଡ୍ର୍ୟୁ ଦି ଆପୋଷ୍ଟଲ ସମ୍ମାନରେ ସମ୍ମାନିତ କରିଛନ୍ତି ପୁଟିନ। ଏହା ଉଭୟ ରାଷ୍ଟ୍ରର ଦୀର୍ଘଦିନର ବନ୍ଧୁତାର ପରିଚୟ ବୋଲି ପୁଟିନ କହିଥିଲେ। ତେବେ ରୁଷ ବନ୍ଧୁରାଷ୍ଟ୍ର ହେଲେ ମଧ ରୁଷ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ପୁଟିନଙ୍କ ଆଭିମୁଖ୍ୟ ଯଥାର୍ଥ ନୁହେଁ ବୋଲି ମୋଦି ତାଙ୍କୁ ଆକଟ କରିଛନ୍ତି। ଯୁଦ୍ଧ ସର୍ବଦା ଶାନ୍ତିର ପରିପନ୍ଥୀ। କୌଣସି ବି ଯୁଦ୍ଧ ବିଶ୍ୱରେ ଶାନ୍ତି ନୁହେଁ ବରଂ ବିଶ୍ୱକୁ ଅଧିକ ସଙ୍କଟ ଓ ଅସ୍ଥିରତାକୁ ଠେଲି ଦେଇଥାଏ। ଆଲୋଚନା ମାଧ୍ୟମରେ କୌଣସି ବିବାଦର ସମାଧାନର ସୂତ୍ର ବାହାରି ପାରିବ। ୟୁକ୍ରେନ ସଙ୍କଟର ସମାଧାନ ପାଇଁ ମୋଦି ଦେଇଥିବା ପ୍ରସ୍ତାବକୁ ପୁଟିନ ଗ୍ରହଣ କରିଛନ୍ତି। ଉଭୟ ନେତା ଆତଙ୍କବାଦର ଘୋର ନିନ୍ଦା କରିଛନ୍ତି। ଭାରତ ଦୀର୍ଘ ୪୦ରୁ ୫୦ ବର୍ଷ ଧରି ଆତଙ୍କବାଦର ସାମ୍ନା କରିଆସୁଛି। ତେଣୁ ଆତଙ୍କବାଦୀକୁ ପ୍ରୋତ୍ସାହନ ଦେଉଥିବା ଦେଶ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ ନେଇ ଉଭୟ ଦେଶ ମିଳିତ ଘୋଷଣା କରିଛନ୍ତି। ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରଠାରୁ ପ୍ରଥମ ଥର ପାଇଁ ରୁଷ ଗସ୍ତରେ ଯାଇଥିଲେ ପିଏମ୍ ମୋଦି। ପୂର୍ବରୁ ୨୦୧୯ରେ ରୁଷ ଗସ୍ତ କରିଥିଲେ ପିଏମ୍ ମୋଦି। ଶେଷ ଥର ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ସମରକନ୍ଦ ଏସ୍‌ସିଓ ଶିଖର ବୈଠକ ଅବସରରେ ଭେଟିଥିଲେ ମୋଦି।

ସେପଟେ ମୋଦି-ପୁଟିନଙ୍କ ସାକ୍ଷାତ୍କାର ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ଖପ୍ପା ହୋଇଛନ୍ତି। ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଦେଶର ନେତା ନରେନ୍ଦ୍ର ମୋଦି ଦୁନିଆର ସବୁଠାରୁ ବଡ଼ ଅପରାଧୀଙ୍କୁ ଆଲିଙ୍ଗନ କରିବା ନୈରାଶ୍ୟଜନକ ବୋଲି ଜେଲେନସ୍କି ତାଙ୍କ ଟୁଇଟ୍ ଆକାଉଣ୍ଟରେ ଉଲ୍ଲେଖ କରିଥିଲେ। ଭାରତ ରୁଷ ଶିଖର ବୈଠକ ବେଳେ ଆମେରିକାରେ ଅନୁଷ୍ଠିତ ହୋଇଯାଇଛି ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ବୈଠକ। ଏଥିରେ ରୁଷ ଉପରେ ଅଧିକରୁ ଅଧିକ କଟକଣା ଓ ୟୁକ୍ରେନକୁ ଅସ୍ତ୍ରସସ୍ତ୍ର ଯୋଗାଣ ନେଇ ନାଟୋ ଦେଶ ଆଲୋଚନା କରିଛନ୍ତି। ତେବେ ଭାରତ-ରୁଷ ଦ୍ୱିପାକ୍ଷିକ ସମ୍ପର୍କ ଓ ଆଲୋଚନା ଦୁଇଦେଶର ପ୍ରସଙ୍ଗ ବୋଲି ପୂର୍ବରୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରି ସାରିଛି। ଶେଷରେ ଏତିକି କୁହାଯାଇ ପାରେ ଭାରତର କୂଟନୈତିକ ଆଭିମୁଖ୍ୟ ସବୁବେଳେ ବନ୍ଧୁରାଷ୍ଟ୍ରଙ୍କ ପ୍ରତି ବିଶ୍ୱାସ ଅତୁଟ ରହିଥିବା ବେଳେ ଆମେରିକା ସହଯୋଗୀ ନାଟୋ ଦେଶଙ୍କ ସହ ମଧ ଭାରତ ତା'ର ସମ୍ପର୍କ ସୁଦୃଢ଼ ରଖିଛି।

**ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ**
**ମୋ:୯୭୭୮୬୯୭୦୩୬**

## ଏଇ ଭାରତରେ

ତାମିଲନାଡୁର ୮୪ ବର୍ଷୀୟା ଧନମ ପାତି ଏବକାର ମହଙ୍ଗା ଯୁଗରେ ୨ ଟଙ୍କାରେ ଇଡ୍‌ଲି ବିକୁଛନ୍ତି ଓ ଲୋକଙ୍କୁ ପେଟପୂରା ଖାଇବାକୁ ଦେଉଛନ୍ତି। ଧନମଙ୍କ ଘର ତାମିଲନାଡୁର ପୁଡୁକୋଟ୍ଟୋଇରେ। ତାଙ୍କ ଦୋକାନରେ ଚେୟାର କିମ୍ବା ଟେବୁଲ ନାହିଁ। କିନ୍ତୁ ଇଡ୍‌ଲି, ସମ୍ବର, ଚଟ୍‌ନିଭରା ପ୍ଲେଟ୍ ପାଇଁ ସବୁବେଳେ ସେଠାରେ ଗ୍ରାହକଙ୍କ ଭିଡ ଜମୁଛି। ଧନମ କହନ୍ତି, ଲୋକେ ପେଟଭରି ଖାଇଲେ ତାହା ତାଙ୍କୁ ଆନନ୍ଦ ଦେଇଥାଏ। ତାଙ୍କୁ ଏଭଳି ସେବା ସମ୍ପର୍କରେ ଯିଏ ପଚାରନ୍ତି ସେ କହନ୍ତି, ଏ ପୃଥିବୀକୁ କିଛି ଦିନ ଲାଗି ଆମେ ଆସିଛୁ, ଟଙ୍କା ପଛରେ କାହିଁକି ଗୋଡାଇବା ? ଅନ୍ୟକୁ ଭଲ ପାଇବା ହେଉଛି ସବୁଠୁ ବଡ଼ କଥା ଓ ତାହା ହିଁ ଜୀବନକୁ ଆଗକୁ ବଢାଏ। ଏତିକି କହି ପୁଣି ଧନମ ପୁଣି ତାଙ୍କ କାମରେ ଲାଗିପଡ଼ନ୍ତି। ଧନମ ୧୯୬୦ରେ ବିବାହ କରିବା ପରେ ତାଙ୍କ ସ୍ୱାମୀଙ୍କ ସହ ପୁଡୁକୋଟ୍ଟୋଇକୁ ଆସିଥିଲେ। ସେଠାରେ ତାଙ୍କ ସ୍ୱାମୀ ଜଳଖିଆ ଦୋକାନ ଖୋଲିଥିଲେ । ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇ ମୃତ୍ୟୁ ଘଟିଲା ପରେ ୧୯୮୦ରେ ପରିବାର ଚଳାଇବା ଲାଗି ଧନମ ଏହି କାର୍ଯ୍ୟରେ ଲାଗିଯାଇଥିଲେ। ସେବେଠାରୁ ସେ ଏହି ଦୋକାନ ଚଳାଇଆସୁଛନ୍ତି। ପ୍ରଥମେ ୩ ପଇସାରେ ଗୋଟିଏ ଇଡ୍‌ଲି ବିକୁଥିଲେ ଓ ଏବେ ତାହା ୨ ଟଙ୍କା ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୧୨ ଜୁଲାଇ ୧୯୭୫**

- ଛାମ୍ବ ଅଞ୍ଚଳରୁ ଅପସାରିତ ପ୍ରାୟ ୬,୫୦୦ ଲୋକ ନୂତନ ଆବାଦୀ ଅଞ୍ଚଳରେ ଚୂଡ଼ାନ୍ତ ଭାବରେ ଥଇଥାନ ହେବା ପାଇଁ ରାଜି ହୋଇଛନ୍ତି।
- ହଇଜା ରୋଗର ନିରାକରଣ ପାଇଁ କଲିକତା ହଇଜା ଗବେଷଣା କେନ୍ଦ୍ର ଏକ ନୂଆ ଇଞ୍ଜେକସନ ବାହାର କରିଛନ୍ତି।
- ସୋସାଲିଷ୍ଟ ପାର୍ଟି ମିଳିତ ମନ୍ତ୍ରିମଣ୍ଡଳରୁ ପର୍ତ୍ତୁଗାଲ ସମର୍ଥନ ପ୍ରତ୍ୟାହାର କରିଥିବା ନେଇ ଘୋଷଣା କରିଛନ୍ତି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 4 | 9 | 5 | |
| 1 | | 5 | | | 2 | | 6 | |
| 2 | 8 | | | | | | | |
| | | | | 7 | | | | 6 |
| | | 6 | | | | 8 | | |
| 9 | | | | | 1 | | 4 | |
| | | | 5 | | 7 | | | 3 |
| | | 8 | | 4 | | | | |
| | | | 3 | 6 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 8 | 1 | 3 | 2 | 7 | 5 | 6 |
| 3 | 7 | 1 | 6 | 5 | 4 | 2 | 8 | 9 |
| 5 | 2 | 6 | 9 | 8 | 7 | 4 | 1 | 3 |
| 2 | 6 | 9 | 7 | 4 | 8 | 1 | 3 | 5 |
| 4 | 1 | 7 | 3 | 9 | 5 | 6 | 2 | 8 |
| 8 | 5 | 3 | 2 | 1 | 6 | 9 | 7 | 4 |
| 6 | 3 | 4 | 8 | 7 | 1 | 5 | 9 | 2 |
| 7 | 9 | 2 | 5 | 6 | 3 | 8 | 4 | 1 |
| 1 | 8 | 5 | 4 | 2 | 9 | 3 | 6 | 7 |

ଗତକାଲିର ଉତ୍ତର

# ଗଣତନ୍ତ୍ର ଓ ଏକ କଥିତ କାହାଣୀ



ହରେକୃଷ୍ଣ ପଣ୍ଡା

ସବୁ କ୍ଷେତ୍ରରେ ପରିଚାଳକଙ୍କର ଏକ ଦୃଷ୍ଟିଭଙ୍ଗୀ ଥାଏ। ସେହି ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଥାଏ ଅପାର ଆନନ୍ଦ ବା ନିରାନନ୍ଦ, ସ୍ୱଚ୍ଛତା ବା ଭ୍ରଷ୍ଟାଚାରିତା। ଗଣତାନ୍ତ୍ରିକ ରାଷ୍ଟ୍ରରେ ମଧ୍ୟ ସେହିଭଳି ଏକ ସ୍ୱଚ୍ଛ ଦୃଷ୍ଟିଭଙ୍ଗୀ ଓ ଦୂରଦୃଷ୍ଟିର ଆବଶ୍ୟକତା ରହିଛି ଆଜିର ନେତୃବର୍ଗଙ୍କର। ଏ ସମ୍ପର୍କରେ ଗୋଟିଏ କଥିତ କାହାଣୀର ପର୍ଯ୍ୟାଲୋଚନା କରାଯାଇପାରେ। ଏକଦା ଭାରତରେ କୌଣସି ଏକ ସ୍ଥାନରେ ଜଣେ ସର୍କସପ୍ରେମୀ ବ୍ୟକ୍ତି ଥିଲେ। ସେ ସର୍ବଦା ସ୍ୱପ୍ନ ଦେଖୁଥିଲେ ଗୋଟିଏ ସର୍କସ ଦଳ ଗଢ଼ିବା ପାଇଁ। ପୁଣି ସେହି ସର୍କସ ଦଳଟି ସାରା ପୃଥିବୀ ମଧ୍ୟରେ ଶ୍ରେଷ୍ଠ ଦଳ ହୁଅନ୍ତା, ତାଙ୍କର ଇଚ୍ଛା ଥିଲା। ସମୟ ଉପନୀତ ହେଲା, ସର୍କସ ଦଳ ଗଢ଼ିବା ପାଇଁ ସୁଯୋଗ ଆସିଲା। ବିଭିନ୍ନ ଚମତ୍କାର କଳା, କୌଶଳ ପ୍ରଦର୍ଶନ କରିପାରିବା ଭଳି ଖେଳାଳି ମିଳିଗଲେ। ବାଘ, ସିଂହ ଆଦି ହିଂସ୍ର ପ୍ରାଣୀମାନଙ୍କୁ ଖେଳକୁଦ ବ୍ୟାୟାମ ଶିଖାଇ ପାରିବା ଭଳି ଓସ୍ତାଦ ଶିକ୍ଷାବିତ ମଧ୍ୟ କିଛିଦିନ ଖୋଜିବା ପରେ ମିଳିଯାଇଥିଲେ। ପୃଥିବୀର ବିଭିନ୍ନ ସ୍ଥାନରୁ ବାଛି ବାଛି ସେହି ମାଲିକ ଆଣିଲେ ବିରାଟ ଏକ ସିଂହ, ଦୁଇଟି ସିନ୍ଧୁ ଘୋଟକ, ଗୋଟିଏ ଧଳା ଭାଲୁ, ପ୍ରକାଣ୍ଡ ଚେହେରା ଥିବା ଐରାବତ। ସେମାନଙ୍କୁ ଓସ୍ତାଦ ବିଭିନ୍ନ ପ୍ରକାର ଖେଳ ତାଙ୍କ ସ୍ୱଭାବ ଅନୁଯାୟୀ ଶିଖାଇଲେ। ସେମାନଙ୍କ ଖେଳ ଦେଖି ସମସ୍ତେ ଚମତ୍କୃତ ହେଲେ। କିଛି ନର୍ତ୍ତକ ନର୍ତ୍ତକୀ ମଧ୍ୟ ମନୋମୁଗ୍ଧକର ନୃତ୍ୟ ପରିବେଷଣ କଲେ। ଏହାପରେ ମାଲିକଙ୍କୁ ମିଳିଗଲା ଗୋଟିଏ ଜିରାଫ। ତା'ର ବିରାଟ ଲମ୍ବା ବେକ, ଏହାକୁ ଦେଖି ସମସ୍ତେ କହିଲେ, ବେଶ୍ ଜମିବ ଏହି ସର୍କସ। ଏହାପରେ ଆବଶ୍ୟକ ପଡ଼ିଲା ଜୋକର ବା କ୍ଲାଉନ। ଯିଏ ନାନା ବିଚିତ୍ର ସାଜସଜ୍ଜାରେ ସଜ୍ଜିତ ହୋଇ ନାନା ପ୍ରକାର ବେଶଭୂଷାରେ ରଙ୍ଗ ବେରଙ୍ଗ ପୋଷାକରେ ହାସ୍ୟକର ଭାବ ଭଙ୍ଗୀରେ ଲୋକଙ୍କର ମନୋରଞ୍ଜନ କରାଇଥାଆନ୍ତି। ଶେଷ ଯାଏ ଦଳରେ ଅଶ୍ୱ ଆସି ନ ଥାଆନ୍ତି। ଶେଷରେ ଏକାଭଳିଆ ତିନିଗୋଟି ଅଶ୍ୱ ମିଳିଲେ, ଯାହାକୁ କହିହେବ ପକ୍ଷୀରାଜ। ତିନୋଟି ଯିଅ ଛୁଟନ୍ତା ଘୋଡ଼ା ଉପରକୁ ଡେଇଁ, ନାଚି କୁଦି ନାନା ରଙ୍ଗର କସରତ ଦେଖାଇ ଦର୍ଶକମାନଙ୍କୁ ଚକିତ କରିଦେଲେ। ବାସ୍ ଏବେ ସର୍କସ ଦଳ ଖେଳ ପ୍ରଦର୍ଶନ କରିବାକୁ ସମର୍ଥ ଅବସ୍ଥାକୁ ଆସିଗଲା। ସବୁ ଠିକ୍‌ଠାକ୍ ହୋଇଗଲା। ଏଥର ଆରମ୍ଭରୁ ଶେଷ ଯାଏ ରିହର୍ସଲ ଚାଲିବ। କିନ୍ତୁ ଦେଖାଗଲା କେଉଁଠି ଯେପରି କିଛି କାଣ୍ଡ ଘଟି ଯାଇଛି; ଯାହା ପାଇଁ ସବୁ ଖେଳାଳିଙ୍କ ମୁହଁରେ ବିଷାଦ, ଉତ୍ସାହହୀନତା ଦେଖାଦେଇଛି। ତାହା ସ୍ପଷ୍ଟ ବାରି ହୋଇପଡୁଛି। ସର୍କସର ମାଲିକ ଦେଖିଲେ ଅଂଶୀଦାରଙ୍କ ମୁହଁରେ ନିରାଶା, ହତାଶା ଓ କାନ୍ଦ କାନ୍ଦ ଭଳି ଅବସ୍ଥା। ଏହିଭଳି ଅବସ୍ଥାରେ ସର୍କସ ମାଲିକ ସମସ୍ତଙ୍କୁ ଗୋଟି ଗୋଟି କରି ପଚାରିଲେ କ'ଣ ପାଇଁ ତୁମେ ସବୁ ଏପରି ବିଷଣ୍ଣ ହୋଇପଡ଼ିଛ ? ମାତ୍ର କେଉଁଠି ଯେ ଅଭାବ, ତାହା ସେମାନଙ୍କୁ ସିନା ଜଣା ଥିଲେ। ହଠାତ୍ ଗୋଟିଏ ହାତୀଠାରୁ ହିଁ ସେ ଇଙ୍ଗିତ ମିଳିଲା। ହାତୀଟି ମାଲିକ ପାଖକୁ ଯାଇ ଆପଣାଲୋକ ପରି ସଂଗୋପନରେ କହିଲା ଟିକିଏ ସଙ୍କୁଚିତ ହୋଇ, ଆପଣ ସେଇ ଅମୁକ ଜିନିଷଟିର କିଛି ବ୍ୟବସ୍ଥା କରି ନାହାନ୍ତି, ସେଥିପାଇଁ



ସମସ୍ତଙ୍କର ମନ ଊଣା। ସେ ଜିନିଷଟିର ଯୋଗାଡ଼ କରନ୍ତୁ ଆଗେ, ନ ହେଲେ ଆପଣଙ୍କର ଏତେ ପରିଶ୍ରମ ସବୁ ପଣ୍ଡ ହୋଇଯିବ। ମାଲିକ ବହୁତ ଖୁସି ହୋଇ ହାତୀଟିର ପିଠିରେ ହାତ ବୁଲାଇଦେଲେ। ସେ ଜିନିଷଟି ହେଉଛି 'ବ୍ୟାଣ୍ଡ ପାର୍ଟି'। ଏକଥା ଶୁଣି ସମସ୍ତେ ଉତ୍ଫୁଲ୍ଲିତ ହୋଇଗଲେ। ଖେଳାଳିମାନେ ମଧ୍ୟ ଆନନ୍ଦରେ ନାଚି ଉଠିଲେ।

ଏହା ବର୍ଣ୍ଣନା କରିବାର ତାତ୍ପର୍ଯ୍ୟ ହେଉଛି, ଆମ ଦେଶରେ ଯେଉଁ ଗଣତନ୍ତ୍ର ଶାସନ ଚାଲିଛି, ସେଥିରେ ଉତ୍ସାହ ଓ ଉଦ୍ଦିପନା ନ ଥିବା ଭଳି ମନେହୁଏ। କୁହାଯାଏ ଯେ, ଗଣତନ୍ତ୍ର ହେଉଛି ଏକ ନିରନ୍ତର ପ୍ରକ୍ରିୟା। ଯେଉଁମାନେ ପ୍ରତିନିଧିତ୍ୱ କରୁଛନ୍ତି ରାଜ୍ୟରେ ହେଉ ବା କେନ୍ଦ୍ରରେ ହେଉ ସେମାନଙ୍କ ମଧ୍ୟରେ ନୂତନ ଉଦ୍ଦିପନା ଦେଖାଯାଏ ନାହିଁ। ସଂସଦରେ ହେଉ ବା ବିଧାନସଭାରେ ହେଉ ବିଭିନ୍ନ ମୂଲ୍ୟବୋଧର ବ୍ୟକ୍ତି ପ୍ରତିନିଧିତ୍ୱ କରନ୍ତି। ଏକାଦିକ୍ରମେ ଜଣେ ଜଣେ ୫ ରୁ ୬ ଥର ନିର୍ବାଚିତ ହୋଇ ସଂସଦକୁ ବା ବିଧାନସଭାକୁ ଆସୁଛନ୍ତି। ସେମାନଙ୍କଠାରୁ ଜନସାଧାରଣ ଯେଉଁ ପ୍ରକାର ସ୍ୱଚ୍ଛତା, ସାର୍ବଜନୀନତା,ସାମାଜିକ ନ୍ୟାୟ ଆଶା କରୁଛନ୍ତି ତାହା ପାଇପାରନ୍ତି ନାହିଁ। କାରଣ ପ୍ରତିନିଧିମାନଙ୍କ ନିଷ୍କ୍ରିୟତାର ସୁଯୋଗ ନେଇ ଅମଲାତନ୍ତ୍ର ଶାସନକୁ ନିୟନ୍ତ୍ରଣ କରି ଆସୁଛନ୍ତି। ପ୍ରତି ନିର୍ବାଚନରେ ବିଜୟ ହାସଲ କରୁଥିବା ଦେଶ ବା ରାଜ୍ୟରେ ନେତୃବର୍ଗ ଯେଉଁ ନୂତନ ଉଦ୍ଦିପନା ନେଇ ଦେଶ ପାଇଁ ଲୋକଙ୍କ ଲାଗି ସେବକ ଭାବେ ନିଜକୁ ଉତ୍ସର୍ଗ କରିବା କଥା ତାହା ଉପଲବ୍ଧ ହୋଇପାରୁ ନ ଥିବା ଦେଖାଯାଏ। ଗଣତାନ୍ତ୍ରିକ ଶାସନ ଏକ ନିରନ୍ତର ପ୍ରକ୍ରିୟା ବୋଲି ଭାବିବା ଉଚିତ ନୁହେଁ। କାରଣ ସମଗ୍ର ପୃଥିବୀଟା ବିବର୍ତ୍ତନ ଧାରା ମଧ୍ୟରେ ଗତି କରୁଛି। ସେଥିପାଇଁ ସବୁବେଳେ ନୂତନତ୍ୱର ଆବଶ୍ୟକତା ରହିଛି। ଦେଶବାସୀଙ୍କ ଆଶା ଆକାଂକ୍ଷା ଅନୁରୂପ ଭାବେ ବଦଳି ଚାଲିଛି। ପ୍ରତି ମୁହୂର୍ତ୍ତରେ ନୂତନ ସମସ୍ୟାମାନ ମୁଣ୍ଡ ଟେକି ଉଠୁଛି। ତେଣୁ ପ୍ରତିନିଧିମାନଙ୍କ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ମଧ୍ୟ ଆବଶ୍ୟକ କରୁଛି। କେବଳ ସେତିକି ନୁହେଁ, ସୁଶାସନ, ସ୍ୱଚ୍ଛ ଶାସନ ପାଇଁ ଯେଉଁ ଉଦ୍ଦିପନା ଆବଶ୍ୟକ ତାହା ଉଚ୍ଚ ନେତୃବର୍ଗଙ୍କଠାରୁ ଆସିଥାଏ। ସର୍କସରେ ବ୍ୟାଣ୍ଡପାର୍ଟିର ଆବଶ୍ୟକତା ଯେମିତି ନିହାତି ଆବଶ୍ୟକ, ଠିକ୍ ସେପରି ଦେଶର ପ୍ରତିନିଧିଙ୍କ ପାଇଁ ସମତାଳରେ ଗତି କରିବା ଲାଗି ନେତୃତ୍ୱର ସ୍ୱର ବା ସ୍ଲୋଗାନର ଆବଶ୍ୟକତା ରହିଛି। ରାଜ୍ୟ ବା ଦେଶର ମୁଖ୍ୟମାନଙ୍କ ବାଦ୍ୟ ସ୍ୱର ଏମିତି ହେବା ଉଚିତ ଯେ, ଜାତୀୟ ସଂହତି, ବିବିଧତା ମଧ୍ୟରେ ଏକତା, ଜାତୀୟ ପ୍ରେମ, ସମ୍ବିଧାନ ପ୍ରତି ଆନୁଗତ୍ୟ। ଏଥିପ୍ରତି ଶାସକ ହୁଅନ୍ତୁ ବା ବିରୋଧୀ ହୁଅନ୍ତୁ ସମସ୍ତେ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ। ।

ଗଣତାନ୍ତ୍ରିକ ଦେଶରେ ସୁଶାସନ ପାଇଁ ବ୍ୟାଣ୍ଡ ପାର୍ଟି ବା ମଧୁର ବାଦ୍ୟଯନ୍ତ୍ରର ଆବଶ୍ୟକତା ପରିଲକ୍ଷିତ ହୁଏ। ଏଠାରେ ବାଦ୍ୟଯନ୍ତ୍ର କହିଲେ ନେତୃତ୍ୱର ପରାକାଷ୍ଠା ବା ଶାସକ ବର୍ଗଙ୍କ ସମର୍ପିତ ମନୋଭାବ। ଏଭଳି ଏକ ଆଶା ଆକାଂକ୍ଷା ଦେଶବାସୀଙ୍କ ମଧ୍ୟରେ ବହୁ ଦିନରୁ ତାଙ୍କ ଅନ୍ତଃ ପ୍ରଦେଶରେ ରହି ଆସିଛି। ତାହା ହୁଏତ ପୂରଣ ହୋଇପାରେ। ଏବେ ଭାରତୀୟ ଗଣତନ୍ତ୍ରରେ ଯେପରି ନୂତନ ସମୀକରଣ ଘଟି ଚାଲିଛି, ତାହା ହୁଏତ ନୂତନ ସୂର୍ଯ୍ୟୋଦୟ ଆସିବାର ଆଶା କରାଯାଇପାରେ। ଆଜି ପର୍ଯ୍ୟନ୍ତ ଭାରତୀୟ ଗଣତନ୍ତ୍ରରେ ବିଷମ ସ୍ଥିତି ଉପୁଜି ଆସିଛି। ଜନସାଧାରଣଙ୍କ ଆଶା ଆକାଂକ୍ଷା ଏକପ୍ରକାର ହୋଇଥିବା ବେଳେ ଶାସକମାନଙ୍କ ଇଚ୍ଛାଶକ୍ତି ଅନ୍ୟପ୍ରକାର, ବିରୋଧୀଙ୍କ କାର୍ଯ୍ୟଧାରା ସମ୍ପୂର୍ଣ୍ଣ ଭିନ୍ନ ଧରଣର। ସର୍କସରେ ଯେମିତି ମାଲିକ ଦର୍ଶକମାନଙ୍କ ମନକୁ ନେଇ ନିଜର ସଂଗଠନକୁ ପ୍ରସ୍ତୁତ ଓ ମଜଭୁତ କରିଥାଏ, ସେହିପରି ଜନତାଙ୍କ ଆକାଂକ୍ଷାକୁ ବିଚାର କରି ଜନ ପ୍ରତିନିଧିମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ।

**ସୟଦପୁର, ଯାଜପୁର**
**ମୋ:୯୪୩୭୩୧୫୬୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ପହଣ୍ଡି ବିଜେରେ ଅଘଟଣ

ମହାଶୟ,

ବିଶେଷତଃ ରଥର ଚାରମାଳ ଉପରେ ଠାକୁରଙ୍କ ପହଣ୍ଡି ବିଜେ କରିବା ସମୟରେ ବହୁ ସତର୍କତା ଅବଲମ୍ବନ ଜରୁରୀ। ପୁରୀ ଶ୍ରୀମନ୍ଦିରର ତିନିଠାକୁରଙ୍କ ବିଭିନ୍ନ ପୂଜା ନୀତି ପରମ୍ପରାର ସେବାପ୍ରଦାନରେ ଉଭୟ ସେବକ ପୂଜକ ଓ ପ୍ରଭୁଙ୍କ ମଧରେ ନିବିଡ଼ ସମ୍ପର୍କ ରହିଛି। ଗୁଣ୍ଡିଚାଘରେ ତାଳଧ୍ୱଜ ରଥର ଚାରମାଳ ଉପରେ ବଡ଼ ଠାକୁର ବଳଭଦ୍ରଙ୍କ ଦାରୁବିଗ୍ରହ ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେବେଳେ ମୁହଁମାଡ଼ି ପଡ଼ିବା ଅସାବଧାନତା ମୁଖ୍ୟକାରଣ। ରଥ ଉପରେ ଠାକୁରମାନଙ୍କୁ ପହଣ୍ଡିବିଜେ ବେଳେ ଆବଶ୍ୟକଠାରୁ ଅଧିକ ସେବାୟତ ନିୟୋଜିତ ହେବା ଦ୍ୱାରା ସମନ୍ୱୟ ଅଭାବ ଏବଂ ସେମାନଙ୍କ ଗହଳି ଚହଳିଜନିତ ଠେଲାପେଲା ଯୋଗୁ ଏପରି ଅଘଟଣ ଘଟିଛି ବୋଲି ମୋର ବ୍ୟକ୍ତିଗତ ମତ। ଆଧାତ୍ମିକ ଭକ୍ତିଭାବାବେଗ ଓ ବିଶ୍ୱାସକୁ ଆଞ୍ଚ ଆଣିବା ପରି ଏ ପ୍ରକାର ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ ଘଟଣାର ଯେପରି ଭବିଷ୍ୟତରେ ପୁନରାବୃତ୍ତି ନ ହେବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଅନୁରୋଧ ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଇ ମିଶି ଏକ ହେବା ପାଇଁ,
ଯୁଗ ଯୁଗାନ୍ତରେ ଏହି ପ୍ରେମର ସାଧନା ସେ ଗୋ
ଯାଆନ୍ତି ଜଗାଇ,
ବିରହର ବିଳାପେ ମୁଖର
ଭୁବନ ଗଗନ ସେ ଯେ କରିଯାନ୍ତି
ଅବଶ କାତର !

-(ଯୁଗଳ ପ୍ରୟାଣେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ


ଉପରାଷ୍ଟ୍ରପତି ଜଗଦୀପ ଧନକର ଗୁରୁବାର ମହାରାଷ୍ଟ୍ର ବିଧାନସଭାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍।

# ପାର୍ଲାମେଣ୍ଟରେ ମଣିପୁର ପ୍ରସଙ୍ଗ ଉଠାଇବ ଇଣ୍ଡିଆ ବ୍ଲକ୍: ରାହୁଲ

ନୂଆଦିଲ୍ଲୀ,୧୧ା୭(ପି.ଟି.)

କଂଗ୍ରେସ ଏବଂ ଇଣ୍ଡିଆ ବ୍ଲକ୍ ମଣିପୁର ହିଂସା ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଜୋର୍‌ଦାର ଉଠାଇବ। ସେଠାରେ ଶାନ୍ତି ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯିବ ବୋଲି ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର କହିଛନ୍ତି। ହିଂସା କ୍ଷତିଗ୍ରସ୍ତ ମଣିପୁର ଗସ୍ତ ବେଳେ ରାହୁଲ ସ୍ଥାନୀୟ ଲୋକ ଏବଂ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକମାନଙ୍କ ସହ କଥା ହୋଇଥିଲେ। ଏହାର ଏକ ଭିଡିଓ ସେ ସୋସିଆଲ ମିଡିଆ ଏକ୍ସ'ରେ ଶେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟକ୍ତିଗତ ଭାବେ ମଣିପୁର ଗସ୍ତ କରି ଲୋକମାନଙ୍କ ସମସ୍ୟା ଶୁଣିବା ସହ ଶାନ୍ତି ଫେରାଇ ଆଣିବାକୁ ଅପିଲ କରନ୍ତୁ ବୋଲି ରାହୁଲ କହିଛନ୍ତି। ହିଂସା ଆରମ୍ଭ ହେବାଠାରୁ ରାହୁଲ ମଣିପୁରକୁ ୩ ଥର ଗସ୍ତ କଲେଣି। କିନ୍ତୁ ଦୁର୍ଭାଗ୍ୟର କଥା ସେଠାର ସ୍ଥିତିରେ କୌଣସି ଉନ୍ନତି ଆସିନାହିଁ। ଏବେ ବି ମଣିପୁର ଜାତିଆଣ ଭେଦଭାବକୁ ନେଇ


ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ

ଦୁଇଭାଗ ହୋଇରହିଛି। ଘରଦ୍ୱାର ପୋଡ଼ିଦିଆଯାଉଛି, ହଜାର ହଜାର ପରିବାର ବିପଦ ଆଶଙ୍କାରେ ରିଲିଫ୍ କ୍ୟାମ୍ପରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହୋଇଥିବା ରାହୁଲ କହିଛନ୍ତି। ଗତ ୮ ତାରିଖରେ କଂଗ୍ରେସ ନେତା ମଣିପୁରର ବିଭିନ୍ନ ଜିଲାର ୩ଟି ରିଲିଫ୍ କ୍ୟାମ୍ପ ପରିଦର୍ଶନ କରିଥିଲେ। ଗତବର୍ଷ ମେ' ୩ରୁ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହୋଇଥିବାବେଳେ କିଛି ସପ୍ତାହ ପରେ ରାହୁଲ ସେଠାକୁ ଯାଇଥିଲେ। ସେହିପରି ଗତ ଜାନୁଆରୀରେ ରାହୁଲ ମଣିପୁରରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରିଥିଲେ।

# ପିସି କାରବାର ବନ୍ଦ କର: କନକ ବର୍ଦ୍ଧନ

ବଲାଙ୍ଗୀର,୧୧ା୭
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋକଙ୍କ ଟିକସରେ ଦରମା ମିଳୁଛି। ପିସି କାରବାର ବନ୍ଦ କର। ଲୋକଙ୍କୁ ନ୍ୟାୟ ପ୍ରଦାନ କର। କୌଣସି ବି ଅଧିକାରୀ ଅଫିସ ଭିତରେ ନ ବସି ତୃଣମୂଳ ସ୍ତରକୁ ଯାଇ ଯୋଜନାର ରୂପରେଖ ଯାଞ୍ଚ କରନ୍ତୁ। ଜିଓ ଟ୍ୟାଗିଂ କରନ୍ତୁ। ଜିଓ ଟ୍ୟାଗିଂ ମାଧ୍ୟମରେ ତାଙ୍କର ଫଟୋ ଗ୍ରୁପ୍‌ରେ ଅପ୍‌ଲୋଡ କରନ୍ତୁ। ଉକ୍ତ ଗ୍ରୁପ୍‌ରେ କେବଳ ଅଧିକାରୀ ନ ରହି ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ରଖାଯାଉ ବୋଲି ବଲାଙ୍ଗୀରଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି।

ବଲାଙ୍ଗୀର ଡିଏଫଓ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ସମେତ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ,



ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା କରୁଛନ୍ତି।

ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲାପାଳ ଗୌରବ ଶିଓ୍ୱାଜୀ ଇସଲୱାର, ଏସ୍‌ପି ଋଷିକେଶ ଖିଲାରିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ କୃଷି, ଶକ୍ତି ବିଭାଗ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଲାଇନ୍ ବିଭାଗର ସମୀକ୍ଷା କରିଥିଲେ। ସେ ଆହୁରି କହିଥିଲେ ଯେ, ବହୁ ଆଶା ରଖି ଲୋକେ ସରକାର ପରିବର୍ତ୍ତନ କରିଛନ୍ତି। ନୂଆ ସରକାର ଉପରେ ସମସ୍ତଙ୍କ ବିଶ୍ୱାସ ରହିଛି। ଅଧିକାରୀମାନେ ଏହି କଥାକୁ ମନେ ରଖିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀରର ବିକାଶ ଆମର ପ୍ରାଥମିକତା ବୋଲି ସେ କହିଥିଲେ। ସରକାର ଦଳ ମତ ନିର୍ବିଶେଷରେ କାମ କରିବ। କୃଷି, ଶକ୍ତି, ଯୋଗାଣ, ସ୍ୱାସ୍ଥ୍ୟ ବିଭାଗର ଯୋଜନା ଆଦି ଉପରେ ଆଲୋଚନା ହୋଇଥିଲା। ଫସଲ ଅମଳ ପରେ ବଜାର ଉପଲବ୍ଧ କରାଇବା ଗୁରୁତ୍ୱପୂର୍ଣ୍ଣ। ଫଳରେ ବିଭିନ୍ନ ଜାଗାରେ ଆଉଟ୍‌ଲେଟ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ। କଟନୀ ଛଟନୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସମସ୍ତ ରାଇସ୍ ମିଲର ଓଜନ ମାପକ ଯନ୍ତ୍ର ଏବଂ ଷ୍ଟକ ରେଜିଷ୍ଟର ୭ ଦିନ ଭିତରେ ଚେକ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଦ୍ୟୁତ ବିଭ୍ରାଟ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ କରିବା ସହ ବିକଳ୍ପ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ସହରସ୍ଥିତ ଲକ୍ଷ୍ମୀ ଜୋର ସଫେଇ ପାଇଁ ୪୮ ଘଣ୍ଟାର ମହଲତ ଦେଇଛନ୍ତି। କାର୍ଯ୍ୟରେ ଅବହେଳାକୁ ଆଦୌ ପ୍ରଶ୍ରୟ ନ ଦେବାକୁ ସେ ତାଗିଦ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଡିଏଫଓ ସୁଦର୍ଶନ ବେହେରା, ସିଡିଏମଓ ଡ଼ ପ୍ରଦୀପ କୁମାର ଗୁରୁଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପହଣ୍ଡି ଅଘଟଣ

# ତେଜିଲା ରାଜନୀତି

ଭୁବନେଶ୍ୱର, ୧୧ା୭
(ସୁନିତ୍ ମିଶ୍ର)

- ସବୁ ଯଦି ଲୀଳାମୟଙ୍କ ଇଚ୍ଛା ତେବେ ଏତେ ପ୍ରସ୍ତୁତିର ଆବଶ୍ୟକତା କ'ଣ ଥିଲା: ଅମର
- ସନ୍ଧ୍ୟା ଦର୍ଶନରେ ଓଳିଏ ଉପବାସ କରିବାକୁ ଅନୁରୋଧ: ପ୍ରସାଦ
- ବିଜେଡି ସମୟରେ ହୋଇଥିବା ବିଭ୍ରାଟରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଥିଲା: ବିରଞ୍ଚି

ପହଣ୍ଡି ସମୟରେ ଚାରମାଳ ଉପରେ ବଳଭଦ୍ର ପଡ଼ିଯିବା ଘଟଣାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଏହି ଘଟଣାରେ ବାରମ୍ବାର ଶାସକ ଏବଂ ବିରୋଧୀ ମୁହାଁମୁହିଁ ହେବାରେ ଲାଗିଛନ୍ତି। ବିଜେଡି ଓ କଂଗ୍ରେସ ଏହି ବିଭ୍ରାଟ ଲାଗି ସରକାରକୁ ଟାର୍ଗେଟ କରିଥିବା ବେଳେ ଭାଜପା ଏହାର ପାଲଟା ଜବାବ ରଖିଛି।

ବିଜେଡି ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି, ଏଥିରେ କୌଣସି ରାଜନୈତିକ କଥା ନାହିଁ। ଏହା ଭକ୍ତଙ୍କ ଭାବାବେଗର କଥା। ଏହାକୁ ନେଇ କୁହାଗଲା ପ୍ରଥମେ ଏହା ହେଉଛି ଲୀଳାମୟଙ୍କ ଇଚ୍ଛା, ଏଭଳି ବିବୃତି ଶୋଭନୀୟ କି ଗ୍ରହଣୀୟ ନୁହେଁ। ସବୁ ଯଦି ଲୀଳାମୟଙ୍କ ଇଚ୍ଛା, ତେବେ ପ୍ରଶାସନ ପକ୍ଷରୁ ଏତେ ପ୍ରସ୍ତୁତି କରିବାର ଆବଶ୍ୟକତା କ'ଣ ଅଛି ବୋଲି ଅମର କହିଛନ୍ତି।

କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ କହିଛନ୍ତି, ଏହା ପ୍ରଭୁଙ୍କ ଇଚ୍ଛା ବୋଲି ଉଲ୍ଲେଖ କରାଯାଉଛି, ଏହାକୁ କିଭଳି ସମାଲୋଚନା କରାଯିବ। ଏହା ଉପରେ କାହିଁକି ବି ସମାଲୋଚନା କରିବେ। ଏଥିଲାଗି ନିଜକୁ ଦାୟୀ କରୁଛି, ଆମେ ଏଭଳି ଏକ ଅଭାବନୀୟ ଅଘଟଣର ପଶ୍ଚାତାପ ଏବଂ ଆତ୍ମଶୁଦ୍ଧି ପାଇଁ ନବମୀ ସନ୍ଧ୍ୟା ଦର୍ଶନ ଅବସରରେ ଗୋଟିଏ ଓଳି ଉପବାସ କରନ୍ତୁ। ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ଚାହିଁଲେ ମଧ୍ୟ ଏନେଇ ଅନ୍ୟମାନଙ୍କୁ ପାଳନ କରିବା ଲାଗି କହିପାରିବେ। ଏହା ଅତ୍ୟନ୍ତ ଅଭାବନୀୟ, ଅତିବ ଶୋଚନୀୟ ଘଟଣା। କୋଟି କୋଟି ଭକ୍ତଙ୍କୁ ମାର୍ମିକ ଭାବେ ସେମାନେ ମଧ୍ୟ ମର୍ମାହତ ବୋଲି ପ୍ରସାଦ କହିଛନ୍ତି।

ଭାଜପା ନେତା ବିରଞ୍ଚି ତ୍ରିପାଠୀ କହିଛନ୍ତି, ଗତବର୍ଷ ରଥ ସମୟରେ ସମାନ ଭାବେ ଯେଉଁ ବିଭ୍ରାଟ ଘଟିଲା ତା'ର ତଦନ୍ତ କରିବା ପରେ ଏନେଇ ଯିଏ ଦୋଷୀ ଥିଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥାଆନ୍ତେ ହୁଏତ ଆଜି ଏ ପ୍ରକାର ଘଟଣା ଦେଖିବା ଲାଗି ମିଳି ନ ଥାଆନ୍ତା। ଯେତେବେଳେ ବି ବ୍ରହ୍ମ ଏବଂ ଦାରୁ ବିଭ୍ରାଟ ହେଲା ସେତେବେଳେ ତା' ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ବୋଲି ବିରଞ୍ଚି ପ୍ରଶ୍ନ କରିଛନ୍ତି।

# ଅପପୁଷ୍ଟି ଅଞ୍ଚଳ ଚିହ୍ନଟ କର: ପ୍ରଭାତୀ

## କାଶୀପୁରରେ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା

ରାୟଗଡ଼ା/ଟିକିରି,୧୧ା୭
(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)



ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଅନ୍ୟମାନେ।

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଗସ୍ତକରି ବିଭାଗୀୟ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି। ହେଲିକପ୍ଟର ଯୋଗେ କାଶୀପୁର ନକଟିଘାଟିରେ ଅବତରଣ କରିବା ପରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ, ଓଡ଼ିଶା ଜୀବିକା ମିଶନ, ପର୍ଯ୍ୟଟନ ବିଭାଗର କାର୍ଯ୍ୟକ୍ରମ ଉପରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା କରିଥିଲେ। ବୈଠକରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିଜ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଉପସ୍ଥିତ ଥିଲେ। ଶିଶୁ ବିକାଶ ବିଭାଗ ଉପରେ ଆଲୋଚନାକରି ଜିଲାର ଶିଶୁ ବିକାଶ କାର୍ଯ୍ୟକ୍ରମ, ଅଙ୍ଗନଓ୍ୱାଡି କେନ୍ଦ୍ରର ସ୍ଥିତି ତଥା ନିଜସ୍ୱ ଗୃହ ଏବଂ ଅପପୁଷ୍ଟି ସମସ୍ୟା କିପରି ଦୂରହୋଇପାରିବ ତା' ଉପରେ ଅଧିକାରୀମାନେ ଲିଖିତ ଆକାରରେ ମତାମତ ଦେବା ପାଇଁ କହିଥିଲେ। ଜିଲାର ଅପପୁଷ୍ଟି ଅଞ୍ଚଳ ଚିହ୍ନଟ କରିବା ପାଇଁ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମିଶନ ଶକ୍ତି ଉପରେ ଆଲୋଚନାକରି ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ଗୋଷ୍ଠୀଙ୍କ ସ୍ଥିତି ସହ ସଫଳତା ଓ ବିଫଳତାର କାରଣ ଏବଂ ବିପଣନ ବ୍ୟବସ୍ଥା, ଲକ୍ଷପତି ଦିଦି ପାଇଁ ଜିଲାର ଧାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଜିଲାରେ ୧ଲକ୍ଷ ୩ହଜାର ଚାରାରୋପଣ ହୋଇଥିବାରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଖୁସିବ୍ୟକ୍ତ କରିଥିଲେ। ସେହିପରି ପର୍ଯ୍ୟଟନ ବିଭାଗ ଉପରେ ଆଲୋଚନାକରି ଜିଲାର ଗ୍ରାମ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସମ୍ଭାବ୍ୟ ପର୍ଯ୍ୟଟନସ୍ଥଳ ଚିହ୍ନଟ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପରିବହନ ମନ୍ତ୍ରୀ ଜେନା ଜିଲାର ପରିବହନ କାର୍ଯ୍ୟକ୍ରମ, କଡ଼ାକଡ଼ି ଭାବରେ ଯାଞ୍ଚ କରିବା, ଦୁର୍ଘଟଣା ସ୍ଥିତି ଆଦି ଉପରେ ଆଲୋଚନା କରିଥିଲେ। ଏଥିସହ ଜିଲାର କ୍ଷୁଦ୍ର ଓ ବୃହତ୍ ଖଣିଜ କ୍ଷେତ୍ର ଉପରେ ଜିଲା ଖଣିଜ ଅଧିକାରୀଙ୍କୁ ପଚାରି ବୁଝିବା ସହ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ, କାଶୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଣ୍ଡ ମାଝୀ, ଉପାଧ୍ୟକ୍ଷା ଆଦି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କିରଣ ଦୀପ କୌର ସାହୋଟା, କାଶୀପୁର ବିଡିଓ ଅମୃତଲାଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରତିମା ପ୍ରଧାନ, ଡିପିଏମ୍ ସ୍ନେହଲତା ପାଢ଼ୀ, ସିଡିପିଓ ଜ୍ୟୋସ୍ନାରାଣୀ ବାରିକ, ଓଡ଼ିଶା ଜୀବିକା ମିଶନର ଡିପିଏମ୍ ହେମନ୍ତ ବାଗ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଏମ୍‌ଭିଆଇ ହେମନ୍ତ କୁମାର ବେହେରା ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବୈଠକ ପରେ ଉପମୁଖ୍ୟମନ୍ତ୍ରୀ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ, କୋରାପୁଟ ବିଧାୟକ, ଜିଲାପାଳ ମନୋଜ ମହାଜନ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ କାଶୀପୁରଠାରେ ନିର୍ମିତ ଗିରିଗୋବର୍ଦ୍ଧନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ।

# ବାଇଡେନ୍‌ଙ୍କୁ ଭାରତୀୟ ବଂଶୋଦ୍ଭବଙ୍କ ସମର୍ଥନ ୧୯% ହ୍ରାସ

ଓ୍ୱାଶିଂଟନ, ୧୧ା୭

ଆମେରିକାରେ ଥିବା ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରେ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ଲୋକପ୍ରିୟତାରେ ୧୯% ହ୍ରାସ ଘଟିଛି। ୨୦୨୦ ରାଷ୍ଟ୍ରପତି ନିର୍ବାଚନ ତୁଳନାରେ ଚଳିତ ଥର ବାଇଡେନ୍‌ଙ୍କୁ ୧୯% କମ୍ ଭାରତୀୟ ବଂଶୋଦ୍ଭବ ସମର୍ଥନ କରୁଛନ୍ତି, ଯାହା ଏସୀୟ ଆମେରିକୀୟ ମଧ୍ୟରେ ସର୍ବାଧିକ। ଗୁରୁବାର 'ବାଇ-ଆନୁଆଲ ଏସିଆ ଆମେରିକା ଭୋଟର ସର୍ଭେ' ପକ୍ଷରୁ ଏହି ଆକଳନ କରାଯାଇଛି। ଆସନ୍ତା ନଭେମ୍ବରରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ୪୬% ଭାରତୀୟ ବଂଶୋଦ୍ଭବ ବାଇଡେନ୍‌ଙ୍କୁ ଭୋଟ ଦେବାକୁ ମନସ୍ଥ କରିଛନ୍ତି। ଗତ ନିର୍ବାଚନ ସମୟରେ ଏହି ସଂଖ୍ୟା ୬୫% ଥିଲା। ରିପବ୍ଲିକାନ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ମଧ୍ୟରେ ଗତ ଜୁନ୍ ୨୭ରେ ହୋଇଥିବା ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ୍‌ର ଠିକ୍ ପୂର୍ବରୁ ଏହି ସର୍ଭେ କରାଯାଇଥିଲା।

# ଟି.ଗୋପୀ ଭାଜପା ରାଜ୍ୟ ପ୍ୟାନେଲିଷ୍ଟ

ଭୁବନେଶ୍ୱର/ ବ୍ରହ୍ମପୁର, ୧୧ା୭(ସୁନିତ୍ ମିଶ୍ର/ନରସିଂହ ସାହୁ)

ଭାଜପା ମିଡିଆ ବିଭାଗକୁ ଅଧିକ ଦୃଢ଼ କରିବା ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ରାଜ୍ୟ ପ୍ୟାନେଲିଷ୍ଟ ଭାବେ ଟି. ଗୋପୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ବୁଧବାର ଏସମ୍ପର୍କରେ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏନେଇ ଗଞ୍ଜାମ ଜିଲା ଭାଜପା ସଭାପତି ଡ଼ା. ସୁବାସ ସାହୁଙ୍କ ସମେତ ଦଳୀୟ ନେତାମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଜୁ ଲିଗାସୀ ଗୋପୀ ଅତୀତରେ ଜନତା ପାର୍ଟି ଓ ଜନତା ଦଳରେ ସକ୍ରିୟ ଥିଲେ। ବ୍ରହ୍ମପୁର ପୌର ପରିଷଦ ଥିବା ବେଳେ ଏକାଧିକ ଥର କାଉନସିଲର ଓ ପୌର ନିଗମ ହେବାରେ କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିରେ ସକ୍ରିୟ ଭୂମିକା ନେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତୃତୀୟ ପାଳି ପର୍ଯ୍ୟନ୍ତ ଗୋପୀ ରାଜ୍ୟ ବିଜେଡି ସଂଗଠନର ସମ୍ପାଦକ ହୋଇଥିଲେ। ଦଳର କାର୍ଯ୍ୟାଳୟ ଦାୟିତ୍ୱରେ ମଧ୍ୟ ଥିଲେ। ତେଲୁଗୁ ସମ୍ପ୍ରଦାୟର ନେତା ଗୋପୀ ବ୍ରହ୍ମପୁରର ବିଭିନ୍ନ ସଂଗଠନ ସହ ଜଡ଼ିତ ଅଛନ୍ତି।

୨୦୨୪ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ସେ ବିଜେଡି ଟିକେଟ ଆଶାୟୀ ଥିଲେ। ତାଙ୍କୁ ଉପେକ୍ଷା କରାଯିବା ପ୍ରତିବାଦରେ ବିଜେଡି ପ୍ରାଥମିକ ସଭ୍ୟ ପଦରୁ ଗତ ମେ' ମାସରେ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ।

ଶକ୍ତି ଦକ୍ଷତା ବ୍ୟୁରୋ
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ବୈଧାନିକ ନିକାୟ)
୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ଓ୍ୱେବ୍‌ସାଇଟ୍ : www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦
LiFE Lifestyle for Environment

ଇଏସ୍‌ସିଓଙ୍କ ତାଲିକାଭୁକ୍ତୀକରଣ/ପୁନଃ-ତାଲିକାଭୁକ୍ତୀକରଣ

ଶକ୍ତି ଦକ୍ଷତା ବ୍ୟୁରୋ ସହିତ ଶକ୍ତି ସେବା କମ୍ପାନୀ (ଇଏସ୍‌ସିଓ) ଭାବେ ତାଲିକାଭୁକ୍ତୀକରଣ/ପୁନଃ-ତାଲିକାଭୁକ୍ତୀକରଣ ପାଇଁ ଯୋଗ୍ୟ ସଂଗଠନଗୁଡ଼ିକଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ଯାହା ଏହି ବିଜ୍ଞାପନ ପ୍ରକାଶନ ତାରିଖଠାରୁ ପ୍ରଭାବୀ ହେବ। ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ଶକ୍ତି ସଂରକ୍ଷଣ ଅଧିନିୟମ, ୨୦୦୧ ଅଧୀନରେ ଦେଶରେ ଶକ୍ତି ଦକ୍ଷତା ପ୍ରୟାସଗୁଡ଼ିକୁ ପ୍ରୋତ୍ସାହିତ କରୁଛି ଯାହା ମଧ୍ୟରେ ଇଏସ୍‌ସିଓ ମଡେଲ ଜରିଆରେ ବିଦ୍ୟମାନ ସୁବିଧାଗୁଡ଼ିକରେ ଶକ୍ତି ସଂରକ୍ଷଣ ପଦକ୍ଷେପଗୁଡ଼ିକର ପ୍ରଚାର ଅନ୍ତର୍ଭୁକ୍ତ। ଇଏସ୍‌ସିଓ ହେଉଛି ଏକ ସଂଗଠନ ଯାହା ଗ୍ରାହକ ସଂସ୍ଥା ସହିତ ପ୍ରଦର୍ଶନ-ଆଧାରିତ ଚୁକ୍ତିରେ ନିୟୋଜିତ ହୋଇ ବୈଷୟିକ ଦୃଷ୍ଟିରୁ ସାଧ ପଦ୍ଧତିରେ ଶକ୍ତି ଉପଯୋଗ ଏବଂ ଖର୍ଚ୍ଚକୁ ହ୍ରାସିତ କରୁଥିବା ପଦକ୍ଷେପଗୁଡ଼ିକର ରୂପାୟନ କରିଥାଏ। ବିଇଇ ଦୁଇ ବର୍ଷର ବୈଧତା ସହିତ ତାଲିକାଭୁକ୍ତ ଶକ୍ତି ସେବା କମ୍ପାନୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ ଏବଂ ରକ୍ଷଣାବେକ୍ଷଣ କରିବାକୁ ଚାହୁଁଛି।
ବିଇଇ ସହିତ ଇଏସ୍‌ସିଓ ଭାବେ ତାଲିକାଭୁକ୍ତ/ପୁନଃ-ତାଲିକାଭୁକ୍ତ ହେବା ପାଇଁ, ସମସ୍ତ ଇଏସ୍‌ସିଓଙ୍କୁ ସମ୍ପୂର୍ଣ୍ଣ ଦରଖାସ୍ତ ଫର୍ମକୁ ଗ୍ରେଡିଂ ଏଜେନ୍ସି କ୍ରିସିଲ ଲିଃ/କେୟାର୍ ଆନାଲିଟିକ୍ସ ଆଣ୍ଡ ଆଡ୍‌ଭାଇଜରୀ ପ୍ରାଇଭେଟ୍ ଲିମିଟେଡ୍/ଫିଚ୍ ସଲ୍ୟୁସନ୍ସ ଇଣ୍ଡିଆ ଆଡ୍‌ଭାଇଜରୀ ପ୍ରାଇଭେଟ୍ ଲିମିଟେଡ୍/ସ୍ମେରା ରେଟିଂସ୍ ପ୍ରାଇଭେଟ୍ ଲିମିଟେଡ୍ ନିକଟରେ ଦାଖଲ କରିବା ଆବଶ୍ୟକ।
ବିଜ୍ଞାପନ ଏବଂ ସେହି ସହବନ୍ଧିତ ଏଜେନ୍ସିଗୁଡ଼ିକର ଯୋଗାଯୋଗ ବିବରଣୀ ତଥା ତାଲିକାଭୁକ୍ତୀକରଣର ପ୍ରକ୍ରିୟା **www.beeindia.gov.in**ରୁ ଡାଉନଲୋଡ୍ କରାଯାଇପାରିବ। ଗ୍ରେଡିଂ ପ୍ରକ୍ରିୟା ପାଇଁ ଆବେଦନ ଫର୍ମ ସମ୍ପୃକ୍ତ ଗ୍ରେଡିଂ ଏଜେନ୍ସିରୁ ହାସଲ କରାଯାଇପାରିବ। **ଉପରଦର୍ଶିତ ଗ୍ରେଡିଂ ଏଜେନ୍ସିଗୁଡ଼ିକ ନିକଟରେ ସମ୍ପୂର୍ଣ୍ଣ ଆବେଦନ ଫର୍ମ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ।** ଅସମ୍ପୂର୍ଣ୍ଣ ଆବେଦନ ଏବଂ ଧାର୍ଯ୍ୟ ତାରିଖ ପରେ ପ୍ରାପ୍ତ ଆବେଦନଗୁଡ଼ିକୁ ଖାରଜ କରିଦିଆଯିବ।
CBC 34106/12/0006/2425 ସଚିବ

YUDHISTIR MISHRA LAW COLLEGE
BOLANGIR - 767001, ODISHA
ADVERTISEMENT FOR THE POST OF TWO ASST. PROFESSORS
Applications are invited for 2 Asst. Professors in the College from the eligible candidate. The candidates must have passed LL.M. Degree in regular mode and having minimum 55% of marks. The salary will be consolidated amount of Rupees 9000 for one year from the date of appointment. Interested and eligible candidates may apply with in 30th July 2024 along with a Demand Draft amount of Rupees 1000 in favour of Yudhistir Mishra Law College, Balangir.
Sd./- Principal
Yudhistir Mishra Law College, Balangir

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
Lifeline of Odisha
No. CAD-517
TENDER ALERT
**1)Tender Call Notice No. 01/2024-25:** Engagement of Diesel/Petrol run commercial registered AC Maruti dezire Car or equivalent for use at the office of General Manager, Telecom Circle, Meramundali.
**2)Tender Call Notice No. 01/2024-25:** Repairing of existing 220kV side S/Y Fencing by replacing damaged fencing at 400kV Grid Sub-Station, Mendhasal under EHT (O&M) Division, Mendhasal.
**3)Tender Call Notice No. 02/2024-25:** Engagement of commercially registered light motor vehicles (9 Seater Bolero Neo+ or equivalent) Non- AC Hired vehicle Under EHT (O&M) Sub-Division, Choudwar Under EHT (O&M) Division, Choudwar.
**4)Tender Call Notice No. 03/2024-25:** Supply of FRP Telescopic earthing/discharge rods for different Grid Substation Under EHT (O&M) Division, Choudwar.
**5)Tender Call Notice No. 01/2024-25:** Engagement of light commercial vehicle (Swift Dzire/ Hundai Xcent/ Honda Amaze) for office of the General Manager (Elect), EHT (Const.) Circle, Jajpur Road.
**6)Tender Call Notice No. 01/2024-25:** Uprooting, cutting and cleaning of grasses for 03 times with a gap of 04 months each at metal and non-metal area of 220kV, 132kV & 33kV switchyard and switchyard peripheral area upto 5 mtr. store,control room front and back yard inside the premises of 220/132/33kV Grid Sub-Station, Budhipadar Under EHT (O&M) Division,Jharsuguda.
**7)Tender Call Notice No. 02/2024-25:** Supply and installation of 08 Nos. 2 Ton. 5 Star (BEE Rating) full copper split type inverter Air Conditioners (Make Carrier/Hitachi/Voltas/Lloyd) alongwith all accessories for Grid Sub-Station, Kuchinda Under EHT (O&M) Division, Jharsuguda.
**8)Tender Call Notice No. 04/BBS/2024-25:** Hiring of 7/9 seater Diesel run commercial registered Non AC Bolero or equivalent for use at 220/33 KV Grid Sub-Station, Nayagarh Under EHT (O&M) Circle, Bhubaneswar.
**9)Tender Call Notice No. 05/BBS/2024-25:** Hiring of 7/9 seater Diesel run commercial registered Non AC Bolero or equivalent for use at 132/33 KV Grid Sub-Station, Ransinghpur Under EHT (O&M) Circle, Bhubaneswar.
**10)Tender Call Notice No. 06/BBS/2024-25:** Hiring of 5 seater Non AC Camper or equivalent for official and field use at 220/132/33 KV Grid Sub-Station, Chandaka Under EHT (O&M) Circle, Bhubaneswar.
**10)Tender Call Notice No. 03/2024-25:** Annual Contract for Cleaning, Up-Keeping and Sanitation of Construction Circle, Division and Sub-Division Office Rooms Under EHT (Const.) Circle, Bhubaneswar.
For more details please visit OPTCL's website: **www.optcl.co.in.**
FIPR-10/2024-25
OIPR-04011/11/0021/2425
/optcl.odisha /optcl_odisha

ପୂର୍ବ ତଟ ରେଳପଥ
Tender Notice No.: MCSW-SHOTBLAST-24-25-16
ତା. 04.07.2024 ରିଖ
କାର୍ଯ୍ୟର ନାମ : ରେଳଡବା ମରାମତି କାରଖାନାରେ ୩୬(ଛତିଶ) ମାସ ଅବଧି ନିମନ୍ତେ FIAT ବଗି ଗୁଡିକର ଜେଟ କ୍ଲିନିଂ, ସଟ୍ ବ୍ଲାଷ୍ଟିଙ୍ଗ, ମ୍ୟାଗ୍ନାଫ୍ଲକ୍ସ ଟେଷ୍ଟିଂ, ପେଣ୍ଟିଂ ଏବଂ ହେଲିକାଲ କଏଲ ସ୍ପ୍ରିଙ୍ଗର ଡ୍ରାଇଂ।
ବିଜ୍ଞାପିତ ମୂଲ୍ୟ : ଟ.6,35,21,553.60
EMD:ଟ. 4,67,600/-
କାର୍ଯ୍ୟସମାପ୍ତିର ଅବଧି: 36 (ଛତିଶ) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.26.07.2024 ରିଖ 1500 ଘଟିକାରେ
ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ଓ୍ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
ଉପ ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ(ପିଓଏଚ୍)
ମଞ୍ଚେଶ୍ୱର
PR-291/P/24-25

ପୂର୍ବ ତଟ ରେଳପଥ
Tender Notice No.: ET-M-KUR-AMC-CRANE-262-24
ତା. 03.07.2024 ରିଖ
କାର୍ଯ୍ୟର ନାମ : ତିନିବର୍ଷର ଅବଧି ନିମନ୍ତେ ୧୪୦ଟି ବିଡ୍ କ୍ରେନ୍/ଖୋର୍ଦ୍ଧାର ହାଇଡ୍ରୋଲିକ୍ ଓ ନ୍ୟୁମାଟିକ୍ ସିଷ୍ଟମ (ମେନ୍ ଇଞ୍ଜିନ୍, ଅଗ୍‌ଜିଲିଆରୀ ଇଞ୍ଜିନ୍ ଏସ୍‌ଏଲ୍‌ଆଇ ସିଷ୍ଟମ ବ୍ୟତୀତ ଅନ୍ୟ ସମସ୍ତ ସିଷ୍ଟମ)ର AMC କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ : ଟ.17,70,000/-, EMD: ଟ. 35,400/-
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ. 2360/-
କାର୍ଯ୍ୟସମାପ୍ତିର ଅବଧି: 36 (ଛତିଶ) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.26.07.2024 ରିଖ 1530 ଘଟିକାରେ
ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ଓ୍ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ
ଖୋର୍ଦ୍ଧା ରୋଡ
PR-289/P/24-25

ଦ.ପୂ. ରେଳପଥ - ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୪/୨୩।
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ଓ୍ୱେ ମ୍ୟାନେଜର (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। **କ୍ର.ସଂ., ଟେଣ୍ଡର ନଂ. ଓ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: ୧. ଇ-କେଜିପି-ସାଉଥ୍-୨୭-୨୦୨୪।** ଏଡିଇଏନ୍/ଟିଏଲ୍‌ଏସ୍ ଅଧୀନରେ ରୂପ୍‌ସା-ବାଙ୍ଗିରିପୋଷୀ ସେକ୍ସନରେ ବୁରାମରା, ଯୋଗଲ ରାଜାଲୁକା, ଯୁଗପୁରା, କୃଷ୍ଣଚନ୍ଦ୍ରପୁର, ଠାକୁରତୋଟା ପାଇପଲାଇନ୍ କାର୍ଯ୍ୟ ଏବଂ ପମ୍ପ ହାଉସ୍ ନିର୍ମାଣ ସହିତ ଡିପ୍ ଟ୍ୟୁବ୍‌ଓ୍ୱେଲ୍ ଓ୍ୱାଟର୍ ଟ୍ୟାଙ୍କ୍ ଷ୍ଟେଜିଂର ବ୍ୟବସ୍ଥା। (୨ୟ କଲ୍) **ଟେଣ୍ଡର ମୂଲ୍ୟ:** ₹୧,୮୭,୩୧,୬୮୧.୮୭। **ଅମାନତ ରାଶି:** ₹୨,୪୩,୭୦୦/-। **୨. ଇ-କେଜିପି-ଏକ୍ସ୍ୟୁ-୧୯-୨୦୨୪।** ସିପିଟି ୟାର୍ଡ ସମେତ ପାଂସକୁରା (ଏକ୍ସ)ରୁ ହଳଦିଆ (ଇନ୍) ସେକ୍ସନରେ ତା୦୧।୦୭।୨୦୨୪ରୁ ୩୦।୦୬।୨୦୨୬ରିଖ ଅବଧି ପାଇଁ (୦୨ ବର୍ଷ ପାଇଁ) ବିଦ୍ୟମାନ ଢାଞ୍ଚାରେ ନୂଆ କାର୍ଯ୍ୟ ଯୋଡ଼ିବା ଏବଂ ପରିବର୍ତ୍ତନ କରିବା, ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ବିଲ୍‌ଡିଂ ସାମଗ୍ରୀର ଯୋଗାଣ କରିବା, ଯାହା ପ୍ରତ୍ୟେକ କାର୍ଯ୍ୟ ଟ.୫,୦୦,୦୦୦/-ରୁ ଅଧିକ ନ ହେବା ଉପରେ ନିର୍ଭର କରିବ ଏବଂ ସାଧାରଣ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୨,୫୬,୬୬,୫୬୯.୨୦। **ଅମାନତ ରାଶି:** ₹୨,୭୮,୩୦୦/-। **୩. ଇ-କେଜିପି-ଏକ୍ସ୍ୟୁ-୨୦-୨୦୨୪।** ତାମ୍ରଲୁକରୁ ଦିଘା ସେକ୍ସନରେ ତା୦୧।୦୭।୨୦୨୪ରୁ ୩୦।୦୬।୨୦୨୬ରିଖ ଅବଧି ପାଇଁ (୦୨ ବର୍ଷ ପାଇଁ) ବିଦ୍ୟମାନ ଢାଞ୍ଚାରେ ନୂଆ କାର୍ଯ୍ୟ ଯୋଡ଼ିବା ଏବଂ ପରିବର୍ତ୍ତନ କରିବା, ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ବିଲ୍‌ଡିଂ ସାମଗ୍ରୀର ଯୋଗାଣ କରିବା, ଯାହା ପ୍ରତ୍ୟେକ କାର୍ଯ୍ୟ ଟ.୫,୦୦,୦୦୦/-ରୁ ଅଧିକ ନ ହେବା ଉପରେ ନିର୍ଭର କରିବ ଏବଂ ସାଧାରଣ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୨,୫୨,୧୪,୦୬୭.୧୪। **ଅମାନତ ରାଶି:** ₹୨,୭୬,୧୦୦/-। **୪. ଇ-କେଜିପି-ଓ୍ୱେଷ୍ଟ-୨୩-୨୦୨୪।** ଡିଇଏନ୍/ପଶ୍ଚିମ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ପଏଣ୍ଟ, କ୍ରସିଂ ଏବଂ ଟଙ୍ଗ୍ ରେଳର ରିକଣ୍ଡିସନିଂ। **ଟେଣ୍ଡର ମୂଲ୍ୟ:** ₹୧,୨୮,୫୭,୭୬୧.୨୮। **ଅମାନତ ରାଶି:** ₹୨,୧୪,୩୦୦/-। **୫. ଇ-କେଜିପି-ଏକ୍ସ୍ୟୁ-୧୮-୨୦୨୪।** ଏଡିଇଏନ୍/ଟିଏମ୍‌ଜେଡ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏଫ୍‌ଓବି/ଆର୍‌ଓବିର ନବୀକରଣ ଓ ମରାମତି ତଥା ଅନ୍ୟାନ୍ୟ ବିବିଧ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୭୧,୯୫,୫୩୩/-। **ଅମାନତ ରାଶି:** ₹୧,୪୩,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦। **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୬।୦୭।୨୦୨୪ରିଖ, କ୍ର.ସଂ. ୨,୩,୪ ପାଇଁ ପ୍ରତ୍ୟେକ ତା୦୧।୦୮।୨୦୨୪ରିଖ ଏବଂ କ୍ର.ସଂ. ୫ ପାଇଁ ତା୩୧।୦୭।୨୦୨୪ରିଖ। **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ, କ୍ର.ସଂ. ୨ ଓ ୩ ପାଇଁ ପ୍ରତ୍ୟେକ ୨୪ ମାସ, କ୍ର.ସଂ. ୪ ପାଇଁ ୦୬ ମାସ ଏବଂ କ୍ର.ସଂ. ୫ ପାଇଁ ୦୪ ମାସ। **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ ପାଇଁ ତା୧୨।୦୭।୨୦୨୪ରିଖଠାରୁ ତା୨୬।୦୭।୨୦୨୪ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର.ସଂ. ୨ରୁ ୪ ପାଇଁ ତା୧୮।୦୭।୨୦୨୪ରିଖଠାରୁ ତା୦୧।୦୮।୨୦୨୪ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର.ସଂ. ୫ ପାଇଁ ତା୧୭।୦୭।୨୦୨୪ରିଖଠାରୁ ତା୩୧।୦୭।୨୦୨୪ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ଓ୍ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।
(PR-369)



ମହାପ୍ରଭୁଙ୍କ ଦର୍ଶନ ସହ ପଲ୍ଲୀଶ୍ରୀ ମେଳା ବୁଲିବା ପାଇଁ ଶରଧାବାଲିରେ ଲୋକଙ୍କ ଗହଳି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହଙ୍କ ଦର୍ଶନ ପାଇଁ ଭିଡ଼

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)

ମାନବୀୟ ଲୀଳା କ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ନବଦିନାତ୍ମକ ରଥଯାତ୍ରାରେ ଯାଇ ଏବେ ଜନ୍ମବେଦି ଆଡ଼ପମଣ୍ଡପ ତଥା ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ମଙ୍ଗଳବାର ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ରଥରେ ଚାରମାଳ ବନ୍ଧା ହୋଇ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଯାଇ ସିଂହାସନରଢ ହେବା ପରେ ଅନ୍ୟାନ୍ୟ ନୀତି ବଢିଥିଲା। ବୁଧବାର ସକାଳୁ ଶ୍ରୀବିଗ୍ରହମାନେ ଭକ୍ତଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି। ଜନ୍ମବେଦିରେ ଦାରୁବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତଙ୍କ ଛୁଅ ଛୁଟିଥିବା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଦର୍ଶନ କରି ଓ ଆଡ଼ପ ଅବଢ଼ା ପାଇ ଭକ୍ତମାନେ କୃତାର୍ଥ ହେଉଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଗୁରୁବାର ପବିତ୍ର ହେରାପଞ୍ଚମୀ ତିଥିରେ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହଙ୍କୁ ହଜାର ହଜାର ଭକ୍ତ ଦର୍ଶନ କରି ଆତ୍ମତୃପ୍ତି ଲାଭ କରିଛନ୍ତି। ସକାଳୁ ଗୁଣ୍ଡିଚା ମନ୍ଦିରଠାରୁ ପ୍ରାୟ ବଡ଼ଶଙ୍ଖ ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ଭକ୍ତମାନେ ଅନେକ ସମୟ ଧାଡ଼ିରେ ଠିଆହୋଇ ବ୍ୟାରିକେଡ ଦେଇ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଦର୍ଶନ କରିବା ପରେ ଆନନ୍ଦ ବଜାର ହୋଇ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ଅପରପକ୍ଷରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ନିୟୋଜିତ ରହିବା ସହ ଖରାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀ ପକ୍ଷରୁ ପାଣି ସିଞ୍ଚନ କରାଯାଉଛି।



ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ହେରା ପଞ୍ଚମୀ ଭଜନ ସମାରୋହରେ ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।


ମହିଳାମାନେ ଏକ ଷ୍ଟଲରେ ଚିନାମାଟି ସାମଗ୍ରୀ କିଣାକିଣି କରୁଛନ୍ତି ।

# ହେରା ପଞ୍ଚମୀ ଅବସରରେ ଭଜନ ପରିବେଷଣ

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)

ହେରା ପଞ୍ଚମୀ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡାର ସାଂସ୍କୃତିକ ଅନୁଷ୍ଠାନ ବୀର ସୁରେନ୍ଦ୍ର ସାଏ କ୍ଲବ ପକ୍ଷରୁ ସୁରଙ୍ଗ ପ୍ରଧାନଙ୍କ ନେତୃତ୍ୱରେ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ସହ ଭଜନ ଶୁଣି ଶ୍ରଦ୍ଧାଳୁମାନେ ବିମୋହିତ ହୋଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ମହାପ୍ରଭୁଙ୍କ ପ୍ରତି ଏହି ସାଂସ୍କୃତିକ ସନ୍ଧ୍ୟା ସମର୍ପିତ। ମହାପ୍ରଭୁ ସଙ୍ଗୀତ ପ୍ରିୟ। ସେଥିପାଇଁ ଗୀତଗୋବିନ୍ଦ ମହାପ୍ରଭୁଙ୍କ ଅତି ପ୍ରିୟ ବୋଲି କହିବା ସହ ଚଳିତ ବର୍ଷ ରଥଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୧୩ଟି ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇଛି। ପ୍ରତି ସନ୍ଧ୍ୟାରେ ପ୍ରତ୍ୟେକ କେନ୍ଦ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି ବୋଲି ସେ କହିଥିଲେ। କଳାକାର ମୁରଲୀଧର ବାରିକ, ତରଣୀସେନ ଧୁରୁଆ, କିଶୋର ବାରିକ, ଗୋକୁଳା ପ୍ରଧାନ, ଅର୍ଜୁନ ମେହେର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପରେ କଳାକାର ଦଳକୁ ମାନପତ୍ର ଦେଇ ସାମଲ ସମ୍ବର୍ଦ୍ଧିତ କରିଥିଲେ। ପରେ ଭୁବନେଶ୍ୱରର ଶ୍ରୀ ଶିରିଡ଼ି ସାଇ ଓଡିଶା ଟ୍ରଷ୍ଟ ପକ୍ଷରୁ ଜିତେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଘାରିଛି ବାହୁଡ଼ା ପହଣ୍ଡି ଚିନ୍ତା

ପୁରୀ ୧୧।୭(ଅଜିତ୍ କୁମାର ମହାନ୍ତି)

ଆଡ଼ପ ମଣ୍ଡପ ପହଣ୍ଡି ସମୟରେ ଅଘଟଣ ଘଟିବା ପରେ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ସେବାୟତଙ୍କ ମନରେ ଗୁଣ୍ଡିଚା ପହଣ୍ଡି ଚିନ୍ତା ପଶିଛି। ଆଡପ ପହଣ୍ଡିରେ ଯେପରି ଅଘଟଣ ଘଟିଲା ତାହାର ଯେପରି ପୁନରାବୃତ୍ତି ନ ଘଟିବ ସେଥିପାଇଁ ସେଥିପାଇଁ ଯତ୍ନବାନ ହୋଇଛି ଶ୍ରୀମନ୍ଦିର ପ୍ରଶାସନ। ଆସନ୍ତା ବାହୁଡା ପହଣ୍ଡି ଓ ନୀଳାଦ୍ରି ବିଜେ ପହଣ୍ଡି ଯେପରି ଶୃଙ୍ଖଳିତ ଭାବେ ସମ୍ପାଦନ ହେବ ସେଥିନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଉଛି। ପହଣ୍ଡି ସମୟରେ ରଥ ଉପରେ ନିର୍ଦ୍ଧାରିତ ସେବକଙ୍କ ଠାରୁ ଅଧିକ ସଂଖ୍ୟକ ସେବକ ରହିବା ଅନଭିଜ୍ଞ ସେବକଙ୍କ ଉପସ୍ଥିତି ଅଘଟଣ ବୋଲି ଆଲୋଚନା ହେଉଛି। ତେଣୁ ଆଗାମୀ ପହଣ୍ଡିରେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ଏନେଇ ଦଇତାପତି ନିଯୋଗର ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ସମୟରେ ଯେଉଁ ଅଘଟଣ ଘଟିଛି, ତାହା ଯେପରି ଆଗକୁ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ପହଣ୍ଡି ସମୟରେ ଯେପରି ଅନାବଶ୍ୟକ ସେବାୟତ ରଥ ଉପରେ ନ ରହିବେ ସେଥିପ୍ରତି ପ୍ରଶାସନ ଧ୍ୟାନ ଦେଉଛି। ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ହେବ। ଏନେଇ ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଉଛି। ଆଗାମୀ ଦିନରେ ସମସ୍ତ ନିଯୋଗ ସହ ପ୍ରଶାସନ ଆଲୋଚନା କରିବ। ସେହିପରି ପତିମହପାତ୍ର ସେବକ ନବ କିଶୋର ପତିମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି କେଉଁ କେଉଁ ସେବକମାନେ ମହାପ୍ରଭୁଙ୍କୁ ପହଣ୍ଡି କରିବେ। କେଉଁ ସେବାୟତ କେଉଁ ସ୍ଥାନରେ ରହି ପହଣ୍ଡି କରିବେ। ଅତ୍ୟଧିକ ସେବକ ପହଣ୍ଡିରେ ସାମିଲ ହେଲେ ସମସ୍ୟା ଦେଖାଦେବ। ତେବେ ଏନେଇ ପ୍ରଶାସନ ବୈଠକ କରିବ ବୋଲି ସୂଚନା ମିଳିଛି। ମାତ୍ର ତାଙ୍କ ନିକଟକୁ କୌଣସି ଚିଠି ଆସିନାହିଁ ବୋଲି କହିଛନ୍ତି। ସେହିପରି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ପହଣ୍ଡି ସମୟରେ ରଥ ଉପରେ ମାତ୍ରାଧିକ ସେବାୟତ ରହିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଅନଭିଜ୍ଞ ସେବକ, ଯେଉଁମାନେ ପହଣ୍ଡି ବିଷୟରେ ଜାଣିନାହାନ୍ତି। ତେଣୁ ପ୍ରଶାସନକୁ ଜଣାଇଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଯେଉଁମାନେ ପହଣ୍ଡି କରିବେ ସେମାନଙ୍କ ତାଲିକା କଢାଯାଉ ବୋଲି କୁହାଯାଇଛ। ଶ୍ରୀଜଗନ୍ନାଥଙ୍କ ମୁଖ୍ୟବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ଯେତିକି ରଥ ଉପରେ ସେବାୟତ ରହିବା କଥା ସେତିକି ସେବାୟତ ରହିବା ପାଇଁ ଜିଲାପାଳଙ୍କୁ କୁହାଯାଇଛି। ଏନେଇ ଜିଲାପାଳ ତଦାରଖ କରିବେ। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି କି ପହଣ୍ଡି ବ୍ୟବସ୍ଥାବଳୀରେ ଯାହା ଧାର୍ଯ୍ୟ ରହିଛି ତାହାକୁ ପୂର୍ଣ୍ଣାଙ୍ଗ ଭାବରେ ଲାଗୁ କରାଯିବ।

# ବାହୁଡ଼ାଯାତ୍ରା ପାଇଁ ଯାଞ୍ଚ ହେଲା ରଥ

ପୁରୀ, ୧୧।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାର ପଞ୍ଚମ ଦିନକୁ ହେରା ପଞ୍ଚମୀ ଭାବେ ପାଳନ କରାଯାଏ। ହେରା ପଞ୍ଚମୀ ପରଦିନ ଅର୍ଥାତ ଘୋଷଯାତ୍ରାର ଷଷ୍ଠ ଦିବସରେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ହେରାପଞ୍ଚମୀ ପରଦିନ ତିନିରଥର ଦକ୍ଷିଣମୋଡ଼ କରାଯାଏ। ଦକ୍ଷିଣମୋଡ଼ ପୂର୍ବରୁ ଗୁରୁବାର ରଥ ନିର୍ମାଣ କମିଟି ପକ୍ଷରୁ ରଥଗୁଡ଼ିକୁ ଯାଞ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ଇଞ୍ଜିନିୟର କମିଟି ସଦସ୍ୟ, ମହାରଣା, ଇଞ୍ଜିନିୟର, ରଥ ଅମିନ ଏବଂ ରଥ ତତ୍ତ୍ୱାବଧାରକ ଉପସ୍ଥିତ ରହି ରଥଗୁଡ଼ିକୁ ଟିକିନିଖି ଯାଞ୍ଚ କରିଛନ୍ତି। ଘୋଷଯାତ୍ରା ଦିନ ତିନି ରଥ ବଡ଼ଦାଣ୍ଡରେ ୨.୬ କି.ମି. ଗଡ଼ିବା ପରେ ରଥର ଯାଞ୍ଚ ଆବଶ୍ୟକ ପଡ଼ିଥାଏ। ବୈଷୟିକ ଟିମ୍ ଦ୍ୱାରା ଏହି ଯାଞ୍ଚ ହୋଇଛି। ପ୍ରତ୍ୟେକ ବର୍ଷ ଦକ୍ଷିଣମୋଡ଼ ପୂର୍ବରୁ ତିନି ରଥର ଯାଞ୍ଚ କରାଯାଇ ଯାହା ସମସ୍ୟା ରହିଥାଏ, ତାହାର ମରାମତି କରାଯାଇଥାଏ। ତେବେ ଯାଞ୍ଚ ସମୟରେ ତିନି ରଥରେ କୌଣସି ବଡ଼ଧରଣର ସମସ୍ୟା ନ ଥିବା ଜଣାପଡ଼ିଛି। ଯାହା କିଛି ସମସ୍ୟା ରହିଥିଲା, ତାହାର ମରାମତି କରାଯାଇଛି। ଯାଞ୍ଚ ନେଇ ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ମହାରଣା ବିଜୟ ମହାପାତ୍ର କହିଛନ୍ତି, ଶ୍ରୀବିଗ୍ରହମାନଙ୍କ ତିନିରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ରଥଗୁଡ଼ିକରେ ତ୍ରୁଟି ରହିଛି କି ନାହିଁ ତାହାର ଯାଞ୍ଚ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥାଏ। ସେହି ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ଆସି ରଥ ଯାଞ୍ଚ କରୁଛୁ। ୩ଟି ଯାକ ରଥରେ ସେତେ କିଛି ତ୍ରୁଟି ନାହିଁ। ସାଧାରଣତଃ ରଥ ଗଡ଼ିବା ସମୟରେ କିଛି କଣ୍ଟା ଖସିଯାଇଥାଏ। ଖସିଯାଇଥିବା କଣ୍ଟାଗୁଡ଼ିକୁ ବାଡ଼ିଆ ଯାଉଛି। ଶୁକ୍ରବାର ତିନି ରଥର ଦକ୍ଷିଣ ମୋଡ଼ ଅନୁଷ୍ଠିତ ହେବ। ଦକ୍ଷିଣ ମୋଡ଼ ପରେ ପୁଣି ତିନି ରଥର ଯାଞ୍ଚ କରାଯିବ ବୋଲି ମହାପାତ୍ର କହିଛନ୍ତି।


ଜଣେ ବ୍ୟବସାୟୀ ସୁତୁଲିରେ ତିଆରି ଖେଳଣା ବିକ୍ରୟ କରୁଛନ୍ତି ।

# ଆଜି ଦକ୍ଷିଣ ମୋଡ଼ ହେବ ୩ ରଥ

ପୁରୀ,୧୧।୭ (ଅଜିତ୍ କୁମାର ମହାନ୍ତି)

ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଥିବା ତିନିରଥ ବାହୁଡ଼ା ପାଇଁ ଶୁକ୍ରବାର ଦକ୍ଷିଣ ମୋଡ଼ ହେବ। ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦକ୍ଷିଣ ମୋଡ଼ ପୂର୍ବରୁ ଭୋଇ ସେବକ, ମହାରଣା ସେବକ, ଓଝା ସେବକ, ରଥ ନିର୍ମାଣ କମିଟି ସଦସ୍ୟ ପ୍ରମୁଖ ତିନି ରଥକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶୁକ୍ରବାର ସକାଳ ଧୂପ ସମ୍ପନ୍ନ ହେବା ପରେ ତିନିବାଡ଼ରୁ ଆଜ୍ଞାମାଳ ଆସି ତିନି ରଥରେ ଦିଆଯିବ। ପରେ ଦକ୍ଷିଣ ମୋଡ଼ ପ୍ରକ୍ରିୟା ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ପ୍ରଥମେ ସୁଭଦ୍ରାଙ୍କ ଦେବଦଳନ ଏବଂ ଦ୍ୱିତୀୟରେ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରଖାଯିବ।

# ଭାବ ବିହ୍ୱଳ କଲା ଭକ୍ତି ସଙ୍ଗୀତ

- ୪୪ତମ ହେରାପଞ୍ଚମୀ ଭଜନ ସମାରୋହ
- କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କୁ ମାଖନଲାଲ ହାଲଦାର ସ୍ମୃତି ସମ୍ମାନ

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)

ଶରଧାବାଲି ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ୪୪ତମ ହେରାପଞ୍ଚମୀ ଭଜନ ସମାରୋହ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ସୁନିଲ ମହାନ୍ତି, ଦୁଷ୍ମନ୍ତ କୁମାର ସ୍ୱାଇଁ, ରୂପେଶ ପାଣିଗ୍ରାହୀ, ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମାରୋହରେ କଣ୍ଠଶିଳ୍ପୀ ଇରା ମହାନ୍ତି, ଶ୍ରୀଚରଣ ମହାନ୍ତି, ସୌରଭ ନାୟକ, ରବୀନ୍ଦ୍ର ମହାପାତ୍ର, ଶରତ ନାୟକ, ମଞ୍ଜୁଶ୍ରୀ ତ୍ରିପାଠୀ, ଦୀପ୍ତିରେଖା ପାଢ଼ୀ, ଅଞ୍ଜଳି ମିଶ୍ର, ଗଗନ ବିହାରୀ ଜେନା, ସୁଧାକର ମିଶ୍ର, ଶୈଳଭାମା ମହାପାତ୍ର, ଅନ୍ତରା ଚକ୍ରବର୍ତ୍ତୀ, ମାନସୀ ପାତ୍ର, ପ୍ରଫୁଲ୍ଲ ବେହେରା, ପ୍ରଭୁପ୍ରସାଦ ନନ୍ଦ, ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କୁ ମାଖନଲାଲ ହାଲଦାର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଦୁଃଖିଶ୍ୟମ ମର୍ଦ୍ଦରାଜଙ୍କ ସ୍ମୃତିରେ ଅଞ୍ଜଳି ମିଶ୍ର, ନିକୁଞ୍ଜ କିଶୋର ଜେନାଙ୍କ ସ୍ମୃତିରେ ଦୀପ୍ତିରେଖା ପାଢୀଙ୍କ ସମେତ ରବୀନ୍ଦ୍ର ମହାପାତ୍ର, ଅନ୍ତରା ଚକ୍ରବର୍ତ୍ତୀ, ସୁଧାକର ମିଶ୍ର, ଶୈଳଭାମା ମହାପାତ୍ର, ପରମାନନ୍ଦ ସାହୁ, ଶ୍ରୀଚରଣ ମହାନ୍ତି, ପ୍ରଶାନ୍ତ ପାଢ଼ୀ, ସୌମ୍ୟଜିତ୍ ପରିଡା, ମାନସୀ ପାତ୍ର, ପ୍ରଦୀପ କୁମାର ପ୍ରଧାନଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କୁମାର ହାଲଦାର,ଉପସଭାପତି ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ସଙ୍ଗଠନ ସମ୍ପାଦକ ବିଜୟ ମୋହନ ଦାଶ ଉପସ୍ଥିତ ଥିଲେ। ଉଦ୍‌ଘୋଷକ ବିଚିତ୍ରାନନ୍ଦ ପଣ୍ଡା ଓ ଶ୍ୟାମ ପ୍ରକାଶ ସେନାପତି ସମାରୋହର ସଂଯୋଜନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ବାଦଶାହ ମ୍ୟୁଜିକ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ନାୟକ ଏବଂ ସାଧାରଣ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ଜଣେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି ।



କଣ୍ଠଶିଳ୍ପୀ ରଶ୍ମୀ ମିଶ୍ରଙ୍କୁ ସମ୍ମାନିତ କରାଯାଉଛି ।

## ସଂକ୍ଷେପରେ

### ସହରରେ ମାତିଛନ୍ତି ବାଇକ୍ ଚୋର

ଖୋର୍ଦ୍ଧା, ୧୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ବାଇକ୍ ଚୋର ମାତିଛନ୍ତି। କିଛିଦିନ ତଳେ ସହରର ବିଭିନ୍ନ ସ୍ଥାନରୁ ତିନୋଟି ବାଇକ୍ ଚୋରି ଅଭିଯୋଗ ହୋଇଥିଲା। ଗୁରୁବାର ସକାଳ ୮ଟା ୪୭ରେ ଆଦର୍ଶ ଥାନା ଅନ୍ତର୍ଗତ ମଙ୍ଗଳା ନଗର ୪ର୍ଥ ଲେନ୍‌ରେ ରହୁଥିବା ମାନସ କୁମାର ପରିଡ଼ାଙ୍କ ଘର ଦୁଆର ସମ୍ମୁଖରୁ ତାଙ୍କ ହୋଣ୍ଡା ସାଇନ୍ ବାଇକ୍ (ନଂ. ଓଡି ୦୫ଇ ୮୨୧୭) କେହି ଚୋରି କରିଥିବା ଥାନାରେ ଅଭିଯୋଗ କରାଯାଇଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ପୋଲିସକୁ ଦିଆଯାଇଛି। ସହରରେ କିଛିଦିନ ହେଲା ବାଇକ୍ ଚୋରି ଘଟୁଥିଲେ ମଧ୍ୟ ପୋଲିସ ଚୋରଙ୍କୁ ଧରିପାରୁନାହିଁ।

### ଚିକିତ୍ସକ ହଟକିଶୋର ପଟ୍ଟନାୟକଙ୍କ ପରଲୋକ

ଖୋର୍ଦ୍ଧା, ୧୧।୭ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାର ସୁପରିଚିତ ବର୍ଷୀୟାନ ହୋମିଓ ଚିକିତ୍ସକ, ସମାଜସେବୀ, ଶିକ୍ଷାବିତ୍ ଓ ସାହିତ୍ୟିକ ଡାକ୍ତର ହଟକିଶୋର ପଟ୍ଟନାୟକଙ୍କ ୮୬ ବର୍ଷ ବୟସରେ ଗତ ୮ତାରିଖରେ ତାଙ୍କ ଖୋର୍ଦ୍ଧାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ପଟ୍ଟନାୟକ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ପୀଡ଼ିତ ଥିଲେ। ସେ ସାରସ୍ୱତ ସାଧନା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। ତାଙ୍କ ପରଲୋକରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ କେରଙ୍ଗ ଓ ଖୋର୍ଦ୍ଧା ସହରରେ ପରିକ୍ରମା କରାଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଡାକ୍ତର ଜିନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ଅନ୍ତିମ ଶୋଭାଯାତ୍ରାରେ ବହୁ ଛାତ୍ରୀଛାତ୍ର, ବନ୍ଧୁବାନ୍ଧବ ଏବଂ ଅଞ୍ଚଳବାସୀ ସାମିଲ ହୋଇଥିଲେ।

### ଧାନମଣ୍ଡି ପ୍ରଶିକ୍ଷଣ ଶିବିର

ଖାର୍ଦ୍ଧା, ୧୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟରେ ଖରିଫ ଋତୁ ୨୦୨୪ -୨୫ ବର୍ଷ ପାଇଁ ଚାଷୀ ପଞ୍ଜୀକରଣ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗାଣ କାର୍ଯ୍ୟାଳୟର ତାଲିମପ୍ରାପ୍ତ ଅଧିକାରୀ ସମସ୍ତ ସମ୍ପାଦକ, ଡିଇଓମାନଙ୍କୁ ତାଲିମ ଦେଇଥିଲେ। ସମିତି ମାଧ୍ୟମରେ କୃଷକଙ୍କ ନାମ ପଞ୍ଜୀକରଣ, ମଣ୍ଡିରେ ଧାନ ବିକ୍ରି ସହ ଉଚିତ ପ୍ରାପ୍ୟ ନିର୍ଦ୍ଧାରିତ ସମୟରେ ପାଇପାରିବା ପ୍ରତି ଦୃଷ୍ଟି ଦେବା ପାଇଁ ଅଫିସରମାନେ ସମ୍ପାଦକ ଏବଂ ଡିଇଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉର୍ମିଳା ଦାସ, ଭାଗବତ ମାରାଣ୍ଡି, ଜୟନ୍ତ ଦାସ, ଚିନ୍ମୟୀ ଶୁଭଦର୍ଶିନୀ, ଜ୍ୟୋତିର୍ମୟୀ ଲେଙ୍କା, ଅନିଲ କୁମାର ରାଉତ, ରୋହିତ କୁମାର ପଟ୍ଟନାୟକ, ସୁବାସ ଚନ୍ଦ୍ର ପରିଡ଼ା, ନିତ୍ୟାନନ୍ଦ ଦାଶ, ବିଶ୍ୱନାଥ ମହାରଣା ଏବଂ ଝଜ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥିତି ଅନୁଧାନ କଲେ ଜିଲାପାଳ



ନିଖୋଜ ଓମ୍‌ପ୍ରସାଦ ରଥଙ୍କୁ ଖୋଜା ଚାଲିଛି।



ଜିଲାପାଳ ଚଞ୍ଚଳ ରାଣା ଘଟଣାସ୍ଥଳରେ ସ୍ଥିତି ଅନୁଧାନ କରୁଛନ୍ତି।

ଖୋର୍ଦ୍ଧା, ୧୧।୭(ପ୍ରଭାତ ପାଣିଗ୍ରାହୀ)

■ଖଣି ପୋଖରୀରେ ଯୁବକ ନିଖୋଜ ଘଟଣା

■ଆବଶ୍ୟକ ସ୍ଥଳେ ହାଇଟେକ୍ନୋଲୋଜି ବ୍ୟବହାର ହେବ

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଳି କଳିଙ୍ଗମୁଣ୍ଡିଆ ପୋଖରୀରେ ବୁଡ଼ିଯାଇ ନିଖୋଜ ଥିବା ଓମ୍‌ପ୍ରସାଦ ରଥଙ୍କୁ ଖୋଜା ଚାଲିଛି। ଜିଲାପାଳ ଚଞ୍ଚଳ ରାଣା ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ରାଉରକେଲା ଏନ୍‌ଆଇଟିରୁ ଆସିଥିବା ରୋବୋ ଟିମ୍ ସହ ସେ ଆଲୋଚନା କରିଛନ୍ତି। ଉନ୍ନତ କୌଶଳ ଆପଣାଇ ଯୁବକଙ୍କୁ ଉଦ୍ଧାର ପାଇଁ ଏନ୍‌ଆଇଟି ଟିମ୍‌କୁ ଜିଲାପାଳ ଅନୁରୋଧ କରିଥିବାବେଳେ ଆବଶ୍ୟକ ସମସ୍ତ ସହାୟତା ପ୍ରଶାସନ ଯୋଗାଇଦେବ ବୋଲି କହିଛନ୍ତି। ସେଠାରେ ଉପସ୍ଥିତ ଥିବା ଓମ୍‌ଙ୍କ ପରିବାର ଲୋକଙ୍କ ସହିତ ଜିଲାପାଳ ଆଲୋଚନା କରି ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଓମ୍‌ଙ୍କ ଉଦ୍ଧାର ପାଇଁ ଆବଶ୍ୟକସ୍ଥଳେ ବାହାର ରାଜ୍ୟର ଅଭିଜ୍ଞ ଟିମ୍‌ର ସହାୟତା ନିଆଯିବ ଏବଂ ହାଇଟେକ୍ନୋଲୋଜି ବ୍ୟବହାର ହେବ ବୋଲି ସେ ସୂଚନା ଦେଇଛନ୍ତି। ଖଣି କୂଳରେ ଓମ୍‌ଙ୍କ ମାଆ, ଭଉଣୀ ଓ ସମ୍ପର୍କୀୟ ଚାହିଁ ବସିଥିବା ବେଳେ କାହାରି ମୁହଁରୁ ଯେମିତି ଶବ୍ଦ ନାହିଁ। ଆଖିରୁ ଲୁହ ଶୁଖୁନି। ଓମ୍‌ଙ୍କ ବାପା ଛୋଟବେଳୁ ଆରପାରିକୁ ଚାଲିଯାଇଥିବାବେଳେ ମାଆ ଦୀପ୍ତିରେଖା ମିଶ୍ର ପୁଅଝିଅଙ୍କୁ କଷ୍ଟେମଷ୍ଟେ ବଡ଼ କରିବା ସହ ପାଠ ପଢ଼ାଉଥିଲେ। ଦୀପ୍ତିରେଖା ଖୋର୍ଦ୍ଧା ବାଳିକା ଉଚ୍ଚ ବିଦ୍ୟାଳୟରେ ଚତୁର୍ଥଶ୍ରେଣୀ କର୍ମଚାରୀ ଭାବେ କାମ କରନ୍ତି। ପୁଅର ନିଖୋଜ ଘଟଣା ତାଙ୍କୁ ଏକପ୍ରକାର ମୂକ କରିଦେଇଛି। ପ୍ରକାଶଥାଉ କି, ଅପରେଶନ ତାପଙ୍ଗ ନାମକ ନାଭାଲ ଟିମ୍ ବୁଧବାର ଓ ଗୁରୁବାର ଖଣି ପୋଖରୀରେ ବୁଡ଼ି ସନ୍ଧାନ କରିଥିଲେ। ନାଭାଲ ଟିମ୍ ପାଣିର ପ୍ରାୟ ୯୦ ଫୁଟ ଗଭୀରକୁ ଯାଇ ଖୋଜିଥିଲେ। ମାତ୍ର ଏହା ତଳକୁ ଯିବା ସମ୍ଭବ ହୋଇ ନ ଥିବା ସେମାନେ କହିଛନ୍ତି। ଅନ୍ୟ ଏକ ଟିମ୍ କ୍ୟାମେରା ଯୋଗେ ପାଣି ଭିତରେ ସନ୍ଧାନ କରୁଥିବାବେଳେ କ୍ୟାମେରା ମଧ୍ୟ ୫୦ ଫୁଟ ତଳକୁ ଯାଇପାରୁ ନ ଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ଅନୁସନ୍ଧାନ ଜାରି ରହିଛି ଏବଂ କେହି ଆଶା ହରାଇ ନାହାନ୍ତି। ମିଶନ ତାପଙ୍ଗକୁ ସଫଳ କରିବାକୁ ସନ୍ଧାନକାରୀ ଦଳ ଲାଗିପଡ଼ିଛନ୍ତି।

## ବାହୁଡ଼ାଯାତ୍ରା ପାଇଁ ଯାଞ୍ଚ ହେଲା ରଥ

ପୁରୀ, ୧୧।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାର ପଞ୍ଚମ ଦିନକୁ ହେରା ପଞ୍ଚମୀ ଭାବେ ପାଳନ କରାଯାଏ। ହେରା ପଞ୍ଚମୀ ପରଦିନ ଅର୍ଥାତ୍ ଘୋଷଯାତ୍ରାର ଷଷ୍ଠ ଦିବସରେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ହେରାପଞ୍ଚମୀ ପରଦିନ ତିନିରଥର ଦକ୍ଷିଣମୋଡ଼ କରାଯାଏ। ଦକ୍ଷିଣମୋଡ଼ ପୂର୍ବରୁ ଗୁରୁବାର ରଥ ନିର୍ମାଣ କମିଟି ପକ୍ଷରୁ ରଥଗୁଡ଼ିକୁ ଯାଞ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ଇଞ୍ଜିନିୟର କମିଟି ସଦସ୍ୟ, ମହାରଣା, ଇଞ୍ଜିନିୟର, ରଥ ଅମିନ ଏବଂ ରଥ ତତ୍ତ୍ୱାବଧାରକ ଉପସ୍ଥିତ ରହି ରଥଗୁଡ଼ିକୁ ଚିକିନିଖି ଯାଞ୍ଚ କରିଛନ୍ତି। ଘୋଷଯାତ୍ରା ଦିନ ତିନି ରଥ ବଡ଼ଦାଣ୍ଡରେ ୨.୬ କି.ମି. ଗଡ଼ିବା ପରେ ରଥର ଯାଞ୍ଚ ଆବଶ୍ୟକ ପଡ଼ିଥାଏ। ବୈଷୟିକ ଟିମ୍ ଦ୍ୱାରା ଏହି ଯାଞ୍ଚ ହୋଇଛି। ପ୍ରତ୍ୟେକ ବର୍ଷ ଦକ୍ଷିଣମୋଡ଼ ପୂର୍ବରୁ ତିନି ରଥର ଯାଞ୍ଚ କରାଯାଇ ଯାହା ସମସ୍ୟା ରହିଥାଏ, ତାହାର ମରାମତି କରାଯାଇଥାଏ। ତେବେ ଯାଞ୍ଚ ସମୟରେ ତିନି ରଥରେ କୌଣସି ବଡ଼ଧରଣର ସମସ୍ୟା ନ ଥିବା ଜଣାପଡ଼ିଛି। ଯାହା କିଛି ସମସ୍ୟା ରହିଥିଲା, ତାହାର ମରାମତି କରାଯାଇଛି। ଯାଞ୍ଚ ନେଇ ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ମହାରଣା ବିଜୟ ମହାପାତ୍ର କହିଛନ୍ତି, ଶ୍ରୀବିଗ୍ରହମାନଙ୍କ ତିନିରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ରଥ ଗୁଡ଼ିକରେ ତ୍ରୁଟି ରହିଛି କି ନାହିଁ ତାହାର ଯାଞ୍ଚ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥାଏ। ସେହି ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ଆସି ରଥ ଯାଞ୍ଚ କରୁଛୁ। ୩ଟି ଯାକ ରଥରେ ସେତେ କିଛି ତ୍ରୁଟି ନାହିଁ। ସାଧାରଣତଃ ରଥଗଡ଼ିବା ସମୟରେ କିଛି କଣ୍ଟା ଖସିଯାଇଥାଏ। ଖସିଯାଇଥିବା କଣ୍ଟାଗୁଡ଼ିକୁ ବାଡ଼ିଆ ଯାଉଛି। ଶୁକ୍ରବାର ତିନି ରଥର ଦକ୍ଷିଣ ମୋଡ଼ ଅନୁଷ୍ଠିତ ହେବ। ଦକ୍ଷିଣ ମୋଡ଼ ପରେ ପୁଣି ତିନି ରଥର ଯାଞ୍ଚ କରାଯିବ ବୋଲି ମହାପାତ୍ର କହିଛନ୍ତି।

## ଗୋଦାମ ଗୃହରୁ ତାଲା ଫିଟାଇଲା ପ୍ରଶାସନ



### ହିତାଧିକାରୀ ପାଇଲେ ଖାଉଟି ସାମଗ୍ରୀ

ବାଲୁଗାଁ, ୧୧।୭(ସଂଗ୍ରାମ ପାଇକରାୟ)

ଚିଲିକା ବ୍ଲକ୍ ଅଧୀନ ଆଙ୍ଗୁଲା ଗ୍ରାମପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନକୁ କେନ୍ଦ୍ର କରି ଦୀର୍ଘ ଏକସପ୍ତାହ ଧରି ଲାଗି ରହିଥିବା ରାଜନୈତିକ ବିବାଦର ଗୁରୁବାର ଅନ୍ତ ଘଟିଛି। ପ୍ରତିଶ୍ରୁତି ରକ୍ଷା କରି ଜିଲା ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଗୋଦାମ ଗୃହ ତାଲା ଫିଟାଇଛନ୍ତି। ଏହାପରେ ସେମାନଙ୍କ ଉପସ୍ଥିତିରେ ପ୍ରଥମ ଦିବସରେ ୬୦ଜଣ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ କରାଯାଇଛି।

ସୂଚନାଯୋଗ୍ୟ, ଆଙ୍ଗୁଲା ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ବ୍ୟାପକ ଅନିୟମିତତା ଓ ହେରଫେର ନେଇ ଭାଜପା କର୍ମୀ ଅଭିଯୋଗ ଆଣିବା ସହ ତଦନ୍ତ ଦାବି କରି ଗତ ୪ତାରିଖରୁ ଗୋଦାମ ଗୃହ ଫାଟକରେ ତାଲା ପକାଇଥିଲେ। ଅନ୍ୟପକ୍ଷେ ଉକ୍ତ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟା ଉକ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ। ଏହାକୁ ନେଇ ୭ଦିନ ଧରି ବିବାଦ ଲାଗିରହିଥିଲା। ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ ବ୍ୟାହତ ହୋଇଥିବାବେଳେ ବିଜେଡି ପକ୍ଷରୁ ପ୍ରଶାସନର ସହାୟତା ଲୋଡ଼ାଯାଇଥିଲା। ଘଟଣାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ବିବାଦ ଜଟିଳ ଆଡ଼କୁ ମୁହାଁଇଥିଲା। ମଙ୍ଗଳବାର ବିଜେଡି କର୍ମୀମାନେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଚିଲିକା ବିଡିଓ ବୁଧବାର ଗୋଦାମ ଗୃହ ଫାଟକରୁ ତାଲା ଖୋଲାଯାଇ ଖାଉଟି ସାମଗ୍ରୀ ବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଡିଓ ନ ଆସିବାରୁ ବୁଧବାର ମଧ୍ୟାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଦୀର୍ଘ ୪ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରାଯାଇ ଥିଲା। ଏହି ଘଟଣାରେ ଜିଲାପାଳଙ୍କ ହସ୍ତକ୍ଷେପ କ୍ରମେ ଗୁରୁବାର ପୂର୍ବାହ୍ନରେ ଚିଲିକା ବିଡିଓ ହଳଧର ଶବର, ତହସିଲଦାର ଚକ୍ରଧର ପାଢ଼ୀ ଏବଂ ଯୋଗାଣ ନିରୀକ୍ଷକ ଅରୁଣ ଲେଙ୍କା, ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବାଲୁଗାଁ ପୋଲିସ ଉପସ୍ଥିତିରେ ଗୋଦାମ ଗୃହ ଫାଟକ ତାଲା ଫିଟାଯାଇଥିଲା। ଦୁଇ ଦଳର ସଦସ୍ୟ ଏବଂ ପ୍ରଶାସନିକ କର୍ମଚାରୀଙ୍କ ଉପସ୍ଥିତିରେ ଉପଭୋକ୍ତାଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ କରାଯାଇଥିଲା।

## 'ରତ୍ନଭଣ୍ଡାର ଖୋଲାଗଲେ ସମସ୍ତ ସନ୍ଦେହ ଦୂରହେବ'

ପୁରୀ, ୧୧।୭(ଅଜିତ୍ କୁମାର ମହାନ୍ତି)

### ୧୪କୁ ଅପେକ୍ଷା

ଧାର୍ଯ୍ୟ ତାରିଖରେ ହିଁ ଖୋଲିବ ରତ୍ନଭଣ୍ଡାର। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏଭଳି ପ୍ରତିକ୍ରିୟା ପରେ ରତ୍ନଭଣ୍ଡାର ଚଳିତ ମାସ ୧୪ ତାରିଖରେ ଖୋଲିବା ନେଇ ସମ୍ଭାବନା ଦେଖାଦେଇଛି। ରତ୍ନଭଣ୍ଡାର ଯାଞ୍ଚ କମିଟି ବୈଠକରେ ସହମତି ପ୍ରକାଶ ପରେ ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବାକୁ ରାଜ୍ୟ ସରକାରଙ୍କୁ କମିଟି ପ୍ରସ୍ତାବ ଦେଇଛି। ବୁଧବାର ପରିଚାଳନା କମିଟି ବୈଠକରେ ଯାଞ୍ଚ କମିଟିର ପ୍ରସ୍ତାବ ଉପରେ ମୋହର ବାଜିଥିଲା। ରତ୍ନଭଣ୍ଡାର ଖୋଲାଯିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ମହାପ୍ରଭୁଙ୍କ ନୀତିକାନ୍ତି ସହ ଖାପ ଖୁଆଇ ରତ୍ନ ଭଣ୍ଡାର ଖୋଲାଯିବା ପ୍ରସ୍ତାବକୁ ସେବାୟତମାନେ ସ୍ୱାଗତ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୭୮ ମସିହାରେ ଶେଷଥର ରତ୍ନଭଣ୍ଡାରର ରତ୍ନ ଗଣତି ହୋଇଥିଲା। ୧୯୮୫ରେ ଶେଷ ଥର ଖୋଲା ହୋଇଥିଲା ରତ୍ନଭଣ୍ଡାର। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପ୍ରତି ୩ ବର୍ଷରେ ରତ୍ନଭଣ୍ଡାର ଖୋଲାଯିବା କଥା। ହେଲେ ୧୯୭୮ ମସିହା ପରଠାରୁ ରତ୍ନଭଣ୍ଡାର ଖୋଲାଯାଇନାହିଁ। ୨୦୧୮ରେ ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରୟାସ ହୋଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଉଦ୍ୟମ ହେବା ଏବଂ ଆବଶ୍ୟକ ପଡ଼ିଲେ ତାଲା ଭଙ୍ଗାଯିବା ମନ୍ତବ୍ୟ ପରେ ଏ ସଂକ୍ରାନ୍ତ କଳ୍ପନାଜଳ୍ପନାରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ରତ୍ନଭଣ୍ଡାର ଖୋଲିବା ପ୍ରସ୍ତାବକୁ ସେବାୟତମାନେ ସ୍ୱାଗତ କରିଛନ୍ତି। ଦଇତାପତି ସେବକ ଭବାନୀ ଦାସ ମହାପାତ୍ର କହିଛନ୍ତି, ଶୁଣିବାକୁ ମିଳୁଛି ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବ। ବର୍ତ୍ତମାନର ସରକାର ପ୍ରତିଶ୍ରୁତି ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି। ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ରତ୍ନ ଅଳଙ୍କାର ସମ୍ପର୍କରେ ତର୍ଜମା ହେବା ଆବଶ୍ୟକ। ଓଡ଼ିଶାବାସୀ ଜାଣିବା ଆବଶ୍ୟକ ଯେ, ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷିତ ରହିଛି। ସେହପରି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବ ବୋଲି ଆଶା ରହିଛି। ଭିତରକାଠ ନିକଟରେ ଯେଉଁ ଚାଙ୍ଗଡା ଘର ରହିଛି, ସେହିଠାରେ ରତ୍ନ ଅଳଙ୍କାର ରଖିବା ପାଇଁ ବ୍ୟବସ୍ଥା କରାଯାଉ। ଅଳଙ୍କାର ବାହାରକୁ ଅଣାଯାଉ। ସେବାୟତମାନଙ୍କ ପକ୍ଷରୁ ସହଯୋଗ କରାଯିବ। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ହେବା ଆବଶ୍ୟକ, ଯାହାଫଳରେ ସମସ୍ତଙ୍କ ମନରୁ ସନ୍ଦେହ ଦୂର ହେବ। ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ଦାସ ମହାପାତ୍ର କହିଛନ୍ତି।

## ନଦୀ କୂଳେ ବ୍ରାଉନସୁଗାର ବେପାର, ୩ ଗିରଫ

ଭୁବନେଶ୍ୱର, ୧୧।୭(ସୂର୍ଯ୍ୟକାନ୍ତ ବେହେରା)

ବଡଗଡ ଥାନା ଅନ୍ତର୍ଗତ ବାସୁଆଘାଇ ନିକଟ କୁଆଖାଇ ନଦୀ କୂଳରେ ବ୍ରାଉନସୁଗାର ବେପାର ବେଳେ ସ୍ଥାନୀୟ ପୋଲିସ ଚଡାଉ କରି ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀର ମାନଗୋବିନ୍ଦ ନାରାୟଣ ଦାସ ଏବଂ ମଞ୍ଚେଶ୍ୱର ଜିଜିପି କଲୋନୀର ଶକ୍ତିଧର ମହାରଣା ଓ ନୃସିଂହ ଧଳ। ଅଭିଯୁକ୍ତଙ୍କଠାରୁ ୯.୮୭ ଗ୍ରାମ ବ୍ରାଉନସୁଗାର, ସ୍କୁଟି, ବାଇକ ଓ ନଗଦ ୨ ଲକ୍ଷ ୩୩ ହଜାର ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ର୍‍ୟାକେଟର ମୁଖ୍ୟ କାର୍ପଟଦାରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ରଥକାଠ ଭାଙ୍ଗିଲେ ଅଭିମାନିନୀ ମହାଲକ୍ଷ୍ମୀ

ଖୋର୍ଦ୍ଧା, ୧୧।୭(ପ୍ରଭାତ ପାଣିଗ୍ରାହୀ)



ହେରାପଞ୍ଚମୀ ଅବସରରେ ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଛନ୍ତି।

ମହାପ୍ରଭୁ ଶ୍ରୀଅନନ୍ତ ପୁରୁଷୋତ୍ତମ ବଡ଼ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଆସି ଏବେ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ରୁକ୍ମିଣୀ ଏକାଦଶୀ ତିଥିରେ ମହାଲକ୍ଷ୍ମୀଙ୍କ ସହ ଠାକୁରଙ୍କ ବିବାହୋତ୍ସବ ପରେ ଦେବସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡିତ ହୋଇଥିଲେ। ଅଣସର ଘରେ ଉପଚାର ହୋଇ ସୁସ୍ଥ ହେବା ପରେ ମହାଲକ୍ଷ୍ମୀଙ୍କୁ ନ ଜଣାଇ ଭଉଣୀଭାଇଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚାଯାତ୍ରାରେ ବାହାରି ଯାଇଛନ୍ତି। ସେଠାରେ ମହାପ୍ରଭୁଙ୍କ ନୀତିକାନ୍ତି ଚାଲିଛି। ଏନେଇ ଅଭିମାନ କରିଛନ୍ତି ନବବିବାହିତା ମହାଲକ୍ଷ୍ମୀ। ମହାଲକ୍ଷ୍ମୀ ମହାପ୍ରଭୁଙ୍କ ବିରହ ବେଦନା ସହିନ ପାରି ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ଗୁରୁବାର ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ସେଠାରେ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥିଲା।

ଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟା ଆଳତି ସରିବା ପରେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ବିମାନରେ ବିଜେ ହୋଇ ଗୁଣ୍ଡିଚା ମନ୍ଦିରକୁ ଆସିଥିଲେ। ନନ୍ଦିଘୋଷ ରଥ ନିକଟରେ ମହାଲକ୍ଷ୍ମୀଙ୍କ ବନ୍ଦାପନା ନୀତି ପରେ ସେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ସେହି ସମୟରେ ମହାପ୍ରଭୁଙ୍କ ନୀତି ଚାଲିଥିବାରୁ ଦ୍ୱାର ସେହି ସମୟରେ ମହାପ୍ରଭୁଙ୍କ ଟେରା ପଡ଼ିଥିବାରୁ ଦର୍ଶନ ନ ପାଇ ମହାଲକ୍ଷ୍ମୀ ଅଭିମାନରେ ରଥର କିଛି ଅଂଶ ଭାଙ୍ଗି ଲୁଚି ଲୁଚି ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ।

ପଡ଼ିଥିଲା। ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଅଭିମାନ କରି ବାହୁଡ଼ିବା ବେଳେ ରଥର କିଛି ଅଂଶ ଭାଙ୍ଗିଦେଇଥିଲେ। ଏ ନେଇ ମନ୍ଦିରର ମୁଖ୍ୟ ପୂଜକ କମଳଲୋଚନ ମହାରାଜ କହିଛନ୍ତି, ମହାପ୍ରଭୁ ଧରାପୃଷ୍ଠରେ ମାନବୀୟ ଲୀଳା କରୁଛନ୍ତି। ଭକ୍ତଙ୍କ ପାଇଁ ନବଦିନାତ୍ମକ ଯାତ୍ରାରେ ବାହାରି ଅଗଣିତ ଭକ୍ତଙ୍କୁ ରଥାରୂଢ଼ ହୋଇ ଦର୍ଶନ ଦେଉଛନ୍ତି। ସେ ଭକ୍ତଙ୍କ ମନକଥାକୁ ବୁଝନ୍ତି। ଘୋଷଯାତ୍ରା ସମୟରେ ହେରାପଞ୍ଚମୀ ଦିବ୍ୟ ପରମ୍ପରା। ନୀଳାଦ୍ରି ବିଜେ ପରେ ମନ୍ଦିରରେ ପୁଣି ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁଙ୍କ ଭେଟ ହେବ। ବିବାହ ପରେ ନବବିବାହିତା ପତ୍ନୀଙ୍କୁ ଏକାକୀ ଛାଡ଼ିଦେଇ ଭଉଣୀଭାଇଙ୍କୁ ସାଥିରେ ଧରି ଗୁଣ୍ଡିଚା ଅଭିମୁଖେ ବାହାରିପଡିଲେ। ଭଗବାନ ଭକ୍ତର ଡାକ ଶୁଣିଲେ, ସ୍ତ୍ରୀଙ୍କ କଥା ଟିକିଏ ବି ଭାବିଲେ ନାହିଁ। ଏପରି ଦିବ୍ୟଲୀଳା ଦର୍ଶନ ଦେବଦୁର୍ଲଭ ବୋଲି ସେ କହିଛନ୍ତି।

## ହୃଦ୍‌ଘାତରେ ପାନ୍ଥନିବାସ ରାତ୍ରି ଜଗୁଆଳିଙ୍କ ମୃତ୍ୟୁ

ବାଲୁଗାଁ, ୧୧।୭(ସଂଗ୍ରାମ ପାଇକରାୟ)

ବଡ଼କୂଳ ପାନ୍ଥନିବାସରେ କାର୍ଯ୍ୟରତ ରାତ୍ରି ଜଗୁଆଳିଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ହୃଦ୍‌ଘାତଜନିତ ମୃତ୍ୟୁ ଘଟିଛି। ସେ ହେଲେ ତପନ ଚିନ୍ନାରା (୫୧)। ତାଙ୍କ ଘର ନିକଟସ୍ଥ ବଡ଼କୂଳ ଗ୍ରାମରେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ତପନ ପାନ୍ଥନିବାସରେ ଜଗୁଆଳି ଭାବେ କାର୍ଯ୍ୟରତ ଥିଲେ। ବିଳମ୍ବିତ ରାତ୍ରିରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିବାରୁ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର ଏବଂ ସହକର୍ମୀମାନେ ତାଙ୍କୁ ତୁରନ୍ତ ବାଲୁଗାଁ ଡାକ୍ତରଖାନା ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଭୋରରୁ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ନେଇ ୧୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତପନ ଏକ ଏଜେନ୍ସି ଅଧୀନରେ ସେଠାରେ କାର୍ଯ୍ୟରତ ଥିଲେ। ତାଙ୍କର ଏପରି ଅକାଳ ମୃତ୍ୟୁରେ ପାନ୍ଥନିବାସ କର୍ମଚାରୀ, ପରିବାର ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସହକର୍ମୀଙ୍କ ତରଫରୁ ୧୦ହଜାର ଟଙ୍କା ତାଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଉକ୍ତ ଏଜେନ୍ସିତରଫରୁ ଆର୍ଥିକ ସହାୟତା ଦିଆଯିବ ବୋଲି ସୂଚନା ମିଳିଛି। ଏହି ଦୁଃଖଦ ଖବର ପାଇ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅପରାହ୍ନରେ ବଡ଼କୂଳ ଗ୍ରାମରେ ପହଞ୍ଚି ମୃତ ତପନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# କୁପୋଷଣ ସମସ୍ୟା ନିରାକରଣ ପାଇଁ ଆହ୍ୱାନ

ଖୋର୍ଦ୍ଧା, ୧୧।୭(ପ୍ରଭାତ ପାଣିଗ୍ରାହୀ)



ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଖୋର୍ଦ୍ଧା ଜିଲାର ସମସ୍ତ ପ୍ରାନ୍ତୀୟ ତଥା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପାଇଁ ଦକ୍ଷତା ବୃଦ୍ଧି ନିମନ୍ତେ ଦୁଇଦିନିଆ ତାଲିମ ଶିବିର ଗୁରୁବାର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଶିଶୁ ପ୍ରକଳ୍ପ ଅଧିକାରୀ ପୋଷଣର ସମସ୍ତ ସଂଯୋଜକ, ସୁପରଭାଇଜର, ମିଶନଶକ୍ତି ତଥା ମମତାର ସମସ୍ତ ସଂଯୋଜକ ଯୋଗଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ତଥା ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁପୋଷଣ ସମ୍ପର୍କିତ ସମସ୍ୟା ତଥା ତା'ର ନିରାକରଣ ପାଇଁ ସମସ୍ତେ କିପରି କାମ କରିବେ ସେଥିପାଇଁ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ହରିଚନ୍ଦନ କହିଥିଲେ, ସକ୍ଷମ ଶିଶୁ କିଶୋର ହିଁ ବିକଶିତ ଭାରତ ଗଠନରେ ସହାୟକ ହେବେ। ଖୋର୍ଦ୍ଧା ଜିଲାକୁ ଆଗାମୀ ୨ବର୍ଷ ଭିତରେ ପୁଷ୍ଟିହୀନତାମୁକ୍ତ ଜିଲା ଭାବେ ଘୋଷଣା କରିବାକୁ ସେ ଅନୁରୋଧ କରିଥିଲେ। ନିୟମିତ ଯାଞ୍ଚ କରିବା ପାଇଁ ସମସ୍ତ ଜିଲା ଅଧିକାରୀ ତଥା ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ଜଟଣୀ ବିଧାୟକ ବିଭୂତିଭୂଷଣ ବଳବନ୍ତରାୟ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ସହଯୋଗିତା ତଥା ସହଭାଗିତା ମାଧ୍ୟମରେ କୁପୋଷଣ ବିରୋଧରେ କାମ କରିବାକୁ କହିଥିଲେ। ଜିଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସିତାଂଶୁ ସିଂହ, ୟୁନିସେଫର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ, ୟୁନିସେଫ ରିସର୍ଚ୍ଚର ବିନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଜିଲା ସଂଯୋଜିକା ସ୍ୱାତୀ ତନ୍ମୟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଏବଂ ଜିଲା ପୋଷଣ ସଂଯୋଜିକା ଅଭୀଲିପ୍ସା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତୀୟ ଦର୍ଶନ ସମ୍ପର୍କରେ ଆଲୋକପାତ

### ଭାରତ ବିକାଶ ପରିଷଦର ୬୨ତମ ସ୍ଥାପନା ଦିବସ

ଖୋର୍ଦ୍ଧା, ୧୧।୭(ପ୍ରଭାତ ପାଣିଗ୍ରାହୀ)



ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ଭାରତ ବିକାଶ ପରିଷଦର ୬୨ତମ ସ୍ଥାପନା ଦିବସ ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ପାଳିତ ହୋଇଯାଇଛି। ପରିଷଦର ଆଦର୍ଶ ସ୍ୱାମୀ ବିବେକାନନ୍ଦ ଏବଂ ପ୍ରତିଷ୍ଠାତା ସୁରଜ ପ୍ରକାଶଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ସମୂହ ବନ୍ଦେ ମାତରମ୍ ଗାନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପରିଷଦର ସ୍ଥାପନା, ଲକ୍ଷ୍ୟ, ଆଦର୍ଶ ଏବଂ ଉପଲବ୍ଧି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ ସଂସଦୀୟ ବ୍ୟାପାର ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ, ସୁସ୍ଥ ପରିବେଶ ଏବଂ ଏହାର ସୁରକ୍ଷା ପାଇଁ ଅଧିକରୁ ଅଧିକ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ନୀରୋଗ ସମାଜ ପାଇଁ ଆମକୁ ବୈଦିକ ଯୁଗର ଚିକିତ୍ସାକୁ ଫେରିବାକୁ ପଡ଼ିବ। ବିକଶିତ ଭାରତ ପାଇଁ ଆମେ ଯୋଗ କରିବା। ଆର୍ମିନିଆମୁକ୍ତ ଭାରତ ପାଇଁ ପରିଷଦର ଅଭିଯାନକୁ ସେ ପ୍ରଶଂସା କରିଥିଲେ।

ସମ୍ମାନିତ ଅତିଥି ଭାବେ ଭାରତ ବିକାଶ ପରିଷଦ ସମ୍ପର୍କ ପ୍ରକଳ୍ପର ଅଖିଳ ଭାରତୀୟ ସଦସ୍ୟ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ଦେଶବାସୀଙ୍କ ମନରେ ଜାତୀୟତାବୋଧ ଜାଗ୍ରତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଭାରତୀୟ ଦର୍ଶନ ବିଷୟରେ କହିବା ସହ ସନାତନ ଧର୍ମର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ପୂର୍ବପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ମଞ୍ଚ ସଂଚାଳନ ଓ ପ୍ରାନ୍ତ କୋଷାଧ୍ୟକ୍ଷ ନରସିଂହ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାସିକ ମୁଖପତ୍ର 'ସଂପ୍ରୀତି' ଉନ୍ମୋଚିତ ହୋଇଥିଲା। କ୍ଷେତ୍ରୀୟ ଯୁଗ୍ମ ମହାସଚିବ ଶୁଭାଶିଷ କର, କ୍ଷେତ୍ରୀୟ ମହିଳା ବାଲ୍ ବିକାଶ ସଂଯୋଜିକା ସୁପ୍ରୀତି ରଥ, ଓଡ଼ିଶା ପୂର୍ବପ୍ରାନ୍ତର ମିଡିଆ ପ୍ରଭାରୀ ନୀହାର ରଞ୍ଜନ ସ୍ୱାଇଁ, ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳେଇ, ସଂଯୁକ୍ତା ମିଶ୍ର, ନୃସିଂହନାଥ ନନ୍ଦ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ। ପ୍ରକାଶଥାଉ କି, ଡ. ସୁରଜ ପ୍ରକାଶ ଜୀଙ୍କ ଦ୍ୱାରା ୧୯୬୩ ଜୁଲାଇ ୧୦ରେ ଭାରତ ବିକାଶ ପରିଷଦ ସ୍ଥାପିତ ହୋଇଥିଲା।

**ସଂକ୍ଷେପରେ**

## ତଳ ସାହିର ମହିଳାଙ୍କ ସମେତ ୨ ଗିରଫ

### ପଦ୍ମକେଶରପୁର ଗୋଷ୍ଠୀ ସଂଘର୍ଷ ଘଟଣା

ଭୁବନେଶ୍ୱର,୧୧।୭ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରପୁର ଗୋଷ୍ଠୀ ସଂଘର୍ଷ ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ମଞ୍ଚେଶ୍ୱର ଥାନାରେ ରୁଜୁ ହୋଇଥିବା ମାମଲା ନଂ. ୩୫୩/୨୦୨୪ ଆଧାରରେ ପୋଲିସ ତଳ ସାହିର ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫଦ୍ୱୟ ହେଲେ ଇନ୍ଦ୍ରାଣୀ ଦାସ ଓ ସାଜନ ଦାସ। ଅପରପକ୍ଷେ ଗାଁରେ କଣ୍ଟ୍ରୋଲ ରୁମ୍ କରାଯିବା ସହ ପୋଲିସ ଫୋର୍ସ ମୁତୟନ କରାଯାଇଥିବାରୁ ବର୍ତ୍ତମାନ ପରିସ୍ଥିତି ସ୍ୱାଭାବିକ ରହିଛି। ଏହାସହ ଗାଁ ଛାଡିଥିବା କିଛି ଲୋକେ ଘର ବାହୁଡ଼ା ହୋଇଥିବା ସୂଚନା ମିଳିଛି। ସେହିପରି ଗାଁରେ କିଭଳି ଶାନ୍ତି ଫେରି ଆସିବ ସେନେଇ ବୁଧବାର ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରିଥିଲେ।

ସୂଚନାନୁସାରେ, ଗତ ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ କେଳାସାହିର ତଳ ସାହି ଓ ଉପର ସାହିର କିଛି ଲୋକ କୌଣସି ଏକ କାରଣକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ବଚସା ହୋଇଥିଲା। ପରେ ପରସ୍ପର ଟେକା ପଥର, କାଚ ବୋତଲ ମାଡ଼ ହୋଇଥିଲା। ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ କେହି ବୋମା ମାଡ କରିଥିଲା।

# ଡେଙ୍ଗୁ ହଟସ୍ପଟ୍ ପାଲଟିଛି ଖୋର୍ଦ୍ଧା ଜିଲା

### ୨୫୮ ଆକ୍ରାନ୍ତଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୮୦ ଚିହ୍ନଟ



ଭୁବନେଶ୍ୱର, ୧୧।୭(ବନ୍ଦନା ସେଠୀ)

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ଗୁରୁ ବଢ଼ି ଚାଲିଛି। ସ୍ଥିତି ଧୀରେ ଧୀରେ ବିଗୁଡ଼ୁଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏଭଳି ସ୍ଥିତିରେ ସଂକ୍ରମଣରେ ରାଜଧାନୀ ଭୁବନେଶ୍ୱର ପାଇଁ ଖୋର୍ଦ୍ଧା ଜିଲା ହଟସ୍ପଟ ପାଲଟିଛି। ମିଳିଥିବା ତଥ୍ୟ ଅନୁଯାୟୀ, ଜାନୁଆରୀରୁ ଜୁଲାଇ ୯ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲାରୁ ମୋଟ୍ ୨୫୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଭୁବନେଶ୍ୱରରୁ ସର୍ବାଧିକ ୮୦ଜଣ ରହିଛନ୍ତି। ସେହିପରି ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଗ୍ରାମାଞ୍ଚଳରୁ ୫୬ଜଣ ଥିବାବେଳେ ଜିଲା ବାହାରର ୨୬ଜଣ ରହିଛନ୍ତି। ତେବେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୯୬ଜଣ ଟେଷ୍ଟିଂ ସମୟରେ ଭୁଲ ତଥ୍ୟ ଦେଇଥିବାରୁ ସେମାନଙ୍କୁ ଟ୍ରେସ୍ କରାଯାଇ ପାରୁନାହିଁ। ଗତ ବର୍ଷ ପରି ଏଥର ମଧ୍ୟ ଭୁବନେଶ୍ୱରରେ ଡେଙ୍ଗୁ ଆହୁରି ବ୍ୟାପିବା ଆଶଙ୍କା ଦେଖାଦେଇଛି।

ବିଏମ୍ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଜାନୁଆରୀରୁ ମେ’ ଯାଏ ରାଜ୍ୟରେ ଡେଙ୍ଗୁ ସଂକ୍ରମଣ କମ୍ ରହିଥିଲା। ମାତ୍ର ମୌସୁମୀଜନିତ ବର୍ଷା ଆରମ୍ଭ ହେବା ପରଠାରୁ ଭୁବନେଶ୍ୱରରେ ଡେଙ୍ଗୁ ମାମଲା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଜାନୁଆରୀରୁ ଏଯାବତ୍ ଭୁବନେଶ୍ୱରରୁ ମୋଟ୍ ୮୦ ରୋଗୀ ଚିହ୍ନଟ ହୋଇଥିବାବେଳେ କେବଳ ଜୁଲାଇରେ ୩୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଗତ ୨୪ଘଣ୍ଟାରେ କ୍ୟାପିଟାଲ ହସ୍ପିଟାଲରେ ମୋଟ୍ ୬୨ଜଣଙ୍କର ନମୁନା ପରୀକ୍ଷଣ ହୋଇଥିବା ଏବଂ ସମସ୍ତ ରିପୋର୍ଟ ନେଗେଟିଭ୍ ଆସିଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ୯ ତାରିଖରେ ୨ଜଣ ପଜିଟିଭ୍ ଚିହ୍ନଟ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ଚିକିତ୍ସିତ ହେଉଥିବା ୪ଜଣଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା କୁହାଯାଇଛି। ଏବେ ଜ୍ୱର ଏବଂ ଥଣ୍ଡାରୋଗୀଙ୍କ ସଂଖ୍ୟା ଅଧିକ ରହୁଥିବାରୁ ଟେଷ୍ଟିଂକୁ ବ୍ୟାପକ କରାଯାଇଛି। ପୂର୍ବରୁ ଦୈନିକ ୪୦ ଟେଷ୍ଟ କରାଯାଉଥିବାବେଳେ ଏବେ ତାହାକୁ ୧୦୦କୁ ବଢ଼ାଇ ଦିଆଯାଇଛି। ଏଥିସହ ସଂକ୍ରମଣକୁ ଦୃଷ୍ଟିରେ ରଖି ହସ୍ପିଟାଲରେ ଡେଙ୍ଗୁରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ କରାଯାଇଥିବା ବିଏମ୍ସି ପକ୍ଷରୁ କୁହାଯାଇଛି।




ବନ୍ଦଥିବା କାରଖାନା ଖୋଲିବା, ଶ୍ରମକାର୍ଡ ବାତିଲ୍, କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଦାବି ନେଇ ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱର ଏଡିଏମ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

## ହୃଦ୍‌ଘାତରେ ପାନ୍ଥନିବାସ ରାତ୍ରି ଜଗୁଆଳିଙ୍କ ମୃତ୍ୟୁ

ବାଲୁଗାଁ,୧୧।୭(ସଂଗ୍ରାମ ପାଇକରାୟ)

ବଡ଼କୂଳ ପାନ୍ଥନିବାସରେ କାର୍ଯ୍ୟରତ ରାତ୍ରି ଜଗୁଆଳିଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ହୃଦ୍‌ଘାତଜନିତ ମୃତ୍ୟୁ ଘଟିଛି। ସେ ହେଲେ ତପନଚିନ୍ନାରା (୫୧)। ତାଙ୍କ ଘର ନିକଟସ୍ଥ ବଡ଼କୂଳ ଗ୍ରାମରେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ତପନ ପାନ୍ଥନିବାସରେ ଜଗୁଆଳି ଭାବେ କାର୍ଯ୍ୟରତ ଥିଲେ। ବିଳମ୍ବିତ ରାତ୍ରିରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିବାରୁ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର ଏବଂ ସହକର୍ମୀମାନେ ତାଙ୍କୁ ତୁରନ୍ତ ବାଲୁଗାଁ ଡାକ୍ତରଖାନା ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଭୋରରୁ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ନେଇ ୧୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତପନ ଏକ ଏଜେନ୍ସି ଅଧୀନରେ ସେଠାରେ କାର୍ଯ୍ୟରତ ଥିଲେ। ତାଙ୍କର ଏପରି ଅକାଳ ମୃତ୍ୟୁରେ ପାନ୍ଥନିବାସ କର୍ମଚାରୀ, ପରିବାର ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସହକର୍ମୀଙ୍କ ତରଫରୁ ୧୦ହଜାର ଟଙ୍କା ତାଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଉକ୍ତ ଏଜେନ୍ସି ତରଫରୁ ଆର୍ଥିକ ସହାୟତା ଦିଆଯିବ ବୋଲି ସୂଚନା ମିଳିଛି। ଏହି ଦୁଃଖଦ ଖବର ପାଇ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅପରାହ୍ନରେ ବଡ଼କୂଳ ଗ୍ରାମରେ ପହଞ୍ଚି ମୃତ ତପନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ରମାଦେବୀ ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପକଙ୍କୁ ପ୍ରଶିକ୍ଷଣ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତି, ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୧।୭(ଅସମାପିକା ସାହୁ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଓ ସର୍ତ୍ତାବଳୀ ଅନୁଯାୟୀ ଆଗାମୀ ଶିକ୍ଷାବର୍ଷରେ ଶିକ୍ଷାଦାନକୁ ଶୃଙ୍ଖଳିତ କରିବା ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୮୧ ଅତିଥି ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରୁ ଅବସର ନେଇଥିବା ପ୍ରାଧ୍ୟାପକ, ସହଯୋଗୀ ଓ ସହକାରୀ ପ୍ରାଧ୍ୟାପକ ଅଛନ୍ତି। ସେମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗଦେଇଥିବା ଅତିଥି ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟର ନିୟମ, ଗରିମା, ପରମ୍ପରା ସମ୍ପର୍କରେ କୁଳପତି ସୂଚନା ପ୍ରଦାନ କରିଥିଲେ। ଅତିଥି ଅଧ୍ୟାପକଙ୍କ ସହଯୋଗରେ ବିଦ୍ୟାର୍ଥୀଙ୍କ ଶିକ୍ଷାରେ ଗୁଣାତ୍ମକ ବୃଦ୍ଧି ପାଇବ ବୋଲି କୁଳପତି ଆଶାପ୍ରକଟ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥି ଅଧ୍ୟାପକ ଚୟନ କମିଟିର ସଂଯୋଜକ ଡ. ବିଭୁଦେନ୍ଦୁ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଚିକିତ୍ସକ ହଟକିଶୋର ପଟ୍ଟନାୟକଙ୍କ ପରଲୋକ

ଖୋର୍ଦ୍ଧା,୧୧।୭ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ସୁପରିଚିତ ବର୍ଷୀୟାନ ହୋମିଓ ଚିକିତ୍ସକ, ସମାଜସେବୀ, ଶିକ୍ଷାବିତ୍ ଓ ସାହିତ୍ୟିକ ଡାକ୍ତର ହଟକିଶୋର ପଟ୍ଟନାୟକଙ୍କ ୮୬ ବର୍ଷ ବୟସରେ ଗତ ୮ତାରିଖରେ ତାଙ୍କ ଖୋର୍ଦ୍ଧାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ପଟ୍ଟନାୟକ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ପୀଡ଼ିତ ଥିଲେ। ସେ ସାରସ୍ୱତ ସାଧନା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। ତାଙ୍କ ପରଲୋକରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ କେରଙ୍ଗ ଓ ଖୋର୍ଦ୍ଧା ସହରରେ ପରିକ୍ରମା କରାଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଡାକ୍ତର ଜିନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ଅନ୍ତିମ ଶୋଭାଯାତ୍ରାରେ ବହୁ ଛାତ୍ରୀଛାତ୍ର, ବନ୍ଧୁବାନ୍ଧବ ଏବଂ ଅଞ୍ଚଳବାସୀ ସାମିଲ ହୋଇଥିଲେ।

# ଟିକସ ଆଦାୟ ବୃଦ୍ଧି ପାଇଁ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ସ୍ପେଶାଲ ଡ୍ରାଇଭ୍

ଭୁବନେଶ୍ୱର, ୧୧।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ହୋଲ୍ଡିଂ ଟିକସ ଏବଂ ଟ୍ରେଡ୍ ଲାଇସେନ୍ସ ସଂଗ୍ରହ କାର୍ଯ୍ୟକ୍ରମକୁ ଆହୁରି ସରଳୀକରଣ କରିବା ସହିତ ଟିକସ ଆଦାୟ ବୃଦ୍ଧି ପାଇଁ ବିଏମ୍ସିର ଦକ୍ଷିଣ ପଶ୍ଚିମ ଜୋନ୍ ପକ୍ଷରୁ ଏକ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରାଯାଇଛି। ଏହି କ୍ରମରେ ୱାର୍ଡ ସୁପରଭାଇଜର ଏବଂ ସିନିୟର ଆସିଷ୍ଟାଣ୍ଟ (ରାଜସ୍ୱ)ଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର, ମିସ୍ ସରକାର, ସାନିଟାରୀ ଇନ୍ସପେକ୍ଟର ଏବଂ ସାଇନ୍ ଟିମ୍‌କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଜୁଲାଇ ୧୦ରୁ ୨୩ ପର୍ଯ୍ୟନ୍ତ ପ୍ରତିଦିନ ୨ରୁ ୩ଟି ୱାର୍ଡ ବୁଲିବା ସହ ହୋଲ୍ଡିଂ ଟିକସ ବିବରଣୀ (ଆସେସ୍‌ମେଣ୍ଟ, ରିଆସେସ୍‌ମେଣ୍ଟ), ଟ୍ରେଡ୍ ଲାଇସେନ୍ସ ଯାଞ୍ଚ କରିବା ଏବଂ ରାଜସ୍ୱ ଖିଲାପକାରୀଙ୍କଠାରୁ ରାଜସ୍ୱ ସଂଗ୍ରହ ପାଇଁ ପଦକ୍ଷେପ ନେବେ। ଏଥିସହ ପ୍ରତିଦିନ ଅତି କମ୍‌ରେ ୫୦ ହୋଲ୍ଡିଂ ଏବଂ ୫୦ ବାଣିଜ୍ୟିକ ପ୍ରତିଷ୍ଠାନ କଭର୍ କରିବେ। ସେହି ଅନୁପାତରେ ପ୍ରତ୍ୟହ ଅପରାହ୍ନ ୫ଟାରେ ଏନେଇ ସମ୍ପୃକ୍ତ ୱାର୍ଡର ଆସିଷ୍ଟାଣ୍ଟ କମିଶନରଙ୍କୁ ରିପୋର୍ଟ କରିବେ। ଏନେଇ ଜେଡ୍‌ଡିସି ରୋଶନ୍ ଶତପଥୀ କହିଛନ୍ତି, ଏହି ଟିମ୍ ୱାର୍ଡରେ ବୁଲି ନୂଆ ଆସେସ୍‌ମେଣ୍ଟ, ରିଆସେସ୍‌ମେଣ୍ଟ, ନୂଆ ଟ୍ରେଡ୍ ଲାଇସେନ୍ସ ଏବଂ ବାଣିଜ୍ୟିକ ହୋଲ୍ଡିଂ ଟିକସ ନେଇ ତଦାରଖ କରିବେ। ଡ୍ରାଇଭ୍ ଏବେ ଆରମ୍ଭ ହୋଇଛି, ଏହାର ସଫଳତାକୁ ଦେଖି ଆଗାମୀ ଦିନରେ ଏହାକୁ ଚାଲୁ ରଖାଯିବ କି ନାହିଁ ସେ ନେଇ ନିଷ୍ପତ୍ତି ନିଆଯିବ।

# ନଦୀ କୂଳେ ବ୍ରାଉନସୁଗାର ବେପାର, ୩ ଗିରଫ



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ଟଙ୍କା, ମୋବାଇଲ୍ ଓ ବ୍ରାଉନସୁଗାର।

ଭୁବନେଶ୍ୱର,୧୧।୭ (ସୂର୍ଯ୍ୟକାନ୍ତ ବେହେରା)

ବଡ଼ଗଡ଼ ଥାନା ଅନ୍ତର୍ଗତ ବାସୁଆଘାଇ ନିକଟ କୁଆଖାଇ ନଦୀ କୂଳରେ ବ୍ରାଉନସୁଗାର ବେପାର ବେଳେ ସ୍ଥାନୀୟ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀର ମାନଗୋବିନ୍ଦ ନାରାୟଣ ଦାସ ଏବଂ ମଞ୍ଚେଶ୍ୱର ଜିଜିପି କଲୋନୀର ଶକ୍ତିଧର ମହାରଣା ଓ ନୃସିଂହ ଧଳ। ଅଭିଯୁକ୍ତଙ୍କଠାରୁ ୯.୮୭ ଗ୍ରାମ ବ୍ରାଉନସୁଗାର, ସ୍କୁଟି, ବାଇକ୍ ଓ ନଗଦ ୨ ଲକ୍ଷ ୩୩ ହଜାର ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ର୍‍ୟାକେଟର ମୁଖ୍ୟ କାର୍ପଟଦାରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

## ନାବାଳକଙ୍କୁ ଆକ୍ରମଣ, ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ଭୁବନେଶ୍ୱର,୧୧।୭ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ନାବାଳକ ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବା ତ ଦୂରର କଥା ସେମାନଙ୍କ ଟେର୍ ପାଉ ନ ଥିବା ପୋଲିସ କହୁଛି। ଏନେଇ ଆକ୍ରମଣର ଶିକାର ହୋଇଥିବା ଛାତ୍ର ଜଣକ ପୋଲିସ ତଦନ୍ତକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାନୁସାରେ, ଆକ୍ରମଣର ଶିକାର ନାବାଳକ ଛାତ୍ର ଜଣକ ହେଲେ ଯାଜପୁରର ଆଦିତ୍ୟ କୁମାର। ସେ ମାମୁଘର ଭୁବନେଶ୍ୱରକୁ ବୁଲି ଆସିଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ ପଳାଶୁଣିସ୍ଥିତ ବଢ଼େଇ ମନ୍ଦିର ପାଖରେ ଜଣେ ସାଙ୍ଗଙ୍କ ସହ ବସିଥିଲେ। ସେହି ସମୟରେ ପାଣ୍ଡରା ଅଞ୍ଚଳର କେତେଜଣ ଯୁବକ ହଠାତ ଆସି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଆଦିତ୍ୟ ପ୍ରତିବାଦ କରିବା ସହ କାହିଁକି ଗାଳି କରୁଛ ବୋଲି ପଚାରିବାରୁ ଅଭିଯୁକ୍ତ ଯୁବକମାନେ ତାଙ୍କ ଜାତିକୁ ଆକ୍ଷେପ କରି ଖରାପ ମନ୍ତବ୍ୟ ଦେବା ସହ ଆକ୍ରମଣ କରିଥିଲେ। ଏନେଇ ଆଦିତ୍ୟ ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏହାକୁ ଅଣଦେଖା କରୁଥିବା ଛାତ୍ର ଜଣଙ୍କ ଅଭିଯୋଗ କରିଛନ୍ତି। ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ମାନସ କୁମାର ସ୍ୱାଇଁ କହିଛନ୍ତି, ଛାତ୍ରଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ଆକ୍ରମଣ କରିଥିବା ଯୁବକଙ୍କ ପରିବାର ବର୍ଗଙ୍କୁ ସେମାନଙ୍କ ବିଷୟରେ ପଚରାଉଚରା କରାଯାଉଥିବା ସୂଚନା ଦେଇଛନ୍ତି।

## ବ୍ରହ୍ମେଶ୍ୱର ମେଳଣ ପଡ଼ିଆରେ ଚାରା ରୋପଣ



ଚାରା ରୋପଣ ମହୋତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ଭୁବନେଶ୍ୱର, ୧୧।୭ (ବନ୍ଦନା ସେଠୀ)

ବନ ମହୋତ୍ସବ ଅବସରରେ ଗୁରୁବାର ୱାର୍ଡ ନଂ. ୫୭ର ବ୍ରହ୍ମେଶ୍ୱର ମେଳଣ ପଡ଼ିଆଠାରେ ଚାରା ରୋପଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଗ୍ରୀନ୍‌ୱାର୍ଲ୍ଡ ଟ୍ରଷ୍ଟ ସହଯୋଗରେ ପଡ଼ିଆ ମଧ୍ୟରେ କରଞ୍ଜ, କୋଚିଲା, ଛତିଆନ, ବଉଳ, ଅଶୋକ ଆଦି ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ କର୍ପୋରେଟର ସନ୍ତୋଷ ସିଂହ, ୱାର୍ଡର ମିଶନ ଶକ୍ତି ମହାସଂଘ ପାଣ୍ଡବେଶ୍ୱର ମହିଳା ମହାସଂଘ, ଭସ୍କରେଶ୍ୱର, ମାତୃଶକ୍ତି, ଉତ୍କଳ ଆଞ୍ଚଳିକ ମହିଳା ମହାସଂଘର ସମସ୍ତ କର୍ମକର୍ତ୍ତାଙ୍କ ସହ କର୍ପୋରେଟର ନୃପେଶ ନାୟକ, ମହାମାୟା ସ୍ୱାଇଁ, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ପୁଷ୍ପା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କମିଶନରେଟ୍ ପୋଲିସକୁ ଆଉ ୨ ପିସିଆର୍, ଗୋଟିଏ ଆମ୍ବୁଲାନ୍ସ ଦେଲା ନାଲ୍‌କୋ





ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଗାଡ଼ି ଚାବି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୧।୭ (ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ ପୋଲିସକୁ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ) ପକ୍ଷରୁ ଆଉ ୨ ପିସିଆର ଭ୍ୟାନ ଓ ଗୋଟିଏ ଆମ୍ବୁଲାନ୍ସ ଗାଡି ଯୋଗାଇ ଦିଆଯାଇଛି। ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଓ ଆଶୁତୋଷ ରଥଙ୍କଠାରୁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏହି ୩ ଯାନକୁ ଗ୍ରହଣ କରିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟାରେ ପୋଲିସ ସେବା ଭବନରେ କମିଶନର ପଣ୍ଡା ପତାକା ଦେଖାଇ ଗାଡିଗୁଡିକର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଲେ, ଅପରାଧ ନିୟନ୍ତ୍ରଣରେ ପିସିଆର୍ ଗାଡିର ଜରୁରୀ ଆବଶ୍ୟକତା ରହିଛି। ପୋଲିସ ପାଇଁ ଏହା ବେଶ୍ ସହାୟକ ହେବ। ଏନେଇ ନାଲ୍‌କୋ ଏବଂ ଓଡିଶା ଖଣି ନିଗମ(ଓଏମ୍‌ସି)କୁ କମିଶନର ପଣ୍ଡା ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ସ୍ପାଇକ୍ ବ୍ୟାରିୟରରେ ୧୪ ଗାଡ଼ି ଲିକ୍, ୮୪ ଗାଡ଼ି ଜବତ

### ଅମାନିଆ ଗାଡି ଚାଳକଙ୍କ ବିରୋଧରେ କଠୋର ହେଲା ପୋଲିସ

ଭୁବନେଶ୍ୱର,୧୧।୭ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଅମାନିଆ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ କମିଶନରେଟ ପୋଲିସ ଯାଞ୍ଚକୁ ତ୍ୱରାନ୍ୱିତ କରିଛି। ବିଭିନ୍ନ ଥାନା ଅଞ୍ଚଳରେ ରାତ୍ରିକାଳୀନ ଯାଞ୍ଚବେଳେ ମଦ୍ୟପାନ କରି ଗାଡି ଚଳାଇବା ଓ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ମୋଟ ୮୪ ଗାଡିକୁ ଜବତ କରାଯାଇଛି। ଏହାସହ ସେମାନଙ୍କ ବିରୋଧରେ କୋର୍ଟରେ ମାମଲା ହୋଇଥିବାବେଳେ ଡିଏଲ୍ ରଦ୍ଦ କରିବାକୁ ଆର୍‌ଟିଓଙ୍କୁ ସୁପାରିସ କରାଯାଇଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପଟେ ୧୪ ଗାଡିକୁ ସ୍ପାଇକ୍ ବ୍ୟାରିୟର ଜରିଆରେ ଲିକ୍ କରାଯାଇଛି। ଲିକ୍ କରାଯାଇଥିବା ଗାଡି ମଧ୍ୟରୁ ୨ଟି ଚାରି ଚକିଆ ଓ ୧୨ଟି ଦୁଇ ଚକିଆ ରହିଥିବା ଜଣାପଡିଛି। ଲିକ୍ ହୋଇଥିବା ଗାଡିଗୁଡିକର ଚାଳକମାନେ ପୋଲିସ ଯାଞ୍ଚକୁ ଦେଖି ୟୁଟର୍ନ ମାରିବା ଓ ପୋଲିସକୁ ମଡାଇବାକୁ ଉଦ୍ୟମ କରୁଥିବାରୁ ସେମାନଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଥିବା ପୋଲିସ କହିଛି। ସେହିପରି ଆଗକୁ ବ୍ଲକିଂ, ଚେକିଂ କଡାକଡି ହେବ। ଯେଉଁମାନେ ଡ୍ରାଇଭିଂ ବେଳେ ମୋବାଇଲ ବ୍ୟବହାର କରୁଥିବା ନଜର ଆସନ୍ତି ସେମାନଙ୍କ ମୋବାଇଲକୁ ସିଧା ଜବତ କରାଯିବ। ଅପରପକ୍ଷେ ମଦ୍ୟପାନ କରି ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଗାଡି ଚଳାଇବା ଓ ପୋଲିସ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ କରିଥିବା ଅଭିଯୋଗରେ ୨ଟି କେସ ରୁଜୁ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଯାଞ୍ଚବେଳେ ଏକ ବର ଗାଡିକୁ ପୋଲିସ ମଧ୍ୟ ଜବତ କରିଥିବା ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ବାରମ୍ବାର ଚଢାଉ ଓ ଗାଡି ଜବତ ସତ୍ତ୍ୱେ ବହୁ ଅମାନିଆ ଚାଳକ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଛନ୍ତି। କମିଶନରେଟ ପୋଲିସ ସେଫ୍ ସିଟି ଡ୍ରାଇଭ୍ ଅଭିଯାନ ଚଳାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

### ବର ଗାଡ଼ି ଜବତ

ଗାଡିର ଡ୍ରାଇଭର ବରକୁ କନ୍ୟା ଘରେ ଛାଡିଥିଲେ। ବେଦିରେ ବର ବସିଥିବାବେଳେ ଡ୍ରାଇଭର କାହାକୁ କିଛି ନ ଜଣାଇ ଉକ୍ତ କାରରେ ସାଙ୍ଗମାନଙ୍କୁ ଧରି ମଦ୍ୟପାନ କରିବାକୁ ଆସିଥିଲେ। ତେବେ ଫେରୁଥିବାବେଳେ ପୋଲିସ ହାତରେ ଅଧାବାଟରେ ଧରାପଡିଥିଲେ। ସେପଟେ ବାହାଘର ସରିଯାଇଥିଲା ଓ କନ୍ୟା ବିଦାୟର ସମୟ ହୋଇଯାଇଥିଲା। ସମସ୍ତେ ବର ଗାଡିକୁ ଅପେକ୍ଷା କରିଥିବା ବେଳେ ତାହା ଥାନାରେ ଥିବା ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶେଷରେ କିଛି ଉପାୟ ନ ପାଇ ଆଉଏକ ଗାଡିରେ ବର ଓ କନ୍ୟା ଫେରିବା ଚର୍ଚ୍ଚାର ବିଷୟ ହୋଇଛି।

# ସହରବାସୀଙ୍କୁ ସ୍ୱଚ୍ଛତା ସମ୍ପର୍କରେ ଜଣାଯିବ

## ସଫାଇ ଆପ୍‌ନାଓ, ବିମାରି ଭଗାଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କଟକ,୧୧।୭ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଫ୍ଲାଗ୍‌ଶିପ ପ୍ରୋଗ୍ରାମ ସଫାଇ ଆପ୍‌ନାଓ ବିମାରି ଭଗାଓ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି ବିଜୁ ଭବନସ୍ଥିତ ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମକୁ ମେୟର ସୁବାସ ସିଂ ଉଦ୍‌ଘାଟନ କରି କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା କଟକ ସହରବାସୀଙ୍କୁ ସ୍ୱଚ୍ଛତା ଓ ପରିମଳ ବିଷୟରେ ଅବଗତ କରାଯିବ। ବିଭିନ୍ନ ରୋଗର ପ୍ରତିକାର ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ସଚେତନତା ବାର୍ତ୍ତା ପ୍ରଚାର କରାଯିବ। ବିଶେଷକରି ଝାଡାବାନ୍ତି ନିରାକରଣ ପାଇଁ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଯିବ। ବର୍ଷାଦିନରେ ପରିମଳ ବିଗିଡ଼ିବା କାରଣରୁ ଜଳବାହିତ ରୋଗର ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଥାଏ। ମୌସୁମୀ ସହ ଜଡ଼ିତ ସ୍ୱାସ୍ଥ୍ୟଗତ ବିପଦକୁ ହ୍ରାସ କରିବା ପାଇଁ ସକ୍ରିୟ ପଦକ୍ଷେପଗୁଡ଼ିକର ଗୁରୁତ୍ୱ ରହିଛି। ଏଥିପାଇଁ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ସ୍ୱଚ୍ଛ ଭାରତ ମିଶନର ସଫାଇ ଆପ୍‌ନାଓ, ବିମାରି ଭଗାଓ ଅଭିଯାନ ଆରମ୍ଭ ହୋଇଛି। ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ପ୍ରବଳ ବର୍ଷା ହେତୁ ସ୍ୱାସ୍ଥ୍ୟଗତ ବିପଦକୁ ଦୃଷ୍ଟିରେ ରଖି ଲୋକଙ୍କ ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ବିଶେଷ ଭାବେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ଏଥିପାଇଁ ପ୍ରସ୍ତୁତିକୁ ଜୋର୍‌ଦାର କରିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଷ୍ଟପ୍ ଡାଇରିଆ ଅଭିଯାନ–ଡାଇରିଆ କି ରୋକଥାମ, ସଫାଇ ଓର ଓଆର୍‌ଏସ୍ ସେ ରାଖେଁ ଆଦି ପଦକ୍ଷେପ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଏବଂ ଆନ୍ତ କ୍ଷେତ୍ର ମଧ୍ୟରେ ମିଳିତ ସହଯୋଗ ପାଇଁ ପ୍ରୟାସ କରୁଛି। ମୌସୁମୀ ସମୟରେ ସ୍ୱଚ୍ଛତା ଏବଂ ରୋଗ ସହ ଜଡ଼ିତ ବହୁମୁଖୀ ଆହ୍ୱାନକୁ ପୌରସଂସ୍ଥାଗୁଡ଼ିକ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଏକ ବ୍ୟାପକ ଆଭିମୁଖ୍ୟ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ସଫାଇ ଆପ୍‌ନାଓ, ବିମାରି ଭାଗାଓ ପଦକ୍ଷେପ ସମସ୍ତ ପୌରସଂସ୍ଥାରେ କାର୍ଯ୍ୟକାରୀ ହେବା ପାଇଁ ଆନ୍ତ ବିଭାଗୀୟ ସମନ୍ୱୟ ଉପରେ ଧ୍ୟାନ ଦେଇ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବାକୁ ମେୟର ସିଂ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅଭିଯାନର ମୁଖ୍ୟ ଉପାଦାନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ସ୍ୱଚ୍ଛତା ଡ୍ରାଇଭ, ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିବହନ, ସମସ୍ତ ସମ୍ପ୍ରଦାୟ ଏବଂ ସର୍ବସାଧାରଣ ଶୌଚାଳୟ ନିୟମିତ ସଫା କରିବା, ପିଲାଙ୍କ ପାଇଁ ପରିମଳ ଏବଂ ସ୍ୱଚ୍ଛତା ସୁବିଧା, ଜଳ ଗୁଣବତ୍ତାର ପର୍ଯ୍ୟାପ୍ତ ନମୁନା ସଂଗ୍ରହ, ନିରାପଦ ପାନୀୟ ଜଳ ଯୋଗାଣ, ଜଳଉତ୍ସର ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ ରହିଛି। ଏଥିସହ ଉଚ୍ଚ ବିପଦପୂର୍ଣ୍ଣ କ୍ଷେତ୍ରଗୁଡିକ ଚିହ୍ନଟ କରିବା, ପ୍ରୋଟେକ୍ଟ ପ୍ରିଭେଣ୍ଟ ଟ୍ରିଟ ଷ୍ଟ୍ରାଟେଜୀ (ପିପିଟିଏସ) ଗ୍ରହଣ, ସମନ୍ୱୟ ଏବଂ ମନିଟରିଂ ପାଇଁ ଶୀଘ୍ର ମୂଲ୍ୟାଙ୍କନ କରିବାକୁ ମଧ୍ୟ ଯୋଜନା ରହିଛି।

ଏହି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପଦକ୍ଷେପ ସହ ସ୍ୱଚ୍ଛତା ଦୃଶ୍ୟମାନ ହେବା ପାଇଁ ଡ୍ରାଇଭ, ସ୍ଥାନୀୟ ସମ୍ପ୍ରଦାୟ, ସଂଗଠନଙ୍କୁ ତାଲିମ ଦିଆଯିବ। ଜଳ ପରିଚାଳନା, ପରିମଳ ଓ ସ୍ୱଚ୍ଛତା, ସଚେତନତା, ଯତ୍ନ ଏବଂ ସମସ୍ତ ପରିମଳ କର୍ମଚାରୀଙ୍କ ସୁବିଧା, ସ୍ଥାନୀୟ ଏନ୍‌ଜିଓ, ସମ୍ପ୍ରଦାୟ ଗୋଷ୍ଠୀ ଏବଂ ବେସରକାରୀ କ୍ଷେତ୍ର ସହ ସହଭାଗିତା ତଥା ପରିମଳ ବାର୍ତ୍ତା ବୃଦ୍ଧି କରିବା ପାଇଁ ଅଧିକାରୀମାନେ କାର୍ଯ୍ୟ ଆରମ୍ଭ କରିବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମର ଯୋଗଦାନ, ଜନସଚେତନତା, ଶିକ୍ଷା, ବର୍ଷା ଜଳ ଅମଳ, ମୌସୁମୀ ପରବର୍ତ୍ତୀ ରକ୍ଷଣାବେକ୍ଷଣ ଯୋଜନା ଏବଂ ଏକୀକରଣ ଉପରେ ଧ୍ୟାନ ଦିଆଯିବ। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସିଏମ୍‌ସି କମିଶନର ବିଜୟ ଦାସ, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର, ସମସ୍ତ ଅତିରିକ୍ତ ଆୟୁକ୍ତ, ଉପଆୟୁକ୍ତ, ସ୍ୱାସ୍ଥ ଅଧିକାରୀ ଆଦି ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।


ଶ୍ରାବଣ ମାସରେ ବିଭିନ୍ନ ଶୈବପୀଠକୁ ଜଳ ଲାଗି ନେଇ କଟକ ଚୌଧୁରୀବଜାର ଫ୍ଲାୱାର ମାର୍କେଟ୍ ଅଞ୍ଚଳରେ ଜଣେ କାରିଗର ବେତରେ ବାହୁଙ୍ଗି ତିଆରି କରୁଛନ୍ତି।

## ସଂକ୍ଷେପରେ

### ମା’ କନକଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଫୁଲନଖରା,୧୧।୭(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଜନ୍ମେଜୟପୁରଠାରେ ମା’ କନକ ଦୁର୍ଗାଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ସୋମବାର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ପୂର୍ଣ୍ଣାହୁତି ହେବ। ଏହି ଅବସରରେ ମନ୍ଦିର ପରିସରରେ ଯଜ୍ଞ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା ଓ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଛି। ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। କାର୍ତ୍ତିକ ଚନ୍ଦ୍ର ବେହେରା ଓ ବିଦ୍ୟୁଲତା ବେହେରା ଯଜ୍ଞ କର୍ତ୍ତାକର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବାବାଜୀ ଚରଣ ବେହେରା ଯଜ୍ଞ ପରିଚାଳନା କରୁଛନ୍ତି।

### ବ୍ରାଉନ୍‌ସୁଗାର ବେପାର, ୩ ଗିରଫ

ଭୁବନେଶ୍ୱର,୧୧।୭(ସୂର୍ଯ୍ୟକାନ୍ତ ବେହେରା)

ବଡଗଡ ଥାନା ଅନ୍ତର୍ଗତ ବାସୁଆଘାଇ ନିକଟ କୁଆଖାଇ ନଦୀ କୂଳରେ ବ୍ରାଉନ୍‌ସୁଗାର ବେପାର ବେଳେ ସ୍ଥାନୀୟ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀର ମାନଗୋବିନ୍ଦ ନାରାୟଣ ଦାସ ଏବଂ ମଞ୍ଚେଶ୍ୱର ଜିଜିପି କଲୋନୀର ଶକ୍ତିଧର ମହାରଣା ଓ ନୃସିଂହ ଧଳ। ଅଭିଯୁକ୍ତଙ୍କଠାରୁ ୯.୮୭ ଗ୍ରାମ ବ୍ରାଉନ୍‌ସୁଗାର, ସ୍କୁଟି, ବାଇକ ଓ ନଗଦ ୨ ଲକ୍ଷ ୩୩ ହଜାର ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ତଦନ୍ତ କରୁଥିବାବେଳେ ର୍‍ୟାକେଟର ମୁଖ୍ୟ କାର୍ପଟଦାରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।



୧୬ ଦଫା ଦାବି ନେଇ ସିଆଇଟିୟୁ କଟକ ଜିଲା କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ସ୍କ୍ରିନିଂରେ ସୀମିତ ଦ୍ୱିତୀୟ ଯକୃତ ପ୍ରତିରୋପଣ ପ୍ରକ୍ରିୟା

କଟକ,୧୧।୭(ଶିକ୍ଷା ପ୍ରିୟଦର୍ଶିନୀ)

## ୧୬ ଜଣଙ୍କ ସ୍କ୍ରିନିଂ କଲା ଏଆଇଜି ଟିମ୍

ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ପାଇଁ ରାଜ୍ୟ ସରକାର ଆବଶ୍ୟକ ଭିତ୍ତିଭୂମିକୁ ସୁଦୃଢ କରାଇଛନ୍ତି। ହେଲେ ପ୍ରତିରୋପଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ପ୍ରଥମ ଯକୃତ ପ୍ରତିରୋପଣକୁ ୩ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ହୋଇପାରି ନାହିଁ। କେବଳ ରୋଗୀଙ୍କ ସ୍କ୍ରିନିଂରେ ଏହା ସୀମିତ ରହିଯାଇଛି। ଏହାକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ସ୍କ୍ରିନିଂ ପାଇଁ ଏସ୍‌ସିବି ମେଡିକାଲରେ ଗୁରୁବାର ଏସିଆନ୍ ଇଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି) ଟିମ୍ ପହଞ୍ଚିଛି। ଉକ୍ତ ଟିମ୍‌ରେ ଏଆଇଜି ନିର୍ଦ୍ଦେଶକ ପି. ବାଲାଚନ୍ଦ୍ରନନ୍ ମେନନ୍, ଉପସଭାପତି ସନ୍ତୋଷ ସାହୁ ରହିଥିବାବେଳେ ଏସ୍‌ସିବିର ଡାକ୍ତର ଉପସ୍ଥିତ ରହିଥିଲେ। ଟିମ୍ ଏସ୍‌ସିବିରେ ୧୬ ଜଣ ରୋଗୀଙ୍କ ସ୍କ୍ରିନିଂ କରିଛି। ସେମାନଙ୍କ ମଧ୍ୟରୁ ୮ ଜଣ ରୋଗୀଙ୍କ ପାଇଁ ଦାତା ପ୍ରସ୍ତୁତ ରହିଥିବାବେଳେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ଏଆଇଜି ଟିମ୍ ଦ୍ୱିତୀୟ ପ୍ରତିରୋପଣ ପାଇଁ ପ୍ରାଥମିକ ଭାବେ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଚିକିତ୍ସା ପାଇଁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛି। ତେବେ ସ୍କ୍ରିନିଂ କରାଯାଇଥିବା ୧୬ ଜଣଙ୍କ ମଧ୍ୟରୁ ପ୍ରାୟତଃ ୮୦ ପ୍ରତିଶତ ରୋଗୀ ମଦ୍ୟପାନ ଯୋଗୁ ଯକୃତ ରୋଗରେ ପୀଡ଼ିତ ହୋଇଥିବା ଟିମ୍ ସୂଚାଇଛି। ତେବେ ଜୁଲାଇ ଶେଷ ସୁଦ୍ଧା ଦ୍ୱିତୀୟ ପ୍ରତିରୋପଣ କରାଯାଇପାରେ ବୋଲି ଟିମ୍ କହିଛି। ଏହାସହ ପ୍ରଥମ ଯକୃତ ପ୍ରତିରୋପଣ କରାଯାଇଥିବା ମାନସ ବାରିକ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି ହୋଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଟିମ୍ ଯାଞ୍ଚ କରିଥିବା ମେଡ଼ିକାଲ ପକ୍ଷରୁ ସୂଚନା ରହିଛି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଗତ ୩ ମାସ ମଧ୍ୟରେ ଏଆଇଜି ଟିମ୍ ଓ ଏସ୍‌ସିବିର ଡାକ୍ତରୀ ଟିମ୍ ୬୦ରୁ ଅଧିକ ରୋଗୀଙ୍କ ସ୍କ୍ରିନିଂ କରିଛନ୍ତି। ଏହି ପ୍ରତିରୋପଣ ପାଇଁ ଏଚ୍‌ଏଲ୍‌ଏ ମ୍ୟାଚିଂର ଆବଶ୍ୟକତା ନାହିଁ। ବରଂ ବ୍ଲଡ୍ ଗ୍ରୁପ୍ କ୍ରସ୍ ମ୍ୟାଚିଂ ଏଥିପାଇଁ ଯଥେଷ୍ଟ। ଏନେଇ ନୋଟାର ଭିନ୍ନ ନିର୍ଦ୍ଦେଶାବଳୀ ରହିଛି। ନୋଟା ନିର୍ଦ୍ଦେଶକ୍ରମେ ପ୍ରଥମ ଡିଗ୍ରୀ ରିଲେଟିଭ ବା ରକ୍ତ ସମ୍ପର୍କୀୟଙ୍କଠାରୁ ଯକୃତ ଗ୍ରହଣ ଓ ପରେ ଦ୍ୱିତୀୟ ନିର୍ଦ୍ଦେଶାବଳୀ ଯଥା ଦ୍ୱିତୀୟ ଡିଗ୍ରୀ ରିଲେଟିଭ୍ ବା ସମ୍ପର୍କୀୟଙ୍କଠାରୁ ଯକୃତ ଗ୍ରହଣ କରାଯିବାର ନିୟମାବଳୀ ରହିଛି। ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କରାଯିବ ବୋଲି ମେଡିକାଲ ଜଣେ ବରିଷ୍ଠ ଡାକ୍ତର ପରିଚୟ ଗୋପନ ରଖି ସୂଚନା ଦେଇଛନ୍ତି।

# ଅରୁଣ ସ୍ୱାଇଁ କ୍ଷୀରେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ

ମଙ୍ଗୁଳି–ଜଗତପୁର,୧୧।୭(ମାନସ ସାମଲ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତସ୍ଥିତ କ୍ଷୀରେଶ୍ୱର ବିଦ୍ୟାପୀଠର ନୂତନ ପ୍ରଧାନଶିକ୍ଷକ ଭାବେ ଅରୁଣ କୁମାର ସ୍ୱାଇଁ ନିଯୁକ୍ତି ପାଇଛନ୍ତି। ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ରଥ ଅବସର ନେଲା ପରେ ବରିଷ୍ଠ ଶିକ୍ଷକ ଅରୁଣଙ୍କୁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେ ୧୮ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ବିଦ୍ୟାପୀଠରେ ଶିକ୍ଷାଦାନ କରିଆସୁଛନ୍ତି। ଏନେଇ ଅରୁଣ କହିଛନ୍ତି, ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷାଦାନ ପାଇ ବିଦ୍ୟାଳୟର ନାମକୁ କିପରି ଉଜ୍ଜ୍ୱଳ କରିବେ ତାହା ମୋର ପ୍ରଥମ କର୍ତ୍ତବ୍ୟ ରହିବ। ବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରିବି ବୋଲି ସେ କହିଛନ୍ତି।

# ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ

ଚୌଦ୍ୱାର,୧୧।୭(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ଅଧୀନ ନୂଆସାହି ଶ୍ମଶାନ ପଡିଆରେ ସାମୂହିକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ବନ ବିଭାଗ ଓ ନୂଆସାହି ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ୧୦ ହେକ୍ଟର ଜମିରେ ପ୍ରାୟ ୧୬,୦୦୦ ଚାରା ରୋପଣ ବ୍ୟବସ୍ଥା ରହିଛି। ପ୍ରଥମ ପର୍ଯ୍ୟାୟରେ ୩୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ଭଗବାନ ଚନ୍ଦ୍ର ପଲେଇ, ଚନ୍ଦ୍ରକାନ୍ତ ସାମଲ, ସାଇସ୍ମୃତି ବିଶ୍ୱାଳ, ଅଜୟ କୁମାର ଶର୍ମା, ୱାର୍ଡ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# ‘ସୁନାଗରିକ ହୁଅନ୍ତୁ ଛାତ୍ରୀଛାତ୍ର’



ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ।

କଟକ,୧୧।୭(କାର୍ତ୍ତିକ ସାହୁ)

## ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ବାର୍ଷିକୋତ୍ସବ

ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଗୁରୁବାର ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଛାତ୍ରୀଛାତ୍ରମାନେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ର ସଂସଦ ସଭାପତି ଅଭିଷେକ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ଡ. ନିବେଦିତା ଗୁରୁ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର୍ ଡ. ଉତ୍ତମକାନ୍ତି ଜେନା ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ସାଇରାଜ ସତ୍ୟରଞ୍ଜନ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସାଂସ୍କୃତିକ ସମ୍ପାଦକ ଅଭିଷେକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପାଲିଙ୍କିରେ ଆସି ରଥ ଭାଙ୍ଗିଲେ ମା’ ଲକ୍ଷ୍ମୀ

କଟକ,୧୧।୭ (କାର୍ତ୍ତିକ ସାହୁ)

## ହେରା ପଞ୍ଚମୀ ନୀତି ସମ୍ପନ୍ନ

ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାର ଅଂଶସ୍ୱରୂପ ହେରାପଞ୍ଚମୀ ନୀତି ଗୁରୁବାର ସମ୍ପନ୍ନ ହୋଇଛି। ଯଥାବିଧି ପୂଜାର୍ଚ୍ଚନା ପରେ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ମା’ ଲକ୍ଷ୍ମୀ ଚାନ୍ଦି ପାଲିଙ୍କି ଚଢ଼ି ରଥ ଅଭିମୁଖେ ବାହାରିଥିଲେ। ଏହି ସମୟରେ ବାଣ, ରୋଷଣି, ଘଣ୍ଟଘଣ୍ଟା ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମା’ ଭଗବତୀ ପୂଜା ସଂକୀର୍ତ୍ତନ ସମିତି ପକ୍ଷରୁ ସଂକୀର୍ତ୍ତନ, ମନ୍ଦିର ପରିଚାଳନା ସମିତିର ସଙ୍ଗଠନ ସମ୍ପାଦକ ବିଶ୍ୱନାଥ ଦାସଙ୍କ ତତ୍ତ୍ୱାବଧାନରେ ଜିଲା ଆଖଡ଼ା ସଂଘ ଦ୍ୱାରା ଆଖଡ଼ା ଖେଳର ବିଶାଳ ପଟୁଆର ବାହାରିଥିଲା। ଶୋଭାଯାତ୍ରା ଅଷ୍ଟଶମ୍ଭୁ ମନ୍ଦିର ଛକ, ବନ୍ଧବାସେଲୀ ଛକ, ତ୍ରିନାଥ ମନ୍ଦିର ଛକ, ନୃସିଂହନାଥ ମଠ ଛକ, ମଙ୍ଗଳାସାହି ଛକ, କାଫଲାଫାଣ୍ଡି ଛକ, ମହାନ୍ତିପଡ଼ା ଛକ, ସତୀଚୌରା ଛକରୁ ରିଂରୋଡ଼ ଦେଇ ପ୍ରାୟ ୩ କିମି ରାସ୍ତା ପରିକ୍ରମା କରି ବେଲ୍‌ଭ୍ୟୁ ଛକସ୍ଥିତ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଥିବା ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଭଉଣୀ ସୁଭଦ୍ରାଙ୍କ ସହ ବସିଥିବାର ଦେଖି ମା’ ରୋଷ ହୋଇ ରଥ କାଠ ଭାଙ୍ଗି ମଶାଲ ଆଲୁଅରେ ପୁନଶ୍ଚ ଜଗନ୍ନାଥ ମନ୍ଦିରକୁ ଫେରି ଆସିଥିଲେ। ମାଉସୀ ମା’ ମନ୍ଦିର ସମ୍ମୁଖ ବନ୍ଧବାସେଲୀ ଛକଠାରେ ଶ୍ରୀକ୍ରିଷ୍ଟା ଡ୍ୟାନ୍ସ ଗ୍ରୁପ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ କଟକ ଜିଲା ଆଖଡ଼ା ସଂଘର କର୍ମକର୍ତ୍ତା, ବିଭିନ୍ନ ଆଖଡ଼ା ସଂଘର ଗୁରୁ ଓ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ଭିକାରି ଦାସ, ପ୍ରତାପ କିଶୋର ସିଂହ, ବିଜୟ ବେହେରା, ପ୍ରଦୀପ ସିଂହ, କେ. ଭାସ୍କର ରାଓ, ବିଜୟ ଦଳେଇ, ଦିଲୀପ ପ୍ରଧାନ, ଅଜୟ ଦାସ, ରମେଶ ବେହେରା, ମଦନ ବେହେରା, ରାହାସବିହାରୀ ସିଂହ, ଶଶୀକାନ୍ତ ହୋତା ଓ ଦିଲୀପ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରୁ ରୁପା ପାଲିଙ୍କିରେ ମା’ ଲକ୍ଷ୍ମୀ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରକୁ ଯାଉଛନ୍ତି।

# ଛତ୍ରବଜାରରେ ସ୍ଥିତି ପରଖିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

କଟକ,୧୧।୭(କାର୍ତ୍ତିକ ସାହୁ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଅପରାହ୍ନରେ କଟକ ଛତ୍ରବଜାର ପରିବା ମାର୍କେଟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ପରିବା ଦର ହୁ ହୁ ହୋଇ ବଢୁଥିବାବେଳେ ମନ୍ତ୍ରୀ ପାତ୍ର ନିଜେ ବଜାର ସ୍ଥିତି ପରଖିବା ପାଇଁ ଛତ୍ରବଜାର ପରିବା ମାର୍କେଟରେ ପରିବା ଚାଷୀ ଓ ବ୍ୟବସାୟୀଙ୍କୁ ଦର ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ତେବେ ବିଭିନ୍ନ ପରିବା ଦର ୪୦ରୁ ୮୦ ଟଙ୍କା ଯାଏ ରହିଥିବା ମନ୍ତ୍ରୀ ହୃଦ୍‌ବୋଧ ହୋଇଛନ୍ତି।

ସୂଚନା ଅନୁସାରେ, ଛତ୍ରବଜାର ପରିବା ମାର୍କେଟରେ ମନ୍ତ୍ରୀ ପାତ୍ର ପହଞ୍ଚି ପରିବା ସମେତ ଆଳୁ ଓ ଡାଲି ଆଦିର ଦର ସଂକ୍ରାନ୍ତରେ ବ୍ୟବସାୟୀଙ୍କଠାରୁ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ଖବରପାଇ ଛତ୍ରବଜାର ବ୍ୟବସାୟୀ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସେଠାରେ ପହଞ୍ଚିଥିଲେ। ମନ୍ତ୍ରୀ ପାତ୍ର ଛତ୍ରବଜାରର ବିଭିନ୍ନ ହୋଲ୍‌ସେଲ୍‌ରଙ୍କଠାରୁ ପରିବା ଆମଦାନି, ବଜାର ଚାହିଦା ବାବଦରେ ପଚାରିଥିଲେ। ତେବେ ବର୍ତ୍ତମାନ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ କମ୍ ପରିମାଣର ପରିବା ଉତ୍ପାଦନ ହେଉଥିବାରୁ ଅଧିକାଂଶ ପରିବା ବାହାରୁ ଛତ୍ରବଜାରକୁ ଆସୁଛି। ଏଥିଯୋଗୁ ପରିବା ଦର ଉଚ୍ଚା ହେଉଛି ବୋଲି ବ୍ୟବସାୟୀମାନେ ମନ୍ତ୍ରୀଙ୍କୁ କହିଥିଲେ। ତେବେ ଆଳୁ ପଶ୍ଚିମବଙ୍ଗରୁ ଆସୁଥିବାରୁ ଏହାର ଦର ପଶ୍ଚିମବଙ୍ଗ ବଜାର ଉପରେ ନିର୍ଭରଶୀଳ। ତେବେ ବର୍ତ୍ତମାନ ଆଳୁର ହୋଲ୍‌ସେଲ୍ ଦର କିଲୋ ପ୍ରତି ୨୬ ଟଙ୍କା ରହୁଥିବାବେଳେ


ଛତ୍ରବଜାର ପରିବା ମାର୍କେଟରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବ୍ୟବସାୟୀଙ୍କ ସହ ଆଲୋଚନା କରୁଛନ୍ତି।

## ବ୍ୟବସାୟୀଙ୍କଠାରୁ ପରିବା ଦର ବୁଝିଲେ

ଖୁଚୁରା କିଲୋପ୍ରତି ୩୦/୩୨ ଟଙ୍କାରେ ବିକ୍ରି ହେଉଛି। ହୋଲ୍‌ସେଲ୍ ଭାବେ ବଡ଼ ପିଆଜ କିଲୋ ପ୍ରତି ୩୫ରୁ ୪୦ଟଙ୍କା ହୋଇଥିବାବେଳେ ଛୋଟ ପିଆଜ ୩୦ ଟଙ୍କାରେ ବିକ୍ରି ହେଉଥିବା ମନ୍ତ୍ରୀ ପାତ୍ର ଦେଖିଥିଲେ। ପଶ୍ଚିମବଙ୍ଗରୁ ଆଳୁ ଆସୁଛି, ସେଠାରେ ଅଧିକ ଶୀତଳଭଣ୍ଡାର ଥିବାରୁ ଷ୍ଟୋରେଜ୍ ହୋଇପାରୁଛି। ମାତ୍ର ଆମର ଏଠି ଶୀତଳଭଣ୍ଡାର କମ୍ ଥିବାରୁ ଗଚ୍ଛିତ କରି ରଖାଯାଇପାରୁନାହିଁ। ସେହିପରି ଓଡ଼ିଶାରେ ଉତ୍ପାଦନ ହେଉଥିବା ଅଳ୍ପ ପରିମାଣର ଆଳୁ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ବଜାରକୁ ଆସିଥାଏ। ଶୀତଳଭଣ୍ଡାର ଅଧିକ ନ ଥିବାରୁ ବେଶି ପରିମାଣର ଆଳୁ, ପିଆଜ ଗଚ୍ଛିତ କରି ରଖାଯାଇପାରୁ ନାହିଁ ବୋଲି ବ୍ୟବସାୟୀମାନେ ମନ୍ତ୍ରୀଙ୍କୁ କହିଥିଲେ। ଆଗାମୀ ଦିନରେ ଶୀତଳଭଣ୍ଡାର ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଭଦ୍ରକରେ ନକଲି ଜର୍ଦ୍ଦା କାରଖାନା

**ଭଦ୍ରକ,୧୧।୭(ସନାତନ ରାଉତ/ ରବିନାରାୟଣ ଖିଲାର)**

ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ନକଲି ଜର୍ଦ୍ଦା କାରବାର ବଢ଼ି ଚାଲିଛି। ପୁରୁଣାବଜାର ଥାନା ପୋଲିସ ଏଠାରେ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ପୋଲିସର ଏକ ଟିମ୍ ଚଢ଼ାଉ କରି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ଏବଂ ଜର୍ଦ୍ଦା ତିଆରିରେ ବିଭିନ୍ନ ସାମଗ୍ରୀ ଜବତ ସହ ୨ଜଣଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଫେରାର ହୋଇଯାଇଥିବା ଗୁରୁବାର ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ପୁରୁଣାବଜାର ଥାନାଧିକାରୀ ନୀରୋଜ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ପୁରୁଣାବଜାରର ହେଲାସାହିର ୩ଟି ଜାଗାରେ ଚଢ଼ାଉ କରାଯାଇଥିଲା। ନକଲି ଜର୍ଦ୍ଦା ସହ ବିଭିନ୍ନ କମ୍ପାନୀର ଲୋଗୋ, ବ୍ୟାପକ ପରିମାଣର ଗୋପାଳ-୬୦ ଟିଣଡବା, କନକ ଟିଣଡବା, ଜର୍ଦ୍ଦା ତିଆରିରେ ବ୍ୟବହୃତ ହେଉଥିବା ତେଲ, ମିକ୍ସଚର ମେଶିନ ଓ ପାଉଚ ଜବତ କରାଯାଇଛି। ହେଲାସାହିର ସେକ୍ ରବାନୀ(୩୧) ଓ ସେକ୍ ଖାଲିକ୍(୨୦)ଙ୍କୁ ଗିରଫ କରାଯାଇଥିବା ବେଳେ ମୀର ଇନାମ ଫେରାର ହୋଇଯାଇଥିବା ଖବରଦାତା ସମ୍ମିଳନୀରେ ସିଟିଡିଏସ୍‌ପି କହିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୨୦୪/୨୪, ୨୦୫/୨୪ ଓ ୨୦୬/୨୪) ରୁଜୁ କରାଯାଇଛି।

# ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

**ପାଇକମାଳ,୧୧।୭ (ବଡ଼ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ଥାନା ମିଠାପାଲି ପଞ୍ଚାୟତ ଡୁଙ୍ଗୁରିପାଲି ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅଙ୍କ ଟାଙ୍ଗିଆ ଚୋଟରେ ବାପା ଧନୁର୍ଯ୍ୟୟ ଅଜଗର (୫୫)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ବୁଧବାର ରାତିରେ ବାପ-ପୁଅଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ପୁଅ ବିଦ୍ୟାଧର ଅଜଗର (୨୦) ରାଗିଯାଇ ବାପା ଧନୁର୍ଯ୍ୟୟଙ୍କୁ ଟାଙ୍ଗିଆରେ ଆଘାତ କରି ଲହୁଲୁହାଣ କରି ଦେଇଥିଲେ। ଧନୁର୍ଯ୍ୟୟ ସଂଜ୍ଞାହୀନ ଅବସ୍ଥାରେ ଘରେ ପଡିଥିଲେ। ଖବର ପାଇ ପଡୋଶୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ପଦ୍ମପୁର ଓ ପରେ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପାଇକମାଳ ଥାନାରେ ଧାରା ବିଏନ୍‌ଏସ୍ ୧୦୩ (୧)ରେ ଏକ ମାମଲା (ନଂ.୧୬୯/୨୪) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ପୁଅ ବିଦ୍ୟାଧରଙ୍କୁ ଗିରଫ କରିଥିବା ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡେଇ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଡୁଙ୍ଗୁରିପାଲିକୁ ପଠାଯାଇଛି।

**ଘରେ ସହାୟିକାଙ୍କୁ ନିର୍ଯାତନା ଦେବା ଅଭିଯୋଗ**

# ଅଭିନେତ୍ରୀ ରିୟାଙ୍କ ଅଡୁଆ ବଢ଼ିଲା

## ରିୟା, ସୁନୀଲ ଦଲାଇଙ୍କୁ ପଚରାଉଚରା

**କଟକ,୧୧।୭ (କାର୍ତ୍ତିକ ସାହୁ)**

ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ରିୟା ଦେଙ୍କ ପାଇଁ ଅଡୁଆ ବଢ଼ିଛି। ଘରେ ସହାୟିକାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ରିୟାଙ୍କ ନାମରେ କଟକ ବିଡ଼ାନାସୀ ଥାନାରେ ଏକ ମାମଲା (ନଂ.୧୬୯/୨୪) ରୁଜୁ ହୋଇଛି। ପୋଲିସ ଗୁରୁବାର ରିୟାଙ୍କ ଘରକୁ ଯାଇ ତାଙ୍କୁ ଓ ତାଙ୍କ ସ୍ୱାମୀ ସୁନୀଲ ଦଲାଇଙ୍କୁ ପଚରାଉଚୁରା କରିଛି। ପୀଡ଼ିତା ଯୁବତୀ କେବେଠାରୁ ରିୟାଙ୍କ ଘରେ ଥିଲେ, କେଉଁ ପରିସ୍ଥିତିରେ ସେ ତାଙ୍କ ଘର ଛାଡ଼ିଲେ, ରିୟା ଓ ତାଙ୍କ ସ୍ୱାମୀ ପୀଡ଼ିତାଙ୍କ ପ୍ରତି କିଭଳି ବ୍ୟବହାର କରୁଥିଲେ ଏମିତି ନାନା ଦିଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ପଚରାଉଚରାବେଳେ ପୀଡିତା ଯୁବତୀଙ୍କ ଅଭିଯୋଗକୁ ରିୟା ଓ ତାଙ୍କ ସ୍ୱାମୀ ଅସ୍ୱୀକାର କରିଛନ୍ତି। ବରଂ ସେ ଖସି ପଳାଇ ଯାଇଛନ୍ତି ବୋଲି ରିୟା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଏହାପରେ ମାମଲାର ଅନ୍ୟାନ୍ୟ ଦିଗକୁ



ରିୟା ଦେ

ନେଇ ତଦନ୍ତ କରାଯିବ ବୋଲି ବିଡ଼ାନାସୀ ଥାନା ଆଇଆଇସି ଯୁବରାଜ ସିଂହ କହିଛନ୍ତି।

ସୂଚନା ଅନୁସାରେ, କଟକ ବିଡ଼ାନାସୀ ଥାନା ଅଞ୍ଚଳରେ ରିୟା ଓ ତାଙ୍କ ସ୍ୱାମୀ ରହୁଛନ୍ତି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ଜଣେ ଯୁବତୀ ତାଙ୍କ ଘରେ ପ୍ରାୟ ଦେଢ଼ ବର୍ଷ ହେବ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ପୀଡ଼ିତା ଯୁବତୀଙ୍କ ଅଭିଯୋଗ ଅନୁସାରେ ରିୟା ଓ ତାଙ୍କ ସ୍ୱାମୀ ଅନେକ ସମୟରେ ଯୁବତୀଙ୍କୁ ମାଡ଼ ମାରୁଥିଲେ। ଏପରି କି ବିୟର ବୋତଲରେ ରିୟା ଯୁବତୀଙ୍କୁ ପିଟୁଥିଲେ। ଫଳରେ ସେ ଠିକ୍ ଭାବେ ଚାଲି ପାରୁନାହାନ୍ତି। ଅନେକ ସମୟରେ ତାଙ୍କୁ ସିଗାରେଟ୍ ଆଣିବା ପାଇଁ ବଜାରକୁ ପଠାଉଥିଲେ। କୌଣସି କାମରେ ବାହାରକୁ ଗଲେ ଘରେ ପୂରାଇ ତାଲା ପକାଇ ଦେଉଥିଲେ। ଦିନେ, ଦୁଇ ଦିନ ଯାଏ ବନ୍ଦ ଘରେ ପୀଡ଼ିତା ରହନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅପରପକ୍ଷରେ ରିୟାଙ୍କ ସ୍ୱାମୀ ଗତ ୮ ତାରିଖରେ ବିଡ଼ାନାସୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଘରେ କେୟାରଟେକର ଭାବେ ରହୁଥିବା ଯୁବତୀ ଜଣକ ନିଖୋଜ ହୋଇଯାଇଥିବା ସେ ଏତଲାରେ ଦର୍ଶାଇଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଏବେ ଦୁଇଟି ଅଭିଯୋଗର ତଦନ୍ତ ଏକା ସାଙ୍ଗରେ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ୨ ସପ୍ତାହରେ ରିପୋର୍ଟ ଦେବାକୁ ଓଏସ୍‌ସିପିସିଆର୍‌ଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୭ (ସତ୍ୟଜିତ୍ ରାଉତ)**

ଓଡ଼ିଆ ସିନେ ଅଭିନେତ୍ରୀ ରିୟା ଦେ ତାଙ୍କ ଘରୋଇ ସହାୟିକାଙ୍କୁ ନିର୍ଯାତନା ଦେବା ଘଟଣାକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ଗୁରୁବାର ଭୁବନେଶ୍ୱର ଡିସିପି, ଜିଲା ଶ୍ରମ ଅଧିକାରୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ କମିଶନ ରିପୋର୍ଟ ତଲବ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରିବାରୁ କୁହାଯାଇଛି।

# ବଡ଼ଭାଇଙ୍କୁ ହତ୍ୟା ମାମଲା: ଦୋଷୀ ସାନଭାଇଙ୍କୁ ୧୦ବର୍ଷ ଜେଲ

**ବାଲେଶ୍ୱର, ୧୧।୭(ମାନସ ବିଶ୍ୱାଳ)**

ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ଏଡିଜେ ତଥା ଓପିଆଇଡି ଜଜ୍ ବିଶ୍ୱଜିତ୍ ଦାସ ଅଭିଯୁକ୍ତ ସାନଭାଇଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ୍‌ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୨୨ ଫେବୃଆରୀ ୯ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଭେଲପୁରା ଗ୍ରାମର ରତ୍ନାକର ପ୍ରଧାନ (୪୮) ବିଲରେ କାମ କରୁଥିଲେ। ଉକ୍ତ ସମୟରେ ତାଙ୍କର ସାନଭାଇ ରାମକୃଷ୍ଣ ସାମାନ୍ୟ ବଚସାରୁ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା ଏକ ବାଉଁଶ ବାଡ଼ିରେ ବଡ଼ଭାଇ ରତ୍ନାକରଙ୍କୁ ବାଡ଼େଇଥିଲେ। ଏଥିରେ ରତ୍ନାକର ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ପରିବାର ଲୋକେ ସେଠାରୁ ମୃତଦେହକୁ ଫେରାଇ ନେଇ ବାଲିଆପାଳ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏନେଇ ବାଲିଆପାଳ ଥାନାରେ ମୃତକଙ୍କ ପୁତ୍ର ଲକ୍ଷ୍ମୀକାନ୍ତ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ.୪୪/୨୦୨୨) ରୁଜୁ କରାଯାଇ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

# ୪ ଜଣଙ୍କୁ ଅପହରଣ: ଜଣଙ୍କୁ ହତ୍ୟା, ୩ଙ୍କୁ ମାଡ଼ମାରି ଛାଡ଼ିଲେ ମାଓବାଦୀ

**ମାଲକାନଗିରି,୧୧।୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍ମା ଜିଲା କିଷ୍ଟବରାମ୍ ଥାନା ଅନ୍ତର୍ଗତ ସକ୍ଲର ଗ୍ରାମର ୪ ଜଣଙ୍କୁ ମାଓବାଦୀମାନେ ୨ଦିନ ପୂର୍ବେ ଅପହରଣକରି ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ନିସ୍ତୁକ ମାଡମାରି ପ୍ରଜା କୋର୍ଟରେ ହତ୍ୟା କରିଛନ୍ତି। ମୃତକ ହେଲେ ମାଡି ରାଜା ରାଓ । ଅନ୍ୟ ୩ଜଣଙ୍କୁ ନିସ୍ତୁକ ମାଡ଼ମାରି ଛାଡି ଦେଇଥିବା ଜଣାପଡିଛି। ପ୍ରକାଶ ଯେ, ୨ ଦିନ ପୂର୍ବରୁ ଛତିଶଗଡ଼ ସୁକ୍ମା ଜିଲା ସକ୍ଲର ଅଞ୍ଚଳର ୪ ଗ୍ରାମବାସୀଙ୍କୁ ମାଓବାଦୀ ଅପହରଣକରି ନେଇଥିଲେ। ବୁଧବାର କିଷ୍ଟବରାମ୍ ଜଙ୍ଗଲରେ ପ୍ରଜା କୋର୍ଟରେ ଏହି ୪ ଜଣଙ୍କୁ ହାଜରକରି ପୋଲିସ ଖବରଦାତା କହି ମାଡି ରାଜା ରାଓଙ୍କୁ ନିସ୍ତୁକ ମାଡ଼ମାରି ହତ୍ୟା କରିବା ସହ ଅନ୍ୟ ୩ ଜଣଙ୍କୁ ମଧ୍ୟ ପ୍ରବଳ ମାଡ଼ ମାରିଥିବା ଜଣାପଡିଛି। ମାଓବାଦୀମାନେ ରାଜାଙ୍କ ମୃତଦେହକୁ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଥିବା ଗ୍ରାମବାସୀଙ୍କୁ ମଧ୍ୟ ମୁକ୍ତ କରିଥିବା ସୂଚନା ମିଳିଛି।

# ଗଛରୁ ମିଳିଲା ଶିକ୍ଷକଙ୍କ ଝୁଲନ୍ତା ମୃତଦେହ

■ **ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ**

**ଧାମନଗର/ଅସୁରାଳି,୧୧।୭ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଦିଆ/ ସନ୍ତୋଷ ପ୍ରଧାନ)**

ମାସେ ପରେ ଅବସର ନେଇଥାନ୍ତେ। ଏହା ପୂର୍ବରୁ ଗୁରୁବାର ସକାଳେ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଧୁସୁରୀ ପଞ୍ଚାୟତ ବିବି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା। ଧାମନଗର ଥାନା ଅଧୀନ ଦଇପୁର ୫ ନଂ. କେନାଲ କଲ୍‌ଭର୍ଟ ନିକଟ ଏକ ନିମ୍ବ ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ତେବେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ମୃତ ସୁରେନ୍ଦ୍ରଙ୍କ ସ୍ତ୍ରୀ ଉର୍ବଶୀ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୩୨୩/୨୪) ରୁଜୁ କରି ତଦନ୍ତ ଚଳାଇଛି। ମୃତ ସୁରେନ୍ଦ୍ରଙ୍କ ଘର ଦଇପୁର ପଞ୍ଚାୟତର ନାରାୟଣପୁର ଗ୍ରାମରେ। ବୁଧବାର ସେ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ



ସୁରେନ୍ଦ୍ର କୁମାର ପଣ୍ଡା

ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଧାମନଗର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତେବେ ପୂର୍ବ ଶତ୍ରୁତାରୁ କେହି ତାଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ୬ ମାସରେ ୩୬ କୋଟିର ଠକେଇ

## ଭୁବନେଶ୍ୱରରେ ବଢୁଛି ସାଇବର ଅପରାଧ

**ଭୁବନେଶ୍ୱର,୧୧।୭ (ସତ୍ୟଜିତ୍ ରାଉତ)**

ବ୍ୟାପକ ସଚେତନତା ସତ୍ତ୍ୱେ ସାଇବର ଠକେଇ ବଢ଼ିବାରେ ଲାଗିଛି। ପୋଲିସ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଭୁବନେଶ୍ୱରରେ ଗତ ୬ ମାସରେ ପ୍ରାୟ ୩୬ କୋଟି ଟଙ୍କା ସାଇବର ଠକେଇ ହୋଇଛି। ଗତ ଜାନୁଆରୀରୁ ଜୁନ ମଧ୍ୟରେ ୨୧ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୫ ଜଣ ଆନ୍ତଃରାଜ୍ୟ ସାଇବର ଠକ ରହିଛନ୍ତି। ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରୁ ସାଇବର ହେଲ୍ପ ଡେସ୍କକୁ ୨ହଜାର ୩୯୪ ଅଭିଯୋଗ ଆସିଥିବାବେଳେ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ୧୧୦ ମାମଲା ପଞ୍ଜୀକୃତ ହୋଇଛି। ପୋଲିସ ତଦନ୍ତ କରି ଠକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୯ କୋଟି ୫୦ ଲକ୍ଷ ଟଙ୍କା ଫ୍ରିଜ୍ କରିଛି। ତେବେ ଏହି ଟଙ୍କାରୁ ଠକେଇର ଶିକାର ଲୋକଙ୍କୁ ୪୬ଲକ୍ଷ ଫେରସ୍ତ କରାଯାଇଛି। ତେବେ ସାଇବର ଠକମାନେ ୟୁପିଆଇ ଠକେଇରେ ଅଧିକ ଟଙ୍କା ନେଇଯାଇଛନ୍ତି। ସମସ୍ତ ଅଭିଯୋଗରୁ ୟୁପିଆଇ ସମ୍ବନ୍ଧିତ ୯୬୬ ଠକେଇ, ସାମାଜିକ ଗଣମାଧ୍ୟମ ସମ୍ପର୍କିତ ୫୫୪,



ସଞ୍ଜୀବ ପଣ୍ଡା

ଆର୍‌ଟିଜିଏସ୍/ଏନ୍‌ଇଏଫ୍‌ଟି ୨୮୨, କ୍ରେଡିଟ କାର୍ଡ ସମ୍ବନ୍ଧୀୟ ୧୧୦ ଆଦି ଠକେଇ ରହିଛି। ଏ ସଂକ୍ରାନ୍ତରେ ଖବରଦାତା ସମ୍ମିଳନୀରେ ଟୁଇନ୍ ସିଟି ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ସାଇବର ଠକେଇର ଶିକାର ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସାଇବର ଥାନାରେ ମାନବ ସମ୍ବଳ ବଢ଼ାଇବା ସହ ଜଣେ ଏସିପି ର୍‍ୟାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଲୋକମାନଙ୍କୁ କମିଶନର ଏନେଇ ଅପିଲ୍ କରିଛନ୍ତି ଯେ, ଠକେଇ ହେଲେ ସଙ୍ଗେ ସଙ୍ଗେ ଥାନା କିମ୍ବା ବ୍ୟାଙ୍କକୁ ଦୌଡ଼ନ୍ତୁ ନାହିଁ। ପ୍ରଥମେ ସାଇବର ହେଲ୍ପ ଲାଇନ୍ ନମ୍ବର (୧୯୩୦)କୁ କଲ୍ କରି ଆର୍ଥିକ କାରବାରର ତଥ୍ୟ ଦିଅନ୍ତୁ। ଆମ ପକ୍ଷରୁ ଟ୍ରାଞ୍ଜାକ୍ସନ୍ ଫ୍ରିଜ୍ ହେବା ପରେ ଥାନା କିମ୍ବା ବ୍ୟାଙ୍କକୁ ଯାଇ ରିପୋର୍ଟ କରିବାକୁ କମିଶନର ପରାମର୍ଶ ଦେଇଛନ୍ତି।

# ନାବାଳିକା ଯୌନ ନିର୍ଯାତନା: ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ

**କଟକ,୧୧।୭ (କାର୍ତ୍ତିକ ସାହୁ)**

କଟକ ଜିଲା ବଡ଼ମ୍ବା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ଯୌନ ନିର୍ଯାତନା ଦେବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଜେଲଦଣ୍ଡ ସହ ୧୦୦୦ ଟଙ୍କା ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୨ମାସ କାରାଦଣ୍ଡ ଲାଗି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଡ଼ମ୍ବା ଅଞ୍ଚଳର ବିକାଶ ନାୟକ। ସୂଚନା ଅନୁସାରେ, ଆଠଗଡ଼ ଥାନା ଅଞ୍ଚଳର ପୀଡ଼ିତା ନାବାଳିକାଙ୍କ ପରିବାର ପ୍ରାୟ ୨୦ବର୍ଷ ହେବ ବଡ଼ମ୍ବା ଥାନା ଅଞ୍ଚଳରେ ରହୁଥିଲେ। ଅଭିଯୁକ୍ତ ଜଣକ ତାଙ୍କ ଭଉଣୀ ଘରକୁ ବୁଲିବାକୁ ଯାଇଥିବାବେଳେ ନିକଟସ୍ଥ ସ୍କୁଲରେ ପଢୁଥିବା ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ସେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ବଡ଼ମ୍ବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଡହକ ଅତିରିକ୍ତ ସେସନ୍ସ ଜଜ୍ ସବିତା ଦାସ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ୯ ଗିରଫ

## କାର, ଟ୍ରକ୍, ୨ ବାଇକ୍ ଜବତ

**ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୧୧।୭ (ଆଶୁତୋଷ ଦାସ/ମାନସ ସାମଲ)**

ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ଗୋପାଳପୁର ଗ୍ରାମର ବିରଞ୍ଚି ସାହୁ, ରିତେଶ ନାୟକ, ପ୍ରେମାନନ୍ଦ ବେହେରା, ରମେଶ ନାୟକ, ପ୍ରଶାନ୍ତ ପ୍ରଧାନ, ଅଶୋକ କୁମାର ବେହେରା, ଚିତ୍ତରଞ୍ଜନ ବେହେରା, ବାଣୀପଦା ଗ୍ରାମର ଅଶୋକ ନାୟକ ଓ ହିଦାୟତ ଅଲ୍ଲୀ। ସେମାନଙ୍କ ନିକଟରୁ ଗୋଟିଏ କାର, ଟ୍ରକ୍ ଓ ଦୁଇଟି ବାଇକ୍ ପୋଲିସ ଜବତ କରିଛି। ପୋଲିସ ସୂଚନା ମୁତାବକ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତ କଜଳକଣା ନିକଟସ୍ଥ ଇଡ୍‌କୋ ଜମିରେ ପକା ଯାଇଥିବା ଇମ୍ଫା କମ୍ପାନୀର କୋଇଲା ପାଉଁଶକୁ ଅଭିଯୁକ୍ତମାନେ ମଧ୍ୟରାତ୍ରରେ ଚୋରି କରି ହାଇୱା ଦ୍ୱାରା ନେଇ ଅନ୍ୟତ୍ର ବିକ୍ରି କରୁଥିଲେ। ଖବରପାଇ ଚୌଦ୍ୱାର ପୋଲିସ ସେଠାରେ ଚଢ଼ାଉ କରିବା ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପୋଲିସକୁ ଖବର ଦେବା ସନ୍ଦେହରେ ଅଭିଯୁକ୍ତମାନେ ମଙ୍ଗଳବାର ରାତିରେ ଅଜୟ ବେହେରା ନାମକ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଅଜୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୬୨/୨୪) ରୁଜୁ କରିଥିଲା।

# ପାହାଡ଼ ଉପରେ ମହିଳାଙ୍କୁ ଗଣବଳାତ୍କାର ଘଟଣା, ୫ ଗିରଫ

**କବିସୂର୍ଯ୍ୟନଗର,୧୧।୭ (କୃପାସିନ୍ଧୁ ସ୍ୱାଇଁ)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଜଣେ ମହିଳା ମଙ୍ଗଳବାର ଗଣବଳାତ୍କାରର ଶିକାର ହୋଇଥିଲେ। ତାଙ୍କୁ ଖଇରାପଲ୍ଲୀ ଗ୍ରାମସ୍ଥିତ ହ୍ରଦ ନିକଟରୁ ବୁଧବାର ସକାଳେ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋଟିନଡ଼ା ଥାନା ଅଧୀନ ଖାରିଆ ଗ୍ରାମର ସନ୍ତୋଷ ନାହାକ, କବିସୂର୍ଯ୍ୟନଗର ଥାନା ବାଣନଈ ଖରିଡା ଗ୍ରାମର ରାଜେନ୍ଦ୍ର ପ୍ରଧାନ, କୋଦଳା ଥାନା ଛଚିନା ଗ୍ରାମର ଟୁଲୁ ପ୍ରଧାନ, ରାଣୀପଡ଼ା ଗ୍ରାମର ଶୁଭ ମୁନି ଓ ବେଲପଡା ଗ୍ରାମର ଆଲୋକ ମଲ୍ଲିକ । ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ କହିବାନୁସାରେ, ମଙ୍ଗଳବାର ଅପରାହ୍ନରେ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ତାଙ୍କୁ ଖଇରପଲ୍ଲୀ ଗ୍ରାମ ନିକଟସ୍ଥ ପାହାଡ଼ ଉପରକୁ ଉଠାଇ ନେଇଥିଲେ। ତାଙ୍କୁ ସେଠାରେ ମାଡ଼ମାରିବା ସହ ଗଣବଳାତ୍କାର କରି ଯୌନାଙ୍ଗରେ ମଦ ବୋତଲ ପୂରାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପୋଲିସ ବୁଧବାର ସକାଳେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗଞ୍ଜେଇ ବ୍ୟବସାୟକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଜଣାପଡ଼ିଛି।


**ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର**
**Office of the Jaleswar Municipality, Jaleswar**
Dist: Balasore, Odisha-756032
Ph:(06781) 222407, * Email-jaleswarmunicipality@gmail.com
No.2578 Date:28.06.24

**E-Procurement Notice**

**Bid Identification No.JM_01_2024-25**

**No.C-191:** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.
1. Name of the Work: Civil Const. works as mentioned in DTCN. 2. No. of Works: 01. 3. Estimated Cost: As per Work List. 4. Period of Completion: As per DTCN. 5. Date and Time of Bidding: 12.07.2024 to 22.07.2024. 6. Last date and time for receipt: 22.07.2024 upto 5.30 PM. 7. Technical Bids shall be opened on: 23.07.2024 from 10.00 am onwards. 8. Financial Bids shall be opened on: 24.07.2024 from 10.00 am onwards. 9. Name and address of the Officer Inviting Bid: Executive Officer, Jaleswar Municipality.
Further details can be seen from the e-Procurement portal i.e. https://tendersodisha.gov.in./nicgep/app.

**Sd./- Executive Officer, Jaleswar Municipality**
OIPR-13126/11/0003/2425

No.C-188:

**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender ID: 2024_ORULB_103293**
**Bid Reference No.MC(CMC) CTC_Div-II_No.4/2024-25**
**Tender Call Notice No.5044 (PW) Date.10.07.2024**

Name of Works: Civil Works.
No. of Works: 1 No.
Bid Value: Rs.80.42 Lakh
Period of Completion: Four Calendar Months
Date and Time schedule:

| Start | End | Opening |
|---|---|---|
| 3.00 PM on dt.11.07.2024 | 5.00 P.M. on dt.24.07.2024 | 11.00 A.M. on dt.29.07.2024 |

Tender Details: can be seen from the procurement portal: **www.tendersorissa.gov.in.**

**Sd./- Executive Engineer, City Div-II**
OIPR-13031/11/0013/2425

**ODISHA PUBLIC SERVICE COMMISSION, CUTTACK**
**NOTICE**
No.3734/P.S.C., Dt. 11.7.24
1E-12-2024/25 (DR-III)

**No.D-90:** The Commission have decided to conduct a written examination for recruitment to the post of **Assistant Conservator of Forests (Group-A) (JB) and Forest Rangers (Group-B),** pursuant to Advt. No. 08 of 2023-24 will be held from **18.08.2024 to 28.08.2024** (except 26.08.2024) in five zones viz. Balasore, Berhampur, Bhubaneswar, Cuttack & Sambalpur as per the following time table.

| Date | Forenoon Session (9.00 A.M. to 12.00 Noon) | Afternoon Session (2.00 P.M. to 5.00 P.M.) |
|---|---|---|
| 18.07.2024 | General English | General Knowledge |
| 19.08.2024 | Agriculture Paper-I<br>Veterinary Science & Animal Husbandry Paper-I | Physics Paper-I |
| 20.08.2024 | Chemistry Paper-I | Geology Paper-I |
| 21.08.2024 | Botany Paper-I | Agricultural Engineering Paper-I<br>Chemical Engineering Paper-I<br>Civil Engineering Paper-I<br>Mechanical Engineering Paper-I |
| 22.08.2024 | Forestry Paper-I | Mathematics Paper-I<br>Statistic Paper-I |
| 23.08.2024 | Zoology Paper-I | Agriculture Paper-II<br>Veterinary Science & Animal Husbandry Paper-II |
| 24.08.2024 | Physics Paper-II | Chemistry Paper-II |
| 25.08.2024 | Geology Paper-II | Botany Paper-II |
| 27.08.2024 | Agricultural Engineering Paper-II<br>Chemical Engineering Paper-II<br>Civil Engineering Paper-II<br>Mechanical Engineering Paper-II | Forestry Paper-II |
| 28.08.2024 | Mathematics Paper-II<br>Statistic Paper-II | Zoology Paper-II |

The Candidates are required to download their **"Admission Certificate"** & **"Instruction to candidates"** from the Website of the Commission at http://opsc.gov.in 12.08.2024 onwards.

OIPR-12002/11/0053/2425 **Sd./- Secretary (I/C)**

**Zilla Swasthya Samiti, Boudh**
Office of the Chief District Medical & Public Health Officer, Boudh
Advt. No : 1493 Date : 10.07.2024

**CONTRACTUAL RECRUITMENT UNDER NHM (In-house)**

No. E-116: Applications are invited from **the contractual employee of NHM working in the same post under the OSH & FW society** in other district to fill up the different vacant posts in Boudh district. Interested eligible candidates can log on to **www.boudh.nic.in** for detailed post wise vacancy, terms and conditions, application format & selection procedure etc. Candidates fulfilling the eligibility criteria may apply in the prescribed format to CDM & PHO, Boudh on or before 19.07.2024 by 5 PM. No application will be received beyond the scheduled date and the office will not responsible for any postal / courier delay. The undersigned reserves the right to cancel any or all the applications / positions at any stage without assigning any reason thereof.

OIPR-10107/11/0001/2425 Sd./- CDM & PHO-cum-District Mission Director, Boudh

**OFFICE OF THE SUPERINTENDING ENGINEER MINOR IRRIGATION DIVISION, DHENKANAL**
No. 2092 Dt.10.07.2024

**e-Procurement Notice**
**Bid Identification No. DMID-03/2024-25**
**e-mail ID: eemidkl@yahoo.co.in**

No. A-147: The Superintending Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the Work | : | Civil works in different Blocks of Dhenkanal District under the ERM Scheme for the year 2024-25. |
| No. of Works | : | 12 (Twelve) Nos. Only |
| Estimated Cost | : | Varies from 8.00 lakhs to 34.00 lakh (Approximately) |
| Cost of Tender Paper | : | 4000/- to 6000/- (Non-refundable) |
| Period of Completion | : | 03 (Three) Calendar Months |
| Availability of bid documents for sale and receipt through Online | : | From Dt.16.07.2024, 10.00 A.M. to Dt.30.07.2024 upto 5.00 P.M. |
| Last date/time of receipt of bids in the portal | : | 30.07.2024 (5.00 P.M.) |
| Date of Technical Bid opening through online | : | On Dt.31.07.2024 at 11.00 A.M. in the Office of the S.E., M.I. Division, Dhenkanal |
| Mode of Payment of Bid Cost | : | Online |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: **http:/dowrorissa.gov.in** | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal, At/P.O./District: Dhenkanal, Ph. No./ Fax No.: 06762-224461, Email ID: **eemidkl@yahoo.co.in** |
| Further details can be seen from the e-Procurement market place **http://tendersorissa.gov.in**. | | |

**Sd./- Superintending Engineer**
**M.I. Division, Dhenkanal**
OIPR-32027/11/0007/2425

**O/o. THE DIVISIONAL FOREST OFFICER-CUM-DMU CHIEF SUNDARGARH FOREST DIVISION, SUNDARGARH**
**At/P.O./Dist.: Sundargarh, PIN - 770001, Odisha**

**HIRING OF FMU COORDINATOR FOR ODISHA FORESTRY SECTOR DEVELOPMENT PROJECT, PHASE-II, (OFSDP-II)**

No. MM-80: Divisional Forest Officer-cum-DMU Chief, Sundargarh Forest Division invite application from suitable candidates for the following position under Sundargarh Forest Division, for working in the Odisha Forestry Sector Development Project, Phase-II.

| Forest Division | Name of the Post | Vacancy |
|---|---|---|
| Sundargarh | FMU-Coordinator (Training & Process Documentation) | 2 |

Interested candidates may obtain Term of Reference and the Application Form from O/o. the Divisional Forest Officer-cum-DMU Chief, Sundargarh Forest Division, during the office hours or may download from the website **http://ofsds.in/**. Filled in application complete in all respect along with Bank Draft for Rs.500/- (Five Hundred) in favour of Divisional Forest Officer-cum-DMU Chief, Sundargarh, payable at Sundargarh, should reach O/o. the Divisional Forest Officer-cum-DMU Chief, Sundargarh on or before 29.07.2024, 5.00 P.M. by Registry Post/Speed Post/Courier only.

**Sd./- Divisional Forest Officer-cum-DMU Chief**
**Sundargarh Forest Division**
OIPR-08034/11/0001/2425

# ବିଡିଏର ୬୮.୪୪୫ ଏକର ଜବରଦଖଲ, ଅଧିକାରୀ ଚୁପ୍

## ଶାମପୁରରେ ବଢୁଛି ଜବରଦଖଲ

■ନାଲିଆଖି ଦେଖାଇ ଚାଲିଛି ନିର୍ମାଣ

■ଭୟରେ ଚୁପ୍ ରହୁଛନ୍ତି ସୁରକ୍ଷା କର୍ମୀ

ଭୁବନେଶ୍ୱର, ୧୧।୭ (ବନ୍ଦନା ସେଠୀ)





ବିଡ଼ିଏ ଜମିରେ ଗଡ଼ି ଉଠିଥିବା ବେଆଇନ ନିର୍ମାଣ।

ଆଫର୍ଡେବଲ୍ ହାଉସିଂ ପ୍ରକଳ୍ପ ପାଇଁ ସାଧାରଣ ପ୍ରଶାସନ ବିଭାଗ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ଶାମପୁର ମୌଜାରେ ୬୮.୪୪୫ ଏକର ଜମି ପ୍ରଦାନ କରିଥିଲା। ମାତ୍ର ଏସବୁ ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରାଯାଇ ବିକ୍ରି ଚାଲିଛି। ଏପରିକି ସେଠାରେ ବେଆଇନ ନିର୍ମାଣ ସହ କଲୋନୀ ଗଢ଼ି ଉଠିଥିଲେ ମଧ୍ୟ ବିଡିଏ ଅଧିକାରୀ ଚୁପ୍ ବସିଛନ୍ତି। ଫଳରେ ଉକ୍ତ ଜମି ସହ ଆଖପାଖରେ ଥିବା ସରକାରୀ ଜମି ଜବରଦଖଲ ବଢ଼ିବାରେ ଲାଗିଛି। ଏଥିରେ ଏକ ବଡ଼ ର୍ୟାକେଟ କାମ କରୁଥିଲେ ମଧ୍ୟ ସବୁ ଦେଖି ଅଧିକାରୀମାନେ ଚୁପ୍ ବସିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିଡିଏ ନିଜ ଜମିକୁ ସୁରକ୍ଷା ଦେଇପାରୁ ନ ଥିବାରୁ ରାଜଧାନୀରେ ଜବରଦଖଲକାରୀମାନେ କେତେ ଶକ୍ତିଶାଳୀ ତାହା ବାରିହୋଇପଡୁଛି। ସମ୍ପୃକ୍ତ ଜମିରେ ଜବରଦଖଲ ବଢ଼ିବା ନେଇ ଜାଣିବା ପରେ ଜାନୁଆରୀ ୨୯ରେ ତରବରିଆ ଭାବେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ବିନା ପୋଲିସ ସହାୟତାରେ କିଛି ଘରର ମୂଳଦୁଆ ଓ ପାଚେରି ଭାଙ୍ଗିଥିଲା। ଇତି ମଧ୍ୟରେ ଏହି ଘଟଣାକୁ ୭ ମାସ ବିତିଥିବାବେଳେ ଦ୍ୱିତୀୟଥର ଉଚ୍ଛେଦ କଥା ତ ଦୂରର କଥା ଏନେଇ ପରବର୍ତ୍ତୀ ଆଲୋଚନା ମଧ୍ୟ ହୋଇନାହିଁ। ଜମିରେ ବେଧଡ଼କ ଘର ନିର୍ମାଣ ଚାଲିଛି। ୭ମାସ ତଳେ ଯେଉଁଠି ବିଡିଏ ମାତ୍ର ୧୦ ଘରର ନିର୍ମାଣ ଭାଙ୍ଗିଥିଲା, ଏବେ ସେଠି ୨୦୦ରୁ ଊର୍ଦ୍ଧ୍ୱ ଘର ନର୍ମାଣ ସରିଛି। ମାତ୍ର ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ମାତ୍ର ୪ଜଣ ସୁରକ୍ଷା କର୍ମୀଙ୍କୁ ଜଗାଇ ଦେଇ ବିଡିଏ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ସୁରକ୍ଷାକର୍ମୀମାନେ ନିଜ ଜୀବନକୁ ଭୟ କରି ବେଆଇନ ନିର୍ମାଣକୁ ରୋକିବାକୁ ସାହସ କରିପାରୁ ନାହାନ୍ତି। କେବଳ ଫଟୋ ଓ ଭିଡିଓ ପଠାଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଉଛନ୍ତି। ଏଥିସହ ବିଡିଏ ଦ୍ୱାରା ଉକ୍ତ ଜମିର ବିଭିନ୍ନ ସ୍ଥାନରେ 'ଏହା ସରକାରୀ ସମ୍ପତ୍ତି, ଅନୁପ୍ରବେଶ ଦଣ୍ଡନୀୟ' ବୋଲି ସାଇନବୋର୍ଡ ମରାଯାଇଛି। ଉକ୍ତ ଜମି ଉପରେ ନିର୍ମାଣ କରାଯିବ ନାହିଁ ବୋଲି ଧାରା ୧୪୪ ମଧ୍ୟ ଜାରି ହୋଇଛି। ଏହାସତ୍ତ୍ୱେ କାହା ପ୍ରରୋଚନା ଏବଂ ହେପାଜତରେ ପ୍ରତିଦିନ ବେଆଇନ ନିର୍ମାଣ ଚାଲୁ ରହିଛି ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଘଟଣା ନେଇ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉତ୍ତର ରଖିବା ତ ଦୂରର କଥା, ବ୍ୟସ୍ତ ଥିବା ବାହାନା କରି ଭେଟିବାକୁ ମନା କରି ଦେଇଥିଲେ। ଅପରପକ୍ଷେ ବେଆଇନ ଭାବେ ବିଡିଏ ଜମିକୁ କିଣାବିକା କରିଥିବା ୧୩ ଜଣଙ୍କ ନାମରେ ଏତଲା ନେଇ ବିଡିଏ ଇଓଡବ୍ଲ୍ୟୁରେ ପହଞ୍ଚିଥିଲା। କିଛିଦିନ ଇଓଡବ୍ଲ୍ୟୁର ଲିଗାଲ ସେଲ୍‌ରେ ଏତଲା ପଡି ରହିଲା ପରେ ଉକ୍ତ ଜମିକୁ ବିକ୍ରିବଟା କରାଯାଇନାହିଁ, ବରଂ ପୂର୍ବ ଜମି ମାଲିକ ଦାନ ବା ଗିଫ୍ଟ ଆକାରରେ ଅନ୍ୟଙ୍କୁ ଜମି ପ୍ରଦାନ କରିଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଥିଲା। ତେଣୁ ଏଥିରେ କିଛି କରାଯାଇ ପାରିବ ନାହିଁ ବୋଲି କହି ବିଡିଏ ଦେଇଥିବା ଏତଲାକୁ ପଞ୍ଜୀକୃତ କଲାନାହିଁ କି ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ। ଅପରପକ୍ଷେ ଉକ୍ତ ୬୮ ଏକର ଜମିରୁ ପ୍ରାୟ ୮ ଏକର ଜମିରେ ୯ଜଣ ବ୍ୟକ୍ତି ହାଇକୋର୍ଟରେ ମାମଲା କରିବା ସହ ସ୍ଥଗିତାଦେଶ ଆଣିଛନ୍ତି। ତେଣୁ ଉକ୍ତ ୮ ଏକର ଜମିରେ ବେଆଇନ ନିର୍ମାଣକୁ ହଟାଇବା ନେଇ କୌଣସି ଉଦ୍ୟମ ହୋଇ ନ ଥିବା ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାବାଦ୍ ବାକିଥିବା ୬୦ ଏକର ଜମିରେ ମଧ୍ୟ ବହୁ ବେଆଇନ ନିର୍ମାଣ ଗଢି ଉଠିଲାଣି। ଏପରିକି ରାତାରାତି ନୂଆ ପ୍ଲଟିଂ ହେଉଥିବା ନେଇ ମଧ୍ୟ ଅଭିଯୋଗ ହସ୍ତଗତ ହେଉଥିବା ଅଧିକାରୀ ଜଣକ କହିଛନ୍ତି। ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ନିକଟରେ ସରକାରୀ ଜମିରୁ ଜବରଦଖଲ ହଟାଇବା ସହ ଅନ୍ୟ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଡିଏ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବିଡିଏ ନିଜ ଜମିକୁ କାହିଁକି ସୁରକ୍ଷିତ କରିପାରୁନାହିଁ। ଏହା ପଛରେ ବଡ଼ କେଳେଙ୍କାରୀ ଲୁଚି ରହିଥିବା ଚର୍ଚ୍ଚା ହେଉଛି।

### ବସୁନି ସିଇଏମ୍‌ସି ବୈଠକ

ପ୍ରତିମାସର ଶେଷ ସପ୍ତାହରେ ବିଡିଏରେ ସେଣ୍ଟ୍ରାଲ ଏନ୍‌ଫୋର୍ସମେଣ୍ଟ ମନିଟରିଂ ଟିମ୍ (ସିଇଏମସି)ର ବୈଠକ ବସିଥାଏ। ମାସେ ମଧ୍ୟରେ କେଉଁ ବିଭାଗରୁ ଉଚ୍ଛେଦ ଲାଗି ଚିଠି ଆସିଛି, କେଉଁ ଉଚ୍ଛେଦ ହେବା ନିହାତି ଆବଶ୍ୟକ, କେଉଁଠି ଅଧିକ ପୋଲିସ ଫୋର୍ସ ଜରୁରୀ ଓ ଅନ୍ୟାନ୍ୟ ବିଷୟ ନେଇ ଆଲୋଚନା ହୁଏ। ମାସକର ଜବରଦଖଲ ଉଚ୍ଛେଦ ତାଲିକା ପ୍ରକାଶ ପାଏ। ମାତ୍ର ଏହି ବୈଠକ ଗତ ଫେବୃଆରୀରୁ ବନ୍ଦ ରହିଛି। ମାର୍ଚ୍ଚରେ ନିର୍ବାଚନ ଆଚରଣ ବିଧି ଲାଗୁହେବା ପରଠାରୁ ଭୁବନେଶ୍ୱରରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଛି। ଜୁନ୍ ଦ୍ୱିତୀୟ ସପ୍ତାହରୁ ଆଚରଣ ବିଧି ହଟିଥିଲେ ମଧ୍ୟ ବିଡିଏ ସିଇଏମ୍‌ସି ବୈଠକ ବସି ନ ଥିବା ସୂଚନା ମିଳିଛି।

## ଅଡିଟ୍ ରିପୋର୍ଟ ଯାଞ୍ଚ ପାଇଁ ଏସ୍‌ସିବି ଆସିଲାନି କମିଟି

କଟକ,୧୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଗତ ୨୦ ବର୍ଷର ଅଡିଟ୍ ରିପୋର୍ଟକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଅସନ୍ତୋଷ ପ୍ରକାଶ କରିଥିଲା। ଏହି ରିପୋର୍ଟ ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣେ ଅଡିଟର, ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଏବଂ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) କାର୍ଯ୍ୟାଳୟର ଜଣେ ଅଡିଟରଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ଉକ୍ତ କମିଟି ବୁଧବାର ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିପୋର୍ଟ ଯାଞ୍ଚ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏଥିସହ କିଛି ଘଟଣାର ସେଟେଲମେଣ୍ଟ ଉକ୍ତ କମିଟି ଦ୍ୱାରା କରାଯିବ ବୋଲି ଜଣାପଡିଛି। ହେଲେ ଏହି କମିଟି ବୁଧବାର ନ ଆସିବା ନେଇ ଏକ ଚିଠି ଦ୍ୱାରା ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲା। ଏଥିସହ ଉକ୍ତ କମିଟିର ସଦସ୍ୟ କେବେ ଆସିବେ ସେ ନେଇ ଚିଠିରେ ଉଲ୍ଲେଖ କରାଯାଇ ନ ଥିବା ମେଡିକାଲର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଭାବବିହ୍ୱଳ କଲା ଭକ୍ତି ସଙ୍ଗୀତ

### 'ଗୁହାରି'ର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବେ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଗୀତାଞ୍ଜଳି ଦାଶ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ, ଅଭିଜିତ ମିଶ୍ର, ଈପ୍ସିତା ପଣ୍ଡା, ପିନାକୀ ନାୟକ, ସୁରସରିତା ରାଉତ, ବୀରପ୍ରତାପ ସିଂ, ଶିବାନନ୍ଦ ତ୍ରିପାଠୀ, ସସ୍ମିତା ମିଶ୍ର ଓ ସୌରଭ ଭରଦ୍ୱାଜ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସେମାନଙ୍କ ଦ୍ୱାରା ପରିବେଷିତ ଭକ୍ତି ସଙ୍ଗୀତ ମଧ୍ୟରେ ଥିଲା ମିତଣୀ ଲୋ ଶ୍ରୀକ୍ଷେତ୍ର ଯିବା..., କଳାମେଘ ଠାରୁ ଆହୁରି କଳା..., ଚକା ନୟନକୁ ପରି ତ କେହି..., ମାଂଇହ ଚଳିତ ବିଲୋକ୍ୟଂ..., ଚାଲ ସଖୀ ଆମେ ଦର୍ଶନ କରିବା..., ଜଗନ୍ନାଥ କଲେ ଯା ଅନାଥ..., ପ୍ରଭୁ କି ସୁନ୍ଦର ଦିଶ..., ମେଘ ମାଳକୁ ନିନ୍ଦେ କାଳକୁ...ଆଦି ଶ୍ରୋତାଙ୍କୁ ବେଶ୍ ଭାବବିହ୍ୱଳ କରିଦେଇଥିଲା। ସେମାନଙ୍କୁ ତବଲାରେ ସୁଶୀଲ ଦାସ, ଢୋଲକରେ ରବି ନାରାୟଣ ବାରିକ, ବଂଶୀରେ ଶ୍ରୀନିବାସ ଶତପଥୀ, ଅକ୍ଟୋପ୍ୟାଡରେ ସୁରଜ କୁମାର ରଥ, କିବୋର୍ଡରେ ଇରାଜ କୁମାର ରଥ ଏବଂ ହାରମୋନିୟମରେ ବିଶ୍ୱନାଥ ମିଶ୍ର ସହଯୋଗ କରିଥିଲେ। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସିକତ ଦାସ ଓ ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

## ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ଚିକିତ୍ସା ଲାଗି ୩ ଲକ୍ଷ ଟଙ୍କାର ସହାୟତା ଘୋଷଣା

### ଆଶୁ ଆରୋଗ୍ୟ କାମନା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର,୧୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ତାଙ୍କ ଚିକିତ୍ସା ନିମନ୍ତେ ସରକାରଙ୍କ ତରଫରୁ ୩ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀ ପଦ୍ମଶ୍ରୀ ସ୍ୱାଇଁଙ୍କ ପରିବାରବର୍ଗଙ୍କ ସହ ଫୋନ୍‌ରେ କଥାହୋଇ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ପରେ ଗଞ୍ଜାମର ଜିଲାର ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରି ସ୍ୱାଇଁଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସାସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଗଞ୍ଜାମ ଜିଲା ଶେରଗଡ ବ୍ଲକର ଗୋବିନ୍ଦପୁର ଗ୍ରାମର ଲୋକନାଟକ କୃଷ୍ଣଲୀଳାର ଗାୟକ ପଦ୍ମଶ୍ରୀ ସ୍ୱାଇଁ ଓଡ଼ିଶା ଲୋକକଳା ଜଗତର ଏକ ସମ୍ମାନାସ୍ପଦ ନାମ। ଓଡ଼ିଶା ଲୋକକଳାର ଆଦୃତି ନିମନ୍ତେ ସେ ବିଶେଷ ଅବଦାନ ଦେଇଛନ୍ତି। କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଚଳିତବର୍ଷ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନନ୍ତ



@ ବିଶ୍ୱରଞ୍ଜନ



@ ପ୍ରିୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁକ୍ତ୩ ଚତୁର୍ଥ ପର୍ଯ୍ୟାୟ ନାମଲେଖା ନିୟମରେ ପରିବର୍ତ୍ତନ

ଭୁବନେଶ୍ୱର, ୧୧।୭(ଅସମାପିକା ସାହୁ)

ରାଜ୍ୟରେ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଜାରି ରହିଛି। ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଥିବାବେଳେ ୧୬ ତାରିଖରେ ତୃତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୧୮ ରୁ ୨୨ତାରିଖ ମଧ୍ୟରେ ନାମଲେଖାଇବେ। ତେବେ ତୃତୀୟ ରାଉଣ୍ଡ୍ ନାମଲେଖା ଶେଷ ନାମଲେଖା ବୋଲି ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ କହିଥିବାବେଳେ ଏବେ ଚତୁର୍ଥ ରାଉଣ୍ଡ ବା ୱେଟିଂ ଲିଷ୍ଟ ନାମଲେଖା ନିୟମରେ ପରିବର୍ତ୍ତନ କରାଯାଇଛି। ଏଥିପାଇଁ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମୟସୀମା ଏବଂ ଗାଇଡ୍‌ଲାଇନ ଜାରି ହୋଇଛି। ଏନେଇ ବିଭାଗ ପକ୍ଷରୁ ସମସ୍ତ ପିଜି କାଉନ୍‌ସିଲ ଚେୟାରମ୍ୟାନ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ମିଳିଥିବା ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ମନୋନୀତ ହୋଇଥିଲେ ମାତ୍ର ନାମଲେଖାଇ ପାରିନାହାନ୍ତି ଅଥବା ଆଦୌ ମନୋନୀତ ହୋଇ ନ ଥିବା ପିଲାମାନେ ଏହି ରାଉଣ୍ଡରେ ନାମଲେଖାଇବାର ସୁଯୋଗ ପାଇବେ। ସେହିପରି ଯେଉଁମାନେ ୧ମ, ୨ୟ ଏବଂ ୩ୟ ପର୍ଯ୍ୟାୟରେ ନାମ ଲେଖାଇ ସାରିଛନ୍ତି, ମାତ୍ର ପୁଣିଥରେ ସେମାନଙ୍କ ନାମ ୱେଟିଂ ତାଲିକାରେ ପ୍ରକାଶ ପାଇଛି, ସେମାନେ ତୁରନ୍ତ ସିଏଲ୍‌ସି ଦାଖଲ କରିବେ। ଏହି ନାମଲେଖା ପ୍ରକ୍ରିୟାରେ କୌଣସି ସଂରକ୍ଷଣ ବ୍ୟବସ୍ଥା ରଖାଯିବ ନାହିଁ। ଯଦି ୧ମ, ୨ୟ, ୩ୟ ପର୍ଯ୍ୟାରେ କୌଣସି ପିଲା ନାମଲେଖା ଫି' ପୈଠ କରିସାରିଥିବେ ସେମାନେ କେବଳ ଅଳ୍ପକିଛି ଅର୍ଥ ପୈଠ କରିବେ। ମାତ୍ର ଯେଉଁ ପିଲାମାନେ ପୂର୍ବରୁ ଆଦୌ ନାମଲେଖା ଫି' ପୈଠ କରି ନ ଥିବେ ସେମାନେ ସମସ୍ତ ଅର୍ଥ ଦାଖଲ କରିବେ।

# ଅଭିମାନିନୀ ମହାଲକ୍ଷ୍ମୀ ଭାଙ୍ଗିଲେ ନନ୍ଦିଘୋଷ ରଥ

ପୁରୀ ୧୧।୭(ଅଜିତ୍ କୁମାର ମହାନ୍ତି)

### ଶ୍ରୀଗୁଣ୍ଡିଚା ମନ୍ଦିରରେ ହେରା ପଞ୍ଚମୀ ନୀତି ସମ୍ପନ୍ନ

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଆସି ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ବିରାଜମାନ କରିଛନ୍ତି। ବିଶ୍ୱପ୍ରସିଦ୍ଧ ଘୋଷାଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରା ପଞ୍ଚମୀ। ଦାରୁବିଗ୍ରହଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ। ଗୁରୁବାର ବିଳମ୍ବିତ ରାତିରେ ଗୁଣ୍ଡିଚା ମନ୍ଦିରରେ ହେରା ପଞ୍ଚମୀ ନୀତି ସମ୍ପନ୍ନ ହୋଇଛି। ଏହି ନୀତି ପାଇଁ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା।

ରୁକ୍ମିଣୀ ହରଣ ଏକାଦଶୀ ଦିନ ମହାପ୍ରଭୁଙ୍କ ସହିତ ମା' ମହାଲକ୍ଷ୍ମୀ ବା ଶ୍ରୀଦେବୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ଗଇଁଠାଳ ଫିଟି ନ ଥିବା ବେଳେ ମହାପ୍ରଭୁ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେଲେ। ପରେ ଅଣସର ଘରେ ଚିକିତ୍ସିତ ଓ ଗୁପ୍ତ ନୀତି ହେବା ପରେ ସୁସ୍ଥ ହୋଇ ଆଷାଢ଼ ଦ୍ୱିତୀୟାରେ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପ ବା ଜନ୍ମବେଦିରେ ଅବସ୍ଥାନ କରିଛନ୍ତି। ଫଳରେ ନବବିବାହିତା ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କୁ ଫେରାଇ ଆଣିବାପାଇଁ ଗୁରୁବାର ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ମହାପ୍ରଭୁ ଠାକୁରାଣୀଙ୍କୁ ଦର୍ଶନ ଦେଲେ, କିନ୍ତୁ ଶ୍ରୀମନ୍ଦିରକୁ ଫେରିଲେ ନାହିଁ। ଫଳରେ ଅଭିମାନିନୀ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରୋଷକରି ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗି ଲୁଚି ଲୁଚି ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରମ୍ପରା ଅନୁଯାୟୀ, ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ସମୟରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ମାଜଣା ନୀତି ଅନୁଷ୍ଠିତ ହୋଇଥିଲା। ପରେ ବିମଳା ମନ୍ଦିରକୁ ମହାଲକ୍ଷ୍ମୀ ବିଜେ କରିଥିଲେ। ମା' ବିମଳାଙ୍କଠାରୁ ଅନୁମତି ନେଇ ପାଲିଙ୍କିରେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବିଜେ କରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ



ପହଞ୍ଚିବା ପରେ ପତି ମହାପାତ୍ର ମା'ଙ୍କୁ ବନ୍ଦାପନା, ଚାମର ଆଲଟ, ଘଷା ବିଡ଼ିଆ ଏବଂ ଦହି ପଟି ମଣୋହି କରିଥିଲେ । ନୀତି ସମୟରେ ଉପସ୍ଥିତ ଥିବା ଭକ୍ତଙ୍କ ହରିବୋଲ, ହୁଳହୁଳିରେ ଶରଧାବାଲି ପ୍ରକମ୍ପିତ ହୋଇଉଠିଥିଲା। ନୀତି ସମ୍ପନ୍ନ ପରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟାଧୂପ ପୂଜା ବସିଥିବା ବେଳେ ମହାଲକ୍ଷ୍ମୀ ଜଗମୋହନକୁ ବିଜେ କରି ଜୟବିଜୟ ଦ୍ୱାର ନିକଟକୁ ଯାଇଥିଲେ। ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ପରେ ଜୟବିଜୟ ଦ୍ୱାରର ଗୋଟିଏ ଦ୍ୱାରକୁ ବନ୍ଦ କରାଯିବା ସହ ଟେରା ପଡିଥିଲା। ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରି ନ ଥିଲେ। ମହାଲକ୍ଷ୍ମୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ସମୟରେ ଭିତରଚ୍ଛୁ ସେବକ ନାକଚଣା ଦ୍ୱାର ନିକଟରେ ଠାକୁରାଣୀଙ୍କୁ ବନ୍ଦାପନା କରିବା ସହ ଦହିପଟି ମଣୋହି କରିଥିଲେ। ପରେ ମହାଲକ୍ଷ୍ମୀ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ବାହୁଡ଼ା ବିଜେ ସମୟରେ ଠାକୁରାଣୀଙ୍କୁ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ମଣୋହି କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୭।୨୦୨୪

| | |
|---|---|
| ୨,୨୩,୫୯୩ ଟଙ୍କା | |
| ସୁନା | ୮୦ ମିଲିଗ୍ରାମ୍ |
| ରୁପା | ୩୧.୨୦୦ ଗ୍ରାମ୍ |

# ଦେବୀ ନଦୀବନ୍ଧ ଦୁର୍ବଳ

ଅସ୍ତରଙ୍ଗ/କାକଟପୁର,୧୧।୭
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)



ଦେବୀନଦୀର ଦୁର୍ବଳ ନଦୀବନ୍ଧକୁ ନେଇ ପୁରୀ ଜିଲା କାକଟପୁର, ଅସ୍ତରଙ୍ଗ ଅଞ୍ଚଳ ନଈକୂଳିଆ ବାସିନ୍ଦା ଆତଙ୍କରେ ରହିଛନ୍ତି। ବିଶେଷକରି କାକଟପୁର ବାଉରିଆକଣ ଦେବୀ ନଦୀବନ୍ଧ ଦୀର୍ଘଦିନ ହେବ ପାଖାପାଖି ୧ କିଲୋମିଟର ଧସିଯାଇଥିବାବେଳେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଯଦି ବନ୍ଧ ଭାଙ୍ଗେ, ତେବେ ୩ଟି ବ୍ଲକ ପ୍ରଭାବିତ ହେବ ବୋଲି କହିଛନ୍ତି। ଗତିପଥ ବଦଳାଇ ପୂର୍ବରୁ ଦେବୀନଦୀ ବହୁତ କ୍ଷତି କରିଛି। ଅନେକ ଗାଁ ବହୁ ପୂର୍ବରୁ ନଦୀଗର୍ଭରେ ଲୀନ ହୋଇଛି। ଦୀର୍ଘଦିନ ହେବ କାକଟପୁର ବାଉରିଆକଣ ନିକଟରେ ଯାଇଥିବା ବାଉରିଆକଣଠାରୁ ଖଣ୍ଡାସାହି ରାସ୍ତା ପାଖାପାଖି ୧ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତାର ଗୋଟେ ପାର୍ଶ୍ୱ ସମ୍ପୂର୍ଣ୍ଣ ଦବି ଯାଇଥିବାବେଳେ ବିଭାଗୀୟ ଅଧିକାରୀ ଏକ ବୋର୍ଡ ଲଗାଇଦେଇ କାମ ସାରିଦେଇଛନ୍ତି। ଯାହାକୁ ନେଇ ଲୋକେ ଭୟଭୀତ ଅଛନ୍ତି। ଅନ୍ୟପଟେ ଅସ୍ତରଙ୍ଗ ବ୍ଲକର କଣମଣଠାରୁ ରାଇବେରୁଆଁ ପର୍ଯ୍ୟନ୍ତ ନିମ୍ନମାନର କାମ ଯୋଗୁ ରାସ୍ତାର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଦବିଯାଇଛି। ଏହାସହ ଅସ୍ତରଙ୍ଗ ଭଉଁରିଆଠାରୁ ଅନନ୍ତା ପୁଇଁଚାନ୍ଦିଆ ନିକଟରେ ବିଭିନ୍ନ ସମୟରେ ଉଚ୍ଚ ଜୁଆର ହେଉ କିମ୍ବା ବନ୍ୟା ସମୟରେ ଦେବୀନଦୀ ପାଣି ପ୍ରବେଶ କରିବାରୁ ହେକ୍ଟର ହେକ୍ଟର ଚାଷ ଜମି ନଷ୍ଟ ହେଉଛି।

ଓଡ଼ିଶାର ଜୀବନ ରେଖା କୁହାଯାଉଥିବା ମହାନଦୀର ଏକ ପ୍ରମୁଖ ଶାଖା ନଦୀ ହେଉଛି ଦେବୀନଦୀ। ଜଗତ୍‌ସିଂହପୁର ଜିଲା ଦେଇ ପୁରୀ ଜିଲାରେ ବହିଥିବା ଏହି ନଈ ଅସ୍ତରଙ୍ଗଠାରେ ବଙ୍ଗୋପସାଗରରେ ମିଶିଛି। ଉପର ମୁଣ୍ଡରେ ଲଗାଣ ବର୍ଷା ପରେ ମହାନଦୀରେ ବନ୍ୟାଜଳ ପ୍ରଭାବିତ ହେଲେ ସେଥିର ପ୍ରାୟ ଅଧା ଜଳ ଦେବୀନଦୀ ଦେଇ ନିଷ୍କାସନ ହୁଏ। ତେବେ ବନ୍ୟା ଦାଉରୁ ନଦୀରୁ ତଳମୁଣ୍ଡରେ ଥିବା ଗାଁ ଗଣ୍ଡାକୁ ଏହି ନଦୀବନ୍ଧ ଅନେକାଂଶରେ ରକ୍ଷା କରେ। କିନ୍ତୁ ଏବେ ଏହାର ଅବସ୍ଥା ଏଭଳି ଯେ, ଆଗକୁ ନଦୀ ଫୁଲିଲେ ଭୟାଭୟ ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ପ୍ରତିବର୍ଷ କାକଟପୁର, ଅସ୍ତରଙ୍ଗ ପାର୍ଶ୍ୱବର୍ତ୍ତୀ ନଦୀବନ୍ଧ ସୁରକ୍ଷା ପାଇଁ କୋଟି କୋଟି ଟଙ୍କାଖର୍ଚ୍ଚ ହେଉଛି। ସ୍ପର୍ ନିର୍ମାଣ କରିବା ସହ ଜଳସମ୍ପଦ ବିଭାଗ ବନ୍ଧ ମରାମତି କରୁଛି। କିନ୍ତୁ ନିମ୍ନମାନର କାମ ଯୋଗୁ ନଦୀବନ୍ଧର ବାଉରିଆକଣ ନିକଟରେ ୧ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଧସିଥିବାବେଳେ କଣମଣରୁ ରାଇବେରୁଆଁ ପାଖାପାଖି ୧ କିଲୋମିଟର ଦବି ଯାଇଛି। ଜୋର ବର୍ଷା ହେଲେ ବନ୍ଧ ଧୋଇଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ଘାଇ ସୃଷ୍ଟି ହେଲେ କି ବନ୍ୟା ସୃଷ୍ଟି ହେଲେ ଏଠାକାର ୧୫ରୁ ଉର୍ଦ୍ଧ୍ୱ ନଈକୂଳିଆ ପଞ୍ଚାୟତ ପ୍ରଭାବିତ ହେବା ସହ ଏକର ଏକର

### ଚିନ୍ତାରେ ନଦୀକୂଳ ବାସିନ୍ଦା

ଜମିରେ ଫସଲ ନଷ୍ଟ ହେବ।

ଲୋକଙ୍କ ଅଭିଯୋଗକୁନେଇ ନିମାପଡ଼ା ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ କହିଛନ୍ତି, ବନ୍ଧ ସୁଦୃଢ଼ ଅଛି, ସମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ଜଳସମ୍ପଦ ବିଭାଗ ପ୍ରସ୍ତୁତ ରହିଛି। ବାଉରିଆକଣ ପାଖରେ ବନ୍ଧ ସେତେ ବିପଦ ନାହିଁ। ନିକଟରେ ଥିବା କେନାଲ ପାର୍ଶ୍ୱ ଦେଇ ଏକ ରାସ୍ତା ଯିବ, ଟେଣ୍ଡର ହେବା ପରେ କାମ ଆରମ୍ଭ ହେବ। ଏହାସହ କଣମଣରୁ ରାଇବେରୁଆଁ ରାସ୍ତାରେ ଭାରିଯାନ ଯାତାୟାତ କରି ଏପରି ହୋଇଛି। ଖୁବ୍‌ଶୀଘ୍ର କ୍ରସର ଡଷ୍ଟ ପକାଇ ମରାମତି କରାଯିବ। ଭଉଁରିଆରୁ ଅନନ୍ତା ପୁଇଁଚାନ୍ଦିଆ ପାଇଁ ବାଲିବସ୍ତା ଓ ବହ୍ଲା ମହଜୁଦ ଅଛି, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ନଦୀରେ ବନ୍ୟା ଆସିଲେ କୌଣସି ବିପଦ ନାହିଁ ବୋଲି ଯନ୍ତ୍ରୀ ଦଳାଇ କହିଛନ୍ତି। ଏହାସହ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି, ସେମିତି କିଛି ଅସୁବିଧା ନାହିଁ। ନଦୀର ଜଳଧାରଣ କ୍ଷମତାଠାରୁ ବନ୍ଧ ଉଚ୍ଚା ଅଛି। ଯାହା କିଛି ସ୍ଥାନ ବାକି ଅଛି, ତାକୁ ଖୁବ୍‌ଶୀଘ୍ର ମରାମତି କରାଯିବ।

## ଭୁଶୁଡ଼ିଲା ଦୟାନଦୀ ବନ୍ଧ, ଆତଙ୍କିତ ଅଧିବାସୀ



ଦୟାନଦୀ ବନ୍ଧ ଭୁଶୁଡି ଯାଇଛି ।

ଡେଲାଙ୍ଗ,୧୧।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ କଲ୍ୟାଣପୁର ପଞ୍ଚାୟତ ଅଧୀନ ନୂଆହାଟ ଗ୍ରାମ ନିକଟରେ ଦୟାନଦୀ ବନ୍ଧ ଭୁଷୁଡ଼ିବା ନେଇ ସ୍ଥାନୀୟ ଅଧିବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଡେଲାଙ୍ଗ ବ୍ଲକ ଦେଇ ପ୍ରବାହିତ ଦୟାନଦୀ ଏବେ ଲୋକଙ୍କ ଭୟର କାରଣ ପାଲଟିଛି। ସୂଚନା ଅନୁଯାୟୀ, ନୂଆହାଟ ସନ୍ନିକଟ ଦୟାନଦୀର ପୂର୍ବପାର୍ଶ୍ୱ ବନ୍ଧରୁ ମାଟି ଅତଡ଼ା ଖସି ଦବି ଯିବାରୁ ନଦୀବନ୍ଧ ଭାଙ୍ଗିବା ନେଇ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବନ୍ୟା ଆସିବା ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଦାବି କରିଛନ୍ତି। ଅନ୍ୟପଟେ ବନ୍ଧରେ ନୂତନ କଂକ୍ରିଟ କାର୍ଯ୍ୟ କରାଯିବା ପରେ ନୂଆ ମାଟି ପକାଯାଇଥିଲା। ବର୍ଷା ଯୋଗୁ ମାଟି ଅତଡ଼ା ଖସି ଯାଇଛି, ପୁନର୍ବାର ମାଟି ପକାଯାଇ ପଥର ପ୍ଲାଙ୍କ୍ କରାଯିବ ବୋଲି ସହକାରୀ ଯନ୍ତ୍ରୀ ତନୁଜ କିଶୋର ରାଉତ ସୂଚନା ଦେଇଛନ୍ତି। ସୂଚନା ଥାଉକି, ଏହି ସ୍ଥାନଟିରେ ପୂର୍ବରୁ ଅନେକ ଘଳିଆ ପଡ଼ିବାର ମଧ୍ୟ ନଜିର ରହିଛି। ଏହି ସ୍ଥାନଟି ଏକ ଢାଲୁ ଅଞ୍ଚଳ, ବନ୍ୟାଜଳ ପ୍ରବାହିତ ସମୟରେ ନଦୀ ପାଣିର ଶ୍ରୋତ ଏହି ସ୍ଥାନରେ ମାଡ଼ ହୋଇ ଗତି ପରିବର୍ତ୍ତନ କରିଥାଏ। ଯଦି ଠିକ୍ ଓ ସୁଚାରୁରୂପେ ଏହାକୁ ମରାମତି କରା ନ ଯାଏ, ତେବେ ଆଗାମୀ ଦିନରେ ବନ୍ୟାଜଳରେ ନଦୀବନ୍ଧ ଭାଙ୍ଗିବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ।

## ଅଗ୍ନିକାଣ୍ଡରେ ୬ ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ

ଗୋପ,୧୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ମହଲପଡ଼ା ପଞ୍ଚାୟତ ବଡ଼ କୁନ୍ଧୁରା ଗାଁର ଜନ୍ମେଶର ବେହେରାଙ୍କ ଗୁହାଳରେ ବୁଧବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୬ ଗୃହପାଳିତ ପ୍ରାଣୀ ଜୀବନ୍ତ ଜଳିଯାଇଥିବା ଜଣାପଡ଼ିଛି। ଏହି ଗୃହପାଳିତ ପ୍ରାଣୀଙ୍କ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଗୋପ ଅଗ୍ନି ବିଭାଗ ଅଧିକାରୀ ବସନ୍ତ ପାତ୍ର କହିଛନ୍ତି।

ପ୍ରକାଶ ଯେ, ଜନ୍ମେଶର ପ୍ରତିଦିନ ପରି ଗୁହାଳ କାମ ସାରି ଘରକୁ ଆସିଥିଲେ। ଗୁହାଳରେ ତାଙ୍କର ୪ଟି ବଡ଼ ଗାଈ ସହିତ ୨ଟି ଛେଳି ରହିଥିଲେ। ରାତି ୨ଟା ପରେ ଗୁହାଳରେ ଲାଗିଥିବା ବିଦ୍ୟୁତ ତାରରୁ ଶର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡ ବାବଦରେ ଗ୍ରାମବାସୀ ଗୋପ ଅଗ୍ନିଶମ ବିଭାଗକୁ ଜଣାଇ ଥିଲେ। ଗୋପ ଅଗ୍ନିଶମ ଅଧିକାରୀ ପାତ୍ରଙ୍କ ନେତୃତ୍ୱରେ ଅଗ୍ନଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗୁହାଳରେ ବନ୍ଧା ହୋଇଥିବା ୬ ଗୃହପାଳିତ ପ୍ରାଣୀ ଜୀବନ୍ତ ଜଳି ଯାଇଥିଲେ। ଏନେଇ ସ୍ଥାନୀୟ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ତୁରନ୍ତ ସରକାରୀସ୍ତରରେ ସହାୟତା ରାଶି ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଛୁରି ଦେଖାଇ ଲୁଟିଲେ

ନିମାପଡ଼ା,୧୧।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ସ୍ୱତନ୍ତ୍ର ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ଶାଖାରେ କାର୍ଯ୍ୟରତ ତସଲିମା ବେଗମ୍ (୨୪) କର୍ମଚାରୀଙ୍କଠାରୁ ୧ ଲକ୍ଷ ୪ ହଜାର ଟଙ୍କା ଲୁଟ୍ ହୋଇଥିବା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୨୨୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବର ନେବାରେ ଜଣାପଡ଼ିଛି, ତସଲିମା ଗତ ୪ ତାରିଖରେ ସ୍ଥାନୀୟ ଥାନା ଅଧୀନ ଛେନୁଆଁ ଗ୍ରାମରୁ ଋଣ କିସ୍ତି ଟଙ୍କା ଆଦାୟ କରି ତାଙ୍କ ସ୍କୁଟିରେ ନିମାପଡ଼ା ଅଭିମୁଖେ ଯାଉଥିଲେ। ଛେନୁଆଁ ଛକ ନିକଟ ରାସ୍ତାରେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍ ଆସି ମହିଳାଙ୍କୁ ଅଟକାଇ ଛୁରି ଦେଖାଇ ତାଙ୍କଠାରୁ ଗାଡ଼ି ଚାବି ଛଡ଼ାଇ ନେଇଥିଲେ। ଡିକିରୁ ୧ ଲକ୍ଷ ୪ ହଜାର ଟଙ୍କା, ଏକ ମୋବାଇଲ ଲୁଟି ନେଇ ପଳାଇଥିଲେ। ସେହିଦିନ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ବହୁ ବିଳମ୍ବରେ ମାମଲା ରୁଜୁ ହେବା ନାନା ସନ୍ଦେହ ସୃଷ୍ଟି କରିଛି।

### ବିୟର ପାର୍ଲରର ତାଲା ଭାଙ୍ଗି ଲୁଟ୍

କୋଣାର୍କ,୧୧।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସିସିଟିଭି ନଜରରେ ରହିଥିଲେ ମଧ୍ୟ ପାଟ୍ରୋଲିଂ ହେଉ ନ ଥିବାରୁ ଦିନକୁ ଦିନ ଚୋରି, ଲୁଟପାଟ୍ ବଢ଼ିବାରେ ଲାଗିଛି। ବୁଧବାର କୋଣାର୍କ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ତେଜରାତି ଦୋକାନ ତାଲା ଭାଙ୍ଗି ଟଙ୍କା ଓ କିଛି ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ରିଙ୍ଗରୋଡ ନିକଟ ବିୟର ପାର୍ଲରରୁ ବୁଧବାର ବିଳମ୍ବିତ ରାତିରେ ୧ ଲକ୍ଷ ୨୨ହଜାର ଟଙ୍କା ଓ କିଛି ବିୟର ଚୋରି ହୋଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ମୁଖା ପିନ୍ଧି ଅଜଣା ଦୁର୍ବୃତ୍ତ ଲୁହା କବାଟ ତାଡ଼ି ଦୋକାନରେ ପ୍ରବେଶ କରି କ୍ୟାଶ୍ ବାକ୍ସରୁ ଟଙ୍କା ଲୁଟି ନେଇଥିଲେ। ଦୋକାନରେ ମାଲିକ ଲୁଟ ହୋଇଥିବା ଜାଣି କୋଣାର୍କ ଥାନାରେ ଅଭିଯୋଗ କରିଥିଲେ। କୋଣାର୍କ, ଚନ୍ଦ୍ରଭାଗା ମେରାଇନ ପୋଲିସ, ଫୋରେନସିକ ଟିମ୍ ତଦନ୍ତ କରୁଛନ୍ତି। କୋଣାର୍କ ଥାନାରେ ଏନେଇ ୧୨୯/୨୪ରେ ଏକ ମାମଲା ରୁଜୁ ହୋଇଛି।




ବିଭିନ୍ନ ବାମପନ୍ଥୀ ଦଳ ଏବଂ ସିଆଇଟିୟୁ ପକ୍ଷରୁ ୧୫ ଦଫା ଦାବିନେଇ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## 'ଛାତ୍ରୀଛାତ୍ର ପାଠପଢି ଭଲ ମଣିଷ ହୁଅନ୍ତୁ'

କଣାସ,୧୧।୭(ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକ କଣାସ ଗ୍ରାମରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳରେ ଗୁରୁବାର ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ବଣ୍ଟନ ସହିତ ସର୍ବୋଚ୍ଚ ନମ୍ବର ରଖିଥିବା ୪ ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିନିମିତ୍ତ ଏକ ସାଧାରଣ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ ଓ ପରୀକ୍ଷିତ ବଡ଼ଜେନା ଯୋଗଦେଇ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ପାଠପଢି ଭଲମଣିଷ ହେବାକୁ ଉପଦେଶ ଦେଇଥିଲେ। ଚଳିତବର୍ଷ ବିଦ୍ୟାଳୟ ସମସ୍ତ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାରୁ ସମସ୍ତେ ଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା ଇତିଶ୍ରୀ ଭୁଜବଳ, ସୁଶ୍ରୀ ଶାଶ୍ୱତ ନାୟକ ଓ ସୁଶ୍ରୀ ସ୍ମିତା ପ୍ରିୟଦର୍ଶିନୀ ପରିଡ଼ାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମସ୍ତ ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ମମସ୍ତ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀଗଣ ଅଂଶଗ୍ରହଣ କରିଥିଲେ।

## କଲ୍ୟାଣ ମଣ୍ଡପ ତାଲା ଭାଙ୍ଗି ଚୋରି

ନିମାପଡ଼ା,୧୧।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ନିମାପଡ଼ା-ଚାରିଛକ ରାସ୍ତାର ସାଇଲୋ ଛକ ନିକଟରେ ଥିବା ଏକ କଲ୍ୟାଣ ମଣ୍ଡପରୁ ବୁଧବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ କଲ୍ୟାଣ ମଣ୍ଡପର ତାଲା ଭାଙ୍ଗି ଭିତରେ ଲାଗିଥିବା ୧୦ଟି ସିଲିଂ ଫ୍ୟାନ ଚୋରି କରି ନେଇଛି। ଚୋରି ହୋଇଥିବା ସିଲିଂ ଫ୍ୟାନର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ ବୋଲି ଭୋଗଶାଳଦା ସରପଞ୍ଚ ବିଶ୍ୱନାଥ ସେନାପତି କହିଛନ୍ତି। ଏନେଇ ସେନାପତି ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ପକ୍ଷରୁ ରାତି କାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବେ କରାଯାଉ ନ ଥିବାରୁ ନିମାପଡ଼ା ଓ ଆଖପାଖ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଛି ।

## ଅସ୍ତରଙ୍ଗରେ ଗଣିତ ମେଧାବୃତ୍ତି ପରୀକ୍ଷା ଦେଲେ ୨୦୧ ଶିକ୍ଷାର୍ଥୀ

ଅସ୍ତରଙ୍ଗ,୧୧।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ୨୦୨୪ ଗୁରୁବାର ଶେଷ ହୋଇଛି। ଅସ୍ତରଙ୍ଗ ବ୍ଲକର ୨ଟି ପରୀକ୍ଷାକେନ୍ଦ୍ରରେ ପଠାଣିସମାନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ୨୪୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୧ଜଣ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ଐଶାନେଶ୍ୱର ବିଦ୍ୟାପୀଠ ଅଠଡିରାରେ ଷ୍ଟେଜ୍-୧(ଷଷ୍ଠ ଶ୍ରେଣୀ)ର ୫୯ ଜଣ ମଧ୍ୟରୁ ୫୨ ଜଣ ପରୀକ୍ଷା ଦେଇଥିବାବେଳେ ୭ ଜଣ ଅନୁପସ୍ଥିତ ଥିଲେ। ଏହାସହ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ଷ୍ଟେଜ୍-୧(ଷଷ୍ଠ ଶ୍ରେଣୀ)ର ୯୨ ଜଣ ମଧ୍ୟରୁ ୭୦ ଜଣ ପରୀକ୍ଷା ଦେଇଥିବାବେଳେ ୨୨ ଜଣ ଅନୁପସ୍ଥିତ ଥିଲେ। ସେହିପରି ଐଶାନେଶ୍ୱର ବିଦ୍ୟାପୀଠ ଅଠଡିରାରେ ଷ୍ଟେଜ୍-୨(ନବମ ଶ୍ରେଣୀ)ର ୩୮ ଜଣ ମଧ୍ୟରୁ ୨୯ ଜଣ ପରୀକ୍ଷା ଦେଇଥିବାବେଳେ ୯ ଜଣ ଅନୁପସ୍ଥିତ ଥିଲେ। ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ଷ୍ଟେଜ୍-୨(ନବମ ଶ୍ରେଣୀ)ର ୫୩ ଜଣ ମଧ୍ୟରୁ ୫୦ ଜଣ ପରୀକ୍ଷା ଦେଇଥିବାବେଳେ ୩ ଜଣ ଅନୁପସ୍ଥିତ ଥିଲେ। ଐଶାନେଶ୍ୱର ବିଦ୍ୟାପୀଠ ପରୀକ୍ଷାକେନ୍ଦ୍ରରେ ପ୍ରଧାନ ଶିକ୍ଷକ ଦିଲୀପ ବିଶ୍ୱାଳ ଓ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ପରିଡ଼ା ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ମେଧାବୃତ୍ତି ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ସୂଚନା ଦେଇଛନ୍ତି।

## କନ୍ୟାରତ୍ନଙ୍କ ସମ୍ମାନ ଏକ ସୁସ୍ଥ ସଭ୍ୟତାର ମହନୀୟତା

ସାକ୍ଷୀଗୋପାଳ,୧୧।୭(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଭାରତ ସରକାରଙ୍କ ବେଟି ବଞ୍ଚାଓ ବେଟି ପାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସତ୍ୟବାଦୀର ୬ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ପୁରୀ ଏମ୍‌ପି ଡାକ୍ତର ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଡିଓ ଲିପ୍ସା ରାୟ, ମହିଳା ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ଉପସ୍ଥିତ ଥିଲେ। କନ୍ୟା ସନ୍ତାନଙ୍କ ପ୍ରତି ସୃଷ୍ଟି ହେଉଥିବା ସାମାଜିକ ପ୍ରତିବନ୍ଧକକୁ ଦୂର କରିବାକୁ ସରକାରଙ୍କ ବିଭିନ୍ନ ଅଭିମୁଖ୍ୟ ସମ୍ପର୍କରେ ଯୋଗ ଦେଇଥିବା ମାତା ପିତାଙ୍କୁ ପରାମର୍ଶ ଦେଇଥିଲେ। ସର୍ବୋପରି କନ୍ୟା ରତ୍ନଙ୍କ ସମ୍ମାନ ଏକ ସୁସ୍ଥ ସମାଜର ମହନୀୟତା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗ ଦ୍ୱାରା ୪୦ ଜଣ ନୂତନ କନ୍ୟା ରତ୍ନଙ୍କ ନିମନ୍ତେ ବ୍ୟବହାର ପାଇଁ ଏକ କିଟ୍ ଉପସ୍ଥିତ ମା'ଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ମା' ଲକ୍ଷ୍ମୀଙ୍କ ସଦୃଶ ସଦ୍ୟ ଜନ୍ମିତ କନ୍ୟାଙ୍କ ପାଦକୁ ଅବିକଳ ନକଲ କରି ଏକ ଫଟୋଚିତ୍ର ମଧ ବିଭାଗ ପକ୍ଷରୁ ତାଙ୍କ ପରିବାରକୁ ପ୍ରଦାନ କରାଯିବା ସହ କନ୍ୟାରତ୍ନ ଅଭିନନ୍ଦନ ପତ୍ର ପ୍ରଦାନ କରାଯାଇଛି। ଏଥିରେ ଯୋଗ ଦେଇଥିବା ମା', ଅଙ୍ଗନୱାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇ ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ଉକ୍ତ ପଞ୍ଚାୟତରେ ବିଭିନ୍ନ ଚାରାରାପଣ କରିଥିଲେ। ସ୍ଥାନୀୟ ଉଦ୍ୟାନ ବିଭାଗ ପକ୍ଷରୁ ବ୍ଲକର କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟକଙ୍କୁ ଚଳିତ ସିଜିନ୍ ସମୟରେ ଉଦ୍ୟାନ କୃଷି ନିମନ୍ତେ ୧୦୬୭ ମଞ୍ଜି ପ୍ୟାକେଟ ପ୍ରଦାନ କରଯାଇଛି। ସେହିଭଳି ସତ୍ୟବାଦୀରେ ଥିବା ପ୍ରାୟ ୧୯୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୮୮ ହଜାର ସଦସ୍ୟଙ୍କ ନିମନ୍ତେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଚାରାରୋପଣ ପାଇଁ ଜଙ୍ଗଲୀ ଜାତୀୟ ବିଭିନ୍ନ ଚାରା ପ୍ରଧାନ କରାଯିବ ବୋଲି ଅଧିକାରୀ ରାଜଲକ୍ଷ୍ମୀ ଦାସ ପ୍ରକାଶ କରିଛନ୍ତି।



ମହିଳା ଓ ଶିଶୁ ବିକାଶ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କନ୍ୟା ରତ୍ନ ମା'ଙ୍କୁ ଅତିଥି ଅଭିନନ୍ଦନପତ୍ର ପ୍ରଦାନ କରୁଛନ୍ତି।

## 'ରତ୍ନଭଣ୍ଡାର ଖୋଲାଗଲେ ସମସ୍ତ ସନ୍ଦେହ ଦୂରହେବ'

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)



ଧାର୍ଯ୍ୟ ତାରିଖରେ ହିଁ ଖୋଲିବ ରତ୍ନଭଣ୍ଡାର। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏଭଳି ପ୍ରତିକ୍ରିୟା ପରେ ରତ୍ନଭଣ୍ଡାର ଚଳିତ ମାସ ୧୪ ତାରିଖରେ ଖୋଲିବା ନେଇ ସମ୍ଭାବନା ଦେଖାଦେଇଛି। ରତ୍ନଭଣ୍ଡାର ଯାଞ୍ଚ କମିଟି ବୈଠକରେ ସହମତି ପ୍ରକାଶ ପରେ ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବାକୁ ରାଜ୍ୟ ସରକାରଙ୍କୁ କମିଟି ପ୍ରସ୍ତାବ ଦେଇଛି। ବୁଧବାର ପରିଚାଳନା କମିଟି ବୈଠକରେ ଯାଞ୍ଚ କମିଟିର ପ୍ରସ୍ତାବ ଉପରେ ମୋହର ବାଜିଥିଲା। ରତ୍ନଭଣ୍ଡାର ଖୋଲାଯିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ମହାପ୍ରଭୁଙ୍କ ନୀତିକାନ୍ତି ସହ ଖାପ ଖୁଆଇ ରତ୍ନଭଣ୍ଡାର ଖୋଲାଯିବା ପ୍ରସ୍ତାବକୁ ସେବାୟତମାନେ ସ୍ୱାଗତ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୭୮ ମସିହାରେ ଶେଷଥର ରତ୍ନଭଣ୍ଡାରର ରତ୍ନ ଗଣତି ହୋଇଥିଲା। ୧୯୮୫ରେ ଶେଷ ଥର ଖୋଲା ହୋଇଥିଲା ରତ୍ନଭଣ୍ଡାର। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପ୍ରତି ୩ ବର୍ଷରେ ରତ୍ନଭଣ୍ଡାର ଖୋଲାଯିବା କଥା। ହେଲେ ୧୯୭୮ ମସିହା ପରଠାରୁ ରତ୍ନଭଣ୍ଡାର ଖୋଲାଯାଇନାହିଁ। ୨୦୧୮ରେ ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରୟାସ ହୋଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଉଦ୍ୟମ ହେବା ଏବଂ ଆବଶ୍ୟକ ପଡ଼ିଲେ ତାଲା ଭଙ୍ଗାଯିବା ମନ୍ତବ୍ୟ ପରେ ଏ ସଂକ୍ରାନ୍ତ କଳ୍ପନାଜଳ୍ପନାରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ରତ୍ନଭଣ୍ଡାର ଖୋଲିବା ପ୍ରସ୍ତାବକୁ ସେବାୟତମାନେ ସ୍ୱାଗତ କରିଛନ୍ତି। ଦଇତାପତି ସେବକ ଭବାନୀ ଦାସ ମହାପାତ୍ର କହିଛନ୍ତି, ଶୁଣିବାକୁ ମିଳୁଛି ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବ। ବର୍ତ୍ତମାନର ସରକାର ପ୍ରତିଶ୍ରୁତି ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି। ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ରତ୍ନ ଅଳଙ୍କାର ସମ୍ପର୍କରେ ତର୍ଜମା ହେବା ଆବଶ୍ୟକ। ଓଡ଼ିଶାବାସୀ ଜାଣିବା ଆବଶ୍ୟକ ଯେ, ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷିତ ରହିଛି। ସେହପରି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବ ବୋଲି ଆଶା ରହିଛି। ଭିତରକାଠ ନିକଟରେ ଯେଉଁ ଚାଙ୍ଗଡା ଘର ରହିଛି, ସେହିଠାରେ ରତ୍ନ ଅଳଙ୍କାର ରଖିବା ପାଇଁ ବ୍ୟବସ୍ଥା କରାଯାଉ। ଅଳଙ୍କାର ବାହାରକୁ ଅଣାଯାଉ। ସେବାୟତମାନଙ୍କ ପକ୍ଷରୁ ସହଯୋଗ କରାଯିବ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତି ହେବା ଆବଶ୍ୟକ, ଯାହାଫଳରେ ସମସ୍ତଙ୍କ ମନରୁ ସନ୍ଦେହ ଦୂର ହେବ। ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ଦାସ ମହାପାତ୍ର କହିଛନ୍ତି।

### ୧୪କୁ ଅପେକ୍ଷା

କମିଟି ସଦସ୍ୟ ମଧୁସୂଦନ ସିଂହାରୀ କହିଛନ୍ତି, କମିଟିରେ ନିଷ୍ପତ୍ତି ପରେ ପରିଚାଳନା କମିଟିରେ ପ୍ରସ୍ତାବ ଚୂଡ଼ାନ୍ତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ତେଣୁ ଏ ନେଇ ଆଶା ରଖିବା। ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ରତ୍ନଭଣ୍ଡାର ଖୋଲିବା ପ୍ରକ୍ରିୟାର ପ୍ରଥମ ଦିନରେ ସ୍ଥିତି ଯାଞ୍ଚ କରାଯିବା ପରେ ଯାହା ମୋଡାଲିଟିଜ୍ ରହିବ ସେହି ଅନୁସାରେ ସମସ୍ତ ବ୍ୟବସ୍ଥା କରାଯିବ। ମରାମତି ସମୟରେ ରତ୍ନ ସୁରକ୍ଷିତ ରଖିବା ପାଇଁ ଅସ୍ଥାୟୀ ରତ୍ନଭଣ୍ଡାର କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ଚାଙ୍ଗଡା ଘର, ଖଟଶେଯ ଘର, ଫୁଲଘର ଓ ଖୁଣ୍ଟିଆ ଘରେ ରତ୍ନ ଅଳଙ୍କାର ମାନ ସୁରକ୍ଷିତ ରଖାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଭିତର ରତ୍ନଭଣ୍ଡାର ମରାମତି ସରିଲେ ତା' ଭିତରେ ଆଲୋକ ବ୍ୟବସ୍ଥା କରାଯିବା ସହ ଷ୍ଟ୍ରଙ୍ଗରୁମ୍ ଓ ଲକର ରଖିବାର ଆବଶ୍ୟକତା ରହିଛି। ରତ୍ନ ଅଳଙ୍କାର ଯେଭଳି ନଷ୍ଟ ନ ହୁଏ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଗଲେ ସବୁ କିଛି ସ୍ପଷ୍ଟ ହେବ ବୋଲି ସିଂହାରୀ ମତ ପ୍ରକାଶ କରିଛନ୍ତି।

# ଆଜି ଦକ୍ଷିଣ ମୋଡ଼ ହେବ ୩ ରଥ

ପୁରୀ,୧୧।୭ (ଅଜିତ୍ କୁମାର ମହାନ୍ତି)

ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଥିବା ତିନିରଥ ବାହୁଡ଼ା ପାଇଁ ଶୁକ୍ରବାର ଦକ୍ଷିଣ ମୋଡ଼ ହେବ। ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦକ୍ଷିଣ ମୋଡ଼ ପୂର୍ବରୁ ଭୋଇ ସେବକ, ମହାରଣା ସେବକ, ଓଝା ସେବକ, ରଥ ନିର୍ମାଣ କମିଟି ସଦସ୍ୟ ପ୍ରମୁଖ ତିନି ରଥକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। ଦକ୍ଷିଣ ମୋଡ଼ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶୁକ୍ରବାର ସକାଳ ଧୂପ ସମ୍ପନ୍ନ ହେବା ପରେ ତିନିବାଡ଼ରୁ ଆଜ୍ଞାମାଳ ଆସି ତିନି ରଥରେ ଦିଆଯିବ। ପରେ ଦକ୍ଷିଣ ମୋଡ଼ ପ୍ରକ୍ରିୟା ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ପ୍ରଥମେ ସୁଭଦ୍ରାଙ୍କ ଦେବଦଳନ ଏବଂ ଦ୍ୱିତୀୟରେ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରଖାଯିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଧାଡ଼ି ପହଣ୍ଡିରେ ଆସି ରଥକୁ ବିଜେ କରିବେ। ପରେ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡିବେ ।

# ଛତ୍ରବଜାରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

## ପରିବା ଦର ବୁଝିଲେ, ସ୍ଥିତି ପରଖିଲେ

କଟକ,୧୧।୭ (କାର୍ତ୍ତିକ ସାହୁ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଅପରାହ୍ଣରେ କଟକ ଛତ୍ରବଜାର ପରିବା ମାର୍କେଟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ପରିବା ଦର ହୁ ହୁ ହୋଇ ବଢୁଥିବାବେଳେ ମନ୍ତ୍ରୀ ପାତ୍ର ନିଜେ ବଜାର ସ୍ଥିତି ପରଖିବା ପାଇଁ ଛତ୍ରବଜାର ପରିବା ମାର୍କେଟରେ ପରିବା ଚାଷୀ ଓ ବ୍ୟବସାୟୀଙ୍କୁ ଦର ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ତେବେ ବିଭିନ୍ନ ପରିବା ଦର ୪୦ରୁ ୮୦ ଟଙ୍କା ଯାଏ ରହିଥିବା ମନ୍ତ୍ରୀ ହୃଦ୍‌ବୋଧ ହୋଇଛନ୍ତି।

ସୂଚନା ଅନୁସାରେ, ଛତ୍ରବଜାର ପରିବା ମାର୍କେଟରେ ମନ୍ତ୍ରୀ ପାତ୍ର ପହଞ୍ଚି ପରିବା ସମେତ ଆଳୁ ଓ ଡାଲି ଆଦିର ଦର ସଂକ୍ରାନ୍ତରେ ବ୍ୟବସାୟୀଙ୍କଠାରୁ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ଖବରପାଇ ଛତ୍ରବଜାର ବ୍ୟବସାୟୀ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସେଠାରେ ପହଞ୍ଚିଥିଲେ। ମନ୍ତ୍ରୀ ପାତ୍ର ଛତ୍ରବଜାରର ବିଭିନ୍ନ ହୋଲ୍‌ସେଲ୍‌ରଙ୍କଠାରୁ ପରିବା ଆମଦାନି, ବଜାର ଚାହିଦା ବାବଦରେ ପଚାରିଥିଲେ। ତେବେ ବର୍ତ୍ତମାନ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ କମ୍ ପରିମାଣର ପରିବା ଉତ୍ପାଦନ ହେଉଥିବାରୁ ଅଧିକାଂଶ ପରିବା ବାହାରୁ ଛତ୍ରବଜାରକୁ ଆସୁଛି।


ଛତ୍ରବଜାର ପରିବା ମାର୍କେଟରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରିବା ଦର ପଚାରି ବୁଝୁଛନ୍ତି ।

ଏଥିଯୋଗୁ ପରିବା ଦର ଉଚ୍ଚା ହେଉଛି ବୋଲି ବ୍ୟବସାୟୀମାନେ ମନ୍ତ୍ରୀଙ୍କୁ କହିଥିଲେ। ତେବେ ଆଳୁ ପଶ୍ଚିମବଙ୍ଗରୁ ଆସୁଥିବାରୁ ଏହାର ଦର ପଶ୍ଚିମବଙ୍ଗ ବଜାର ଉପରେ ନିର୍ଭରଶୀଳ। ତେବେ ବର୍ତ୍ତମାନ ଆଳୁର ହୋଲ୍‌ସେଲ୍ ଦର କିଲୋ ପ୍ରତି ୨୬ ଟଙ୍କା ରହୁଥିବାବେଳେ ଖୁଚୁରା କିଲୋପ୍ରତି ୩୦/୩୨ ଟଙ୍କାରେ ବିକ୍ରି ହେଉଛି। ହୋଲ୍‌ସେଲ୍ ଭାବେ ବଡ଼ ପିଆଜ କିଲୋ ପ୍ରତି ୩୫ରୁ ୪୦ଟଙ୍କା ହୋଇଥିବାବେଳେ ଛୋଟ ପିଆଜ ୩୦ ଟଙ୍କାରେ ବିକ୍ରି ହେଉଥିବା ମନ୍ତ୍ରୀ ପାତ୍ର ଦେଖିଥିଲେ। ପଶ୍ଚିମବଙ୍ଗରୁ ଆଳୁ ଆସୁଛି, ସେଠାରେ ଅଧିକ ଶୀତଳଭଣ୍ଡାର ଥିବାରୁ ଷ୍ଟୋରେଜ୍ ହୋଇପାରୁଛି। ମାତ୍ର ଆମର ଏଠି ଶୀତଳଭଣ୍ଡାର କମ୍ ଥିବାରୁ ଗଚ୍ଛିତ କରି ରଖାଯାଇପାରୁନାହିଁ। ସେହିପରି ଓଡ଼ିଶାରେ ଉତ୍ପାଦନ ହେଉଥିବା ଅଳ୍ପ ପରିମାଣର ଆଳୁ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ବଜାରକୁ ଆସିଥାଏ। ଶୀତଳଭଣ୍ଡାର ଅଧିକ ନ ଥିବାରୁ ବେଶି ପରିମାଣର ଆଳୁ, ପିଆଜ ଗଚ୍ଛିତ କରି ରଖାଯାଇପାରୁ ନାହିଁ ବୋଲି ବ୍ୟବସାୟୀମାନେ ମନ୍ତ୍ରୀଙ୍କୁ କହିଥିଲେ। ଆଗାମୀ ଦିନରେ ଶୀତଳଭଣ୍ଡାର ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ସୁସ୍ଥ ହେଲେ ପୋଡ଼ିଯାଇଥିବା ଶିଶୁ



## ଅଙ୍କୁରା ହସ୍ପିଟାଲର ସଫଳତା

ଭୁବନେଶ୍ୱର,୧୧।୭(ଅନୁରାଧା ମହାରଣା)

ଗରମ ପାଣି ପଡ଼ି ପୋଡିହୋଇଯାଇଥିବା ବର୍ଷକର ଶିଶୁ ଅଙ୍କୁରା ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଛନ୍ତି। ପାରାଦୀପ ଅଞ୍ଚଳର ହରି ମଲ୍ଲିକ ଓ ରୀନା ମଲ୍ଲିକଙ୍କ ଏହି ଶିଶୁପୁତ୍ର ଶୁଭମ ହଠାତ୍ ଫୁଟୁଥିବା ପାଣି ହାଣ୍ଡିରେ ଖସିପଡିବାରୁ ଶରୀରର ପ୍ରାୟ ୨୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିଲା। ଶିଶୁର ଛାତି, ବେକ ଏବଂ ବାହୁରେ ଗଭୀର ଆଘାତ ହୋଇଥିଲା। ତାଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୋଡାଜଳା ଅସହ୍ୟ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଅଙ୍କୁରା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପିଆଇସିୟୁ ଟିମ୍‌ର ଡା.ଶୁଭ୍ରାଂଶୁ ଶେଖର ଧଳ, ପେଡିଆଟ୍ରିକ କନ୍‌ସଲଟାଣ୍ଟ ଏବଂ ଡା. ପ୍ରିୟବ୍ରତ ପଣ୍ଡା ଜରୁରୀକାଳୀନ ଚିକିତ୍ସା ଆରମ୍ଭ କରିଥିଲେ। ଡ଼ାକ୍ତରୀ ଟିମ୍ ତୁରନ୍ତ ସଂକ୍ରମଣ ରୋକିବା ତଥା ଅନ୍ୟାନ୍ୟ ଚିକିତ୍ସା ଜାରି ରଖିଥିଲେ। ଶିଶୁଟିକୁ ସ୍ୱାସ୍ଥ୍ୟ ନିରନ୍ତର ତଦାରଖ ପାଇଁ ପେଡିଆଟ୍ରିକ୍ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ପିଆଇସିୟୁ)ରେ ରଖାଯାଇ ଚିକିତ୍ସା ଚାଲିଥିଲା। ଶିଶୁରୋଗ ବିଶେଷଜ୍ଞ, ପ୍ଲାଷ୍ଟିକ୍ ସର୍ଜନ ଏବଂ ନର୍ସମାନଙ୍କର ଏକ ବିଶେଷଜ୍ଞ ଦଳ ଦିନରାତି ଯତ୍ନ ପ୍ରଦାନ କରିଥିଲେ। ଶିଶୁଟି ହସ୍ପିଟାଲରେ ରହିବାର ଦ୍ୱିତୀୟ ଦିନରେ କୋଲାଜେନ୍ କ୍ଷତ ଡ୍ରେସିଂ କରାଯାଇଥିଲା। ପୋଷ୍ଟ ସର୍ଜରୀରେ ପିଲାର ଅଙ୍ଗରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା ଏବଂ ପିଲାଟି ପୂର୍ବପରି ଦେଖାଯାଉଥିଲା ବୋଲି ପ୍ଲାଷ୍ଟିକ୍ ସର୍ଜନ ଡକ୍ଟର ଜୟନ୍ତ କୁମାର ଦାସ କହିଛନ୍ତି। ଶିଶୁର ଅବସ୍ଥା ସ୍ଥିର ଥିବାରୁ ଦୀର୍ଘସ୍ଥାୟୀ ପୁନରୁଦ୍ଧାରକୁ ଧ୍ୟାନ ଦିଆଯାଇଥିଲା। ନିରନ୍ତର ଉଦ୍ୟମ ଯୋଗୁ ଏହି ସଫଳତା ମିଳିଥିବା ନର୍ସିଂ ଦାୟିତ୍ୱରେ ଥିବା ସିଷ୍ଟର ପ୍ରିୟଦର୍ଶିନୀ କହିଛନ୍ତି। ତେବେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

# ବେଦ-ବେଦାନ୍ତ ଦର୍ଶନର ପୁରୁଷୋତ୍ତମ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ



ବିଶିଷ୍ଟ ଗବେଷକ ଡ. ଭାସ୍କର ମିଶ୍ରଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଦିବ୍ୟ ଅନ୍ୱେଷା ପକ୍ଷରୁ 'ପ୍ରପନ୍ନର ପାରିଜାତ ଶ୍ରୀଜଗନ୍ନାଥ'

ଭୁବନେଶ୍ୱର,୧୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ମହାପ୍ରଭୁ ଜଗନ୍ନାଥ ପୁରାଣ ଶାସ୍ତ୍ର, ଇତିହାସ, ସାହିତ୍ୟ ଓ ଜୀବନ ପ୍ରବାହର ଆଧାର। ସର୍ବବ୍ୟାପୀ ଶ୍ରୀଜଗନ୍ନାଥ ନିରାକାର-ସାକାର, ନିର୍ଗୁଣ-ସଗୁଣ ଓ ପୂର୍ଣ୍ଣବ୍ରହ୍ମ ଲୀଳାମୟ ସ୍ୱରୂପରେ ପ୍ରତିଟି ଜୀବନକୁ ଆଚ୍ଛନ୍ନ କରିଛନ୍ତି। ବେଦ-ବେଦାନ୍ତ ଦର୍ଶନର ପୁରୁଷୋତ୍ତମ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ବୋଲି ବିଶିଷ୍ଟ ସନ୍ଥ ଓ ସେବାୟତ ମତପ୍ରକାଶ କରିଛନ୍ତି। ଗୁରୁବାର ସୂଚନା ଭବନଠାରେ ଦିବ୍ୟ ଅନ୍ୱେଷା ପକ୍ଷରୁ ସଭାପତି ନୀଳାଦ୍ରି ମୋହନ ଶତପଥୀଙ୍କ ଅଧ୍ୟକ୍ଷତାରେ ଆଧ୍ୟାତ୍ମିକ ସମାବେଶ 'ପ୍ରପନ୍ନର ପାରିଜାତ ଶ୍ରୀଜଗନ୍ନାଥ' ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପୀଗୁରୁ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ବରେଣ୍ୟ ବକ୍ତା ଶ୍ରୀମନ୍ଦିର ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଡ. ଶରତ କୁମାର ମହାନ୍ତି ଓ ବିଶ୍ୱନାଥ ସାମନ୍ତରା ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଦିବ୍ୟ ଅନ୍ୱେଷାର 'ଲୋଗୋ' ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ଗବେଷକ ଡ. ଭାସ୍କର ମିଶ୍ରଙ୍କ ପୁସ୍ତକ 'ଶ୍ରୀଜଗନ୍ନାଥଙ୍କ ପୂଜା ପରମ୍ପରା' ଓ 'ବଡ ଦେଉଳେ ବିରାଜିତ ଚଳନ୍ତି ପ୍ରତିମା' ପୁସ୍ତକ ଦ୍ୱୟର ଦେବାର୍ପଣ ହୋଇଥିଲା। ସତ୍ୟବେଦାନନ୍ଦ ବେଦମନ୍ତ୍ର ପାଠ କରିଥିବାବେଳେ ସର୍ବେଶ୍ୱର ବୈଠାରୁ ଓ ସାଥୀଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ନନ୍ଦକିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା ଓ ସଭ୍ୟ ଡ. ବେଣୁଧର ଦାସ ଧନ୍ୟବାଦ ଦେଇଥିଲେ। ଆବାହକ ଅଶୋକ କୁମାର ମିଶ୍ର, ଉପସଭାପତି ମିଲନ କୁମାର ସାହୁ, କୋଷାଧ୍ୟକ୍ଷା ବିଜୟା ମିଶ୍ର, ସହସମ୍ପାଦକ ବିମଳ ଲୋଚନ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ସ୍ୱୟଂପ୍ରଜ୍ଞା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭ୍ୟ ପବିତ୍ର ମୋହନ ସାହୁ, ପ୍ରସନ୍ନ କୁମାର ବେହେରା, ଦିଲୀପ କୁମାର ଦାସ, ଶ୍ୟାମସୁନ୍ଦର ଦାସ, ସୁକାନ୍ତ କୁମାର ଗିରି, ସତ୍ୟବ୍ରତ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ସୁଆର, ରାଧାବଲ୍ଲଭ ସିଂ, ରମେଶ ଚନ୍ଦ୍ର ପାଢ଼ୀ, ଦେବେନ୍ଦ୍ର କୁମାର ଦାସ, ମିନାକ୍ଷୀ ପ୍ରିୟଦର୍ଶିନୀ, ଶୈଳଜା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜନଜାତି ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବାକୁ ନିର୍ଦ୍ଦେଶ

## ଜିଲା ମଙ୍ଗଳ ଅଧିକାରୀ, ପ୍ରକଳ୍ପ ପ୍ରଶାସକ, ଆଇଟିଡିଏଙ୍କୁ ନେଇ ସମ୍ମିଳନୀ

ଭୁବନେଶ୍ୱର,୧୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଶିକ୍ଷା ମାଧ୍ୟମରେ ଜନଜାତି ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବା ପାଇଁ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି। ଏଥିପାଇଁ ୪୫୦ଟି ଆବାସିକ ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣକୁ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମନ୍ତ୍ରୀ କହିଲେ, ଛାତ୍ରୀଛାତ୍ରଙ୍କୁ ଇଂଲିଶ ଶିକ୍ଷା ପ୍ରଦାନ ପାଇଁ କାର୍ଯ୍ୟକାରୀ ହେଉଥିବା ଅନ୍ୱେଷା ହଷ୍ଟେଲରେ ଘରୋଇ ଶିକ୍ଷକ ନିଯୁକ୍ତ କରାଯିବା ସହ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲକୁ ବିକଶିତ କରାଯିବ। ସେହିପରି ପରିଚିତି ଯୋଜନା ମାଧ୍ୟମରେ ୯୯ଟି ବିଦ୍ୟାଳୟରେ ଜନଜାତି ଛାତ୍ରୀଛାତ୍ର ନିଜସ୍ୱ କଳା, ସଂସ୍କୃତି, ଭାଷା ସହ ଯୋଡ଼ି ହୋଇ ରହିବେ ବୋଲି ମନ୍ତ୍ରୀ କହିଛନ୍ତି।

ଗୁରୁବାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲା ମଙ୍ଗଳ ଅଧିକାରୀ ଓ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମନ୍ତ୍ରୀ ଗଣ୍ଡ ଯୋଗଦେଇ ସମ୍ଭାବ୍ୟ ଡେଙ୍ଗୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶାର ସମସ୍ତ ଆବାସିକ ହଷ୍ଟେଲଗୁଡ଼ିକରେ ମଶାରୀ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଠାରେ ଆବାସିକ ବିଦ୍ୟାଳୟଗୁଡ଼ିକ ଅଛି, ସେଠାରେ ଆବଶ୍ୟକତାକୁ ଧ୍ୟାନରେ ରଖି ସ୍ଥାନୀୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଯୁବକଙ୍କୁ ନିଯୁକ୍ତି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଶିକ୍ଷକ, ପାଚିକା ତଥା ସହାୟିକା, ଏଏନ୍‌ଏମ୍, ମାଟ୍ରନ ନିଯୁକ୍ତି ଉପରେ ମଧ୍ୟ ଧ୍ୟାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହିଅବସରରେ ମନ୍ତ୍ରୀ ୩ପୁସ୍ତକ 'ଲେଟ୍ସ ଟକ୍ ସେଫ୍ଟି', 'ଟ୍ରାଇବାଲ୍ କ୍ୟୁସିନ୍ ଅଫ୍ ଓଡ଼ିଶା' ଓ 'ଡକୁମେଣ୍ଟେଶନ୍ ଅଫ୍ ଗୁଡ୍ ପ୍ରାକ୍ଟିସେସ୍'କୁ ଉନ୍ମୋଚନ କରିଥିଲେ।



ଅନୁସୂଚିତ ଜନଜାତି ଓ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲା ମଙ୍ଗଳ ଅଧିକାରୀ ଓ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏଙ୍କୁ ନେଇ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ 'ଟ୍ରାଇବାଲ୍ କ୍ୟୁସିନ୍ ଅଫ୍ ଓଡ଼ିଶା' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# ଏସ୍‌ବିଆଇ କେଶୁରା ଶାଖା ସ୍ଥାନାନ୍ତର



ଭୁବନେଶ୍ୱର,୧୦।୭(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର କେଶୁରା ଶାଖା କଟକ-ପୁରୀ ବାଇପାସ୍ ରୋଡ୍‌ର କେଶୁରା ଛକ ପାଖକୁ ସ୍ଥାନାନ୍ତର କରାଯାଇଛି। ଗ୍ରାହକଙ୍କ ସୁବିଧା ପାଇଁ କୋଠାର ତଳ ମହଲାରେ ପର୍ଯ୍ୟାପ୍ତ ସ୍ଥାନ ସହ ବ୍ୟାଙ୍କ ରହିଥିବାବେଳେ ଇ-କର୍ଣ୍ଣର ସୁବିଧା ମଧ୍ୟ ଉପଲବ୍ଧ ଅଛି। ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ଗୁରୁବାର ଏହି ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ ଉପମହାପ୍ରବନ୍ଧକ ପ୍ରଶାନ୍ତ କୁମାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରାହକ ସେବା ଦିଗରେ ଷ୍ଟେଟ ବ୍ୟାଙ୍କର ବିଭିନ୍ନ ପଦକ୍ଷେପ ବିଷୟରେ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ଗ୍ରାହକମାନଙ୍କୁ ଜଣାଇଥିଲେ। ଏଥିସହ ଯୋଗ୍ୟ ଗ୍ରାହକଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ଜନସଂଖ୍ୟା ଦିବସ

ଭୁବନେଶ୍ୱର,୧୧।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରଠାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଗୁରୁବାର ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଛି। ଏହି ଅବସରରେ 'ସ୍ଥାୟୀ ଭବିଷ୍ୟତ ପାଇଁ ସ୍ଥାୟୀ ଜନସଂଖ୍ୟା ବୃଦ୍ଧି' ଶୀର୍ଷକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ସହାୟକ ପ୍ରାଧ୍ୟାପକ ଡା. ମନୋରଞ୍ଜନ ଦାସ ଜନସଂଖ୍ୟା ଉପରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଡ. ଦାସ ତାଙ୍କ ଅଭିଭାଷଣରେ ଭାରତରେ ଜନସଂଖ୍ୟା ବୃଦ୍ଧି, ସ୍ଥାୟୀ ବିକାଶ ଦିଗରେ ବିଭିନ୍ନ ଆହ୍ୱାନ ଏବଂ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଦାରିଦ୍ର୍ୟ, ବେକାରୀ ଓ ଜନସଂଖ୍ୟା ବୃଦ୍ଧି କିପରି ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ଏବଂ କୃଷି କ୍ଷେତ୍ର ଉପରେ ଏକ ବଡ ସମସ୍ୟା ସୃଷ୍ଟି କରିଥାଏ ତାହା ଦର୍ଶାଇଥିଲେ। ଅଧିବେଶନ ପରେ ଏକ କୁଇଜ ପ୍ରତିଯୋଗିତା ଏବଂ ବିଶ୍ୱ ଜନସଂଖ୍ୟା ସଚେତନତା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଉପହାର ଯାଇଥିଲା। ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ ସଭାପତିତ୍ୱ କରିଥିଲେ।

# ନିର୍ମାଣାଧୀନ ଛାତରୁ ପଡ଼ି ଶ୍ରମିକ ଗୁରୁତର

ବାଲିପାଟଣା,୧୧।୭(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅଧୀନ ବଳଭଦ୍ରପୁର ଗ୍ରାମରେ ଚାଲିଥିବା ମେଗା ସ୍ୱଜଳ ଧାରା ପ୍ରକଳ୍ପ କାମରେ ନିୟୋଜିତ ଶ୍ରମିକ ମଧ୍ୟରୁ ଜଣେ ଶ୍ରମିକ ଛାତ ଉପରୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ସେଠାରୁ ତାଙ୍କୁ ସାଥି ଶ୍ରମିକମାନେ ଉଦ୍ଧାର କରି ନିକଟସ୍ଥ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେ ହେଲେ ଏନ୍‌ସିସି କମ୍ପାନୀର ସମେନ୍ଦୁ ରେହେମନ।

# ନଟବର ଖୁଣ୍ଟିଆଙ୍କ 'ଚାଷ ଚାଷୀ ଓଡ଼ିଶା' ଉନ୍ମୋଚିତ



## ସୁବନ ଖୁଣ୍ଟିଆ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର,୧୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସୁବନ ଖୁଣ୍ଟିଆ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ସୁବନ ଖୁଣ୍ଟିଆ ତୃତୀୟ ସ୍ମାରକୀ ବକ୍ତୃତା 'ଓଡ଼ିଶାର କୃଷି' ଗୁରୁବାର ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଲେ, ଇତିହାସକୁ ଅନୁଧ୍ୟାନ କଲେ ଧାନ ଚାଷର ମୁଖ୍ୟ ସ୍ଥଳ କଳିଙ୍ଗ ବୋଲି ଜଣାପଡ଼େ। ପୂର୍ବେ ବାଣିଜ୍ୟ କାରବାର ସହିତ କଳିଙ୍ଗରୁ ଲୋକ ଦକ୍ଷିଣ ପୂର୍ବ ଅଞ୍ଚଳକୁ ଧାନ ଚାଷ ଶିଖାଇବାକୁ ଯାଉଥିଲେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ଯୋଗଦେଇ କହିଲେ, ଚାଷ ଓ ଚାଷୀ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି। ଉଭୟ ଓଡ଼ିଶାର ପ୍ରଗତିର ଦୁଇଟି ସ୍ତମ୍ଭ। ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରି କହିଲେ, ଚାଷ ବିଷୟରେ ସାଧାରଣତଃ ଆଲୋଚନା ହୁଏ ନାହିଁ। ଚାଷକୁ ସମ୍ଭାଳିବାକୁ ହେଲେ ଚାଷଠାରୁ ମୁହଁ ଫେରାଉ ଥିବା ଲୋକଙ୍କୁ ଫେରାଇବା ସହିତ ଚାଷକୁ ବିଜ୍ଞାନସମ୍ମତ କରିବାକୁ ପଡ଼ିବ ବୋଲି କହିଥିଲେ। ଏହି ଅବସରରେ ନଟବର ଖୁଣ୍ଟିଆଙ୍କ ଲିଖିତ ପୁସ୍ତକ 'ଚାଷ ଚାଷୀ ଓଡ଼ିଶା' ଉନ୍ମୋଚିତ ହୋଇଥିଲା। ଲେଖକ ଖୁଣ୍ଟିଆ କହିଥିଲେ, ଜେଜେ ବାପାଙ୍କ ଉଦ୍ଦେଶ୍ୟରେ ଏହି ବହି ଲେଖିଛନ୍ତି। ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠାନର ଅଧ୍ୟକ୍ଷ ଗୋବିନ୍ଦ ଭୂୟାଁ ଯୋଗଦେଇ ଏହି ପୁସ୍ତକ କୃଷି, କୃଷକ, ତାଙ୍କ ସମସ୍ୟା, ସମାଧାନ ଓ ଆଗାମୀ ଭବିଷ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି ବୋଲି କହିଥିଲେ। ଏଥିସହିତ ଦୁଇ ଆଦର୍ଶ ଚାଷୀ ଭାବେ କନ୍ଧମାଳର ସରସ୍ୱତୀ ପ୍ରଧାନ ଓ ପୁରୀର ପ୍ରଭାକର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଆବାହକ ଜଗଦୀଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମନ୍ଦିର ପରିସରରୁ ବେଆଇନ ନିର୍ମାଣ ଉଚ୍ଛେଦ ଦାବି

ପୁରୁଣା ଭୁବନେଶ୍ୱର,୧୧।୭(ସୁବାସ ପ୍ରଧାନ)

ଏକାମ୍ର କ୍ଷେତ୍ରରେ ୭୦୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ପ୍ରାଥମିକତା ଭିତ୍ତିରେ ପାର୍କିଂସ୍ଥଳ, ରାସ୍ତା ନିର୍ମାଣ କରାଯାଉଛି। ହେଲେ ମନ୍ଦିରର ପାର୍ଶ୍ୱ ଦେବଦେବୀ, ମଠ ଓ ମନ୍ଦିରଗୁଡ଼ିକର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଦିନକୁ ଦିନ ଜବରଦଖଲ ବୃଦ୍ଧି ପାଉଛି ବୋଲି ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଛି। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ କେଦାରଗୌରୀ ମନ୍ଦିର, ଡାକରା ବିଭୀଷଣ ମନ୍ଦିର, ବାରୁଣେଶ୍ୱର ମନ୍ଦିର, ସୁଖ୍ଲେଶ୍ୱର ମନ୍ଦିର ଓ ଚକ୍ର ମହାଦେବ ମନ୍ଦିର ନିକଟରେ ଜବରଦଖଲ ହଟାଇବା ସହ ମନ୍ଦିର ପରିସରରେ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ଆଳରେ ଅବୈଧ ନିର୍ମାଣ ଉଚ୍ଛେଦ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଆଇନଜୀବୀ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ଅନୁସାରେ କେତେଜଣ ଖଳ ପ୍ରକୃତିର ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ଏକାମ୍ର କ୍ଷେତ୍ରରେ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନ ନିୟମ ଉଲ୍ଲଘଂନ କରି ଅନନ୍ତ ବାସୁଦେବ ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିର ୧୦୦ମିଟର ନିଷିଦ୍ଧାଞ୍ଚଳ ମଧ୍ୟରେ ବେଆଇନ ଖନନ ଓ ନିର୍ମାଣ କରି ମନ୍ଦିରର ଆଧ୍ୟାତ୍ମିକ ପରିବେଶ ନଷ୍ଟ କରୁଛନ୍ତି। ଏପରି କି କେଦାରଗୌରୀ ମନ୍ଦିର ପରିସରରେ ଏକାଧିକ ଆଜ୍‌ବେଷ୍ଟସ ଘର ନିର୍ମାଣ କରିବା ସହ ଶୌଚାଳୟ ଓ ଏକାଧିକ ନିର୍ମାଣ କରିଛନ୍ତି। ମନ୍ଦିର ବେଢା ରେକର୍ଡ ଥିବା ଗୌତମନଗର ମୌଜାର ଖାତା ୩୯୬ ଅନ୍ତର୍ଗତ ପ୍ଲଟ ନଂ ୩୧୩୩ରେ ବେଆଇନ ଭାବେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ସେହିପରି ଡାକରା ବିଭୀଷଣ ମନ୍ଦିର ବେଢା ରେକର୍ଡ ଥିବା ଭୁବନେଶ୍ୱର ମୌଜାର ପ୍ଲଟ ନଂ ୭୨୮ ଉପରେ ଏକ ମଣ୍ଡପ ନିର୍ମାଣ କରାଯାଇ ଏଠାରେ ଅଧିକାଂଶ ସମୟରେ ବିବାହ, ଦଶାହ ଓ ବ୍ରତଘର ଭୋଜିଆସର ହେଉଛି, ଯାହାଦ୍ୱାରା ସାଧାରଣ ଶ୍ରଦ୍ଧାଳୁଙ୍କ ଭକ୍ତିମୟ ପରିବେଶ ନଷ୍ଟ ହୋଇଛି। ସେହିଭଳି ଶ୍ରୀ ଲିଙ୍ଗରାଜଙ୍କ ସେବାପୂଜା ସହିତ ନିବିଡ଼ ସମ୍ପର୍କ ଥିବା ରାମାୟଣୀ ମନ୍ଦିର ପ୍ଲଟ ନଂ ୧୯୩୪ ଏରିଆ ୨୮ଡିସିମିଲ ଏବଂ ପ୍ଲଟ ନଂ ୧୯୩୬ ଏରିଆ ୫ଡିସିମିଲ ଜଳାଶୟ ୨କୂପ ରେକର୍ଡ ଥିବାବେଳେ ଏହାକୁ ଜବରଦଖଲ କରାଯାଇ ଏକ ୨ମହଲା ନିର୍ମାଣ କରାଯାଇଛି। ସେହିପରି ଅନନ୍ତ ବାସୁଦେବ ମନ୍ଦିର ନିଷିଦ୍ଧାଞ୍ଚଳ ମଧ୍ୟରେ ଅବୈଧ ଖନନ ଓ ନିର୍ମାଣରେ ରୋକ ଲଗାଇବାକୁ ଅନେକ ଲିଖିତ ଅଭିଯୋଗ ଥାଇ ମଧ୍ୟ ଗୌତମନଗର ମୌଜାର ପ୍ଲଟ ନଂ ୨୨୧୮ ଏବେ ମହାନଗର ନିଗମ ନାମରେ ରେକର୍ଡ କରାଯାଇଛି। ଏଠାରେ ମନ୍ଦିର ଓ ବେଢ଼ା ଅନନ୍ତ ବାସୁଦେବ ମନ୍ଦିର ଭୋଗ ମଣ୍ଡପ ଭାବରେ ବ୍ୟବହୃତ ହେଉଛି। ଶ୍ରୀରାମନଗରସ୍ଥିତ ସୁଖ୍ଲେଶ୍ୱର ମନ୍ଦିର ପ୍ଲଟ ନଂ ୧୮୬୬ ମନ୍ଦିର ରୋଷଘର ରେକର୍ଡ ଥିବାବେଳେ ଏଠାରେ ଏକ ଯୁବ ପରିଷଦ ଗୃହ ନିର୍ମାଣ ହୋଇଛି। ସେହି ନିକଟରେ ବାରୁଣେଶ୍ୱର ମନ୍ଦିର ପ୍ଲଟ ନଂ ୨୧୧୯ ମନ୍ଦିର ବେଢ଼ା ସମ୍ପତ୍ତି ଥାଇ ମଧ୍ୟ ଏଠାରେ ମନ୍ଦିର ବେଢ଼ାରେ ଅବୈଧ ନିର୍ମାଣ ହୋଇଛି। ସାଂସଦ ଓ ବିଧାୟକ ପାଣ୍ଠିର ଦୁରୁପଯୋଗ କରାଯାଇଥିବା ଅଭିଯୋଗ ହୋଇଛି। ଏକାମ୍ର ବିକାଶର ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଅଧିକାରୀ ଓ ଜନପ୍ରତିନିଧି ମିଳିତ ପ୍ରୟାସ କରାଗଲେ ଏହାର ସୁଫଳ ମିଳିପାରିବ। ହେଲେ ଭୋଟ ବ୍ୟାଙ୍କ ରାଜନୀତି କାରଣରୁ ଏହି ସବୁ ମନ୍ଦିର ପରିସରର ଉନ୍ନତୀକରଣ ଓ ମରାମତି ଆଳରେ ଆଧ୍ୟାତ୍ମିକତା ନଷ୍ଟ କରି ବ୍ୟବସାୟିକ ଅଭିସନ୍ଧି ରଖି ମଣ୍ଡପ ଓ ଯୁବ ପରିଷଦ ଗୃହ ନିର୍ମାଣ କରାଯାଇଛି। ଏହିସବୁ ଐତିହ୍ୟର ପୁନରୁଦ୍ଧାର କରାଯିବା ସହ ଏହାର ଜବରଦଖଲ ଉଚ୍ଛେଦ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଛି। ଯଦି ଅଭିଯୋଗ ସମ୍ପର୍କରେ ପଦକ୍ଷେପ ନିଆ ନ ଯିବ, ତେବେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ଅଭିଯୋଗକାରୀ ଜଣାଇଛନ୍ତି।

## ସଂକ୍ଷେପରେ

### ଗୋରେଖନାଥ ପୀଠରେ ଶ୍ରାବଣ ଜଳ ଲାଗି ପ୍ରସ୍ତୁତି

ରଘୁନାଥପୁର,୧୧।୭ (ରାଜେନ୍ଦ୍ର ନାରାୟଣ ସିଂହ)

ଜୁଲାଇ ୨୨ ଶ୍ରାବଣ ମାସର ପ୍ରଥମ ସୋମବାର। ଏହିଦିନଠାରୁ ବିଭିନ୍ନ ଶୈବ ମନ୍ଦିରରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଗହଳି ଲାଗିବ। ଏହି ଉପଲକ୍ଷେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରଘୁନାଥପୁର ତହସିଲଦାର ଅଭୀପ୍ସା ପଟ୍ଟନାୟକ, ବିଡିଓ ନମିତା ବାରିକ, ଜଇପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସର ଡା. ବିଶିକେଶନ ଖୁଣ୍ଟିଆ, ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଡ଼ା, ପୀଠ ସେବାୟତ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ପାନୀୟଜଳ, ପରିମଳ, ଆଲୋକୀକରଣ, ଭକ୍ତଙ୍କ ରହଣି ବ୍ୟବସ୍ଥା ଓ ଫାଷ୍ଟେଡ୍ ସୁବିଧା ଉପରେ ଆଲୋଚନା ହୋଇଥିଲା। କେରେକେରା ଓ ରାହାଡିଙ୍ଗା ପଟୁ ପୀଠକୁ ସଂଯୋଗ କରୁଥିବା ରାସ୍ତାରେ ଆଲୋକୀକରଣ, ଅସ୍ଥାୟୀ ଶୌଚାଳୟ, ଭକ୍ତଙ୍କ ରହଣି ପାଇଁ ଟେଣ୍ଟ ଓ ଜଳଭାର ରଖିବା ବ୍ୟବସ୍ଥା, ଭିଡ଼କୁ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତା ଯୋଗାଇଦେବା ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା। ଏତଦ୍‌ବ୍ୟତୀତ ଜଗତ୍‌ସିଂହପୁର ପୌର ପରିଷଦର କର୍ମଚାରୀମାନେ ନିୟୋଜିତ ହୋଇ ଜଳଲାଗି ଦିନ ପୀଠ ମଧ୍ୟରେ ଗଦା ହେଉଥିବା ଅଳିଆ ଆବର୍ଜନାକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରମୋଦ ମହାନ୍ତି, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ରମେଶ ମହାନ୍ତି ଓ ଦିଲୀପ କୁମାର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିନା ଶିକ୍ଷକରେ ଚାଲିଛି ବିଦ୍ୟାଳୟ

- ୧୨୪ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଚିନ୍ତା
- ସବୁ ଶିକ୍ଷକ ଅବସର ନେଇଯାଇଛନ୍ତି

ବାଙ୍କୀ,୧୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର):




ପିଲାଙ୍କ ପାଠପଢ଼ାରେ ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଉଥିବାବେଳେ ଶିକ୍ଷକ ଅଭାବରୁ ଏହାର ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ତତ୍କାଳନୀ ରାଜ୍ୟ ସରକାର ଅନେକ ବିଦ୍ୟାଳୟକୁ ୫-ଟି ରେ ରୂପାନ୍ତରଣ କରି ଭିତ୍ତିଭୂମି ସଜାଡ଼ିଥିବା ଡିଣ୍ଡିମ ପିଟୁଥିବାବେଳେ ଶିକ୍ଷକ ଅଭାବରୁ ପିଲାଙ୍କ ପାଠ ପଢ଼ା ବାଧାପ୍ରାପ୍ତ ହୋଇଛି। ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତ ପାଟପୁର ଗ୍ରାମର ଶ୍ରୀଶ୍ରୀ ସିଂହନାଥ ଦେବ ବିଦ୍ୟାପୀଠରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଶିକ୍ଷକ ନଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହୋଇଥିବାବେଳେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପିଲାମାନଙ୍କ ଜଗି ରହୁଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବାଙ୍କୀ ସଦର ମହକୁମା ସଂଲଗ୍ନ ସିଂହନାଥ ଦେବ ବିଦ୍ୟାପୀଠ ପାଠପଢ଼ା ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଏବେ ଏଠାରେ ନବମ ଓ ଦଶମ ଶ୍ରେଣୀରେ ୧୨୪ଜଣ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି। ତେବେ ୩ମାସ ହେବ ବିଦ୍ୟାଳୟରେ ଜଣେ ହେଲେ ଶିକ୍ଷକ ନାହାନ୍ତି। ସମସ୍ତ ଶିକ୍ଷକ ଅବସର ନେବା ପରେ କେବଳ ବିଦ୍ୟାଳୟର ପିଅନ ଛାତ୍ରଛାତ୍ରୀଙ୍କୁ ଜଗି ରହୁଛନ୍ତି। ୨୦୨୪-୨୫ ଶିକ୍ଷା ବର୍ଷର ୩ମାସ ବିତି ଯାଇଥିଲେ ଏପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଏ ସମ୍ପର୍କରେ ବାଙ୍କୀ ବୁଦ୍ଧିଜୀବୀ ପରିଷଦର ସାଧାରଣ ସମ୍ପାଦକ ଆଇନଜୀବୀ ପ୍ରଦୀପ୍ତ କୁମାର ପଟ୍ଟନାୟକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ଜଗନ୍ନାଥପୁର ସାଧବ ସମାଜ ବିଦ୍ୟାନିକେତନ, ଅନୁଆରୀ ମନମୋହନ ବିଦ୍ୟାପୀଠ, ଡଁସର କୃଷକ ହାଇସ୍କୁଲ ଓ ଅରାଚଣ୍ଡୀ ବିଦ୍ୟାପୀଠରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଛି। ନୂତନ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ଡମପଡ଼ା ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା କୁହନ୍ତି, ସ୍କୁଲଗୁଡିକରେ ଖାଲିଥିବା ସ୍ଥାନରେ ଶିକ୍ଷକ ପଦବୀ ପୂରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି।



ସାଲେପୁର ମୁର୍କୁଣ୍ଡି ଗ୍ରାମ ନିକଟରେ ସାଇଫନ୍ ବାମ ପାର୍ଶ୍ୱ ରାସ୍ତା ବର୍ଷା ଯୋଗୁ ଧୋଇଯାଇଛି। ଫଳରେ ରାସ୍ତା ପାର୍ଶ୍ୱରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି।

# ରେଳଫାଟକ ବନ୍ଦ, ଯାତାୟାତରେ ସମସ୍ୟା

### ବିଧାୟକଙ୍କୁ ଦାବିପତ୍ର

କଟକ ସଦର, ୧୧।୭(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରେଳପଥର କନ୍ଦରପୁର ଲେଭଲ କ୍ରସିଂ ଫାଟକ ସ୍ୱଳ୍ପ ସମୟ ବ୍ୟବଧାନରେ ବନ୍ଦ ହୋଇଯାଉଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ହେଉଛି। ଫଳରେ କଟକ ଓ ଜଗତ୍‌ସିଂହପୁର ଜିଲାର ଲୋକମାନେ ଅତିଷ୍ଠ ହୋଇପଡୁଛନ୍ତି। ଖୁବ୍‌ଶୀଘ୍ର ଓଭରବ୍ରିଜ୍ କାମକୁ ତ୍ୱରାନ୍ୱିତ କରିବା ପାଇଁ ବୁଧବାର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସ୍ଥାନୀୟ ଜନସାଧାରଣ ଓ କଟକ ଜିଲା ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରିଜ୍ କାମ ନ ସରିବା ପର୍ଯ୍ୟନ୍ତ ରେଳପଥର ଉଭୟ ପଟୁ ଟ୍ରେନ୍‌ଗୁଡ଼ିକର ଯାତାୟାତ ସମୟକୁ ନିୟନ୍ତ୍ରଣ କରିବା ପାଇଁ ଦାବି ହୋଇଛି। ଏପରି ମେକାନିଜମ୍ ବାହାର କରାଯିବା ଦରକାର କନ୍ଦରପୁର ଲେଭଲ କ୍ରସିଂଠାରେ କଟକ ଓ ପାରାଦୀପ ପଟୁ ଅପ୍,ଡାଉନ ଗାଡ଼ି ଏକ ସମୟରେ ପରସ୍ପରକୁ ଅତିକ୍ରମ କଲେ ଫାଟକ ବନ୍ଦର ପ୍ରଭାବ ଅଧିକାଂଶ ସମୟରେ ପଡନ୍ତା ନାହିଁ ବୋଲି କଟକ ଜିଲା ଘରୋଇ ବସ୍ ମାଲିକ ସଂଘର ସଭ୍ୟ ସୁରେଶ ଚନ୍ଦ୍ର ଜେନା କହିଛନ୍ତି। ଜରୁରୀ ସମୟରେ ବସ୍‌ଗୁଡ଼ିକ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମୟରେ ବାଦାମବାଡି ବସ୍‌ଷ୍ଟାଣ୍ଡରେ ପହଞ୍ଚି ପାରୁନାହିଁ। ତେଣୁ ଯାତ୍ରୀ ପରିବହନ ଠିକ୍ ଭାବେ ହୋଇପାରୁ ନ ଥିବାରୁ ମାଲିକମାନେ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଜେନା କହିଛନ୍ତି। ଏହାଛଡା ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି ଓ ବିଶିଷ୍ଟ ବ୍ୟକ୍ତିଙ୍କ ଗାଡି ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଓଭରବ୍ରିଜ୍ ନିର୍ମାଣ ପାଇଁ କନ୍ଦରପୁର ଷ୍ଟେଶନ ନିକଟରେ ଏକ ଘରୋଇ କମ୍ପାନୀ ମାଟି ପରୀକ୍ଷା କରିଥିଲା। କାମ କେବେ ଆରମ୍ଭ ହେବ ତାହା ଠିକ୍ ନାହିଁ। ଏଭଳି ପରିସ୍ଥିତିରେ ତୁରନ୍ତ ସମାଧାନର ବାଟ ବାହାର କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। କଟକ ଏମ୍‌ପିଙ୍କ ଉପସ୍ଥିତିରେ ରେଳ ବିଭାଗ ସହ ଆଲୋଚନା କରାଯିବ ବୋଲି ବିଧାୟକ ସେଠୀ ପ୍ରତିଶ୍ରୁତି ଦେଇଛନ୍ତି।

### ମୃତ ଖବରଦାତାଙ୍କ ପରିବାରକୁ ଭେଟିଲେ ପ୍ରତାପ ଜେନା

ମାହାଙ୍ଗା,୧୧।୭(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମର ବରିଷ୍ଠ ଖବରଦାତା ନିର୍ମଳ ପଣ୍ଡାଙ୍କ ପରିବାରକୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଭେଟିଛନ୍ତି। ସେ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ଅବସରର ତ୍ରିନାଥ ଜେନା, ପ୍ରଦୀପ୍ତ ସୂତାର, ସମିତିସଭ୍ୟା ଦୁର୍ଗାପ୍ରସାଦ ବାରିକ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ସଦାଶିବ ଦାସ, ବିନୟ ବଳ, ଛାତ୍ର ବିଜେଡି ସଭାପତି ହିତେଶ ରାଉତ, ମାନସ ସେଠୀ, ଅମିୟ ସାମଲ ଓ କାର୍ତ୍ତିକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଛାତରୁ ପଡ଼ି ଶ୍ରମିକ ଗୁରୁତର

ବାଲିପାଟଣା, ୧୧।୭(ଅଭିମନ୍ୟୁ ନାୟକ) ବାଲିପାଟଣା ବ୍ଲକ ଅଧୀନ ବଳଭଦ୍ରପୁର ଗ୍ରାମରେ ଚାଲିଥିବା ମେଗା ସ୍ୱଜଳ ଧାରା ପ୍ରକଳ୍ପ କାମରେ ନିୟୋଜିତ ଶ୍ରମିକ ମଧ୍ୟରୁ ଜଣେ ଶ୍ରମିକ ଛାତ ଉପରୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ସେଠାରୁ ତାଙ୍କୁ ସାଥି ଶ୍ରମିକମାନେ ଉଦ୍ଧାର କରି ନିକଟସ୍ଥ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ବନ ବିଭାଗର ବନମହୋତ୍ସବ



ବାଙ୍କୀ,୧୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଡମପଡା, ଚନ୍ଦକା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଓ କର୍ମଚାରୀମାନେ ଡ଼ମପଡା ବ୍ଲକ କୁସୁନ୍ଦା ହାଇସ୍କୁଲ ଠାରେ ବନମହୋତ୍ସବ ପାଳନ କରିଛନ୍ତି।ଏହି କାର୍ଯ୍ୟକ୍ରମକୁ ଡ଼ମପଡା ରେଞ୍ଜ ଅଫିସର ନିରଞ୍ଜନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ହାଇସ୍କୁଲ ପରିସରରେ ମହାପାତ୍ର ଓ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାଧାୟକ ସୁରେଶ ଚନ୍ଦ୍ର ତ୍ରିପାଠୀ ଚାରାରୋପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ଡ଼ମପଡା ଫରେଷ୍ଟର ରାଜ କୁମାର ସେଠୀ, ବିଭୁ ପ୍ରସାଦ ପ୍ରଧାନ, ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ସାହୁ,ବନବିଭାଗ କର୍ମଚାରୀ ଓଅନ୍ୟମାନେ ଉପସ୍ଥିତ ଥିଲେ।

# 'ପାଠପଢ଼ି ଭଲ ମଣିଷ ହୁଅ'



ପ୍ରତିଷ୍ଠା ଦିବସରେ ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

### ଗୋପୀନାଥପୁର ହାଇସ୍କୁଲର ପ୍ରତିଷ୍ଠା ଦିବସ

ସାଲେପୁର,୧୧।୭(ଅରବିନ୍ଦ ଭୂୟାଁ )

ସାଲେପୁର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସମ୍ପାଦକ ମନୋରଞ୍ଜନ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପାଠପଢ଼ିବା ସହ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଗୋପିନାଥପୁର ସରପଞ୍ଚ ଦମୟନ୍ତୀ ମହାନ୍ତି, ପୁରାତନ ଛାତ୍ର ସଂସଦ ସଭାପତି ଶିଶିର କୁମାର ପ୍ରଧାନ, ପ୍ରାକ୍ତନ ଶିକ୍ଷକ ଅନନ୍ତ ଚରଣ ପ୍ରଧାନ, ଜଟାଧାରୀ ପତି, ବିଚିତ୍ରନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ କାଳନ୍ଦୀ ଚରଣ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ କୃତିତ୍ୱ ହାସଲ କରିଥିବା ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରମାନଙ୍କୁ ୫ ହଜାର ଓ ୨ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଭାବେ ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ଶ୍ରେଣୀରେ ଆଦର୍ଶ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପୁରୁଣା କାମରେ ନୂତନ ଫଳକ ଲଗାଇଲେ ବିଧାୟକ: ବିଜେଡି

### ଶିଳାନ୍ୟାସ ଆଇନ ସଙ୍ଗତ: ବିଧାୟକ ସାରଦା ପ୍ରଧାନ

ନିଶ୍ଚିନ୍ତକୋଇଲି,୧୧।୭ (ଅଶୋକ କୁମାର ମହାପାତ୍ର)



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ସାରଦା ପ୍ରଧାନ ଓ ଅନ୍ୟମାନେ।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଦ୍ୱୀପାଞ୍ଚଳରେ ପୂର୍ତ୍ତ ବିଭାଗ ଅଧୀନ ସହଦେବପୁର-ତରତଶାସନ କେନାଲ ବନ୍ଧର ଉନ୍ନତୀକରଣ ପାଇଁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଗୁରୁବାର ଶିଳାନ୍ୟାସ କରିଛନ୍ତି। ଏନେଇ ତରତ ପଞ୍ଚାୟତ ବଇଁପଡା ଗ୍ରାମ ବିଜୁ ଭବନରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ପୁରୁଣା କାମରେ ବିଧାୟକ ନୂଆ ଫଳକ ଲଗେଇଥିବା ଅଭିଯୋଗ କରାଯାଇଛି।

କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ପାଇଁ ୩୨୭୯.୦୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟ ୧୫।୩।୨୪ରୁ ଆରମ୍ଭ ହୋଇଥିବାବେଳେ ୧୪।୫।୨୦୨୫ରେ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ରାସ୍ତାର ଉନ୍ନତୀକରଣ ହେଲେ ଦ୍ୱୀପାଞ୍ଚଳର ବହୁ ପଞ୍ଚାୟତ ଲୋକଙ୍କ ଗମନାଗମନରେ ସୁବିଧା ହେବା ସହ କେନାଲ ବନ୍ଧ ସୁଦୃଢ଼ ହୋଇପାରିବ। ବିଧାୟକ ପ୍ରଧାନ ଏହାର ଶିଳନ୍ୟାସ କରିଥିବାବେଳେ ଏଥିରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ, ଯନ୍ତ୍ରୀ ଦେବାଶିଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ।

ତେବେ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଗତ ୧୪।୩।୨୪ରେ ବନ୍ଧକାଟିଆ ପଞ୍ଚାୟତର ହରିରାଜପୁରଠାରେ ଏହାର ଶିଳାନ୍ୟାସ କରିଥିଲେ। ସେତେବେଳେ ମାହାଙ୍ଗା ବିଧାୟକ ଜେନାଙ୍କ ସହ ପ୍ରାକ୍ତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମଧ୍ୟ ଉପସ୍ଥିତ ଥିଲେ। ୨ ପ୍ରାକ୍ତନ ମନ୍ତ୍ରୀଙ୍କ ନାମଫଳକ ଓ ଶିଳାନ୍ୟାସ ଫଟୋକୁ ଦେଖାଇ ବିଜେଡି ପକ୍ଷରୁ କୁହାଯାଇଛି, ପୂର୍ବରୁ ଏହି କାର୍ଯ୍ୟର ଶିଳାନ୍ୟାସ ସରିଥିବାବେଳେ ପୁନର୍ବାର ଫଳକ ଲଗାଇ ବିଧାୟକ ସାରଦା ପ୍ରଧାନ ହୀନ ରାଜନୀତି କରୁଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ମିଶ୍ର, ଜିଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ପୂର୍ବତନ ସମିତି ସଭ୍ୟ ପ୍ରମୋଦ ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ମନୋଜ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବିଧାୟକ ପ୍ରଧାନ କହିଛନ୍ତି, ଶିଳାନ୍ୟାସ କାର୍ଯ୍ୟକ୍ରମ ଆଇନ ସଙ୍ଗତ ଭାବେ ହୋଇଛି। ପୂର୍ବରୁ ହୋଇଥିବା ଶିଳାନ୍ୟାସ ପ୍ରକଳ୍ପ ମଞ୍ଜୁରୀ ପାଇଥିଲେ ମଧ୍ୟ ଚୁକ୍ତିପତ୍ର ହୋଇ ନ ଥିଲା। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମାପନ କରାଯାଇଛି।




ବାଙ୍କୀ କଲେଜ ରୋଡ଼ସ୍ଥିତ ଶିକ୍ଷା ଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ କରାଯାଉଛି।



ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର (ପରିଡାପାଟଣା) ଗ୍ରାମର ଗ୍ରାମଦେବତୀ ମା'ମଙ୍ଗଳା ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

## ସଂକ୍ଷେପରେ

### ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ,୧୧।୭(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ବେଗୁନିଆ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଣିକାଗୋଡ଼ା ଗ୍ରାମର କଲିମୁଦ୍ଦିନ ଖାଁଙ୍କ ଓ ଦଳାଇ ସାହିର ସଞ୍ଜୟ କୁମାର ମାଝୀ। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ୍ ଜାଗିନ ରାଓ ଏବଂ କର୍ମଚାରୀ ଗୁରୁବାର କଲିମୁଦ୍ଦିନଙ୍କଠାରୁ ୫ ଲିଟର ମଦ ଓ ସଞ୍ଜୟଙ୍କଠୁ ୪୦ ଲିଟର ଦେଶୀ ମଦ ଜବତ କରିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କଳାପଥର,୧୧।୭(ଗଙ୍ଗାଧର ସାହୁ)



ବାଙ୍କୀ ବ୍ଲକ କଳାପଥର ଅଧୀନ ଅବସରପ୍ରାପ୍ତ ଶିକ୍ଷକ ସୌରୀ ସାହୁ(୮୨)ଙ୍କ ମୃତ୍ୟୁ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ୀତ ଥିଲେ। ଚାକିରି କ୍ଷେତ୍ରରେ ପ୍ରଥମେ ଧଳାପଥର କ ଳ । ପ ଥ ର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିଥିଲେ। ଶେଷରେ କଳାପଥର ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିଲେ। ୨ ଝିଅ, ୨ ପୁଅ ଏବଂ ନାତୁଣୀ ନାତି ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହୁ ଛାତ୍ରୀଛାତ୍ର ବାତ୍ସଲ୍ୟ, ମିଷ୍ଟଭାସି, ପରୋପକାରୀ, ଦରଦୀ ହୃଦୟର ବ୍ୟକ୍ତି ଥିଲେ। ସେ ଏକାଧାରରେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ଖୁବ ପରିଚୟ ଥିଲେ। ଏକ ସୁସଜ୍ଜିତ କୋକେଇରେ ଗ୍ରାମ ପରିକ୍ରମା ସହ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ସାନ ଝିଅ ଅନୁ ସାହୁ, ବିନା ସାହୁ, ପୁତ୍ର ପ୍ରଶାନ୍ତ କୁମାର ସାହୁ, ବଡ଼ ପୁତ୍ର ପ୍ରଦୀପ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

### ନାବାଳିକାଙ୍କୁ ଅପହରଣ ନେଇ ଅଭିଯୋଗ

ଟାଙ୍ଗୀ (ଖୋର୍ଦ୍ଧା),୧୧।୭ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ୨ ଜଣ ଯୁବକ ଅପହରଣ କରି ନେଇଥିଲେ। ସେମାନେ ଚଣ୍ଡେଶ୍ୱରସ୍ଥିତ ବେଣିପଥର ଜଙ୍ଗଲକୁ ନେଇ ଯାଇଥିବାବେଳେ କୌଶଳ କରି ଛାତ୍ରୀ ଜଣଙ୍କ ସେଠାରୁ ଖସି ୧୬ ନଂ. ଜାତୀୟ ରାଜପଥକୁ ଆସିଥିଲେ। ଏନେଇ ସେ ଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୫୧୨/୨୪ରେ ଏକ କେସ ରୁଜୁ କରି ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ, ରଣପୁର ଥାନା ଅଧୀନ ଏକ ଗ୍ରାମରେ ନାବାଳିକା ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ସେ ସବୁଦିନ ପରି ସକାଳ ୯ଟା ୪୫ ମିନିଟ୍‌ରେ ବିଦ୍ୟାଳୟକୁ ଯିବାବେଳେ ଖେଳପଡ଼ିଆ ନିକଟରୁ ତାଙ୍କୁ ୨ଜଣ ଯୁବକ ଜବରଦସ୍ତ ଉଠାଇ ନେଇଥିଲେ। ବେଣିପଥର ଜଙ୍ଗଲରେ ଜଣେ ପରିଚିତ ବ୍ୟକ୍ତିଙ୍କ ସହ ଦେଖା ହେବାରୁ ଅପହରଣକାରୀ ତାଙ୍କୁ ଆକ୍ରମଣ କରିଥିଲେ। ଏହାର ସୁଯୋଗ ନେଇ ନାବାଳିକା ସେଠାରୁ ଖସି ଆସିଥିଲେ।

# ବର୍ଷା ପାଇଁ ଅଟକିଛି ତଳି ରୁଆ

ବେଗୁନିଆ,୧୧।୭(ସନ୍ଧ୍ୟାରାଣୀ ମିଶ୍ର)



ମୌସୁମୀ ବର୍ଷା ଓଡ଼ିଶାରେ ପହଞ୍ଚିଗଲା ବୋଲି ଟିଭି ଓ ଖବରକାଗଜ ଦେଖି ଚାଷୀ ଖୁସିରେ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ଜମିରେ ତଳି ବି ପକାଇଦେଲେ, ବର୍ତ୍ତମାନ ତଳି ବଡ଼ ହୋଇଗଲାଣି। ହେଲେ ଜମି କାଦୁଅ କରିବାକୁ ଯେଉଁ ବର୍ଷାର ଆବଶ୍ୟକତା ରହିଛି, ବର୍ଷା ଅଭାବରୁ ତାହା ହୋଇପାରୁନି। ଯେଉଁ ବର୍ଷା ହେଉଛି ସେଥିରେ ଜମି ଓଦା ହେଉନାହିଁ। ଜୁଲାଇ ଦ୍ୱିତୀୟ ସପ୍ତାହ ହେଲାଣି ଧାନ ତଳି ରୋଇ ନ ପାରିବାରୁ ଚାଷୀ ଗଭୀର ଚିନ୍ତାରେ ଅଛନ୍ତି। ଚଳିତବର୍ଷ ବର୍ଷାର ପରିମାଣ ସ୍ୱଳ୍ପ ହେବାରୁ ବର୍ତ୍ତମାନ ସୁଦ୍ଧା ୯୫ ପ୍ରତିଶତ ଜମିରେ ଧାନରୁଆ ହୋଇପାରିନାହିଁ। ଯଦି ବର୍ଷା ହେବାରେ ଆଉ ବିଳମ୍ବ ହୁଏ, ତେବେ ଧାନ ଉତ୍ପାଦନ କମିଯିବ ବୋଲି କୃଷି କର୍ମଚାରୀ କହିଛନ୍ତି। ରଜ ସମୟରୁ ଚାଷୀ ଚାଷ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଥାଏ। ମୌସୁମୀର ଆଗମନ ସୂଚନା ପାଇ ଧାନ ତଳି ପକାଇଥାଏ। କିନ୍ତୁ ବର୍ଷାକୁ ଚାହିଁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଅନ୍ୟପଟେ ବହୁ ଧାନ ଜମି ଏବେ ସୁଦ୍ଧା ପଡ଼ିଆ ପଡ଼ିଛି। ବର୍ଷା ହୋଇଥିଲେ ଚାଷୀ ଜମି କାଦୁଅ କରି ଧାନ ତଳି ରୋଇଥାନ୍ତେ। କିନ୍ତୁ ଜୁନ୍- ଜୁଲାଇରେ ଯେଉଁ ପରିମାଣରେ ବର୍ଷା ହେବା କଥା ସେତିକି ବର୍ଷା ହୋଇନାହିଁ ବୋଲି ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି। ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତରେ ୧୩ ହଜାର ୬୫୨ ହେକ୍ଟର ଚାଷ ଜମି ଥିବାବେଳେ ସେଥିମଧ୍ୟରୁ ମାତ୍ର ୧୩୨୫ ହେକ୍ଟର ଜମିରେ ଧାନ ବୁଣା ହୋଇଛି। ଆଉ ୫୨୪ହେକ୍ଟର ଜମିରେ ତଳି ପଡ଼ିଛି। ୧୨୪ ହେକ୍ଟର ଜମିରେ

### ଚିନ୍ତାରେ ଚାଷୀ

ଧାନ ରୁଆ ହୋଇଥିବା ରଥ କହିଛନ୍ତି। ଏଠାରେ ଜଳସେଚନର ଆଦୌ ସୁବିଧା ନ ଥିବାବେଳେ ଏଭଳି ସ୍ଥିତିରେ ବର୍ଷା ଅଭାବରୁ ସ୍ଥାନୀୟ ଅଞ୍ଚଳର ପନିପରିବା ଅମଳ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଭଳି ପରିସ୍ଥିତି ଯଦି ଆଉ କିଛିଦିନ ଲାଗି ରୁହେ, ତାହେଲେ ଚାଷ କାମ ବହୁତ ପଛେଇଯିବ। ଚଳିତ ମାସରେ ଯଦି ଆବଶ୍ୟକ ପରିମାଣର ବର୍ଷା ନ ହୁଏ, ତେବେ ଚଳିତବର୍ଷ ମଧ୍ୟ ଖରିଫ ଧାନ ଚାଷ ବିଳମ୍ବିତ ହେବା ସହ ଗତବର୍ଷ ଭଳି ଅମଳ ପ୍ରଭାବିତ ହେବ। ଗତବର୍ଷ ବିଳମ୍ବିତ ବର୍ଷା ଯୋଗୁ ଧାନ ଚାଷ ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା। ଏପରିକି ସ୍ଥାନୀୟ ବ୍ଲକର କିଛି ଅଞ୍ଚଳରେ ଅକ୍ଟୋବର ପର୍ଯ୍ୟନ୍ତ ଧାନ ରୁଆ କାମ ଚାଲିଥିବା ଦେଖିବାକୁ ମିଳିଥିଲା।

## ବିଶ୍ୱ ଜନସଂଖ୍ୟା ଦିବସ ଉପରେ ସଚେତନତା



ବିଶ୍ୱ ଜନସଂଖ୍ୟା ଦିବସ ଉପରେ ସଚେତନ କରାଯାଉଛି।

ବେଗୁନିଆ,୧୧।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅଧୀନ ଗୋଡ଼ାସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପକ୍ଷରୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଜନଆରୋଗ୍ୟ ସମିତିର ମାସିକ ବୈଠକରେ ବିଶ୍ୱ ଜନସଂଖ୍ୟା ଦିବସ ଉପରେ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀପ୍ରିୟା ଟୁଡୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଅକ୍ଷୟ ରାଉତରାୟ ମୁଖ୍ୟ ଅତିଥି, ସମିତି ସଭ୍ୟ ନମିତା ବେହେରାଙ୍କ ସମେତ ୱାର୍ଡସଭ୍ୟ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ କମିଟି ସଦସ୍ୟ ଉପସ୍ଥିତ ରହି ଜନସଂଖ୍ୟା ନିୟନ୍ତ୍ରଣ ଉପରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟକର୍ମୀ କଳିକା ବେହେରା ଧନ୍ୟବାଦ ଦେଇଥିଲେ।

## ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡେଙ୍ଗୁ ସଚେତନତା

ଟାଙ୍ଗୀ-ଖୋର୍ଦ୍ଧା,୧୧।୭(ରଘୁନାଥ ସାହୁ)




ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କୁହୁଡ଼ି ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡେଙ୍ଗୁ ନିରାକରଣ ଓ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡା. ମଧୁସୂଦନ ସେନାପତି ଯୋଗଦେଇ ଡେଙ୍ଗୁ ରୋଗର କାରଣ, ନିରାକରଣ ଓ ନିୟନ୍ତ୍ରଣ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଡେଙ୍ଗୁ ଏକ ଭୂତାଣୁ ଜନିତ ରୋଗ। ମାଇ ଏଡିସ ମଶା କାମୁଡ଼ିଲେ ଏହି ରୋଗ ହୁଏ। ଏଥିରେ ଅତ୍ୟଧିକ ମାତ୍ରାରେ ଜ୍ୱର, ଦେହ ଓ ଆଣ୍ଠୁ ଗଣ୍ଠି ବିନ୍ଧା, ବାନ୍ତି ଲାଗିବା ଲକ୍ଷଣ ଆଦି ଦେଖାଯାଏ। ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ରକ୍ତ ପରୀକ୍ଷା କରାଯାଇ ଚିକିତ୍ସା କରିବା ଆବଶ୍ୟକ। ପ୍ରତିକାର ସ୍ୱରୂପ ପରିବେଶ ସ୍ୱଚ୍ଛତା ରଖିବା, ଘରେ ମଶାରି ବ୍ୟବହାର କରିବା ସମ୍ପର୍କରେ ଡା. ସେନାପତି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବନଶ୍ରୀ ରାଉତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜ ଘର ଚତୁଃପାର୍ଶ୍ୱ ସଫା ରଖିବା ଏବଂ କୌଣସି ସ୍ଥାନରେ ପାଣି ଜମିବାକୁ ଦେବା ନାହିଁ ବୋଲି ମନ୍ତବ୍ୟ ରଖିଥିଲେ। ଅଧ୍ୟାପକ ଅପର୍ତ୍ତି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବସନ୍ତ ସାହୁ, ସୁକାନ୍ତ ସାମନ୍ତରାୟ, ଜୟକୃଷ୍ଣ ଶ୍ରୀଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରମୋଦ କୁମାର ଶୁକ୍ଳା ଧନ୍ୟବାଦ ଦେଇଥିଲେ।

## ଭୁଶୁଡ଼ିଲା ଦୟାନଦୀ ବନ୍ଧ, ଆତଙ୍କିତ ଅଧିବାସୀ

ଡେଲାଙ୍ଗ,୧୧।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ କଲ୍ୟାଣପୁର ପଞ୍ଚାୟତ ଅଧୀନ ନୂଆହାଟ ଗ୍ରାମ ନିକଟରେ ଦୟାନଦୀ ବନ୍ଧ ଭୁଶୁଡ଼ିବା ନେଇ ସ୍ଥାନୀୟ ଅଧିବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଡେଲାଙ୍ଗ ବ୍ଲକ ଦେଇ ପ୍ରବାହିତ ଦୟାନଦୀ ଏବେ ଲୋକଙ୍କ ଭୟର କାରଣ ପାଲଟିଛି। ସୂଚନା ଅନୁଯାୟୀ, ନୂଆହାଟ ସନ୍ନିକଟ ଦୟାନଦୀର ପୂର୍ବପାର୍ଶ୍ୱ ବନ୍ଧରୁ ମାଟି ଅତଡ଼ା ଖସି ଦବି ଯିବାରୁ ନଦୀବନ୍ଧ ଭାଙ୍ଗିବା ନେଇ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବନ୍ୟା ଆସିବା ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଦାବି କରିଛନ୍ତି। ଅନ୍ୟପଟେ ବନ୍ଧରେ ନୂତନ କଂକ୍ରିଟ କାର୍ଯ୍ୟ କରାଯିବା ପରେ ନୂଆ ମାଟି ପକାଯାଇଥିଲା। ବର୍ଷା ଯୋଗୁ ମାଟି ଅତଡ଼ା ଖସି ଯାଇଛି, ପୁନର୍ବାର ମାଟି ପକାଯାଇ ପଥର ପ୍ଲାଙ୍କ୍ କରାଯିବ ବୋଲି ସହକାରୀ ଯନ୍ତ୍ରୀ ତନୁଜ କିଶୋର ରାଉତ ସୂଚନା ଦେଇଛନ୍ତି। ସୂଚନା ଥାଉକି, ଏହି ସ୍ଥାନଟିରେ ପୂର୍ବରୁ ଅନେକ ଘଳିଆ ପଡ଼ିବାର ମଧ୍ୟ ନଜିର ରହିଛି। ଏହି ସ୍ଥାନଟି ଏକ ଢାଲୁ ଅଞ୍ଚଳ, ବନ୍ୟାଜଳ ପ୍ରବାହିତ ସମୟରେ ନଦୀ ପାଣିର ଶ୍ରୋତ ଏହି ସ୍ଥାନରେ ମାଡ଼ ହୋଇ ଗତି ପରିବର୍ତ୍ତନ କରିଥାଏ। ଯଦି ଠିକ୍ ଓ ସୁଚାରୁରୂପେ ଏହାକୁ ମରାମତି କରା ନ ଯାଏ, ତେବେ ଆଗାମୀ ଦିନରେ ବନ୍ୟାଜଳରେ ନଦୀବନ୍ଧ ଭାଙ୍ଗିବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ।

## ରେଳଧାରଣାରୁ ଉଠୁନି ପ୍ରାଣୀର ଗଳିତ ମୃତଦେହ



ନିରାକାରପୁର,୧୧।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଗେଟ୍ ବଜାରଠାରେ ଥିବା ରେଳଫାଟକ ନିକଟରେ ଗତ ୪ ଦିନ ହେଲା ରେଳଗାଡ଼ି ଧକ୍କାରେ ମରିଥିବା ଏକ ଗାଈଟିର ମୃତଦେହ ରେଳ ଧାରଣାରେ ପଡ଼ି ରହିଛି। ପ୍ରବଳ ବର୍ଷା, ଖରାରେ ଶବଟି ପଚି ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ଯିଏ ବି ସେହି ରାସ୍ତାରେ ଯାଉଛି, ନାକରେ ହାତ କିମ୍ବା ରୁମାଲ ନ ଦେଲେ ଯାଇ ପାରୁନାହିଁ। ବିଶେଷକରି ଗଳିତ ଶବ ପଡ଼ିଥିବା ନିକଟରେ ଜନବସତି ଥିବାରୁ ସେଠାକାର ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସେମାନେ ଘରର କବାଟ ଝରକା ବନ୍ଦ କରି ରହୁଛନ୍ତି। ନୂଆ ଜଗନ୍ନାଥ ସଡ଼କରେ ନିରାକାରପୁର ଦେଇ ପୁରୀକୁ ଯିବା ପାଖ ହେଉଥିବାରୁ ଅନେକ ଶ୍ରଦ୍ଧାଳୁ ଯାତାୟାତବେଳେ ନାକରେ ହାତ ଦେଇ

### ଦୁର୍ଗନ୍ଧରେ ଫାଟି ପଡୁଛି ଅଞ୍ଚଳ

ଯିବା ସହ ଏହାକୁ ନାପସନ୍ଦ କରିଛନ୍ତି। ଏନେଇ ଅଞ୍ଚଳର କେତେଜଣ ବ୍ୟକ୍ତି ପରିଚାଳକଙ୍କୁ ଅବଗତ କରେଇଥିଲେ ମଧ୍ୟ କୌଣସି କାର୍ଯ୍ୟ କରାଯାଇ ପାରୁନାହିଁ। ଫଳରେ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ରେଳ ବିଭାଗର ନିୟମ ରହିଛି, ଯେ କୌଣସି ଷ୍ଟେଶନ ଶାଖା ପରିଚାଳକଙ୍କ ଅଧୀନରେ ଯଦି ଏଭଳି ପଚା ଶବ ପଡ଼ିରହେ, କିମ୍ବା ଅଳିଆ ଆବର୍ଜନା ହୁଏ, ତେବେ ସେ ପରିଚାଳକ ତାଙ୍କ ଇମ୍‌ପ୍ରେସ୍ କ୍ୟାଶ୍ ଫଣ୍ଡରୁ ରଖାଯାଇଥିବା ଟଙ୍କା ବାହାର କରି ଏହାକୁ ସଫା କରିବା କଥା। କିନ୍ତୁ ଏହା କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ଏନେଇ ନିରାକାରପୁର ଷ୍ଟେଶନ ପରିଚାଳକ ସର୍ବେଶ୍ୱର ପରିଡ଼ାଙ୍କୁ ପଚାରିବାରେ, ସେ ଏନେଇ ପରେ କହିବେ ବୋଲି କହିଥିଲେ।

## ଚାରାରୋପଣ ଦ୍ୱାରା ପରିବେଶର ସୁରକ୍ଷା କରାଯାଇପାରିବ




ବେଗୁନିଆ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ।

ବେଗୁନିଆ,୧୧।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଏବଂ ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସବିତାଞ୍ଜଳି ସେନାପତି ଓ ଜାତୀୟ ସେବା ଯୋଜନା ଅଧିକାରିଣୀ ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ସହିତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଚାରାରୋପଣ କରିଥିଲେ। ଆମ ଜଙ୍ଗଲ ସମ୍ପଦ ଏବଂ ପରିବେଶର ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ କରିବା ଆଜି ଦିନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ବୋଲି ବିଧାୟକ ସାହୁ ମତପ୍ରକାଶ କରିଥିଲେ।

## ଓଡ଼ିଆ କବିତା ସାମାଜିକ ବାର୍ତ୍ତା ବହନକରେ

କୃଷ୍ଣପ୍ରସାଦ,୧୧।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗ୍ରାମରେ ମାନସିଂ ସାହିତ୍ୟ ସଂସଦର ୪୩ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବି ଭାଗ ନେଇଥିଲେ। ଓଡ଼ିଶା ସରକାରଙ୍କ ଜନଜାତି କଲ୍ୟାଣର ଯୁଗ୍ମ ସଚିବ ଡ. ମମତା ରାଣୀ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଓଡ଼ିଆ କବିତାରେ ଥିବା ସାମାଜିକ ଓ ମାନବୀୟ ମୂଲ୍ୟବୋଧ ବିଷୟରେ କହିଥିଲେ। ଉକ୍ତ ସଭାକୁ ଅନୁଷ୍ଠାନର ଉପଦେଷ୍ଟା ପ୍ରେମାନନ୍ଦ ବେହେରା ପରିଚାଳନା କରିଥିଲେ। ସମ୍ପାଦକ ଲଳିତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ କବିତାକୁ ଆକାଶବାଣୀ ଉଦ୍‌ଘୋଷିକା ରଶ୍ମିତା ଦଳାଇ ଏବଂ ସାହିତ୍ୟିକ ଉମାକାନ୍ତ ରାଉତ ସଂଯୋଜନା ସହ ସମୀକ୍ଷା କରିଥିଲେ। ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ ଆମେରିକାରୁ ଚନ୍ଦ୍ରା ମିଶ୍ର, ପ୍ରଫେସର ସରୋଜିନୀ ବରାଇ, ବିପିନ ବିହାରୀ ଦଳେଇ, ପୂର୍ଣ୍ଣଚନ୍ଦ୍ର ଜେନା, ବନବିହାରୀ ପଟ୍ଟନାୟକ, ବିଜୟ ମିଶ୍ର, ପ୍ରଦୀପ୍ତ ସାହୁ, ସୁଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଆସର ଅଗଷ୍ଟ ୧୦ରେ ହେବା ନେଇ ସମ୍ପାଦକ ଲଳିତ କୁମାର ସ୍ୱାଇଁ କହିଛନ୍ତି।

## ଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହଙ୍କ ଦର୍ଶନ ପାଇଁ ଭିଡ଼

ପୁରୀ,୧୧।୭(ଅଜିତ୍‌କୁମାର ମହାନ୍ତି)

ମାନବୀୟ ଲୀଳା କ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ନବଦିନାତ୍ମକ ରଥଯାତ୍ରାରେ ଯାଇ ଏବେ ଜନ୍ମବେଦି ଆଡ଼ପମଣ୍ଡପ ତଥା ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ମଙ୍ଗଳବାର ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ରଥରେ ଚାରମାଳ ବନ୍ଧା ହୋଇ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଯାଇ ସିଂହାସନରୁଢ ହେବା ପରେ ଅନ୍ୟାନ୍ୟ ନୀତି ବଢିଥିଲା। ବୁଧବାର ସକାଳୁ ଶ୍ରୀବିଗ୍ରହମାନେ ଭକ୍ତଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି। ଜନ୍ମବେଦିରେ ଦାରୁବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତଙ୍କ ଛୁଅ ଛୁଟିଥିବା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଦର୍ଶନ କରି ଓ ଆଡ଼ପ ଅବଢ଼ା ପାଇ ଭକ୍ତମାନେ କୃତାର୍ଥ ହେଉଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଗୁରୁବାର ପବିତ୍ର ହେରାପଞ୍ଚମୀ ତିଥିରେ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହଙ୍କୁ ହଜାର ହଜାର ଭକ୍ତ ଦର୍ଶନ କରି ଆତ୍ମତୃପ୍ତି ଲାଭ କରିଛନ୍ତି। ସକାଳୁ ଗୁଣ୍ଡିଚା ମନ୍ଦିରଠାରୁ ପ୍ରାୟ ବଡ଼ଶଙ୍ଖ ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ଭକ୍ତମାନେ ଅନେକ ସମୟ ଧାଡ଼ିରେ ଠିଆହୋଇ ବ୍ୟାରିକେଡ ଦେଇ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଦର୍ଶନ କରିବା ପରେ ଆନନ୍ଦ ବଜାର ହୋଇ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ଅପରପକ୍ଷରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି।

## ଅଗ୍ନିକାଣ୍ଡରେ ୬ ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ

ଗୋପ,୧୧।୭ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ମହଲପଡ଼ା ପଞ୍ଚାୟତ ବଡ଼ କୁନ୍ଦୁରା ଗାଁର ଜମ୍ବେଶ୍ୱର ବେହେରାଙ୍କ ଗୁହାଳରେ ବୁଧବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୬ ଗୃହପାଳିତ ପ୍ରାଣୀ ଜୀବନ୍ତ ଜଳିଯାଇଥିବା ଜଣାପଡ଼ିଛି। ଏହି ଗୃହପାଳିତ ପ୍ରାଣୀଙ୍କ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଗୋପ ଅଗ୍ନି ବିଭାଗ ଅଧିକାରୀ ବସନ୍ତ ପାତ୍ର କହିଛନ୍ତି।

ପ୍ରକାଶ ଯେ, ଜମ୍ବେଶ୍ୱର ପ୍ରତିଦିନ ପରି ଗୁହାଳ କାମ ସାରି ଘରକୁ ଆସିଥିଲେ। ଗୁହାଳରେ ତାଙ୍କର ୪ଟି ବଡ଼ ଗାଈ ସହିତ ୨ଟି ଛେଳି ରହିଥିଲେ। ରାତି ୨ଟା ପରେ ଗୁହାଳରେ ଲାଗିଥିବା ବିଦ୍ୟୁତ୍ ତାରରୁ ଶର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡ ବାବଦରେ ଗ୍ରାମବାସୀ ଗୋପ ଅଗ୍ନିଶମ ବିଭାଗକୁ ଜଣାଇ ଥିଲେ। ଗୋପ ଅଗ୍ନିଶମ ଅଧିକାରୀ ପାତ୍ରଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗୁହାଳରେ ବନ୍ଧା ହୋଇଥିବା ୬ ଗୃହପାଳିତ ପ୍ରାଣୀ ଜୀବନ୍ତ ଜଳି ଯାଇଥିଲେ। ଏନେଇ ସ୍ଥାନୀୟ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ତୁରନ୍ତ ସରକାରୀସ୍ତରରେ ସହାୟତା ରାଶି ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ବ୍ୟବଚ୍ଛେଦ ରିପୋର୍ଟ: ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ମୃତ

ଟାଙ୍ଗୀ-ଖୋର୍ଦ୍ଧା,୧୧।୭(ରଘୁନାଥ ସାହୁ)

ଟାଙ୍ଗୀ ରେଞ୍ଜ ଅଧୀନ ଡମଣଭୂଇଁ ଗ୍ରାମ ନିକଟରେ ଗତ ୮ ତାରିଖରେ ଏକ ଦନ୍ତାହାତୀର ମୃତଦେହ ମିଳିବା ଘଟଣାର ବ୍ୟବଚ୍ଛେଦ ରିପୋର୍ଟ ମିଳିଛି। ରିପୋର୍ଟ ଅନୁଯାୟୀ, ଫସଲ ସୁରକ୍ଷା ପାଇଁ ଘେରାଯାଇ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବିଦ୍ୟୁତ୍ ତା'ର ଘେରାଉ କରିଥିବା ୪ ଚାଷୀ ବିକ୍ରମ ଛୋଟରାୟ, କୃଷ୍ଣଚନ୍ଦ୍ର ଛୋଟରାୟ, ପ୍ରଦୀପ ଛୋଟରାୟ ଓ ପୂର୍ଣ୍ଣ ଛୋଟରାୟଙ୍କ ବିରୋଧରେ ବନ ବିଭାଗ ଓ ବେଆଇନ ବିଦ୍ୟୁତ୍ ସଂଯୋଗ ପାଇଁ ଜଙ୍କିଆ ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ୪ଟି ମକଦ୍ଦମା ରୁଜୁ କରାଯାଇଛି।

### ୪ ଜଣଙ୍କ ନାମରେ ମାମଲା ରୁଜୁ

ଏମାନେ ହାତୀ ଉପଦ୍ରବରୁ ଫସଲକୁ ରକ୍ଷା କରିବାକୁ ବାଡ଼ରେ ବେନିୟମ ଭାବେ ବିଦ୍ୟୁତ୍ ସଂଯୋଗ କରିଥିଲେ। ତେବେ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ଏସିଏଫ୍ ସ୍ୱାତୀ ମହାନ୍ତି, ଟାଙ୍ଗୀ ଅତିରିକ୍ତ ତହସିଲଦାର ନିରଞ୍ଜନ ବେହେରା, ଜଙ୍କିଆ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ, ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ, ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା, ଜଙ୍କିଆ ଥାନା ପୋଲିସ ପ୍ରମୁଖ ହାତୀ ମୃତଦେହ ମିଳିଥିବା ସ୍ଥାନରେ ପହଞ୍ଚି ତଦନ୍ତ କରିଥିଲେ। ଟାଙ୍ଗୀ ଓ ନିରାକାରପୁର ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ହାତୀ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା। ଚାଷୀଭାଇ ପରିଶ୍ରମ ସହିତ ଟଙ୍କା ବ୍ୟୟ କରି ବିଭିନ୍ନ ଚାଷ କରୁଥିବାବେଳେ ଅନେକ ସମୟରେ ହାତୀ ଫସଲକୁ ଖାଇବା ସହ ଦଳି ଚକଟି ନଷ୍ଟ କରୁଛନ୍ତି। ଫଳରେ ଚାଷୀ ରାଗରେ ଆସି ବିଭିନ୍ନ କୌଶଳ କରି ହାତୀକୁ ମାରିବାକୁ ପଛାଉ ନାହାନ୍ତି। ହାତୀର ସୁରକ୍ଷା ସହିତ ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ସରକାର ସ୍ଥାୟୀ ବ୍ୟବସ୍ଥା କରିବାକୁ ସାଧାରଣ ଦାବି ହେଉଛି। ଚାଷୀଙ୍କୁ ଫସଲ ସୁରକ୍ଷା ପାଇଁ ସୌରବାଡ଼ର ବ୍ୟବସ୍ଥା କରିବାକୁ ସରକାର ରିହାତିରେ ଯୋଗାଇଦେଲେ କୌଣସି ବନ୍ୟପ୍ରାଣୀର ମୃତ୍ୟୁ ହୁଅନ୍ତା ନାହିଁ। ଅନ୍ୟପକ୍ଷରେ ଚାଷୀଙ୍କ ଫସଲ ସୁରକ୍ଷା ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଟାଙ୍ଗୀ ପଞ୍ଚାୟତରେ ୬୦୦ ଚାରା ବଣ୍ଟନ

ଟାଙ୍ଗୀ-ଖୋର୍ଦ୍ଧା,୧୧।୭(ରଘୁନାଥ ସାହୁ)

ପ୍ରଧାନମନ୍ତ୍ରୀଙ୍କ 'ମା' ପାଇଁ ଗଛଟିଏ' ଆହ୍ୱାନକ୍ରମେ ଗୁରୁବାର ଟାଙ୍ଗୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କିଶୋର ବେହେରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଦସ୍ୟାଙ୍କୁ ଏହି ଆହ୍ୱାନ ସମ୍ପର୍କରେ ବୁଝାଇବା ସହ ଗଛ ଲଗାଇ ତା'ର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସମିତି ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଦନମୋହନ ସାହୁ, ବିପିଏମ୍, ଅତିରିକ୍ତ ଡାଟାଏଣ୍ଟ୍ରି ଅପରେଟରଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ୬୦୦ ଅଁଳା, ହରିଡ଼ା, ବାହାଡ଼ା, କଦମ୍ବ, ଅର୍ଜୁନ, ଜାମୁକୋଳି, ଅମୃତ ଭଣ୍ଡା, ସଜନା, ପିଜୁଳି, ଶାଗୁଆନ ଚାରା ବଣ୍ଟନ କରାଯାଇଥିଲା।



'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରା ବଣ୍ଟନ କରାଯାଉଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ




ନୂଆଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଅଲ୍ ଇଣ୍ଡିଆ କିଷାନ୍ ସଭା ମୁଖ୍ୟ ହନାମୋଲ୍ଲାଙ୍କ ସହ ଅନ୍ୟ କୃଷକ ନେତାମାନେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି। **(ଫଟୋ: ଚମନ ଗୌତମ)**

**ନୂଆଦିଲ୍ଲୀ, ୧୧।୭**

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)କୁ ଆଇନଗତ ଗ୍ୟାରେଣ୍ଟି, ଋଣ ଛାଡ଼ ସମେତ ବିଭିନ୍ନ ପୁରୁଣା ଦାବି ନେଇ ଚାଷୀମାନେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍କେଏମ୍) ଗୁରୁବାର ଘୋଷଣା କରିଛି। ସେମାନେ ପ୍ରଧାନମନ୍ତ୍ରୀ ଏବଂ ଲୋକ ସଭାର ବିରୋଧୀ ଦଳ ନେତାଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ। ୨୦୨୦-୨୧ କୃଷକ ଆନ୍ଦୋଳନର ନେତୃତ୍ୱ ନେଇଥିଲା ଏସ୍କେଏମ୍। ଏହାର ସାଧାରଣ ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ପୁଣିଥରେ ଚାଷୀ ଆନ୍ଦୋଳନ ଆରମ୍ଭ ହେବ। ୨୦୨୧ ଡିସେମ୍ବର ୯ରେ କେନ୍ଦ୍ର ସରକାର କୃଷକ ସଂଗଠନ ସହ କରିଥିବା ଚୁକ୍ତିନାମା ସ୍ୱାକ୍ଷର କରିବା ପାଇଁ ଦାବି କରାଯିବ। କୃଷକମାନଙ୍କ ଦାବିଗୁଡ଼ିକର ସଂଶୋଧିତ ଦସ୍ତାବିଜ ସମସ୍ତ ଏମ୍ପିଙ୍କୁ ଦିଆଯିବ। ଅଗଷ୍ଟ ୯ରେ ଏସ୍କେଏମ୍ ଭାରତ ଛାଡ଼ ଦିବସ ପାଳନ କରିବା ସହ କୃଷକମାନଙ୍କ ଦାବିକୁ ସମର୍ଥନ କରି ଦେଶବ୍ୟାପୀ ବିକ୍ଷୋଭ କରିବ ବୋଲି କହିଛି।

# ୧୧ ଏମ୍ଏଲ୍ସି ଆସନ ପାଇଁ ୧୨ ପ୍ରାର୍ଥୀ

## ମହାରାଷ୍ଟ୍ରରେ ରିସର୍ଟ ରାଜନୀତି

**ମୁମ୍ବାଇ, ୧୧।୭**

ମହାରାଷ୍ଟ୍ର ବିଧାନ ପରିଷଦର ୧୧ ଆସନ ପାଇଁ ଶୁକ୍ରବାର ଭୋଟଗ୍ରହଣ କରାଯିବ। ଏଥିଲାଗି ଘୋଡ଼ାବେପାର ଭୟରେ ରିସର୍ଟ ରାଜନୀତି ଜୋର୍ ଧରିଛି। ଉଭୟ ଶାସକ ଓ ବିରୋଧୀ ପକ୍ଷ କ୍ରସ୍ ଭୋଟିଂ ଆଶଙ୍କା କରି ନିଜ ନିଜ ବିଧାୟକମାନଙ୍କୁ ପଞ୍ଚତାରକା ହୋଟେଲରେ ରଖିଛନ୍ତି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ବର୍ତ୍ତମାନ ୨୭୪ ବିଧାୟକ ରହିଛନ୍ତି। ଅର୍ଥାତ୍ ପ୍ରତ୍ୟେକ ଏମ୍ଏଲ୍ସି ପ୍ରାର୍ଥୀଙ୍କୁ ନିର୍ବାଚିତ ହେବା ପାଇଁ ୨୩ ପ୍ରଥମ ପସନ୍ଦ ଆବଶ୍ୟକ। ଭାଜପା, ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଗୋଷ୍ଠୀ ଏବଂ ଅଜିତ ପାୱାରଙ୍କ ଏନ୍ସିପିକୁ ନେଇ ଗଠିତ ମହାଯୁତି (ଏନ୍ଡିଏର ଅଂଶ)କୁ ୨୦୧ ବିଧାୟକ ସମର୍ଥନ କରୁଛନ୍ତି। ମହାଯୁତି ପକ୍ଷରୁ ୯ ଏମ୍ଏଲ୍ସି ପ୍ରାର୍ଥୀ ଦିଆଯାଇଛି। ଅନ୍ୟପକ୍ଷରେ ଇଣ୍ଡିଆ ମେଣ୍ଟରେ ଥିବା ତଥା ଉଦ୍ଧବ ଠାକ୍ରେଙ୍କ ଶିବସେନା, ଶରଦ ପାୱାରଙ୍କ ଏନ୍ସିପି ଏବଂ କଂଗ୍ରେସକୁ ନେଇ ଗଠିତ ମହାବିକାଶ ଅଘାଡ଼ି (ଏମ୍ଭିଏ)କୁ ୬୭ ବିଧାୟକଙ୍କ ସମର୍ଥନ ରହିଛି। ଏହି ବିରୋଧୀ ପକ୍ଷ ନିଜ ସାମର୍ଥ୍ୟଠାରୁ ଜଣେ ଅଧିକ ଅର୍ଥାତ୍ ୩ ପ୍ରାର୍ଥୀ ଦେଇଥିବାରୁ କ୍ରସ୍ ଭୋଟିଂ ଆଶଙ୍କା ଉପୁଜିଲାଣି। ଜଣେ ସ୍ୱାଧୀନଙ୍କ ସମେତ ୬ ବିଧାୟକ କୌଣସି ପକ୍ଷକୁ ସମର୍ଥନ କରୁ ନ ଥିବାରୁ ଶୁକ୍ରବାର ମତଦାନ ବେଳେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କୁହାଯାଉଛି। ଲୋକ ସଭା ନିର୍ବାଚନରେ ବିରୋଧୀ ଏମ୍ଭିଏର ବଳବୃଦ୍ଧି ପରେ ଏହି ନିର୍ବାଚନକୁ ଆଗାମୀ ବିଧାନସଭା ଭୋଟ ପୂର୍ବରୁ ସେମିଫାଇନାଲ ବୋଲି କୁହାଯାଉଛି।

ପୂର୍ବାହ୍ନ ୯ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହେବ। ଏହାର ଘଣ୍ଟାଏ ପରେ ଭୋଟଗଣତି କରାଯାଇ ଫଳ ପ୍ରକାଶ ପାଇବ। ହାତରେ ସମୟ କମ୍ ଥିବାରୁ ସବୁ ଦଳ ନିଜ ନିଜ ବିଧାୟକମାନଙ୍କୁ ହୋଟେଲରେ ରଖି ଭୋଜିର ଆୟୋଜନ କରୁଛନ୍ତି। ବିରୋଧୀ ଦଳ ନେତା ବିଜୟ ୱାଡେତ୍ତିୱାର କଂଗ୍ରେସ ବିଧାୟକମାନଙ୍କୁ ମୁମ୍ବାଇର ଏକ ହୋଟେଲରେ ଡିନର ପାର୍ଟି ଦେଇଛନ୍ତି। ଏମ୍ଭିଏ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଦଳ ବିଧାୟକମାନଙ୍କ ପାଇଁ ହୁଇପ୍ ଜାରି କରିଛି। ଉଦ୍ଧବ ମଧ୍ୟ କେନ୍ଦ୍ରୀୟ ମୁମ୍ବାଇର ଏକ ପଞ୍ଚତାରକା ହୋଟେଲରେ ତାଙ୍କ ବିଧାୟକମାନଙ୍କ ସହ ଆଲୋଚନା କରୁଛନ୍ତି। ଅଜିତ ପାୱାରଙ୍କ ବିଧାୟକମାନେ ଏୟାରପୋର୍ଟ ନିକଟସ୍ଥ ଏକ ହୋଟେଲରେ ରାତ୍ରିଯାପନ କରିଥିବାବେଳେ ଶାସକ ଶିବସେନା ଗୋଷ୍ଠୀ ବିଧାୟକମାନେ ବାନ୍ଦ୍ରାସ୍ଥିତ ଏକ ହୋଟେଲରେ ଏକଜୁଟ୍ ହୋଇଛନ୍ତି।



ଏକନାଥ ଶିନ୍ଦେ



ଉଦ୍ଧବ ଠାକ୍ରେ

# ଭାରତରେ ସବୁଠୁ ବେଶି ଆତ୍ମହତ୍ୟା

## କେବଳ ୨୦୨୨ରେ ଆତ୍ମହତ୍ୟା କରିଛନ୍ତି ୧ ଲକ୍ଷ ୭୧ ହଜାର

**ନୂଆଦିଲ୍ଲୀ, ୧୧।୭**

ବିଶ୍ୱରେ ସର୍ବାଧିକ ଆତ୍ମହତ୍ୟା ଭାରତରେ ହେଉଛି। ୨୦୨୨ରେ ଭାରତର ୧ ଲକ୍ଷ ୭୧ ହଜାର ଲୋକ ଆତ୍ମହତ୍ୟା କରିଛନ୍ତି, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍ସିଆର୍ବି) ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଭାରତରେ ପ୍ରତି ୧ ଲକ୍ଷ ଜନସାଧାରଣରେ ଆତ୍ମହତ୍ୟା ହାର ୧୨.୪ ରହିଛି ଯାହା ସମଗ୍ର ବିଶ୍ୱରେ ସର୍ବାଧିକ। ତେବେ ଆତ୍ମହତ୍ୟା ଭାରତର ସବୁଠାରୁ ବଡ଼ ଜନସ୍ୱାସ୍ଥ୍ୟ ସଙ୍କଟ ହେବା ସହ ଏହା ଯୁବକମାନଙ୍କ ମୃତ୍ୟୁର ପ୍ରମୁଖ କାରଣ ହୋଇଥିବା 'ଏନ୍ସିଆର୍ବି'ର ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ଆତ୍ମହତ୍ୟା କରୁଥିବା ୫୦ରୁ ୯୦% ବ୍ୟକ୍ତି ଡିପ୍ରେସନ, ଚିନ୍ତା, ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଥାନ୍ତି ବୋଲି ଏହି ରିପୋର୍ଟ କହିଛି। ତେବେ ଡିପ୍ରେସନ ଦେଶରେ ବଢୁଥିବା ଆତ୍ମହତ୍ୟାର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି। ଡିପ୍ରେସନ ଏକ ମାନସିକ ରୋଗ ହୋଇଥିବାବେଳେ ଏହା ବଂଶାନୁକ୍ରମିକ ଭାବେ କେତେଜଣ ବ୍ୟକ୍ତିଙ୍କଠାରେ ଦେଖାଦେଇଥାଏ। ସେହିପରି କେତେକେ ଚାପରେ ପଡ଼ି ମଧ୍ୟ ଡିପ୍ରେସନର ଶିକାର ହୋଇଥାନ୍ତି। ସାଧାରଣତଃ ମାନସିକ ସ୍ତରରେ ଦୁର୍ବଳ ଥିବା ବ୍ୟକ୍ତି ବିଭିନ୍ନ କର୍ମକ୍ଷେତ୍ର ସମସ୍ୟା, ଆର୍ଥିକଜନିତ ସମସ୍ୟା, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା, ସମ୍ପର୍କୀୟଙ୍କୁ ହରାଇବା, ପ୍ରେମରେ ବିଫଳ ହେବା, ଏକାକୀ ରହିବା ଆଦି ଯୋଗୁ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥାନ୍ତି ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

# ସ୍ପାଇୱେର ଆଟାକ୍: ୯୮ ଦେଶର ଆଇଫୋନ୍ ୟୁଜର୍ସଙ୍କୁ ଆପଲ୍ର ଚେତାବନୀ

**ୱାଶିଂଟନ, ୧୧।୭**

ଭାରତ ସମେତ ୯୮ ଦେଶର ଆଇଫୋନ୍ ୟୁଜର୍ସଙ୍କୁ ଗୁରୁବାର ଟେକ୍ନୋଲୋଜି କମ୍ପାନୀ ଆପଲ୍ ପକ୍ଷରୁ ଚେତାବନୀ ଜାରି କରାଯାଇଛି। ପେଗାସସ୍ ଭଳି ନୂତନ ସ୍ପାଇୱେର ଆକ୍ରମଣ ନେଇ ଆପଲ ଏହି ଚେତାବନୀ ଦେଇଛି। ଆପଲ ପକ୍ଷରୁ କୁହାଯାଇଛି, ନୂତନ ସ୍ପାଇୱେର ଆକ୍ରମଣ ଦ୍ୱାରା ଆଇଫୋନ୍ ୟୁଜର୍ସଙ୍କୁ ଟାର୍ଗେଟ କରାଯାଇ ତାଙ୍କ ବ୍ୟକ୍ତିଗତ ତଥା ବୃତ୍ତିଗତ ତଥ୍ୟ ହାସଲ କରାଯିବ। ତେଣୁ ଏହି ଚେତାବନୀକୁ ଗମ୍ଭୀରତାର ସହ ନେବାକୁ ସମସ୍ତ ୟୁଜର୍ସଙ୍କୁ ଏହି ଆଇ ଫୋନ୍ ନିର୍ମାତା କମ୍ପାନୀ କହିଛି। ଗତବର୍ଷ ଅକ୍ଟୋବରରେ ମଧ୍ୟ ଭାରତୀୟ ଆଇଫୋନ୍ ୟୁଜର୍ସଙ୍କୁ ଆପଲ୍ ପକ୍ଷରୁ ଏହିପରି ଚେତାବନୀ ଜାରି ହୋଇଥିଲା।

# ସୁପ୍ରିମକୋର୍ଟରେ ନିଯୁକ୍ତି ପାଇଁ ୨ ହାଇକୋର୍ଟ ବିଚାରପତିଙ୍କ ନାଁ ସୁପାରିସ

**ନୂଆଦିଲ୍ଲୀ, ୧୧।୭**

ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ଗୁରୁବାର ୨ ଜଣ ହାଇକୋର୍ଟ ବିଚାରପତିଙ୍କୁ ସର୍ବୋଚ୍ଚ ଅଦାଲତକୁ ପଦୋନ୍ନତି ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ସେମାନେ ହେଲେ ଏନ୍. କୋଟିଶ୍ୱର ସିଂ ଏବଂ ଆର୍. ମହାଦେବନ। ଜଷ୍ଟିସ କୋଟିଶ୍ୱର ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟରେ ମୁଖ୍ୟ ବିଚାରପତି ଥିବାବେଳେ ମହାଦେବନ ମାଡ୍ରାସ ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅଛନ୍ତି। ଜଷ୍ଟିସ୍ କୋଟେଶ୍ୱର ମଣିପୁର ବାସିନ୍ଦା। କଲେଜିୟମ ସୁପାରିସକୁ କେନ୍ଦ୍ର ସରକାର ଗ୍ରହଣ କଲେ ସୁପ୍ରିମକୋର୍ଟରେ ମଣିପୁରରୁ ପ୍ରଥମ ବିଚାରପତି ଭାବେ ଜଷ୍ଟିସ୍ କୋଟେଶ୍ୱର ଯୋଗଦେବେ। ସର୍ବୋଚ୍ଚ ଅଦାଲତରେ ସିଜେଆଇଙ୍କୁ ୩୪ ବିଚାରପତି ରହିବା ବ୍ୟବସ୍ଥା ଥିବାବେଳେ ୨ ବିଚାରପତି ପଦବୀ ଖାଲି ପଡ଼ିଛି।

# ଆଜି ରାଧିକା, ଅନନ୍ତଙ୍କ ବିବାହ

**ମୁମ୍ବାଇ, ୧୧।୭**

ଏସିଆର ସବୁଠୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ଶୁକ୍ରବାର ତାଙ୍କ ବାଲ୍ୟ ବାନ୍ଧବୀ ରାଧିକା ମର୍ଚ୍ଚାଣ୍ଟଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଏହି ହାଇପ୍ରୋଫାଇଲ୍ ତଥା ବହୁପ୍ରତୀକ୍ଷିତ ମ୍ୟାରେଜ୍ ସେରେମନିରେ ଦେଶବିଦେଶର ବହୁ ସେଲିବ୍ରିଟି ସାମିଲ ହେଉଛନ୍ତି। ବିଦେଶୀ ଅତିଥିଙ୍କ ମଧ୍ୟରେ ରହିଛନ୍ତି ଆମେରିକୀୟ ଅଭିନେତ୍ରୀ କିମ୍ କାର୍ଦାଶିଆନ, ମଡେଲ ଖ୍ଲୋଇ କାର୍ଦାଶିଆନ, ବକ୍ସର ମାଇକ୍ ଟାଇସନ, ବ୍ରିଟେନ୍ର କେତେଜଣ ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ବିଶ୍ୱର ଅନେକ ବିଜିନେସ୍ ଟାଇକୁନ୍।

ନୀତା ଓ ମୁକେଶ ଅମ୍ବାନୀଙ୍କ ୨୯ ବର୍ଷୀୟ ପୁଅ ଅନନ୍ତ ଏବଂ ଗୁଜରାଟୀ ଶିଳ୍ପପତି ବୀରେନ୍ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକାଙ୍କ ବାହାଘର ପାଇଁ ଜୁନ୍ ୨୯ରୁ ଆଣ୍ଟିଲିଆ ଉତ୍ସବମୁଖର ହୋଇଛି। ଗତ ୯ରେ ଅମ୍ବାନୀ ପରିବାର ପକ୍ଷରୁ ଭାବୀ ଦମ୍ପତିଙ୍କ ଉଦ୍ଦେଶ୍ୟରେ ଗୁଜରାଟୀ ଗର୍ବା ନାଇଟ୍ ଇଭେଣ୍ଟର ଆୟୋଜନ କରାଯାଇଥିଲା। ମୁମ୍ବାଇସ୍ଥିତ ଜିଓ ୱାର୍ଲ୍ଡ କନ୍ଭେନ୍ସନ ସେଣ୍ଟରରେ ଆକର୍ଷଣୀୟ ସାଜସଜା କରାଯାଇଛି। ଶୁକ୍ରବାର ଶୁଭବିବାହ ଅନୁଷ୍ଠିତ ହେବା ପରେ ଶନିବାର ଶୁଭ ଆଶୀର୍ବାଦ ଏବଂ ରବିବାର ମଙ୍ଗଳ ଉତ୍ସବ (ରିସେପ୍ସନ) ଆୟୋଜିତ ହେବ। ଅତିଥି ତାଲିକାରେ ଉଭୟ ଭାରତୀୟ ଓ ଅନ୍ତର୍ଜାତୀୟ ସେଲିବ୍ରିଟି, ରାଜନେତା ଓ ଶିଳ୍ପପତି ରହିଛନ୍ତି। ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍ସନ ଓ ଟୋନି ବ୍ଲେୟାର, ଆମେରିକା ମାର୍କେଟର ପିଟର ଏଚ୍ ଡାଇମଣ୍ଡିସ୍, ଅଭିନେତା ଜେଫ୍ କୁନ୍ସ, ସେଲ୍ଫ ହେଲ୍ପ କୋଚ୍ ଜୟ ସେଟ୍ଟୀ, ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ଜନ୍ କେରି, କାନାଡାର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଷ୍ଟିଫେନ୍ ହାର୍ପର ବିବାହ ଉତ୍ସବରେ ସାମିଲ ହେବେ। ସେହିପରି



## ଅତିଥି ତାଲିକାରେ କିମ୍ କାର୍ଦାଶିଆନ, ମାଇକ୍ ଟାଇସନଙ୍କ ସମେତ ବହୁ ସେଲିବ୍ରିଟି

ବଲିଉଡ୍ ତାରକାମାନଙ୍କ ମଧ୍ୟ ସେଲିବ୍ରେଶନରେ ଗହଳି ଜମିବ। ଅଭିନେତା ଅମିତାଭ ବଚ୍ଚନ, ଆମିର ଖାନ୍, ସଲ୍ମାନ ଖାନ୍, ଶାହରୁଖ ଖାନ୍, ଅକ୍ଷୟ କୁମାର, ଅଭିନେତ୍ରୀ ଦୀପିକା ପାଦୁକୋନ୍, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଆଲିଆ ଭଟ୍ଟ, ଜାହ୍ନବୀ କପୁର, ସାରା ଅଲି ଖାନ୍ ସାମିଲ ହେବେ ବୋଲି ସୂତ୍ରରୁ ଜଣାପଡ଼ିଛି। ଉତ୍ସବରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ, ଏଚ୍ଏସ୍ବିସି ହୋଲ୍ଡିଂସ୍ ମୁଖ୍ୟ ମାର୍କ ଟୁକର, ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଚେୟାରମ୍ୟାନ୍ ଜେ ଲି, ସାଉଦି ଆରାମକୋ ସିଇଓ ଅମିନ ନାସେର, ବିପି ଚିଫ୍ ଏକ୍ଜିକ୍ୟୁଟିଭ୍ ମୁରି ଅଚିନକ୍ଲୋସ୍ ପ୍ରମୁଖଙ୍କ ସମେତ କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି ସାମିଲ ହେବାକୁ ଯାଉନ୍ତି। ୨୦୨୩ ଜାନୁଆରୀରେ ଅନନ୍ତ ଓ ରାଧିକାଙ୍କ ନିର୍ବନ୍ଧ ହୋଇଥିଲା। ଗତ ମାର୍ଚ୍ଚରୁ ଏହି ଯୋଡ଼ିଙ୍କ ପ୍ରି ୱେଡିଂ ସେରିମନି ଚାଲିଥିଲା। ଏହି ବ୍ୟୟବହୁଳ ବିବାହରେ ୩୨ କୋଟି ଡଲାର ଖର୍ଚ୍ଚ ହେବ ବୋଲି କୁହାଯାଉଛି।

**ପ୍ରଥମ ପୃଷ୍ଠାରୁ...**

## ରାଜ୍ୟରେ ଡେଙ୍ଗୁ...

ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ପ୍ରଧାନଶିକ୍ଷକମାନେ ପିଲାଙ୍କୁ ସଚେତନ କରିବାକୁ କୁହାଯାଇଛି। ହଷ୍ଟେଲରେ ମଶାରି ଟାଙ୍ଗି ଶୋଇବାକୁ ମଧ୍ୟ କୁହାଯାଇଛି। ସ୍କୁଲ ପାଖରେ ଯେଭଳି ପାଣି ନ ଜମେ, ଧୂଆଁ ଦିଆଯିବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ମାଥିଲିରେ ଝାଡ଼ାବାନ୍ତି...

ପରଖି ଓ କେମିତି ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବେ ସେ ନେଇ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଝାଡ଼ାବାନ୍ତି ବ୍ୟାପିବା ପ୍ରସଙ୍ଗରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରତିକ୍ରିୟା ରଖି କହିଛନ୍ତି, ୧୫ଜଣ ଲୋକ ଗୋଟିଏ ଗାଁରୁ ପ୍ରଭାବିତ ହୋଇଛନ୍ତି। ୭ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବ୍ଲକ ରାପିଡ୍ ରେସପନ୍ସ ଟିମ୍(ଆର୍ଆର୍ଟି) ଘଟଣାସ୍ଥଳକୁ ଯାଇ ଆଲର୍ଟ ରହିଛନ୍ତି। ଜିଲା ଆର୍ଆର୍ଟି ମଧ୍ୟ ଯାଇଛନ୍ତି। ପାଣି ଓ ଖାଦ୍ୟ ଦ୍ୱାରା ଝାଡ଼ାବାନ୍ତି ବ୍ୟାପୁଥିବାରୁ ସ୍ୱଚ୍ଛ ପାଣି ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ପାଣିର ମାନ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କ ମଧ୍ୟାହ୍ନଭୋଜନ ଯେଉଁଭଳି ସ୍ୱଚ୍ଛ ଓ ତା'ର ମାନ ଭଲ ରହିବ, ତାକୁ ଗୁରୁତ୍ୱ ଦିଆଯାଉଛି। ଆବଶ୍ୟକ ପଡ଼ିଲେ ସେଠାକୁ ରାଜ୍ୟସ୍ତରୀୟ ଟିମ୍ ମଧ୍ୟ ଘଟଣାସ୍ଥଳକୁ ପଠାଯିବ।

## ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ...

କରିଛି। ଭକ୍ତର ଭାବାବେଗକୁ ଗଭୀର ଆଘାତ ଦେଇଛି। ସରକାରଙ୍କ ଏଭଳି ଆଭିମୁଖ୍ୟ ଜଗନ୍ନାଥପ୍ରେମୀଙ୍କୁ ଆଶ୍ୱସ୍ତ କରିବାରେ ସମର୍ଥ ହେଲାନାହିଁ। ମୁଖ୍ୟମନ୍ତ୍ରୀ ନିଜେ ଏହାର ଦାୟିତ୍ୱ ନିଅନ୍ତୁ, ଏପରି ଅଘଟଣର ଯେପରି ପୁନରାବୃତ୍ତି ନ ଘଟିବ ତାହା ସୁନିଶ୍ଚିତ କରନ୍ତୁ ବୋଲି ନବୀନ କହିଛନ୍ତି। ନବୀନ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଅସ୍ମିତାର ପ୍ରତୀକ। ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ। ମହାପ୍ରଭୁଙ୍କ ରଥଯାତ୍ରାରେ ଭାଗ ନେବା ପାଇଁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀ ଆସି ପୁରୀ ଧାମରେ ସମ୍ମିଳିତ ହୋଇଥାନ୍ତି। ଏତଦ୍ବ୍ୟତୀତ ଟିଭି ଓ ସାମାଜିକ ଗଣମାଧ୍ୟମ ଜରିଆରେ ସାରା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀ ମହାପ୍ରଭୁଙ୍କର ଏହି ମାନବୀୟ ଲୀଳାକୁ ସଂଦର୍ଶନ କରି ଦିବ୍ୟ ଆନନ୍ଦ ଲାଭ କରିଥାନ୍ତି। ଚଳିତ ବର୍ଷ ଆଡ଼ପମଣ୍ଡପକୁ ବଡ଼ଠାକୁରଙ୍କ ପହଣ୍ଡିବେଳେ ଯେଉଁ ଅଘଟଣ ଘଟିଲା, ତାହା ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କୁ ଗଭୀର ଭାବରେ ବ୍ୟସ୍ତ କରିଛି। ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି। ଚାରମାଳରେ ପହଣ୍ଡି ସମୟରେ ବଡ଼ଠାକୁର ମୁହଁମାଡ଼ି ପଡ଼ିଯିବାର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟ ବିଦାରକ। ରଥଯାତ୍ରାର ହଜାର ହଜାର ବର୍ଷର ପରମ୍ପରାରେ ଏଭଳି ଘଟଣା କେବେ ଘଟି ନ ଥିଲା। ଏଭଳି ଅଘଟଣର ଯେଭଳି ପୁନରାବୃତ୍ତି ନ ଘଟିବ ତାହା ଆପଣ ସୁନିଶ୍ଚିତ କରିବେ। ମୋର ବିଶ୍ୱାସ ଏ ଦିଗରେ ଆପଣଙ୍କ ଦୃଷ୍ଟାନ୍ତମୂଳକ ପଦକ୍ଷେପ କୋଟି କୋଟି ଭକ୍ତଙ୍କୁ ଆଶ୍ୱସ୍ତ କରିବାରେ ସହାୟକ ହେବ ବୋଲି ନବୀନ କହିଛନ୍ତି। ଅନ୍ୟପକ୍ଷରେ କଟକ ଏମ୍ପି ଭର୍ତ୍ତୃହରି ମହତାବ ଘଟଣାକୁ ଦୁଃଖଦ ବୋଲି କହିଛନ୍ତି। ଏହାର ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଭର୍ତ୍ତୃହରି କହିଛନ୍ତି।

## ଆପଣଙ୍କ ପରାମର୍ଶ ସବୁବେଳେ...

ସନ୍ଧ୍ୟାରେ ନବୀନଙ୍କ ଚିଠିର ଉତ୍ତର ଦେବା ସହ ପରାମର୍ଶ ତାଙ୍କ ପାଇଁ ସବୁବେଳେ ସମ୍ମାନର ସହିତ ଗ୍ରହଣୀୟ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଜଗତର ନାଥ ଜଗନ୍ନାଥ କେବଳ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ନୁହନ୍ତି, ସେ ସାରା ଜଗତ ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ନାଥ ଅଟନ୍ତି। ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମିଳିତ ସମାହାର ଏବଂ ତାଙ୍କର ପୂଜନ ବିଧି ବ୍ୟବସ୍ଥା ସାରା ଜଗତରେ ବିରଳ। ଚଳିତ ବର୍ଷ ଆଡ଼ପ ମଣ୍ଡପକୁ ବଡ଼ଠାକୁରଙ୍କ ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା ସେଥିରେ ସାରା ଜଗତ ଦୁଃଖିତ। ତେଣୁ ଆପଣ ଏ ଘଟଣାରେ ମର୍ମାହତ ହେବା ସ୍ୱାଭାବିକ। ମୁଁ ମଧ୍ୟ ଗଭୀର ଭାବେ ମର୍ମାହତ। ଆଡ଼ପ ମଣ୍ଡପ ପହଣ୍ଡି ବିଜେ ସମୟରେ ହୋଇଥିବା ଅଘଟଣ ବିଷୟରେ ଜାଣିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତୁରନ୍ତ ପୁରୀ ଯିବାକୁ ନିର୍ଦ୍ଦେଶ ଦେବା ସହିତ ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନ ଘଟିବ ସେଥିପାଇଁ ଯତ୍ନବାନ ହେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଛି। ଏ ସମ୍ବନ୍ଧରେ ଆପଣ ମୋତେ ଲେଖିଥିବା ପତ୍ରକୁ ମୁଁ ଗୁରୁତ୍ୱର ସହ ପାଠ କରିଛି। ଆମେ ସମସ୍ତେ ମିଶି ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ସେବା ଓ ଶ୍ରୀଗୁଣ୍ଡିଚା ଯାତ୍ରା ଠିକ୍ ଭାବେ ସମ୍ପନ୍ନ କରିବା।

## ରାଜ୍ୟପାଳଙ୍କ ପୁଅଙ୍କ ନାଁରେ...

ବୈକୁଣ୍ଠନାଥ ବସିଥିବାବେଳେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ରୋଷେୟା ଆକାଶ ସିଂ ତାଙ୍କ ପାଖକୁ ଆସି ଲଳିତ କୁମାର ଡାକୁଥିବା କହିଥିଲେ। ଲଳିତଙ୍କୁ ଭେଟିବାକୁ ସେ ଯାଇଥିଲେ। କିନ୍ତୁ ତାଙ୍କୁ ଦେଖୁଦେଖୁ ଲଳିତ ଉତ୍କ୍ଷିପ୍ତ ହୋଇ ଆଶାଳୀନ ଭାଷାରେ ବଡ଼ ପାଟିରେ ଗାଳିଗୁଲଜ କରିଥିଲେ। ତାଙ୍କର ଏଭଳି ଆଚରଣକୁ ପ୍ରତିବାଦ କରିବାରୁ ଲଳିତ ତାଙ୍କୁ ଚାପୁଡ଼ା ମାରିବା ଆରମ୍ଭ କରିଥିଲେ। ନିଜକୁ ଅସହାୟ ମଣି ସେ ଉକ୍ତ ରୁମ୍ରୁ ଦୌଡ଼ି ପଳାଇ ଆସି ଆନେକ୍ସ ବିଲ୍ଡିଂରେ ଲୁଚି ରହିବାକୁ ଚେଷ୍ଟା କରିଥିଲେ। ମାତ୍ର ଲଳିତଙ୍କ ଦୁଇଜଣ ପିଏସ୍ଓ ତାଙ୍କୁ ଖୋଜି ପୁଣିଥରେ ଲଳିତଙ୍କ ପାଖକୁ ଟେକି ନେଇଯାଇଥିଲେ, ଆଉ ସେଠାରେ ତାଙ୍କ ମୁହଁକୁ ଚାପୁଡ଼ା ସହ ଶରୀରର ବିଭିନ୍ନ ଭାଗକୁ ଗୋଇଠା ମାରିଥିଲେ ଏବଂ ଲଳିତ ତାଙ୍କୁ ହତ୍ୟା ପାଇଁ ଧମକ ଦେବା ସହ କେହିବି ତାଙ୍କୁ ବଞ୍ଚାଇ ପାରିବେ ନାହିଁ ବୋଲି ଚେତାବନୀ ଦେଇଥିବା ବୈକୁଣ୍ଠନାଥ ଅଭିଯୋଗ କରିଛନ୍ତି। ତେଣୁ ଏ ସମସ୍ତ ଘଟଣା ପ୍ରତି ଦୃଷ୍ଟି ଦେଇ ତାଙ୍କୁ ନ୍ୟାୟ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବୈକୁଣ୍ଠନାଥ ଦାବି କରିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଲଳିତଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

**ରାଜ୍ୟ ଖବର**

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

**ଡେରାବିଶ, ୧୧।୭ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର ଫକୀରାବାଦ ଦଳିତସାହିରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଏକ ଦମ୍ପତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରାଯାଇଛି। ମୃତ ଦମ୍ପତି ହେଲେ ଗ୍ରାମର ଧରଣୀ ଜେନାଙ୍କ ସାନ ପୁଅ କାର୍ତ୍ତିକ ଜେନା(୨୫) ଓ ସ୍ତ୍ରୀ ପିଙ୍କି ଦାସ (୨୩)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ଛାନ୍ଭିନ୍ କରିଥିବା ବେଳେ କେଉଁ କାରଣରୁ ଦମ୍ପତି ଆତ୍ମହତ୍ୟା କରିଛନ୍ତି ସେ ନେଇ ଥାନାଧିକାରୀ କିଶୋର ଚନ୍ଦ୍ର ତରାଇ ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ହୋଇଥିବା ୨ଟି ଅଭିଯୋଗକୁ ଭିତ୍ତିକରି (ନଂ. ୧୧/୨୪ ଓ ୧୨/୨୪) ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ମୃତ କାର୍ତ୍ତିକ ୨ ବର୍ଷ ପୂର୍ବେ ଏହି ଥାନା ଅନ୍ତର୍ଗତ ଖମୋଳ ପଞ୍ଚାୟତ ଡାଳିଚି ଗ୍ରାମର ପିଙ୍କିଙ୍କୁ ପ୍ରେମ ବିବାହ କରିଥିଲେ। ପରେ କାର୍ତ୍ତିକ ଏକ ଦୁର୍ଘଟଣାର ଶିକାର ହୋଇ ଭିନ୍ନକ୍ଷମ ଅବସ୍ଥାରେ ଥିବାରୁ ବେରୋଜଗାର ହୋଇ ପରିବାର ଉପରେ ନିର୍ଭରଶୀଳ ଥିଲେ। ବୁଧବାର ରାତିରେ ସବୁଦିନ ପରି ଖାଇ ସାରିବା ପରେ ଉଭୟ କାର୍ତ୍ତିକ ଓ ପିଙ୍କି ନିଜ ଘରେ ଶୋଇବାକୁ ଯାଇଥିଲେ। ତେବେ ଗୁରୁବାର ସକାଳେ ତାଙ୍କ କୋଠରିର କବାଟ ଦୀର୍ଘ ସମୟ ଯାଏ ନ ଖୋଲିବାରୁ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ଆସିଥିଲା। କବାଟ ଭାଙ୍ଗିବା ପରେ ଉଭୟେ ବେକରେ ରଶି ଲଗାଇ ଘର ସଙ୍ଗାରେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଡେରାବିଶ ଥାନାକୁ ଖବର ଦେଇଥିଲେ। କେଉଁ କାରଣରୁ ଦମ୍ପତି ଆତ୍ମହତ୍ୟା କରିଛନ୍ତି ତାହାର ଅନୁସନ୍ଧାନ ପୋଲିସ ଚଳାଇଛି।

# ଅପହରଣର ୧୦ଦିନ ପରେ ଯୁବକ ଉଦ୍ଧାର

**ନୂଆପଡ଼ା, ୧୧।୭ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଜୋଙ୍କ ଥାନା ବୋଇରଭାଡି ଗାଁର ଜୟରାମ ନାଏକଙ୍କ ବଡପୁଅ ବୈକୁଣ୍ଠ (୩୨) ଅପହରଣର ୧୦ଦିନ ପରେ ଗୁରୁବାର ରାୟପୁରରୁ ଉଦ୍ଧାର ହୋଇଛନ୍ତି। ସୂଚନା ମୁତାବକ ୨ବର୍ଷ ତଳେ ଜୟରାମଙ୍କ ସାନ ପୁଅ ପବିତ୍ର ନାଏକ ଅନ୍ଲାଇନରେ ପ୍ରାୟ ୨ ଲକ୍ଷ ଟଙ୍କା ଋଣ କରିଥିଲେ। ସେଥିରୁ କିଛି ଟଙ୍କା ଶୁଝି ସାରିଥିଲେ। ଅବଶିଷ୍ଟ ଟଙ୍କା ଶୁଝିବା ପାଇଁ ଆପରୁ ବାରମ୍ବାର ଫୋନ କଲ ଆସିବାରୁ ସେ ବାପାଙ୍କ ଉପରେ ଚାପ ପକାଇଥିଲେ। ବାପା ଜମିବାଡି ବନ୍ଧା ପକାଇ ପବିତ୍ରଙ୍କୁ ଟଙ୍କା ଦେଇଥିଲେ। ପବିତ୍ର ଋଣଟଙ୍କା ଶୁଝି ଦେଇଥିବା ପରିବାର ଲୋକଙ୍କୁ କହିଥିଲେ। ହେଲେ ସେ ବାହାରେ ପଢୁଥିବାରୁ ଟଙ୍କା ଖର୍ଚ୍ଚ କରିଦେଇ ଋଣ ଶୁଝି ନ ଥିଲେ। ଏପରିସ୍ଥଳେ ଜୁଲାଇ ୨ରେ ବୈକୁଣ୍ଠଙ୍କୁ ଜଣେ ଅଜଣା ବ୍ୟକ୍ତି ଫୋନ କରିବାରୁ ସେ ତାଙ୍କ ସହ ବାଇକ୍ରେ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଫୋନ କରିଥିଲେ। କିନ୍ତୁ ବୈକୁଣ୍ଠ ମୋତେ କାର୍ରେ ଲୋକମାନେ ନେଇ ଯାଉଛନ୍ତି ବୋଲି କହିଥିଲେ। ପରିବାର ଲୋକେ ଏହାକୁ ହାଲୁକା ଭାବରେ ନେଇଥିଲେ। ପରେ ସାନଭାଇ ପବିତ୍ର ମୋବାଇଲରେ ସାଢେ ତିନି ଲକ୍ଷ ଟଙ୍କା ତୋ ଭାଇ ଆକାଉଣ୍ଟରେ ପଠାଇଲେ ଛାଡିଦେବୁ ବୋଲି ଫୋନ କଲ ଆସିଥିଲା। ପରିବାର ଲୋକ ବିଶ୍ୱାସକୁ ନେଇ ନ ପାରି ଟଙ୍କା ପଠାଇଲେ ନାହିଁ। ପରେ ଅପହରଣକାରୀ ବୈକୁଣ୍ଠଙ୍କୁ ମାଡ଼ ମାରି ପରିବାର ଲୋକଙ୍କୁ ଭୟଭୀତ କରିବା ପାଇଁ ଭିଡିଓ ପଠାଇଥିଲେ। ଭିଡିଓ ଦେଖିବା ପରେ ପରିବାର ଲୋକେ ଜୁଲାଇ ୬ରେ ଜୋଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ରାତ୍ରିରେ ଏକ ଘରେ ଦୁଇଜଣ ଯୁବକ ବୈକୁଣ୍ଠଙ୍କୁ ଜଗିଥିବାବେଳେ ଅନ୍ୟମାନେ କେଉଁଆଡେ ପଳାଇଥିଲେ। ସେହି ସମୟରେ ଦୁଇ ଜଗୁଆଳି ମଧ୍ୟରେ ଟଙ୍କା ଭାଗବଣ୍ଟା ନେଇ ଝଗଡ଼ା ହୋଇଥିଲା। ଏହାରି ସୁଯୋଗରେ ବୈକୁଣ୍ଠ ସେଠାରୁ ଖସିଆସିଥିଲେ। କିଛିବାଟ ଯାଇ ସେ ନାଗପୁର ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ସେ ଏକ ହୋଟେଲକୁ ଯାଇ ସବୁକଥା କହିଲା ପରେ ହୋଟେଲ ମାଲିକ ମୋବାଇଲ ଦେଇ ପରିବାର ସହ କଥା ହେବାକୁ କହିଥିଲେ। ବୈକୁଣ୍ଠ ପରିବାର ଲୋକ ସହ କଥା ହୋଇ ୫ଶହ ଟଙ୍କା ପଠାଇବାକୁ କହିଥିଲେ। ଗୁରୁବାର ସକାଳେ ସେ ଟ୍ରେନ୍ ଯୋଗେ ରାୟପୁର ଆସି ଏକ ଠେଲାବାଲା ମୋବାଇଲରେ ଫୋନ କରି ଘରକୁ ଜଣାଇଥିଲେ। ରାୟପୁର ଷ୍ଟେଶନ ଅଞ୍ଚଳରେ ରହୁଥିବା ତାଙ୍କ ମାମୁ ବଳରାମ ନାଏକ ବୈକୁଣ୍ଠଙ୍କୁ ନେଇ ଘରେ ରଖିଥିଲେ। ଏହି ଖବର ପାଇ ଜୋଙ୍କ ପୋଲିସ ଯାଇ ତାଙ୍କୁ ସାଙ୍ଗରେ ଧରି ଫେରୁଛନ୍ତି ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଆଇଆଇସି ଗୁରୁଦେବ କର୍ମୀଙ୍କୁ ପଚାରିବାରୁ ଉଦ୍ଧାର କାର୍ଯ୍ୟରେ ଅଛୁ। ପହଞ୍ଚିଲା ପରେ କିଏ ଓ କାହିଁକି ଅପହରଣ କରିଥିଲେ ସବୁ ତଥ୍ୟ ଦିଆଯିବ ବୋଲି କହିଛନ୍ତି।

# ମଣ୍ଡିରେ ଚାଷୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଅ: ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର,୧୧।୭(ଅନିଲ ଦାସ)



ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ ଯେପରି ସମସ୍ତ ଚାଷୀ ଧାନ ବିକ୍ରି କରିପାରିବେ ଏବଂ ମଣ୍ଡିକୁ ଧାନ ଆଣୁଥିବା ଚାଷୀ ଯେପରି ହଇରାଣ ହରକତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଖରିଫ ଋତୁରେ ଧାନକ୍ରୟ ନେଇ ଗୁରୁବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମନ୍ତ୍ରୀ ରାଜ୍ୟରେ ଥିବା ମଣ୍ଡି ଏବଂ ଧାନକ୍ରୟ ସମ୍ପର୍କିତ ପ୍ରଚଳିତ ବ୍ୟବସ୍ଥା ବିଷୟରେ ଅଧିକାରୀମାନଙ୍କଠାରୁ ପଚାରି ବୁଝିଛନ୍ତି। ପ୍ରତ୍ୟେକ ମଣ୍ଡି ସାଙ୍ଗରେ ଗୋଟିଏ କିମ୍ବା ଦୁଇଟି ମିଲର୍‌ଙ୍କୁ ସଂଯୋଗ କରି ସେମାନଙ୍କ ଗାଡ଼ି ଠିକ୍ ସମୟରେ ମଣ୍ଡିରେ ପହଞ୍ଚିବା ଏବଂ ଠିକ୍ ସମୟରେ ଧାନ ଉଠିବା ନେଇ ସୁନିଶ୍ଚିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କ ପରାମର୍ଶ ଦେଇଛନ୍ତି। ଯେହେତୁ ସମବାୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଧାନ କ୍ରୟରେ ଜଡ଼ିତ, ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ ରକ୍ଷାକରି ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ଏବଂ ମଣ୍ଡିରେ ଚାଷୀ ଯେପରି ସମସ୍ତ ମୌଳିକ ସୁବିଧା ପାଇପାରିବେ ସେଥିନେଇ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସାକ୍ସେନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁଦାମ ଚରଣ ମଣ୍ଡଳ, ସମବାୟ ସମିତି ସମୂହର ନିବନ୍ଧକ ଲିଙ୍ଗରାଜ ପଣ୍ଡା ଉପସ୍ଥିତ ଥିଲେ।

# ଗଜପତି ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର ଦାସଙ୍କ ବିୟୋଗରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ଶୋକ

ଭୁବନେଶ୍ୱର,୧୧।୭(ଅନିଲ ଦାସ)

ଗଜପତି ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସଙ୍କ ବିୟୋଗରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଗଭୀର ଶୋକପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ସେ କହିଛନ୍ତି, ଜଣେ ନିଷ୍ଠାପର, ଦାୟିତ୍ୱସମ୍ପନ୍ନ ଏବଂ କର୍ମଠ ଅଧିକାରୀ ଭାବେ ସୁଖ୍ୟାତି ଅର୍ଜନ କରିଥିବା ସ୍ୱର୍ଗତ ଦାସଙ୍କ ଅକସ୍ମାତ ବିୟୋଗରେ ସେ ଗଭୀର ମର୍ମାହତ। ଜଣେ ସାହିତ୍ୟିକ, ଗାଳ୍ପିକ ତଥା ସଙ୍ଗୀତ ସାଧକ ଭାବେ ସୁନାମ ଅର୍ଜନ କରିଥିବା ସ୍ୱର୍ଗତ ଦାସ ଜଗନ୍ନାଥଙ୍କର ଜଣେ ବଡ଼ ଭକ୍ତ ଥିଲେ। ନିଜର କାର୍ଯ୍ୟଦକ୍ଷତା ଓ ଅମାୟିକ ବ୍ୟବହାର ଯୋଗୁ ସେ କର୍ମଚାରୀ ମହଲରେ ପ୍ରିୟ ଥିଲେ। ଦାସଙ୍କ ବିୟୋଗ ତାଙ୍କ ପାଇଁ ବ୍ୟକ୍ତିଗତ ସ୍ତରରେ ବଡ଼ କ୍ଷତି ବୋଲି ସରୋଜ କହିଛନ୍ତି।

# କ୍ରୀଡ଼ା ଓ ଯୁବସେବା ବିଭାଗର ଦାୟିତ୍ୱ ନେଲେ ଭାସ୍କର ଜ୍ୟୋତି ଶର୍ମା

## ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ କଲେ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର,୧୧।୭(ଅନିଲ ଦାସ)

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଭାସ୍କର ଜ୍ୟୋତି ଶର୍ମା ଗୁରୁବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ନିଷ୍ଠାର ସହ କାର୍ଯ୍ୟକରି ସରକାର ଓ କ୍ରୀଡ଼ାବିତ୍‌ମାନଙ୍କର ପ୍ରିୟଭାଜନ ହେବା ପାଇଁ ମନ୍ତ୍ରୀ ପ୍ରମୁଖ ଶାସନ ସଚିବଙ୍କୁ ପରାମର୍ଶ ଦେଇଛନ୍ତି ।

ପ୍ରମୁଖ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କ ସହିତ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ବିଭାଗକୁ କିପରି ଅଧିକ କ୍ରିୟାଶୀଳ କରି ରାଜ୍ୟର ତୃଣମୂଳ ସ୍ତରର ଯୁବ ପ୍ରତିଭାମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ପ୍ରମୁଖ ଶାସନ ସଚିବ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜିମ୍ନାଷ୍ଟିକ୍ ଏବଂ ଆକ୍ୱାଟିକ୍ ସେଣ୍ଟର ବୁଲି ଦେଖିବା ସହ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ।


## ବ୍ରହ୍ମପୁର ମହାନଗର ନିଗମ

ବିଜ୍ଞାପନ ସଂଖ୍ୟା 5960 ତାରିଖ 11.07.2024

**ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ ନିବିଦାପତ୍ର**

**No.C-194:** ଏତଦ୍ଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ମହାସଂଘମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା ଆଶ୍ରୟସ୍ଥଳୀର ପରିଚାଳନା ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଅଛି । ତେଣୁ ଇଚ୍ଛୁକ ଏବଂ ଦକ୍ଷ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ/ ଆଞ୍ଚଳିକସ୍ତରୀୟ ମହାସଂଘମାନେ ତା.11.07.2024 ରିଖଠାରୁ ତା.26.07.2024 ରିଖ (ଅପରାହ୍ନ 4.00 ଘଟିକା) ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ/ମୁଦା ଲଫାପା ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଦାଖଲ କରିବାକୁ ଆବେଦନ କରାଗଲା ।

ଆବେଦନ କରାଯାଇଥିବା ପ୍ରସ୍ତାବ ତା.29.07.2024 ରିଖ ଅପରାହ୍ନ ୪.୩୦ ମି. ସମୟରେ ଖୋଲାଯିବ ।

ବ୍ରହ୍ମପୁର ମହାନଗର ନିଗମର www.berhampur.gov.in ୱେବସାଇଟ୍‌ରେ ଆବେଦନର ସମସ୍ତ ତଥ୍ୟ ପାଇପାରିବେ ।

ଏହି ବିଜ୍ଞାପନ ଯେକୌଣସି ସମୟରେ ଆୟୁକ୍ତଙ୍କ ଦ୍ୱାରା ଗ୍ରହଣ କରାଯାଇପାରିବ ଏବଂ ଏହାକୁ ପ୍ରତ୍ୟାଖ୍ୟାନ ମଧ୍ୟ କରାଯାଇପାରିବ ।

ସ୍ୱା./–ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

OIPR-13035/11/0004/2425

## ODISHA HYDRO POWER CORPORATION LIMITED

Balimela Hydro Electric Project, Post : Balimela, Dist : Malkangiri (Odisha); Pin : 764051
Phone Nos. - 06861 - 291058(0) / 06861-291048(R)
E-mail : unit.head_balimela@yahoo.com, bhep.balimela@gmail.com
REGD. OFFICE : ODISHA HYDRO POWER CORPORATION LIMITED
Odisha State Police, Housing & Welfare Corporation Building, Vanivihar Chouk. Janapath, Bhubaneswar-22
Tel : 91-0674-2542983, 2542802, 2545526, 2542826, Fax : 254102, TELEGRAM : Hydropower,
E-Mail : ohpc.co@gmail.com/md@ohpcltd.com, Web : www.ohpcltd.com
CIN : U40101OR1995SGC003963

**Tender Call Notice No : BHEP-08/2024-25; Dated-10.07.2024**

No.CAD-527 : Sealed tenders are invited in two parts from the Contractor/Firm/Agency having valid IT PAN, GST Registration Certificate with minimum qualifying eligibility criteria as per Tender Specification for the following work.

| Sl. No. | Description of Work | Cost of Tender Paper |
|---|---|---|
| 1 | "Hiring of AMC Services for Electrical maintenance of (4x60 + 2x75) MW Balimela Hydro-Electric Project with assignments ranging from Protection & Control of Units, Feeders, Valve House, auxiliaries, Aux. Transformers, switchgears, New switch House, Illumination System at Switchyard, Relay/ Control Panels, Battery Bank, Chargers, DC Distribution System, Station auxiliary System and Maintenance of 220 KV Switchyard, Cleaning of Grass and bushes inside the switchyard & attending major breakdown of 220 KV Switchyard, BHEP, Balimela for a period of one year". | Rs. 11800/- (Rs. 10,000/- + GST @18%) (Non-Refundable) |

The Sale/download of Tender Paper will be from : Dtd. 16.07.2024 to 12:00 Hrs. on dtd. 01.08.2024
The last date & time of receipt of tender : Up to 12:30 Hrs. on dtd. 01.08.2024
The date and time of opening of technical bid of tender : At 13:00 Hrs. on dtd. 01.08.2024
The due date and time of opening of Price bid will be intimated later on to the Technically qualified bidders.
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

Sd./- C&P Head
BHEP, Balimela

OIPR-04019/11/0011/2425



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No.RDM-LAA-MBJ-0014-2024-20169/ R&DM, Dated: 28 June 2024

No.XXI-23: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳଭଣ୍ଡାର ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଝାଡ଼ଗାଁ (ଅତିରିକ୍ତ), ଥାନା: ବହଳଦା ନଂ. ୭, ତହସିଲ: ବହଳଦା, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧.୪୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳଭଣ୍ଡାର ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ଦେଉଳି କେନାଲ ଡିଭିଜନ ନଂ.–୨, ଦେଉଳି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବହଳଦା | ଝାଡ଼ଗାଁ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୧.୭୮ | ଏ. ୧.୪୨ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା.:/– (ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା: ୧୪୩/୨୦୨୩
ଏ.୧.୪୨ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳଭଣ୍ଡାର ନିମନ୍ତେ
ମୌଜା– ଝାଡ଼ଗାଁ (ଅତିରିକ୍ତ), ଥାନା: ବହଳଦା, ନଂ.–୭, ତହସିଲ: ବହଳଦା, ଜିଲ୍ଲା: ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୪୦/ ୨୩୧ | ୭୦ | ୦.୧୭ | ୦.୧୭ | ଶାରଦ ଦୁଇ | ଜଗଦିଶ ମିଶ୍ର, ପି.: ପରମାନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୪୦/ ୩୩ | ୫୬/ ୧୭୮୨ | ୦.୬୯ | ୦.୬୯ | ଆଶୁ | ଚିନ୍ତାମଣି ମାର୍ଣ୍ଡି, ପି.: ଆନିପା ମାର୍ଣ୍ଡି, ଧନଞ୍ଜୟ ମାର୍ଣ୍ଡି, ପି.: ଚିନ୍ତାମଣି ମାର୍ଣ୍ଡି, ଜା: ସାନ୍ତାଳ, ବା: ଭଗାବନ୍ଦି, ଥାନା: ତିରିଙ୍ଗ |
| ୧୪୦/ ୩୮୫ | ୭୫ | ୦.୪୨ | ୦.୪୨ | ଆଶୁ | ଗୀତାରାଣୀ ମହାପାତ୍ର, ସ୍ୱା.: ମୁକୁନ୍ଦ ମାଧବ ମାହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୪୦/ ୧୧୨ | ୮୩/ ୧୭୨୪ | ୦.୫୦ | ୦.୧୪ | ଡାହି ଦୁଇ | ରଘୁନାଥ ପାଲେୟା, ପି.: ପଦାଙ୍ଗ ପାଲେୟା, ଜା: କୋହ୍ଲ, ବା: ହେଁସାଓଡ୍ଡ ହାଲ ବା: ଝାଡ଼ଗାଁ |
| ମୋଟ | ୪ ପ୍ଲଟକୁ | ଏ. ୧.୭୮ ଡେ.ମି. | ଏ. ୧.୪୨ ଡେ.ମି. | | |

Sd./- Zone Officer-cum-L.A. Collector , LA, S.I.P., Laxmiposi Baripada

Sd./- Spl. Land Acquisition Officer SIP Baripada

OIPR-24001/14/0070/2425



## The Odisha Agro Industries Corporation Limited

(A Government of Odisha Undertaking)
95, Satyanagar, Bhubaneswar - 7
Bid Identification No. MD/OAIC-44 (Tech.)/2024-25

No. CAD-531 : Offers are invited for Empanelment in OAIC from Manufactures / Source Company for supply of Agricultural Machinery / Implements (except tractors) having SLTC approval and valid SLA for supply at various destinations throughout the State.

The EOI documents can be downloaded from our website www. orissaagro@nic.in. The required documents along with the EOI paper cost of Rs. 1180/- (inclusive of GST) have to be submitted in sealed cover in the drop box placed at OAIC Ltd., 95, Satyanagar, Bhubaneswar as per the EOI from Dt. 12.07.2024 to Dt. 25.07.2024. The EOI received after Dt. 25.07.2024 and/or incomplete EOI will be rejected. The authority reserves the right to accept or reject any or all offers without assigning any reasonthereof.

Sd./- Director A&FP and Managing Director
Odisha Agro Industries Corporation Ltd., Bhubaneswar

OIPR-01047/11/0022/2425

## ODISHA MINING CORPORATION LIMITED

OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

No. CAD-

**NIT No.28/OMC/CIVIL/2024**

Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (In lakh) | Time period of the work (in month) | Class of Contractor | EMD online (In Rupees) | Cost of Bid document (Rs.) |
|---|---|---|---|---|---|---|
| 1 | Interior Renovation work to Office Building of OMC Campus-II (Old SEBI area, 03 nos of Office spaces of First Floor and entire Second Floor area) at Unit-II, Ashok Nagar, Bhubaneswar. | 347.19 | 06 (Six) | A | 3,47,200/- | 10,000/- +18% GST |
| 2 | Construction of two blocks of Security Barrack (G+3) at Jhilling Mines of Barbil Region in the district of Keonjhar. | 675.13 | 14 (Fourteen) | A & Special | 6,75,200/- | 10,000/- +18% GST |
| 3 | Construction of two blocks of Security Barrack (G+3) at Guali Mines of Barbil Region in the district of Keonjhar. | 680.76 | 14 (Fourteen) | A & Special | 6,80,800/- | 10,000/- +18% GST |

1. Availability of Bid document in Govt. portal from dt. 23/07/2024 to 06/08/2024 upto 5.00 PM.
2. Last date of on-line submission of tender in the portal is dt.06/08/2024 up to 5.00 PM.
3. Date of opening of Technical Bid is dt. 07/08/2024 at 11.00 AM.

All other details can be seen from bid documents available at Govt. website : www.tendersodisha.gov.in.
Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0047/2425 Sd./- General Manager (Civil)

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894
Tel : 0674-2395391, Fax No. : 0674-2395291, website : www.oscsc.in
OSCSC-ESTT-ESTT-0021-2024 No. 8060 Dated : 10.07.2024

**Notice for Cancellation of Short Tender Call Notice**

No. CAD-526 : The tender received vide No. 7045 dated 19.06.2024 for supply of Office Article / Stationeries etc. for official use in OSCSC Ltd, Head Office is hereby cancelled.

OIPR-07002/11/0004/2425 Sd./- General Manager (Admn.)

## idco | ODISHA NEW OPPORTUNITIES

No.CAD-533

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR - 751022**

Tender Call Notice No. IDCO : H.O./P&C/EST/E - 1490/03/2024/20182, Dated : 11.07.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Construction of Internal Road and Hume Pipe Culvert at Kangula Industrial Estate (Phase-II), Odisha.
2. Estimated Cost : Rs. 63.94 lakh
3. Period of Completion : 03 (Three) Calender Months.
4. Other details :

| Procurement Officer | Bid ID / Tender reference No. | Availability of Tender on-line for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender Reference No. P&C/EST/E - 09 / 2024-25. | 19.07.2024 at 17.00 Hrs. | 02.08.2024 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C), IDCO, Bhubaneswar.

OIPR-14003/11/0018/2425

## NOTICE INVITING TENDER

No.C-192

**OFFICE OF THE NOTIFIED AREA COUNCIL, RANPUR**
NAYAGARH (ODISHA). PIN - 752026
e-Mail : eoranpurnac.ranpur@gmail.com
Tender Call Notice No. 1860 dt. 11.07.2024
E-Procurement Notice No. : **RNP NAC-01/2024-25**

| | | | |
|---|---|---|---|
| 1 | Name of the Work | : | Individual Civil Construction as per DTCN |
| 2 | No. of Works | : | **01** No. |
| 3 | Value of Work | : | 68.65 Lakhs |
| 4 | Class of Contractor | : | 'B' |
| 5 | Period of Completion | : | **120** Days |
| 6 | Date of Publication | : | **13.07.2024** |
| 7 | Date and Time of availability of document in the portal | : | From **Dt. 13.07.2024 at 11 AM** to **Dt. 25.07.2024** up to **5 PM**. |
| 8 | Last Date / Time for receipt of bids in portal | : | **Dt. 25.07.2024** up to **5 PM**. |
| 9 | Date and Time of opening of Technical Bid | : | **Dt. 26.07.2024 at 11.30 AM** |
| 10 | Date and Time of opening of Financial Bid | : | **Intimation will be given through Email** |
| | Name and address of the officer inviting bid | : | Sd./- Executive Officer, NAC Ranpur |

Further details can be seen from e-Procurement portal **https://tendersodisha.gov.in**

OIPR-13196/11/0002/2425



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
(ଭୂ–ଅର୍ଜନ ଉପ ବିଭାଗ)
### ଘୋଷଣା

ବିଜ୍ଞପ୍ତି ସଂଖ୍ୟା: **703** ତାରିଖ: **26.06.2024**, ଜିଲ୍ଲା: ସୁନ୍ଦରଗଡ଼

No. VII-01: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R, Act-2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମିଟକୁନ୍ଦରି, ଥାନା: ବିଶ୍ରା, ତହସିଲ: ବିରମିତ୍ରପୁର, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ସୂଚୀତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଦେଓ ନଦୀ ଉପରେ ଏଚ୍.ଏଲ୍. ପୋଲର ପାର୍ଶ୍ୱ ରାସ୍ତା ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R, Act-2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୬୦ ତା:୨୨।୦୯।୨୦୨୩ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମିଟକୁନ୍ଦରି, ଥାନା: ବିଶ୍ରା, ତହସିଲ: ବିରମିତ୍ରପୁର, ଜିଲ୍ଲା: ସୁନ୍ଦରଗଡ଼ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ସୁନ୍ଦରଗଡ଼, ତହସିଲ: ବିରମିତ୍ରପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମିଟକୁନ୍ଦରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | | | | | |

**ସମ୍ପୂର୍ଣ୍ଣ ଭୂମିର ତଫସିଲ (ମୌଜା: ମିଟକୁନ୍ଦରି)**

| କ୍ର.ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏ.ଡି.) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏ.ଡି.) |
|---|---|---|---|---|---|---|
| ୧ | ୮ | ମାଙ୍ଗୁ ଭୂମିଜ, ସବରନ ଭୂମିଜ, ପି.: ହରି ସିଂ ଭୂମିଜ, ସନ୍ତୁ ଭୂମିଜ, ସମା ଭୂମିଜ, ପି.: ବୁଧୁ ଭୂମିଜ, ଜା: ଭୂମିଜ, ବା: ନିଜଗାଁ | ୩ | ବେ.ସା. | ୦.୮୬ | ୦.୨୭ |
| | | | ମୋଟ | ୧ ପ୍ଲଟ | ୦.୮୬ | ୦.୨୭ |

**ତଫସିଲ – ଖ**
**(ପୁନର୍ବାସ ନିମନ୍ତେ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ସୁନ୍ଦରଗଡ଼, ତହସିଲ: ବିରମିତ୍ରପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୨।୦୯।୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଡ. ଗାଭାଲି ପରାଗ ହର୍ଷଦ
ଜିଲ୍ଲାପାଳ, ସୁନ୍ଦରଗଡ଼

OIPR-24340/14/0001/2425

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
(ଭୂ–ଅର୍ଜନ ଉପବିଭାଗ)
### ଅଧିସୂଚନା
(ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧))

ବିଜ୍ଞପ୍ତି ସଂଖ୍ୟା: **800** ତାରିଖ: **03.07.2024**, ସୁନ୍ଦରଗଡ଼

No. VII-02: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତୁତୁଙ୍ଗ ନାଳ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ ନିମନ୍ତେ ମୌଜା: ବାଲିଶଙ୍କରା, ଥାନା: ତଲସରା, ତହସିଲ: ବାଲିଶଙ୍କରା, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ତଫସିଲମତେ ପ୍ରାୟ ୦.୩୯୨ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତୁତୁଙ୍ଗ ନାଳ ଉପରେ ଉଚ୍ଚ ପୋଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ ବିଭାଜନ), ସୁନ୍ଦରଗଡ଼।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଏଥି ସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ବାଲିଶଙ୍କରା | ବାଲିଶଙ୍କରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୩୯୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, ସୁନ୍ଦରଗଡ଼

**ଖତିୟାନ କପି**

**ମୌଜା: ବାଲିଶଙ୍କରା, ଥାନା: ତଲସରା, ତହସିଲ: ବାଲିଶଙ୍କରା, ଜିଲ୍ଲା: ସୁନ୍ଦରଗଡ଼**

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୧୪ | ୧୦୫୯ | ଆଡ଼ି | ୦.୧୫ | ୦.୦୪୭ | ବୈରାଗି ତନ୍ତି, ସତ୍ୟବତି ତନ୍ତି, ପି. ; ଧନି ଗଣ୍ଡା, ରମେଶ ତନ୍ତି, ଅରୁଣା ତନ୍ତି ପି.: ମନୋରଞ୍ଜନ ତନ୍ତି, ଖଡି ତନ୍ତି, ସ୍ୱା.: ମନୋରଞ୍ଜନ ତନ୍ତି, ଅର୍ଚ୍ଚନା ତନ୍ତି, ଫକୁଲି ତନ୍ତି, ବବିତା ତନ୍ତି, ଯଦୁ ଗଣ୍ଡା, ମଧୁ ଗଣ୍ଡା, ମଧୁବନ ଗଣ୍ଡା, ପି.: ତ୍ରିଭୁବନ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ, ପଡା: କୁଇଲେରପଡ଼ା |
| ୨ | ୧୭୯ | ୧୦୬୫ | ଗୋଡ଼ା–୨ | ୦.୧୩ | ୦.୦୪୫ | ବିର୍ଷା ଓରାମ, ପି.: ରାମା ଓରାମ, ଜା: ଓରାମ, ବା:ନିଜଗାଁ (କୁଇଲେରପଡ଼ା) |
| ୩ | ୨୦୯ | ୧୦୬୨ | ବା.ସା. | ୦.୬୧ | ୦.୦୮୦ | ମାଙ୍ଗରା ଓରାମ, ପି.: ରାମା ଓରାମ, ଜା: ଓରାମ, ବା: ନିଜଗାଁ |
| | | ୧୦୬୩ | ବା.ସା. | ୦.୫୯ | ୦.୧୪୦ | |
| | | ୧୦୬୪ | ଗୋଡ଼ା–୧ | ୦.୧୯ | ୦.୦୮୦ | |
| ମୋଟ ଅର୍ଜନ ରକବା | | | | | ୦.୩୯୨ | |

ସ୍ୱା./– ଭୂ–ଅର୍ଜନ ଅଧିକାରୀ, ସୁନ୍ଦରଗଡ଼
ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼
ସ୍ୱା./– ଜିଲ୍ଲାପାଳ, ସୁନ୍ଦରଗଡ଼

OIPR-24340/14/0002/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫ ପ୍ରତିଶତ ଆକଳନ

ଭୁବନେଶ୍ୱର,୧୧।୭(ଅନୁରାଧା ମହାରଣା)

ଜୁନ୍ ମାସରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ହାର ପ୍ରାୟ ୫ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ଗୁରୁବାର ଏକ ସାକ୍ଷାତ୍‌କାରରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଏପରି କହିଛନ୍ତି। ଏହା ସହ ସେ ଆହୁରି ମଧ୍ୟ କହିଛନ୍ତି, ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରେ ନ ପହଞ୍ଚିବା ପର୍ଯ୍ୟନ୍ତ ସୁଧ ହାର ହ୍ରାସ କରିବା ବିଷୟରେ କଥା କହିବା ଠିକ୍ ହେବ ନାହିଁ। ଗଭର୍ନର ଦାସଙ୍କ ଏପରି ମତ ପରେ ନିକଟ ଭବିଷ୍ୟତରେ ସୁଧ ହାରରେ କୌଣସି ହ୍ରାସ ହେବ ନାହିଁ ବୋଲି ଆଶା କରାଯାଉଛି। ତେବେ ନ୍ୟୁଟ୍ରାଲ ମୁଦ୍ରାସ୍ଫୀତି ହାର ବିଷୟରେ ଆର୍‌ବିଆଇ ଚିନ୍ତା କରୁଥିବା ଦାସ କହିଛନ୍ତି। ସୂଚନା ଥାଉକି, ଆର୍‌ବିଆଇର ଲଗାତର ବୈଠକ ସତ୍ତ୍ୱେ ସୁଧ ହାର ହ୍ରାସ ପାଇନାହିଁ।


ଶକ୍ତିକାନ୍ତ ଦାସ

ଗତ ମାସରେ ଅନୁଷ୍ଠିତ ହୋଇଥିବା ମୁଦ୍ରାନୀତି ସମୀକ୍ଷା ବୈଠକରେ କ୍ରମାଗତ ଅଷ୍ଟମ ଥର ପାଇଁ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ହାରରେ କୌଣସି ପରିବର୍ତ୍ତନ କରିନାହିଁ। ତେବେ ମୁଦ୍ରାନୀତି କମିଟିର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ୨ ଜଣ ସୁଧ ହାର ହ୍ରାସ କରିବାକୁ ସପକ୍ଷରେ ମତ ଦେଇଛନ୍ତି। ମାତ୍ର ଗଭର୍ନର ଶକ୍ତିକାନ୍ତଙ୍କ ମତାନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ଆର୍‌ବିଆଇ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟ ହାସଲ କରିବା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ। ରଏଟର୍ସ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଜୁନ୍‌ରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ହାର ସାମାନ୍ୟ ବୃଦ୍ଧି ପାଇ ୪.୮ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ମେ ମାସରେ ଏହି ହାର ୪.୭୫ ପ୍ରତିଶତ ଥିଲା। ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ହାରର ସରକାରୀ ତଥ୍ୟ ଶୁକ୍ରବାର ପ୍ରକାଶ ପାଇବ। ଶକ୍ତିକାନ୍ତ ଏହା ମଧ୍ୟ କହିଛନ୍ତି , ଦେଶର ବିକାଶର ଗତି ବଳବତ୍ତର ରହିଛି ଏବଂ ମାର୍ଚ୍ଚ ୨୦୨୫ରେ ଶେଷ ଆର୍ଥିକ ବର୍ଷରେ ୭.୨ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବ। କେବଳ ଏତିକି ନୁହେଁ, ସେ ମଧ୍ୟ ଆଶାବ୍ୟକ୍ତ କରିଛନ୍ତି, ଭାରତୀୟ ଅର୍ଥ ବ୍ୟବସ୍ଥା ୮ ପ୍ରତିଶତ ଅଭିବୃଦ୍ଧି ହାର ଆଡ଼କୁ ଗତି କରୁଛି ଏବଂ ଦେଶର ଆର୍ଥିକ ଭବିଷ୍ୟତକୁ ନେଇ ସେ ଅତ୍ୟନ୍ତ ଆଶାବାଦୀ। ଶକ୍ତିକାନ୍ତ କହିଛନ୍ତି , ରିଜର୍ଭ ବ୍ୟାଙ୍କ ଏକ ନ୍ୟୁଟ୍ରାଲ ସୁଧ ହାର ଉପରେ ତର୍ଜମା କରୁଛି। ଆର୍‌ବିଆଇ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାର ଲକ୍ଷ୍ୟ ହାସଲ କରିବ ଏବଂ ଦେଶର ଅଭିବୃଦ୍ଧି ହାର ସର୍ବୋଚ୍ଚ ସ୍ତରରେ ରହିବ ସେତେବେଳେ। ଏହି ନିରପେକ୍ଷ ସୁଧ ହାରକୁ ନେଇ ଆର୍‌ବିଆଇର ଆକଳନ ଆସନ୍ତା ମାସେ କିମ୍ବା ୨ ମାସ ମଧ୍ୟରେ ପ୍ରକାଶ ପାଇବ ବୋଲି ଶକ୍ତିକାନ୍ତ କହିଛନ୍ତି ।

# ଲାଭାର ନୂତନ ଉତ୍ପାଦ

ଭୁବନେଶ୍ୱର,୧୧।୭ (ଅଭୟ ଦାଶ)

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ନୂତନ ଉତ୍ପାଦ 'ଲାଭା ବ୍ଲେଜ୍ ଏକ୍ସ'ର ସର୍ବଭାରତୀୟ ଉନ୍ମୋଚନ (ଲଞ୍ଚିଂ) ନିକଟରେ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲ ସ୍ମାର୍ଟଫୋନ ସେଗ୍‌ମେଣ୍ଟର ପ୍ରଥମ କର୍ଭଡ ଆମୋଲେଡ୍ ଡିସ୍‌ପ୍ଲେ ସହ ଆସୁଛି। ବିଶେଷକରି ଏହା ଦୁଇଟି ଆକର୍ଷଣୀୟ ରଙ୍ଗ ଷ୍ଟାରଲାଇଟ୍ ପର୍ପଲ ଓ ଟାଇଟାନିୟମ ଗ୍ରେ' କଲରରେ ଉପଲବ୍ଧ ହେବ। ଏ ସମ୍ପର୍କରେ ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ପ୍ରଡକ୍ଟ ହେଡ୍ ସୁମିତ ସିଂହ କହିଛନ୍ତି, ଲାଭା ବ୍ଲେଜ୍ ଆମର ଅନ୍ୟତମ ସଫଳ ସିରିଜ ହୋଇଥିଲାବେଳେ ଏହାକୁ ଗୁଣାତ୍ମକ ଓ ଶକ୍ତିଶାଳୀ ସ୍ମାର୍ଟଫୋନ୍‌ଗୁଡିକ ସହ ପ୍ରସ୍ତୁତ କରାଯାଇଛି। ନୂଆ ବ୍ଲେଜ୍ ଏକ୍ସକୁ ୩ଟି ପ୍ରମୁଖ ପରିମାପରେ ବିକଶିତ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୨୦ରୁ ଏହି ମଡେଲ ଲାଭା ଇ-ଷ୍ଟୋର ଓ ଆମାଜନ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ।

# ଏଲ୍‌ଆଇସି ଶାଖାର ନୂତନ କାର୍ଯ୍ୟାଳୟ



ଭୁବନେଶ୍ୱର,୧୧।୭ (ଅଭୟ ଦାଶ)

ଭାରତୀୟ ଜୀବନବୀମା ନିଗମ (ଲାଇଫ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍‌ଆଇସି)ର କଟକ ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡ଼ା ଶାଖାର ନୂତନ କାର୍ଯ୍ୟାଳୟ ପାଣ୍ଡରି ଦୁହୁରିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଲ୍‌ଆଇସି ପୂର୍ବ ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର,ଇଡି ଇଞ୍ଜିନିୟରି ବି. ବି. ଯାଦବ, ମୁଖ୍ୟଯନ୍ତ୍ରୀ ପି. କେ. ଜେ. ଡୁଙ୍ଗ୍‌ଡୁଙ୍ଗ୍, କ୍ଷେତ୍ରୀୟ ପ୍ରବନ୍ଧକ (ମାର୍କେଟିଂ) ମନୋଜ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିବାବେଳେ ଉଭୟ କଟକ ଡିଭିଜନ ଓ କେନ୍ଦ୍ରାପଡ଼ା ଶାଖାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ମହାନ୍ତି କହିଥିଲେ, ନୂତନ ଶାଖା କାର୍ଯ୍ୟାଳୟ ଦ୍ୱାରା ଜିଲାବାସୀ ତ୍ୱରିତ ଓ ଉନ୍ନତ ସେବା ପାଇପାରିବେ। ଏପରିକି ଏଲ୍‌ଆଇସି ଉପରେ ପୂର୍ବବତ ଆସ୍ଥା ଓ ବିଶ୍ୱାସ ଅତୁଟ ରଖିବାକୁ ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, କଟକ ଡିଭିଜନ ଅଧକ୍ଷତାରେ ଗୁରୁବାର ଆୟୋଜିତ ଉଦ୍‌ଘାଟନୀ ସଭାକୁ ଡିଭିଜନର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସିମ କୁମାର ପରିଚାଳନା କରିଥିଲାବେଳେ କେନ୍ଦ୍ରାପଡ଼ା ଶାଖାର ଶାଖା ମୁଖ୍ୟ କେ. କୁମାର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୧୧।୭ (ଅଭୟ ଦାଶ)

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭.୪୩ ପଏଣ୍ଟ କମି ୭୯,୮୯୭.୩୪ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮.୫୦ ପଏଣ୍ଟ ହ୍ରାସ ଘଟି ୨୪,୩୧୫.୯୫ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ବେଦାନ୍ତ ଆଲୁମିନିୟମ ବୈଦ୍ୟୁତିକ ଫର୍କଲିଫ୍ଟର ସର୍ବବୃହତ୍ ନିୟୋଜକ



ଭୁବନେଶ୍ୱର,୧୧।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ 'ବେଦାନ୍ତ ଆଲୁମିନିୟମ'ର କାର୍ଯ୍ୟ ପରିସରରେ ବୈଦ୍ୟୁତିକ ଫର୍କଲିଫ୍ଟ ବ୍ୟବହାରକୁ ସମ୍ପ୍ରସାରଣ ସହ ୬୬ ୟୁନିଟ୍‌କୁ ବୃଦ୍ଧି କରାଯାଇଛି। ଏପରିକି ବୈଦ୍ୟୁତିକ ଲିଥିୟମ-ଆୟନ ଫର୍କଲିଫ୍ଟକୁ କମ୍ପାନୀର ବିଭିନ୍ନ ୟୁନିଟ୍‌ରେ କାର୍ଯ୍ୟକ୍ଷମ କରାଇବା ସହ ଭାରତରେ ଫର୍କଲିଫ୍ଟର ସର୍ବବୃହତ୍ ନିୟୋଜକ ଭାବେ ମଧ୍ୟ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ସେହିଭଳି ସଫଳତାର ସହିତ କମ୍ପାନୀ ଅତିରିକ୍ତ ୨୨ଟି ବୈଦ୍ୟୁତିକ ଫର୍କଲିଫ୍ଟକୁ ଓଡ଼ିଶାର ଝାରସୁଗୁଡ଼ାଠାରେ ଥିବା କମ୍ପାନୀର ସ୍ମେଲଟର କାର୍ଯ୍ୟ ପରିସରରେ ନିୟୋଜିତ କରିଛି। ଏହି ସମ୍ପ୍ରସାରଣ ବେଦାନ୍ତ ଆଲୁମିନିୟମର ଡିକାର୍ବୋନାଇଜେଶନ ଯାତ୍ରାକୁ ମଧ୍ୟ ଏହା ବେଶ୍ ସୁଦୃଢ଼ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ସ୍ଥିରତା ବ୍ୟବସାୟ ଜରୁରୀ ହୋଇଥିଲାବେଳେ ଉତ୍କର୍ଷ ବୃଦ୍ଧି ପାଇଁ ଆମେ କ୍ରମାଗତ ଭାବେ ଅଭିନବ ଅଭ୍ୟାସ ଗ୍ରହଣ କରିଥାଉ। ସେହିପରି ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ୍ ସମେତ ଲାଞ୍ଜିଗଡ଼ ୟୁନିଟ୍‌ରେ ମଧ୍ୟ ନୂଆ ଫର୍କଲିଫ୍ଟଗୁଡ଼ିକୁ ନିୟୋଜିତ କରାଯାଇଛି। ଏପରିକି କମ୍ପାନୀର ଛତିଶଗଡସ୍ଥିତ ବାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ମଧ୍ୟ ଏହି ଫର୍କଲିଫ୍ଟଗୁଡ଼ିକ ଶୀଘ୍ର ଏବଂ ନିରାପଦ ଭାବେ ନିୟୋଜିତ କରାଯିବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଏୟୁ ସହ ସହଭାଗିତା କରିବ ଡ୍ରିମ୍‌ସ

ଭୁବନେଶ୍ୱର,୧୧।୭
(ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଧନେଶ୍ୱର ରଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ବା ଡ୍ରିମ୍‌ସ ୟୁନିଭର୍ସିଟି ଏବଂ ଜର୍ମାନୀର ଆଚେନ୍ ୟୁନିଭର୍ସିଟି(ଏୟୁ) ସହ ଏକ ଦ୍ୱିପାକ୍ଷିକ ସହଭାଗିତା ସ୍ଥାପନ କରିବାକୁ ଯାଉଛି। ଏପରିକି ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ଏବଂ ଆନ୍ତର୍ଜାତିକ ସହଭାଗିତା ପାଇଁ ଉଭୟ ଏୟୁ ଓ ଡ୍ରିମ୍‌ସ ୟୁନିଭର୍ସିଟି ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ମଧ୍ୟ ସ୍ୱାକ୍ଷରିତ ହେବାକୁ ଯାଉଛି। ଅପରପକ୍ଷରେ ଡ୍ରିମ୍‌ସ ୟୁନିଭର୍ସିଟି ପକ୍ଷରୁ ଏ ସଂକ୍ରାନ୍ତୀୟ ଏକ ପ୍ରସ୍ତାବ ଏୟୁ କୁଳାଧିପତିଙ୍କୁ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଜର୍ମାନୀ ଗସ୍ତରେ ଥିବା ଡ୍ରିମ୍‌ସ ୟୁନିଭର୍ସିଟିର ନିର୍ଦ୍ଦେଶକ ତଥା ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ ଆଚେନ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ମାନ୍‌ଫେଡ୍ ନେଟ୍‌କୋଭେନ୍‌ଙ୍କୁ ସାକ୍ଷାତ କରିବା ଅବସରରେ ବିଶ୍ୱଦ୍ୟାଳୟର କୁଳପତି ପ୍ରଫେସର ଡ.ପ୍ରକାଶ କୁମାର ହୋତାଙ୍କ ସ୍ୱାକ୍ଷରିତ ଉକ୍ତ ପ୍ରସ୍ତାବ ପତ୍ରକୁ ପ୍ରଦାନ କରିବା ସହ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଅବଗତ କରାଇଥିଲେ। ସେହିଭଳି ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହେବା ଦ୍ୱାରା ଇଞ୍ଜିନିୟରିଂ, ମ୍ୟାନେଜେମେଣ୍ଟ, ମେଡିକାଲ ସାଇନ୍ସ ସମେତ ଅନ୍ୟାନ୍ୟ ପାଠ୍ୟକ୍ରମ ଆଦିରେ ଅଧ୍ୟୟନ ସହ ମିଳିତ ଗବେଷଣା, ପ୍ରୋଜେକ୍ଟ ପ୍ରସ୍ତୁତି, ଶିକ୍ଷକ ବିନିମୟ, ଶିକ୍ଷାକ୍ଷେତ୍ରରେ ସର୍ବୋତ୍ତମ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ଗବେଷକ ପରିଚିତ ହେବା ସହିତ ଉପଲବ୍ଧ ସୁବିଧାସୁଯୋଗ ହାସଲ କରିପାରିବେ। ଏ ନେଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏଭଳି ପ୍ରୟାସକୁ ସ୍ୱାଗତ କରିବା ସହ ଏହା ଫଳରେ ଆମର ବିଶ୍ୱସ୍ତରୀୟ ମାନର ଅଭିବୃଦ୍ଧି ଘଟିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ଇନ୍‌ଫୋଜୋନ୍‌ର ଏକ୍ସକ୍ଲୁସିଭ ରିଟେଲ୍ ଶପ୍



ଭୁବନେଶ୍ୱର,୧୧।୭ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଘରୋଇ ସଂସ୍ଥା ତଥା ଓଡ଼ିଶାର ସର୍ବବୃହତ୍ କମ୍ପ୍ୟୁଟର ଓ ଆସେସରିଜ୍ ଡିଷ୍ଟ୍ରିବ୍ୟୁଟର 'ଇନ୍‌ଫୋଜୋନ୍'ର ପ୍ରଥମ ଏକ୍ସକ୍ଲୁସିଭ ରିଟେଲ୍ ଶପ୍ ଗୁରୁବାର ଭୁବନେଶ୍ୱର ଶହୀଦନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ଇନ୍‌ଫୋଜୋନ୍‌ର ପ୍ରତିଷ୍ଠାତା ତଥା ସିଇଓ ରାକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଇନ୍‌ଫୋଜୋନ୍‌ର ପ୍ରତିଷ୍ଠାତା ତଥା ସିଇଓ ରାକେଶ ମହାପାତ୍ର କହିଥିଲେ, ଆମେ ୨୦୦୬ରୁ ଭୁବନେଶ୍ୱରରେ କମ୍ପ୍ୟୁଟର ଓ ଆସେସରିଜ୍ ଡିଷ୍ଟ୍ରିବ୍ୟୁଟର ଭାବେ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦଗୁଡିକୁ ଉଚିତ ମୂଲ୍ୟରେ ଯୋଗାଇବା ସହ ବିକ୍ରୟ ପରବର୍ତ୍ତୀ ସେବା ପ୍ରଦାନ ସହ ଗ୍ରାହକଙ୍କ ବିଶ୍ୱାସଭାଜନ ହେବାରେ ସଫଳ ହୋଇଛୁ। ଏପରିକି ଆମ ରିଟେଲ ଶପ୍‌ରେ ସମସ୍ତ ଲୋକପ୍ରିୟ ବ୍ରାଣ୍ଡ୍ ଯଥା ଆସର୍, ଆସସ୍, ଏମ୍‌ଏସ୍‌ଆଇ, ଡେଲ୍, ଏଚ୍‌ପି, ଲେନେଭୋ, ଗିଗାବାଇଟ୍, ପ୍ରୋଟ୍ରୋନିକ୍ସ ଓ ଏପସନ୍ ପରି ନାମୀଦାମୀ ବ୍ରାଣ୍ଡର କମ୍ପ୍ୟୁଟର ଓ ଆସେସରିଜ୍ ଉପଲବ୍ଧ ରହିଛି।

# ଡିଜିଟାଲ ପେମେଣ୍ଟସ ଶିଳ୍ପରେ ଦ୍ରୁତ ବୃଦ୍ଧି

ଭୁବନେଶ୍ୱର,୧୧।୭ (ଅଭୟ ଦାଶ)

ଦେଶର ଅଗ୍ରଣୀ ଇ-କମର୍ସ ମାର୍କେଟପ୍ଲେସ୍ 'ଫ୍ଲିପ୍‌କାର୍ଟ' ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ପ୍ଲାଟ୍‌ଫର୍ମ (ଆପ୍)ରେ ଫାସ୍‌ଟାଗ୍, ଡିଟିଏଚ୍ ରିଚାର୍ଜ,ଲ୍ୟାଣ୍ଡଲାଇନ, ବ୍ରଡ୍‌ବ୍ୟାଣ୍ଡ ଓ ମୋବାଇଲ ପୋଷ୍ଟପେଡ୍ ବିଲ୍ ପେମେଣ୍ଟ ସମେତ ୫ଟି ନୂତନ ରିଚାର୍ଜ ଓ ବିଲ୍ ପେମେଣ୍ଟ ବର୍ଗର ସେବା ନିକଟରେ ଶୁଭାରମ୍ଭ ହୋଇଯାଇଛି। ବିଦ୍ୟମାନ ଇଲେକ୍ଟ୍ରିସିଟି ଓ ମୋବାଇଲ ପ୍ରିପେଡ୍ ରିଚାର୍ଜ ବିକଳ୍ପ ସମେତ ଏହି ନୂତନ ବର୍ଗଗୁଡିକ ମଧ୍ୟ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। ଅପରପକ୍ଷରେ ଫ୍ଲିପ୍‌କାର୍ଟ ପକ୍ଷରୁ ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ ଦ୍ୱାରା ବିକଶିତ ଭାରତ ବିଲ୍ ପେମେଣ୍ଟସ ସିଷ୍ଟମ ସହ ନୂଆ ସେବାଗୁଡ଼ିକୁ ଏକତ୍ର କରିବାରେ ସାହାଯ୍ୟ କରିବା ପାଇଁ ଭାରତର ଅନ୍ୟତମ ଅଗ୍ରଣୀ ପେମେଣ୍ଟ ସଲ୍ୟୁଶନ କମ୍ପାନୀ ବିଲ୍‌ଡେସ୍କ ସହ ପ୍ଲାଟ୍‌ଫର୍ମର ସହଭାଗିତା ସ୍ଥାପନ ହୋଇଛି। ବିଶେଷକରି ଏକ ସୀମିତ ଅବଧି ପାଇଁ ଗ୍ରାହକମାନେ ଫ୍ଲିପ୍‌କାର୍ଟ ୟୁପିଆଇ ବ୍ୟବହାରକରି ସୁପରକଏନ ସହ ୧୦% ପର୍ଯ୍ୟନ୍ତ ଅଫର ପାଇପାରିବେ। ଏହି ନୂଆ ବର୍ଗଗୁଡିକର ଶୁଭାରମ୍ଭ ସହ ଗ୍ରାହକମାନେ ଫ୍ଲିପ୍‌କାର୍ଟ ଜରିଆରେ ଶପିଙ୍ଗ୍‌ର ଉପଭୋଗ ସହ ନିଜର ବିଲ୍ ଓ ରିଚାର୍ଜ ପେମେଣ୍ଟ ମଧ୍ୟ କରିପାରିବେ। ଫ୍ଲିପ୍‌କାର୍ଟର ପେମେଣ୍ଟସ ଆଣ୍ଡ ସୁପରକଏନ୍ସ ବିଭାଗର ଉପାଧ୍ୟକ୍ଷ, ଗୌରବ ଅରୋରା କହିଛନ୍ତି, ଡିଜିଟାଲ ପେମେଣ୍ଟସ ଶିଳ୍ପରେ ଦ୍ରୁତ ବୃଦ୍ଧି ସହିତ ଗ୍ରାହକମାନେ ନିଜର ବିଲ୍ ପଇଠ କରିବା ପାଇଁ ଇଲେକ୍ଟ୍ରୋନିକ୍ ମାଧ୍ୟମକୁ ବହୁମାତ୍ରାରେ ଚୟନ କରୁଛନ୍ତି।

# Classified Everyday

0674-2580101, 2549949



REAL ESTATE

SALE

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-712

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.-3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75758

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

**Residential Yellow zone plot Bhubaneswar Rajdhani College, Patia- KIIT, KIMS ODM Global School. 9938424085, 7978729819.** D-718

PURCHASE

Require Property/ Ashram for opening Yoga/Naturopathy Centre in Puri.Contact 9477315715. D-710




Newly open Jyoti SPA positively health benefits (Expert therapist). 8458067955. D-76130

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Monalisa massage Club: All types Body massage with hiprofile smart lady rooms service available. 9708545108. D-694

Fully relaxed body massage trained therapist. Central SPA. 9556483961. D-75759

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

AFFIDAVIT

ମୁଁ ରଞ୍ଜନ ଗିରି, ପିତା- ଅତୁଲ ଚନ୍ଦ୍ର ଗିରି, ଗ୍ରାମ- ସୁନିତୀ, ସୁନିତି (ବେଣାକନ୍ଧା), ଥାନା- ତନ୍ତିଆପାଳ ସାମୁଦ୍ରିକ ଥାନା, ଜିଲ୍ଲା- କେନ୍ଦ୍ରାପଡ଼ା, ପିନ୍- ୭୫୪୨୨୪, ଓଡ଼ିଶା, ଆଫିଡେଭିଟ୍ ନଂ.-୧୦୮୧, ତାରିଖ୦୬।୦୭।୨୦୨୪ ଦ୍ୱାରା ଘୋଷଣା କରୁଛି ଯେ ବର୍ତ୍ତମାନଠାରୁ ମୁଁ ଭବିଷ୍ୟତରେ ସମସ୍ତ ଉଦ୍ଦେଶ୍ୟ ପାଇଁ ରଞ୍ଜନ କୁମାର ଗିରି ଭାବରେ ପରିଚିତ ହେବି। ଧ-୭୧୯

By virtue an affidavit dt.10.01.2022 before the Court of Executive Magistrate, Bhubaneswar, I, Smruti Ranjan Mohanty aged about 61 years, Son of Late Bishnu Charan Mohanty, resident of Plot No.- 302, Bomikhal, P.O.- Rasulgarh, P.S.- Laxmisagar, Bhubaneswar, Dist.- Khurda, Odisha, PIN- 751010. In my Aadhaar Card No.-xxxxxxxx4421, PAN Card and other relevant document my name has been written as Smruti Ranjan Mohanty, But in my H.S.C.E Board Certificate my name has been mentioned as Sruti Ranjan Mohanty. So, I do hereby declare that SMRUTI RANJAN MOHANTY and SRUTI RANJAN MOHANTY is one and same person. D-714

By the virtue of an affidavit I Suvendu Chandan Nayak, Aadhaar No.- xxxxxxxx6743, S/o- Prafulla Kumar Nayak, permanent resident of At- Nagaripara, P.O.- Chanchol, P.S.- Patkura, Kendrapara presently residing at AL- 114, VSS Nagar, P.S.- Saheed Nagar, Bhubaneswar bearing Passport No.-T0605604 in which my name has been wrongly recorded as Suvendu Chadan Nayak. I do hereby declare that Suvendu Chandan Nayak and Suvendu Chadan Nayak are one and same person. D-709

By virtue of an affidavit No.- 4999 dt. 05.07.2024 sworn before Notary Public, Bhadrak. I, Pramoth Chandra Mohanty, S/o- Lt. Parshuram Mohanty, Vill/ P.O.- Bamanabindha, P.S.- Pirahat, Dist.- Bhadrak, Odisha, PIN- 756131 do hereby declare that my actual and correct name spelling is PRAMOTH CHANDRA MOHANTY. That PRAMATH CHANDRA MOHANTY and PRAMOTH CHANDRA MOHANTY is same and one person. Henceforth, my correct name PRAMOTH CHANDRA MOHANTY shall be used in all purpose. D-720

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

Draft Publication under Order V. Rule 20(1A) of CPC
IN THE COURT OF THE JUDGE FAMILY COURT, SAMBALPUR
Crl. Misc. Case No.43 of 2023
Smita Patnaik & Another ....Applicants
- Versus -
Ashish Ratna Bohidar .....O.P

To
Ashish Ratna Bohidar, S/o- Ananda Kumar Bohidar, R/o- Pattnaikpada, Sambalpur Town, P.S.- Town, P.O./Dist.- Sambalpur-768001 (Odisha).

Whereas the applicants filed the above case against you and notice through Court and registered post with A.D., but you have avoided to receive the same, hence this Court thinks it proper to service under Order V, Rule 20(1A) of C.P.C. by publishing in the daily local newspaper. Take Notice that the case is fixed on 20th July, 2024 at 10:30 AM for appearance and filling show cause of the above case. If you fails to appear in the Court on the said date personally or through your Advocate the case will be decided in your absence.

Given under my hand and seal of this Court on this 19th day of June, 2024.

Sd./- Judge, Family Court, Sambalpur
D-711

## ହାଇୱା ପଛରେ ପିଟିହେଲା ବାଇକ୍: ୨ ମୃତ

**ଯାଜପୁର ସଦର, ୧୧।୭ (ସମର ବିଜୟ ଶରଣ)**

ଯାଜପୁର ବ୍ଲକ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବରୁଆଁ-ରାଜଘାଟ ମଧ୍ୟରେ ଏକ ହାଇୱା ପଛରେ ବାଇକ୍ ପିଟି ହୋଇଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରୁଆଁ ପଞ୍ଚାୟତ ସାନ କୁଖାଲା ଗ୍ରାମର ହରିହର ବେହେରାଙ୍କ ପୁଅ ବଳିଆ ବେହେରା (୧୮) ଓ ତାଙ୍କ ସାଙ୍ଗ ଝାଡ଼ଖଣ୍ଡ ରାଜ୍ୟ ଦେଓଘର ଥାନା ଅନ୍ତର୍ଗତ ଚାନ୍ଦି ଗ୍ରାମର ମହମ୍ମଦ ଅଲ୍ଲିମୁଦ୍ଦିନଙ୍କ ପୁଅ ସୋହେଲ ଅନ୍‌ସାରୀ(୨୬)।ଉଭୟ ବୁଧବାର ରାତି ପ୍ରାୟ ୧୦ ଟାରେ ଏକ ବାଇକ୍ ଓଡି୩୪ଏଲ୨୧୨୬ ଯୋଗେ ଭଦ୍ରକରୁ ସାନକୁଖାଲା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ରାସ୍ତା ଉପରେ ଠିଆ ହୋଇଥିବା ଏକ ହାଇୱା ଓଡି୦୨ଏସ୍୧୦୫୧ ପଛରେ ପିଟି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ହାଇୱା ଓ ବାଇକକୁ ଜବତ କରି ଥାନାକୁ ଆଣିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନଲୋ ଗୋରୀ, ସେଇ କାଳକୁ**
**ପିଠି କରିଥିଲୁ ତାଳ ମୂଳକୁ,**
**ତାଳ ଫୋପଡ଼ରେ ନୋହିଲା କିଛି**
**କୁସୁମ ଫୁଲରେ ଅଙ୍ଗ ବଥଉଛି।**

ପିଲାଦିନେ ଭାରି ଦୁଃଖକଷ୍ଟ ସହି ଦେହକୁ ପଥର କରି ଜୀବନ ବିତାଇଥିବା ଝିଅର ଭାଗ୍ୟ ଖୋଲିଯିବାରୁ ଏବେ ଦୁଃଖ ଦିନଗୁଡ଼ିକ ସୁଖଦିନ ହୋଇଗଲା। ଏତେ ସୁଖ ମିଳିଲାଯେ ସାମାନ୍ୟ ମାତ୍ର ପୀଡାରେ ବି ଦେହ ବଥେଇଲା। ପରୋକ୍ଷରେ ଭାଗ୍ୟ ବଦଳିଗଲେ ମଣିଷର ଆଦବକାଇଦା ବଦଳିଯାଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଅବୋଧକୁ ମାରେ ବୋଧା,
ବୋଧାକୁ ମାରେ ଖୋଦା।

ବୁଝିପାରୁ ନ ଥିବା ଲୋକର ଜ୍ଞାନ ନ ଥାଏ। ତାକୁ ବୁଝାଇବାର ଶକ୍ତି ଥାଏ ବୁଦ୍ଧିମାନ ଲୋକର। ବୋଧ ଶକ୍ତି ଥିବା ବ୍ୟକ୍ତି ବହୁତ ଚତୁର ଓ ଧୂର୍ତ୍ତ। ତାକୁ ଜ୍ଞାନୀ ଲୋକ ବୁଝାଇପାରନ୍ତି ନାହିଁ। ଏଭଳି ବ୍ୟକ୍ତିଙ୍କୁ କେବଳ ଭଗବାନ ହିଁ ଦଣ୍ଡ ବା ଶାସ୍ତି ଦେଇ ବାଟକୁ ଆଣିପାରନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୁଷ୍ଟିକର ମଧ୍ୟାହ୍ନଭୋଜନ ପ୍ରସ୍ତୁତିକୁ ମନ୍ତ୍ରୀ ନିତ୍ୟାନନ୍ଦଙ୍କ ଗୁରୁତ୍ୱ


ପିଏମ୍ -ପୋଷଣ ପ୍ରଶିକ୍ଷଣ ଶିବିରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପାଚିକା ଓ ସହାୟିକାଙ୍କୁ ପରାମର୍ଶ ଦେଉଛନ୍ତି।

**ଭୁବନେଶ୍ୱର, ୧୧।୭(ଅସମାପିକା ସାହୁ)**

### ପିଏମ୍-ପୋଷଣକୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ମଧ୍ୟାହ୍ନଭୋଜନ ଯୋଗାଇଦେବା ଲକ୍ଷ୍ୟରେ ଗୁରୁବାର ମିଶନ ଶକ୍ତି ଭବନ ପରିସରରେ ଦୁଇଦିନିଆ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଭାରତ ସରକାରଙ୍କ ପିଏମ୍-ପୋଷଣ, ମିଳିତ ଜାତିସଂଘ, ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନଭୋଜନ ଯୋଗାଇବା ସମ୍ପର୍କରେ ଆଲୋଚନା କରାଯାଇଛି। ଓଡ଼ିଶାରୁ ଅପପୁଷ୍ଟି ଦୂରୀକରଣ ଓ କିପରି ପୁଷ୍ଟିକର ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହୋଇପାରିବ ସେ ନେଇ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରଶିକ୍ଷଣ ୮ଟି ପର୍ଯ୍ୟାୟରେ ଆସନ୍ତା ଅଗଷ୍ଟ ୭ ତାରିଖ ଯାଏ ଚାଲିବ। ଏଥିରେ ରାଜ୍ୟର ୩୦ ଜିଲାରୁ ୮୦୦ ଜଣ ପାଚିକା ତଥା ସହାୟିକାଙ୍କୁ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ଦିଆଯାଉଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯିବ ସେ ନେଇ ପ୍ରଶିକ୍ଷଣ ନେଉଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ ଉତ୍ତମ ଗୁଣବତ୍ତାଯୁକ୍ତ ଖାଦ୍ୟ ପ୍ରସ୍ତୁତି, ଉତ୍କୃଷ୍ଟମାନର ସାମଗ୍ରୀ ବ୍ୟବହାର କରିବା, ରୋଷେଇ ପ୍ରଣାଳୀ, ଆବର୍ଜନା ପରିଚାଳନା ଏବଂ ପୋଷଣ ଉଦ୍ୟାନର ଉନ୍ନତୀକରଣ ସମ୍ପର୍କରେ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏଫ୍ଏସ୍ଏସ୍ଏଆଇରେ ପଞ୍ଜୀକୃତ ସଂସ୍ଥା ଦ୍ୱାରା ଖାଦ୍ୟ ସୁରକ୍ଷା ତାଲିମ ଏବଂ ପ୍ରମାଣୀକରଣ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା କିପରି ସରକାର ସମଗ୍ର ରାଜ୍ୟରେ ପୁଷ୍ଟିହୀନତାର ମୁକାବିଲା କରିପାରିବେ ଏବଂ ବିଦ୍ୟାଳୟରେ କିଭଳି ଉପସ୍ଥାପନ ବୃଦ୍ଧି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଶାସନ ସଚିବ ଗିରୀଶ ଚନ୍ଦ୍ର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଭକ୍ତଙ୍କ ପାଇଁ ଉପବାସ ରହିଲେ ମା' ତାରିଣୀ

**ଘଟଗାଁ, ୧୧।୭(ରାଜେନ୍ଦ୍ର ପଟ୍ଟନାୟକ)**

### ଆଷାଢ଼ୀ ପୂଜାରେ ସୁନାବେଶ ଦର୍ଶନକଲେ ୧୦ ହଜାର ଶ୍ରଦ୍ଧାଳୁ

ଭକ୍ତମାନେ ସବୁବେଳେ ମା'ଙ୍କୁ ନିଜର ଦୁଃଖ ଜଣାଇବା ସହ ମନସ୍କାମନା ପୂରଣ ପାଇଁ ଉପବାସ, ବ୍ରତ କରିଥାଆନ୍ତି। ହେଲେ ଭକ୍ତଙ୍କ ପାଇଁ ମା' ନିଜେ ଉପବାସ ରହିବା ଏକ ନିଆରା ପରମ୍ପରା। କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ପବିତ୍ର ଆଷାଢ଼ୀ ପର୍ବ ଅବସରରେ ଏହି ପରମ୍ପରା ଦେଖିବାକୁ ମିଳିଛି। ଆଷାଢ଼ ମାସର ଶେଷ ଗୁରୁବାର ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ମା'ଙ୍କ ସୁନାବେଶ ଦେଖିବାକୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରକାଶ ଯେ, ଆଷାଢ଼ୀ ପର୍ବ ଅବସରରେ ମା'ଙ୍କର ଦୈନନ୍ଦିନ ପୂଜା ନୀତିକାନ୍ତି କରାଯାଇ ନ ଥିଲା। ଦିନତମାମ ପହଡ଼ ପଡ଼ି ରହିଥିଲା। ସୂର୍ଯ୍ୟାସ୍ତ ପରେ ମା'ଙ୍କର ସମସ୍ତ ମାର୍ଜନା ଓ ନୀତିକାନ୍ତି କରାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ପରେ ପହଡ ଖୋଲିଥିଲା। ପରମ୍ପରା ଅନୁଯାୟୀ ଘଟଗାଁ ୨୨ ଖଣ୍ଡ ମୌଜାରେ ଥିବା ଗ୍ରାମଦେବତୀ ଶାଳର ଦେହୁରୀ ଓ ଗ୍ରାମ ମୁଖିଆମାନଙ୍କୁ ମନ୍ଦିର ପ୍ରଶାସନ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ସନ୍ଧ୍ୟାରେ ସେମାନେ ଭୋଗ ଡାଲା ଓ ଛାଗ (ବୋଦା) ଧରି ପୀଠରେ ପହଞ୍ଚିଥିଲେ। ସୂର୍ଯ୍ୟାସ୍ତ ପରେ ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ, ପ୍ରଦୀପ ଦେହୁରୀ, ନଟବର ଦେହୁରୀ, ରାଜକିଶୋର ଦେହୁରୀ, ପର୍ଶୁରାମ ଦେହୁରୀ, ଯଯାତି କିଶୋର ଦେହୁରୀ, ଶରତ ଦେହୁରୀଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ପୂଜକ ମା'ଙ୍କ ପୀଠର ମାର୍ଜନା କରିଥିଲେ। ପରେ ଆଷାଢ଼ୀ ପୂଜା ଆରମ୍ଭ ହୋଇ ଗଙ୍ଗାଜଳ, ମହୁ, ଅଗୁର, ହଳଦୀ, ଚୁଆ, ଚନ୍ଦନ, ଘିଅରେ ମା'ଙ୍କ ମହାସ୍ନାନ କରାଯାଇଥିଲା। ସୁନାବେଶ ପରେ ଶାବରୀ ମନ୍ତ୍ରରେ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ମଙ୍ଗଳଆଳତି କରାଯାଇ ଅପରାହ୍ନରେ ପହଡ଼ ଖୋଲିବା ମାତ୍ରେ ଭକ୍ତ ଲମ୍ବା ଧାଡିରେ ମନ୍ଦିରକୁ ପ୍ରବେଶ କରିଥିଲେ। ଭକ୍ତ ମା'ଙ୍କ ସୁନାବେଶ ଦେଖି ଆତ୍ମବିଭୋର ହୋଇଥିଲେ। ରାତି ୮ ଟା ପରେ ୨୨ ଖଣ୍ଡ ମୌଜାରୁ ଆସିଥିବା ଗ୍ରାମଦେବତୀ ଶାଳର ଦେହୁରୀ ଓ ଗାଁ ମୁଖିଆଙ୍କ ଡାଲା ପୂଜା ଓ ବୋଦା ପୂଜା ବିଧିମୁତାବକ କରାଯାଇଥିଲା। ଗୋଟିଏ ଦିନ ମା'ଙ୍କଠାରେ କିମ୍ବଦନ୍ତୀ ଅନୁଯାୟୀ ବଳିଭୋଗ ବ୍ୟବସ୍ଥା ରହିଛି। ରାତି ୧୦ଟା ପର୍ଯ୍ୟନ୍ତ ପୂଜା ଚାଲିଥିବା ବେଳେ ସାଧାରଣ ଦର୍ଶନ ମଧ୍ୟ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ବିଳମ୍ବିତ ରାତିରେ ସ୍ୱତନ୍ତ୍ର ନିଶାପୂଜା କରାଯାଇଥିଲା। ପୂଜାବେଳେ ମା'ଙ୍କ ବାହନ ବାଘ ଏହି ବଳିଭୋଗ ପାଇଁ ପୂଜାପାଖକୁ ଆସିଥାଏ ବୋଲି ବିଶ୍ୱାସ ରହିଛି। ଏହିଦିନ ମା' ଉପବାସ ରହି ପ୍ରଜାଙ୍କ ମଙ୍ଗଳକାମନା କରି ବିଷ୍ଣୁ ଆରାଧନା କରିଥାନ୍ତି।

## ରାଜ୍ୟରେ ପରିବାର ନିୟୋଜନ କାର୍ଯ୍ୟକ୍ରମ ସଫଳ ହୋଇଛି

**ଭୁବନେଶ୍ୱର, ୧୧।୭(ଅସମାପିକା ସାହୁ)**

### ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଏଫ୍‌ଏଚ୍‌ଏସ୍)-୫ ରିପୋର୍ଟ ଅନୁସାରେ, ଓଡ଼ିଶାରେ ପ୍ରଜନନ ହାର ହ୍ରାସ ପାଇ ୧.୮ ରେ ପହଞ୍ଚିଛି। ଏହା ଜାତୀୟ ହାର ୨.୦ରୁ କମ୍ ରହିଛି। ଏହି ପ୍ରଜନନ ହାର ରାଜ୍ୟରେ ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳତାକୁ ସୂଚାଉଛି। ପରିବାର ନିୟୋଜନ କାର୍ଯ୍ୟକ୍ରମ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ/ରାଜ୍ୟ/ଦେଶର ଜନସଂଖ୍ୟାରେ ସ୍ଥିରତା ସମ୍ଭବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ପରିବାର ନିୟୋଜନ ତଥା ଜନସଂଖ୍ୟା ବୃଦ୍ଧି ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧୧ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ସ୍ୱତନ୍ତ୍ର ସଚିବ ଜିତେନ୍ଦ୍ର ମୋହନ ବେବର୍ତ୍ତା, ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗର୍ଭନିରୋଧର ପାରମ୍ପରିକ ପ୍ରଣାଳୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାସ୍କେଟ ଅଫ୍ ଚଏସେସ୍‌ରେ ଆଉ ୨ଟି ନୂତନ ଗର୍ଭନିରୋଧକ 'ସବ୍ ଡର୍‌ମାଲ ଇମ୍ପ୍ଲାଣ୍ଟ' ଏବଂ 'ସବ୍‌କ୍ୟୁଟାନିୟମ ଇଞ୍ଜେକ୍ସନ ଏମ୍‌ପିଏ(ଅନ୍ତରା)' ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା।ଏହି ଅବସରରେ ୨୦୨୩-୨୪ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନୂଆପଡ଼ା, ସୋନପୁର, ନବରଙ୍ଗପୁର, କଟକ, ବୌଦ୍ଧ ଜିଲାକୁ ପୁରସ୍କୃତ କରାଯାଇଛି। ସେହିପରି ଗର୍ଭନିରୋଧକ ଏମ୍‌ପିଏ(ଅନ୍ତରା) ବ୍ୟବହାରରେ ଦେବଗଡ଼ ଓ ଗଜପତି ଜିଲା, ପିପି ଆଇୟୁସିଡି ବ୍ୟବହାରରେ ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲା, ପିଏ ଆଇୟୁସିଡି ବ୍ୟବହାରରେ ଯାଜପୁର ଓ କନ୍ଧମାଳ ଜିଲାକୁ ପୁରସ୍କୃତ କରାଯାଇଛି। ସେହିଭଳି ବିଭିନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅତିରିକ୍ତ ନିର୍ଦ୍ଦେଶକ ଡା. ମୁରଲୀଧର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନଗର ଉନ୍ନୟନ ବିଭାଗ ଦାୟିତ୍ୱ ଗ୍ରହଣକଲେ ଉଷା ପାଢ଼ୀ



**ଭୁବନେଶ୍ୱର, ୧୧।୭(ଅନିଲ ଦାସ)**

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ (ଏଚ୍ ଆଣ୍ଡ ୟୁଡି) ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଦେଶବ୍ୟାପୀ ବିଭାଗର ସମ୍ମାନଜନକ ପ୍ରତିଷ୍ଠା ଉପରେ ଆଲୋକପାତ କରିବା ସହ ଆଗକୁ ଯିବାର ଏକ ସ୍ପଷ୍ଟ ମାର୍ଗ ଦର୍ଶାଇଥିଲେ। ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି ଯେ ବିଭାଗ ବ୍ୟକ୍ତିଗତ ପ୍ରୟାସଠାରୁ ଦୂରେଇ ଯାଇ 'ଟିମ୍ ଅର୍ବାନ' ଭାବରେ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ। ନଗର ଉନ୍ନୟନରେ ବିକଶିତ ଆହ୍ୱାନ ଏବଂ ସୁଯୋଗର ମୁକାବିଲା ପାଇଁ ରଣନୀତି ଓ ଭବିଷ୍ୟତ ଯୋଜନାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି। ବିଭାଗ ଯେଉଁ ସୁନାମ ଅର୍ଜନ କରିଛି ତାହାକୁ ଆଗକୁ ବଢ଼ାଇବା ପାଇଁ ସାମୂହିକ ଶକ୍ତିକୁ ଉପଯୋଗ କରିବା ଜରୁରୀ । ଏକ ଆଗୁଆ ଚିନ୍ତାଧାରା, ରଣନୈତିକ ଯୋଜନା ଲକ୍ଷ୍ୟ ହାସଲ ଦିଗରେ ପ୍ରଭାବଶାଳୀ ହୋଇପାରିବ ବୋଲି ସେ କହିଛନ୍ତି।

## ଫୁରସତ

## ସାପକୁ ଚୋବାଇ ଖାଉଥିବା ମହିଳା



**ବେଜିଂ:** ସାଧାରଣତଃ ସାପକୁ ଦେଖିଲେ ମଣିଷଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳି ଯାଇଥାଏ। କିନ୍ତୁ ଚାଇନା ଓ ଭିଏତ୍‌ନାମ ପରି ଦେଶରେ ଏପରି କିଛି ସଂସ୍କୃତି ଅଛି ଯେଉଁଠାରେ ସାପ ଖାଇବା ଲୋକମାନଙ୍କର ଏକ ସାଧାରଣ ଅଭ୍ୟାସ ହୋଇଥାଏ। ଏହିପରି ଏକ ଭିଡିଓ ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଜଣେ ମହିଳା ସାପକୁ ଚୋବାଇ ଖାଇଥିବା ନଜର ଆସୁଛନ୍ତି। ଭିଡିଓରେ ମହିଳାଙ୍କ ସମ୍ମୁଖରେ ସାଲାଡ୍ ଓ ସବୁଜ ପନିପରିବାରେ ସଜାଯାଇଥିବା ଏକ ଥାଳି ରଖାଯାଇଛି। ତେବେ ଉକ୍ତ ଥାଳିରେ ସାଲାଡ୍ ସହ ଅନେକ ସାପ ଥିବାର ମଧ୍ୟ ଦେଖିବାକୁ ମିଳିଛି। କିଛି ସମୟ ମଧ୍ୟରେ ଯୁବତୀ ଜଣକ ଉତ୍ସାହର ସହ ଏକ ସାପକୁ ଉଠାଇ ଏହାକୁ କଞ୍ଚା ଖାଇବାକୁ ଆରମ୍ଭ କରୁଛନ୍ତି। ଗାଜର କିମ୍ବା ମୂଳା ପରି ସାଧାରଣ ପନିପରିବା ଚୋବାଇବା ଭଳି ମହିଳା ଜଣକ ସାପର ମାଂସକୁ ଚୋବାଇବାକୁ ଲାଗିଛନ୍ତି।

ଏହି ଭିଡିଓ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିଛି। ଭିଡିଓକୁ ନେଇ ଅନେକ ପ୍ରକାର ପ୍ରତିକ୍ରିୟା ମିଳିବାରେ ଲାଗିଛି। ଅନେକ ଲୋକ ଏହି ଭିଡିଓ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ସାପ ଖାଉଥିବା ମହିଳାଙ୍କୁ ସମାଲୋଚନା କରିଛନ୍ତି। ଜଣେ ୟୁଜର୍ସ ଏହି ପୋଷ୍ଟର କମେଣ୍ଟ କରି ଲେଖିଛନ୍ତି, ଚାଇନାର ଲୋକମାନଙ୍କର ଏପରି ଖାଇବା ଅଭ୍ୟାସ ଯୋଗୁ ବିଶ୍ୱରେ ନୂଆ ନୂଆ ଭାଇରସ୍ ବ୍ୟାପିବାରେ ଲାଗିଛି।

## ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ୍ ଖାଦ୍ୟରେ ମୂଷା



**ହାଇଦ୍ରାବାଦ:** ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦସ୍ଥିତ ଜବାହରଲାଲ୍ ନେହେରୁ ଟେକ୍‌ନୋଲୋଜି ବିଶ୍ୱବାଦ୍ୟାଳୟ (ଜେଏନ୍‌ଟିୟୁଏଚ୍)ର କ୍ୟାଣ୍ଟିନ୍‌ରେ ମିଳୁଥିବା ଖାଦ୍ୟରେ ମୂଷା ପହଁରୁଥିବା ନେଇ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ବୁଧବାର ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନରେ ଛାତ୍ରଙ୍କୁ ପରଷାଯାଉଥିବା ଚଟଣିରେ ଗୋଟିଏ ମୂଷା ପଡିଥିବାର ଦେଖି ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ବିଶ୍ୱବିଦ୍ୟାଳୟର କ୍ୟାଣ୍ଟିନ୍‌ରେ ଏପରି ଅବ୍ୟବସ୍ଥାକୁ ବିରୋଧ କରିବା ସହ ସେଠାରେ ଖାଇବା ପାଇଁ ସ୍ୱାସ୍ଥ୍ୟଜନିତ ପରିବେଶ ନ ଥିବା କହିଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଏହି ଭିଡିଓକୁ ଦେଖି ଅନେକ ୟୁଜର୍ସ ଜେଏନ୍‌ଟିୟୁଏଚ୍ ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କୁ ସମାଲୋଚନା କରିବା ସହ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସହ ଖେଳ ଖେଳାଯାଉଥିବା କହିଛନ୍ତି।

## 'ଆପଲ'ର ସବୁଠୁ ପୁରୁଣା କର୍ମଚାରୀ

**ୱାଶିଂଟନ:** 'ଆପଲ' କମ୍ପାନୀରେ କ୍ରିସ୍ ଏସ୍ପିନୋସା(୬୨) ସବୁଠାରୁ ଲମ୍ବା ସମୟ ଧରି କାର୍ଯ୍ୟରତ କର୍ମଚାରୀ ହୋଇପାରିଛନ୍ତି। ମାତ୍ର ୧୪ ବର୍ଷ ବୟସରେ ହାଇସ୍କୁଲରେ ପଢୁଥିବା ସମୟରେ ସେ 'ଆପଲ'ର ଜଣେ ପାର୍ଟ ଟାଇମ କର୍ମଚାରୀ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ୧୯୭୭ରେ ତାଙ୍କୁ 'ଆପଲ'ର ଜଣେ ଆଧିକାରିକ କର୍ମଚାରୀ ଭାବେ ସ୍ୱୀକୃତି ମିଳିଥିଲା। ଏସ୍ପିନୋସା 'ଆପଲ'ରେ ୪୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ସବୁଠାରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା କର୍ମଚାରୀ ଭାବେ ରେକର୍ଡ ସୃଷ୍ଟି କରିଛନ୍ତି। ସେ ଆପଲ-୨ ବେସିକ ଅପରେଟିଂ ସିଷ୍ଟମର ପରୀକ୍ଷଣ କରି କମ୍ପାନୀ ପାଇଁ ପ୍ରଥମ କାର୍ଯ୍ୟ ସମ୍ପାଦନ କରିଥିଲେ। ତେବେ ଷ୍ଟିଭ୍ 'ଏନ୍‌ଇଏକ୍ସଟି' ନାମକ ଅନ୍ୟ ଏକ କମ୍ପାନୀ ଆରମ୍ଭ କରିବା ପାଇଁ ୧୯୮୫ରେ 'ଆପଲ' ଛାଡ଼ିଥିଲେ। ସେତେବେଳେ ମଧ୍ୟ ଏସ୍ପିନୋସା 'ଆପଲ'ର ଜଣେ ବରିଷ୍ଠ କର୍ମଚାରୀ ଭାବେ କାର୍ଯ୍ୟ କରିବା ସହ ଦାୟିତ୍ୱ ନିର୍ବାହ କରିଥିଲେ। କମ୍ପାନୀ ପ୍ରତି ତାଙ୍କର ନିଷ୍ଠା ଓ ଅବଦାନ ଯୋଗୁ 'ଆପଲ'ର ମୂଳଦୁଆ ପକାଇଥିବା କର୍ମଚାରୀଙ୍କ ମଧ୍ୟରେ ଏସ୍ପିନୋସାଙ୍କ ସ୍ଥାନ ସର୍ବାଗ୍ରେ ରହିଛି। ଏସ୍ପିନୋସା ବର୍ତ୍ତମାନ ବରିଷ୍ଠ କର୍ମଚାରୀ ଭାବେ 'ଆପଲ'ରେ କାର୍ଯ୍ୟରତ ଥିବାରୁ ତାଙ୍କୁ ମୋଟା ଅଙ୍କର ଦରମା ମିଳୁଛି।




## ଫିଜ୍ ବଢ଼ାଇଲେ ତୃପ୍ତି


ତୃପ୍ତି ଡିମ୍ରି

**ମୁମ୍ବାଇ:** ଗତ ଡିସେମ୍ବରରୁ ଅଭିନେତ୍ରୀ ତୃପ୍ତି ଡିମ୍‌ରିଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ଗତ ବର୍ଷ ଡିସେମ୍ବରରେ ରିଲିଜ୍ ହୋଇଥିବା 'ଆନିମଲ୍'ରେ ତାଙ୍କର ନିଖୁଣ ଅଭିନୟ ଓ ଅଭିନେତା ରଣବୀର କପୁରଙ୍କ ସହ ତାଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ତେବେ ସମ୍ପ୍ରତି ତୃପ୍ତି ନିଜର ପରବର୍ତ୍ତୀ ଫିଲ୍ମ 'ବ୍ୟାଡ୍ ନ୍ୟୁଜ'କୁ ନେଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏହି ଫିଲ୍ମର ଟ୍ରେଲରରେ ତୃପ୍ତିଙ୍କ ଗ୍ଲାମରସ୍ ଅନ୍ଦାଜକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ତେବେ 'ଆନିମଲ୍' ଚଳଚ୍ଚିତ୍ରରେ ଲୋକପ୍ରିୟତା ହାସଲ ପରେ ତୃପ୍ତି ତାଙ୍କ ଫିଜ୍‌କୁ ଦ୍ୱିଗୁଣିତ କରିଥିବା ନେଇ ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ୍ ସାମ୍ନାକୁ ଆସିଛି।

ରିପୋର୍ଟ ଅନୁଯାୟୀ, 'ଆନିମଲ୍' ଫିଲ୍ମରେ ତୃପ୍ତିଙ୍କୁ ୪୦ ଲକ୍ଷ ଟଙ୍କା ଫିଜ୍ ଦିଆଯାଇଥିଲା। ଏହି ଚଳଚ୍ଚିତ୍ରଟି ସୁପରହିଟ୍ ହେବା ସହ ତୃପ୍ତି ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲେ। ଏହାସହ ପ୍ରଶଂସକମାନେ ତାଙ୍କୁ 'ନ୍ୟାଶନାଲ କ୍ରଶ୍'ର ଟ୍ୟାଗ୍ ପ୍ରଦାନ କରିଥିଲେ। ଲୋକପ୍ରିୟତା ବୃଦ୍ଧି ପାଇଥିବାରୁ ତୃପ୍ତି 'ବ୍ୟାଡ୍ ନ୍ୟୁଜ' ପାଇଁ ୮୦ ଲକ୍ଷରୁ ୧ କୋଟି ଟଙ୍କା ମଧ୍ୟରେ ଫିଜ୍ ସଂଗ୍ରହ କରିଛନ୍ତି। ସେହିପରି ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଭୁଲ୍ ଭୁଲେୟା ୩' ପାଇଁ ମଧ୍ୟ ତୃପ୍ତି ସମାନ ଫିଜ୍‌ରେ ଏଗ୍ରିମେଣ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଆନନ୍ଦ ତିୱାରୀଙ୍କ ନିର୍ଦ୍ଦେଶିତ 'ବ୍ୟାଡ୍ ନ୍ୟୁଜ' ଆସନ୍ତା ୧୯ ତାରିଖରେ ରିଲିଜ୍ ହେବ। ଏହି ଫିଲ୍ମରେ ତୃପ୍ତିଙ୍କ ବ୍ୟତୀତ ଭିକି କୌଶଲ, ଆମ୍ମି ଭିର୍କ, ସାନ୍ୟା ମାଲହୋତ୍ରା, ଫତିମା ସାନା ଶେଖ୍ , ନେହା ଧୁପିଆ, ଶିବା ଚଡ୍ଢା ପ୍ରମୁଖ ନଜର ଆସିବେ। ସେହିପରି ଅନିସ୍ ବାଜ୍‌ମିଙ୍କ ନିର୍ଦ୍ଦେଶିତ 'ଭୁଲ୍ ଭୁଲେୟା ୩' ଆସନ୍ତା ନଭେମ୍ବର ୭ରେ ରିଲିଜ୍ ହେବ। ଏଥିରେ ବିଦ୍ୟା ବଲାନ, କାର୍ତ୍ତିକ ଆର୍ଯ୍ୟନ୍, ରାଜପାଲ ଯାଦବ ପ୍ରମୁଖଙ୍କ ସହ ତୃପ୍ତି ଅଭିନୟ କରୁଥିବାର ନଜର ଆସିବେ।

# ପାଓଲିନି-କ୍ରେଜିକୋଭା ଫାଇନାଲ



ସେମିଫାଇନାଲ୍ ଜିତିବା ପରେ ଉଲ୍ଲସିତ ଜସ୍‌ମିନ୍ ପାଓଲିନି।

ୱିମ୍ବେଲଡନ,୧୧।୭

ୱିମ୍ବେଲଡନ୍ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀର ଜସ୍‌ମିନ୍ ପାଓଲିନି ଓ ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା। କ୍ରୋଏସିଆର ଡୋନା ଭେକିକଙ୍କୁ ହରାଇ ଜସ୍‌ମିନ୍ ପାଓଲିନି ଓ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ହରାଇ ବାର୍ବରା କ୍ରେଜିକୋଭା ପ୍ରଥମ

## ୱିମ୍ବେଲଡନର ଦୀର୍ଘତମ ସେମି ଫାଇନାଲ

ଥର ପାଇଁ ୱିମ୍ବେଲଡନ୍ ଫାଇନାଲରେ ପହଞ୍ଚିଛନ୍ତି। ଜସ୍‌ମିନ ଦ୍ୱିତୀୟ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଚଳିତ ବର୍ଷ ସେ ଫ୍ରେଞ୍ଚ ଓପନରେ ରନର ଅପ୍ ରହିଥିଲେ। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସର ପ୍ରଥମ ସେମି ଫାଇନାଲ କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚ୍‌ଟି ସୁପର ଟାଇବ୍ରେକରରେ ଫଇସଲା ହୋଇଥିବା ବେଳେ ପାଓଲିନି ୨-୬, ୬-୪, ୭-୬ (୧୦/୮) ଭେକିକ୍‌ଙ୍କୁ ହରାଇଥିଲେ।

କ୍ରୋଏସିଆର ଡୋନା ଭେକିକ୍ ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ତାଙ୍କୁ ନିରାଶ ହେବାକୁ ପଡିଛି। ମ୍ୟାଚ୍‌ଟି ୨ ଘଣ୍ଟା ୫୧ ମିନିଟ ଧରି ଚାଲିଥିବା ବେଳେ ୱିମ୍ବେଲଡନ ମହିଳା ସିଙ୍ଗଲ୍ସ ସେମି ଫାଇନାଲରେ ଏହା ଏକ ରେକର୍ଡ। ଅଣସିଡେଡ୍ ଭିକେକ୍ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଜସ୍‌ମିନଙ୍କୁ କଡା ଟକ୍କର ଦେଇଥିଲେ। ଖାସ୍ କରି ଭିକେକ୍‌ଙ୍କ ଶକ୍ତିଶାଳୀ ସର୍ଭିସ୍ ତାଙ୍କୁ ଆଗରେ ରଖିଥିଲା। ପ୍ରଥମ ସେଟ୍‌କୁ ୬-୨ରେ ଜିତିବା ସହ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ତେବେ ଦ୍ୱିତୀୟ ସେଟ୍‌ରେ ପାଓଲିନି ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୬-୪ରେ ଜିତି ନେଇଥିଲେ। ମ୍ୟାଚ୍‌ଟି ତୃତୀୟ ସେଟ୍‌କୁ ଯାଇଥିବା ବେଳେ ପାଓଲିନି ଜିତିଥିଲେ। ୫-୩ରେ ଆଗୁଆ ଥିଲେ ମଧ୍ୟ ଭେକିକ୍ ଚମତ୍କାର ପ୍ରଦର୍ଶନ କରି ମ୍ୟାଚ୍‌କୁ ୫-୫ ସ୍ଥିତିକୁ ନେଇ ଆସିଥିଲେ। ୬-୬ରେ ରହିବା ପରେ ମ୍ୟାଚ୍ ଟାଇବ୍ରେକରକୁ ଯାଇଥିଲା। ଟାଇବ୍ରେକରକୁ ୧୦-୮ରେ ମ୍ୟାଚ୍ ଜିତି ଇତିହାସ ସୃଷ୍ଟି କରିଥିଲେ ପାଓଲିନି। ଦ୍ୱିତୀୟ ସେମି ଫାଇନାଲରେ ବିଶ୍ୱ ମାନ୍ୟତାର ୩୧ ନମ୍ବର ସ୍ଥାନରେ ଥିବା କ୍ରେଜିକୋଭା ୩-୬, ୬-୩ ଓ ୬-୪ ସେଟରେ ୪ ନମ୍ବର ସ୍ଥାନରେ ଥିବା ରିବାକିନାଙ୍କୁ ହରାଇଥିଲେ। ୨୦୨୨ ୱିମ୍ବେଲଡନ୍ ଚାମ୍ପିୟନ ପ୍ରଥମ ସେଟ୍‌କୁ ୬-୩ରେ ଜିତି ନେଇଥିଲେ। ତେବେ କ୍ରେଜିକୋଭା ପରବର୍ତ୍ତୀ ୨ ସେଟ୍‌କୁ ଜିତିବା ସହ ଫାଇନାଲରେ ପହଞ୍ଚିଥିଲେ।



କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବଭାବେ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିବାପରେ ଭାସ୍କର ଜ୍ୟୋତି ଶର୍ମା ବରିଷ୍ଠ ଅଧିକାରୀମାନଙ୍କ ସହ କଳିଙ୍ଗ ଷ୍ଟାଡ଼ିୟମସ୍ଥିତ ଜିମ୍ନାଷ୍ଟିକ୍ ସେଣ୍ଟର୍ ଏବଂ ଆକ୍ୱାଟିକ୍ ସେଣ୍ଟର୍ ପରିଦର୍ଶନ କରି ସେଠାକାର ପ୍ରଶିକ୍ଷକମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

# ଭାରତ-ଶ୍ରୀଲଙ୍କା ସିରିଜ ପାଇଁ ଭେନ୍ୟୁ ଘୋଷଣା

ନୂଆଦିଲ୍ଲୀ, ୧୧।୭ (ପି.ଟି.)

ଶ୍ରୀଲଙ୍କା ଟୁର୍‌ରେ ଭାରତ ଜୁଲାଇ ଓ ଅଗଷ୍ଟ ମଧ୍ୟରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଓ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ମ୍ୟାଚଗୁଡ଼ିକ ପାଲିକେଲ ଓ କଲମ୍ବୋରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଗୁରୁବାର ଘୋଷଣା କରାଯାଇଛି। ପାଲିକେଲ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଟି୨୦ ସିରିଜ (ଜୁଲାଇ ୨୬, ୨୭, ୨୯) ସହ ହ୍ୱାଇଟ୍ ବଲ୍ ଟୁର୍ ଆରମ୍ଭ ହେବ। ପରେ ସିରିଜ କଲମ୍ବୋ ସ୍ଥାନାନ୍ତର ହେବ। ସେଠାର ସ୍ଥାନୀୟ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚଗୁଡ଼ିକ(ଅଗଷ୍ଟ ୧, ୪, ୭)ରେ ଖେଳାଯିବ। ଭାରତୀୟ କ୍ରିକେଟ ଦଳ ନବ ନିଯୁକ୍ତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଖେଳିବାକୁ ଥିବା ବେଳେ ଶ୍ରୀଲଙ୍କା ମଧ୍ୟ ସେମାନଙ୍କ ନୂଆ କୋଚ୍ ସନତ ଜୟସୁରିୟାଙ୍କ ଅଧୀନରେ ଖେଳିବ। ଗମ୍ଭୀର ନିକଟରେ ରାହୁଲ ଦ୍ରାବିଡ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦ୍ରାବିଡଙ୍କ ନେତୃତ୍ୱରେ ଭାରତ ଏହାର ଦ୍ୱିତୀୟ ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରିପାରିଛି। ଅନ୍ୟପକ୍ଷରେ କ୍ରିସ୍ ସିଲଭରଉଡ୍‌ଙ୍କ ସ୍ଥାନରେ ଜୟସୁରିୟା ଶ୍ରୀଲଙ୍କା ମୁଖ୍ୟ କୋଚ୍ ହୋଇଛନ୍ତି। ସିରିଜ ପାଇଁ ଭାରତ ଏପର୍ଯ୍ୟନ୍ତ ଦଳ ଘୋଷଣା କରିନାହିଁ। ଏହି ଗସ୍ତକ୍ରମରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇପାରେ। ଖବର ଅନୁସାରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟି୨୦ ଏବଂ କେ.ଏଲ୍. ରାହୁଲଙ୍କୁ ଦିନିକିଆ ଦଳର ଅଧିନାୟକ କରାଯାଇପାରେ। ଅନ୍ୟପକ୍ଷରେ ଟି୨୦ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ଉନ୍ନୀତ ହୋଇପାରି ନ ଥିବା ଶ୍ରୀଲଙ୍କା ୱାନିନ୍ଦୁ ହସରଙ୍ଗାଙ୍କ ଇସ୍ତଫା ପରେ ଜଣେ ନୂଆ ଅଧିନାୟକଙ୍କ ଅଧୀନରେ ଖେଳିବ। ସୂଚନାଯୋଗ୍ୟ, ୨୦୨୧ ପରେ ଭାରତ ପ୍ରଥମ ଥର ଶ୍ରୀଲଙ୍କାରେ ଏକ ଦ୍ୱିପାକ୍ଷିକ ହ୍ୱାଇଟ୍ ବଲ୍ ସିରିଜ ଖେଳିବାକୁ ଯାଉଛି। ସେତେବେଳେ ଦ୍ରାବିଡ କୋଚ ରହିଥିଲେ। ସେ ଶିଖର ଧାୱନଙ୍କ ଅଧିନାୟକତ୍ୱରେ ଭାରତର ଏକ ଦ୍ୱିତୀୟ ଦଳକୁ ନେଇ ଶ୍ରୀଲଙ୍କା ଯାଇଥିଲେ।

## ଚାମ୍ପିୟନ୍ସ ଟ୍ରଫି

# ପାକିସ୍ତାନ ଯାଇ ନ ପାରେ ଭାରତୀୟ ଦଳ

ନୂଆଦିଲ୍ଲୀ,୧୧।୭

ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି କ୍ରିକେଟର ପରବର୍ତ୍ତୀ ସଂସ୍କରଣ ଫେବୃଆରୀ ୧୯ରୁ ମାର୍ଚ୍ଚ ୨୫, ୨୦୨୫ ମଧ୍ୟରେ ଖେଳାଯିବ। ଏଥିରେ ଭାରତର ଅଂଶଗ୍ରହଣକୁ ନେଇ ଅନିଶ୍ଚିତତା ଜାରି ରହିଛି। ଏହି ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଭାରତ ପାଇଁ ଲାହୋରକୁ ଭେନ୍ୟୁ ଭାବରେ ଚୟନ କରିଛି। ତେବେ ଭାରତୀୟ କ୍ରିକେଟ ଦଳ ପାକିସ୍ତାନ ଗସ୍ତ ନ କରିବାର ସମ୍ଭାବନା ଅଧିକ ରହିଛି। ଫଳସ୍ୱରୂପ ଏହି ଟୁର୍ନାମେଣ୍ଟ ହାଇବ୍ରିଡ୍ ମୋଡରେ ଖେଳାଯିବାର ସମ୍ଭାବନା ଦେଖା ଦେଇଛି। ପୂର୍ବରୁ ଏସିଆ କପ ପାକିସ୍ତାନରେ ଖେଳା ଯାଇଥିବା ବେଳେ ଭାରତ ଯିବାକୁ ମନା କରି ଦେଇଥିଲା। ଫଳରେ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳା ଯାଇଥିଲା। ବର୍ତ୍ତମାନ ମଧ୍ୟ ପିସିବି ନିକଟରେ ବିସିସିଆଇ ପକ୍ଷରୁ ସମାନ ଦାବି କରାଯାଇଥିବା କୁହାଯାଉଛି। ଭାରତର ମ୍ୟାଚ୍ ଗୁଡିକ ବର୍ତ୍ତମାନ ଶ୍ରୀଲଙ୍କା କିମ୍ବା ୟୁଏଇକୁ ସ୍ଥାନାନ୍ତର ହୋଇପାରେ। ତେବେ ଟୁର୍ନାମେଣ୍ଟକୁ ଆହୁରି ୬ ମାସ ସମୟ ରହିଥିବା ବେଳେ ବିସିସିଆଇ ପକ୍ଷରୁ ଆନୁଷ୍ଠାନିକ ଭାବରେ କିଛି ସ୍ପଷ୍ଟ କରାଯାଇନାହିଁ। ସୀମାପାର ଆତଙ୍କବାଦ କାରଣରୁ ଭାରତ ୨୦୦୮ ପରଠାରୁ ପାକିସ୍ତାନ ଗସ୍ତ କରି ନାହିଁ। ୨୦୧୨-୧୩ ପରଠାରୁ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଇନାହିଁ।

# ଫାଇନାଲରେ ଇଂଲଣ୍ଡ

ଡର୍ଟମୁଣ୍ଡ,୧୧।୭(ପି.ଟି.)

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ୨୦୨୪ ଫାଇନାଲରେ ପ୍ରବେଶ କରିଛି ଇଂଲଣ୍ଡ। ଓଲି ୱାଟକିନ୍ସଙ୍କ ଲେଟ୍ ଗୋଲ ବଳରେ ଦଳ ୨-୧ରେ ନେଦରଲାଣ୍ଡସ୍‌କୁ ହରାଇ କ୍ରମାଗତ ଦ୍ୱିତୀୟ ଥର ୟୁରୋ କପ ଫାଇନଲରେ ପ୍ରବେଶ କରିଛି। ମ୍ୟାଚ୍‌ର ୮୧ ତମ ମିନିଟରେ ଇଂଲଣ୍ଡ କୋଚ୍ ଗାରେଥ ସାଉଥଗେଟ ଏକ ସାହସିକ ନିଷ୍ପତ୍ତି ନେଇଥିଲେ। ଅଧିନାୟକ ହ୍ୟାରୀ କେନ୍‌ଙ୍କୁ ସବ୍‌ଷ୍ଟିଚ୍ୟୁଟ କରି ତାଙ୍କ ସ୍ଥାନରେ ଓଲି ୱାଟକିନ୍ସଙ୍କୁ ଖେଳାଇଥିଲେ। ୮୯.୫୯ ସେକେଣ୍ଡରେ ୱାଟକିନ୍ସ ଗୋଲ କରିବା ସହ ସୋମବାର ଇଂଲଣ୍ଡକୁ ଫାଇନାଲରେ ପହଞ୍ଚାଇଥିଲେ। ୟୁରୋ ୨୦୨୪ରେ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ସ୍ଲୋଭାକିଆକୁ ଅତିରିକ୍ତ ସମୟରେ ଓ କ୍ୱାର୍ଟର ଫାଇନାଲରେ ସୁଇଜରଲାଣ୍ଡକୁ ପେନାଲ୍ଟି ଶୁଟ ଆଉଟରେ ପରାସ୍ତ କରିଥିଲା ଇଂଲଣ୍ଡ। ଅନ୍ତିମ ୧୦ ମିନିଟରେ ସାଉଥ୍‌ଗେଟ୍ କୋଲ୍ ପାଲମର ଓ ଓଲି ୱାଟକିନ୍ସଙ୍କୁ ସାମିଲ କରିବାର ଯେଉଁ ଜୁଆ ଖେଳିଥିଲେ ତାହା ସଫଳ ହୋଇଥିଲା।

ମ୍ୟାଚ୍‌ରେ ଇଂଲଣ୍ଡ ୫୯ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲା। ନେଦରଲାଣ୍ଡସ୍ ପକ୍ଷରୁ ଜାଭି ସିମନ୍ସ ସପ୍ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଚଳିତ ୟୁରୋରେ ଏହା ତାଙ୍କର ପ୍ରଥମ ଗୋଲ ଥିଲା। ୪୦ ୟାର୍ଡ ଦୂରରୁ ସେ ଏହି ଶଟ୍ ମାରିଥିଲେ। ତେବେ ଏହାର ୧୧ ମିନିଟ ମଧ୍ୟରେ ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଏହି ଗୋଲ ପରିଶୋଧ କରିଥିଲେ। ୧୮ ତମ ମିନିଟରେ ଇଂଲଣ୍ଡକୁ ଏକ ପେନାଲ୍ଟି ମିଳିଥିଲା। ଏଥିରୁ ସ୍କୋର କରିବା ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ କେନ୍। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ କୋଲ୍ ପାଲମରଙ୍କ ଆସିଷ୍ଟରେ ଓଲି ୱାଟକିନ୍ସ ଏକ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ।



ବିଜୟ ପରେ ଉଲ୍ଲସିତ ଇଂଲଣ୍ଡ ଦଳର ଖେଳାଳି।

## ଟୁର୍ ଡି’ ଫ୍ରାନ୍ସ

# କୋଭିଡ୍ ପାଇଁ ଓହରିଲେ ମର୍କୋଭ

ଅରିଲାକ୍ (ଫ୍ରାନ୍ସ), ୧୧।୫(ଏପି)

କୋଭିଡ୍-୧୯ ସଂକ୍ରମଣ ଯୋଗୁ ଭେଟେରାନ ରାଇଡର ମାଇକେଲ ମର୍କୋଭ ଟୁର୍ ଡି’ ଫ୍ରାନ୍ସର ଦ୍ୱାଦଶ ଷ୍ଟେଜ ପୂର୍ବରୁ ଓହରିଯାଇଥିବା ତାଙ୍କ ଅଷ୍ଟାନା ଟିମ୍ ତରଫରୁ ସୂଚାଇ ଦିଆଯାଇଛି। ଡେନ୍‌ମାର୍କର ଏହି ୩୯ ବର୍ଷୀୟ ରାଇଡରଙ୍କର ବୁଧବାର ଏବଂ ଗୁରୁବାର ସକାଳେ କୋଭିଡ୍ ଟେଷ୍ଟ ହୋଇଥିଲା। ଉଭୟ ଥର ତାଙ୍କର ପିଜିଟିଭ ଆସିଥିଲା। ମର୍କୋଭ ସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କ ନିକଟରେ ସେଭଳି କୌଣସି ବଡ଼ ଲକ୍ଷଣ ଦେଖିବାକୁ ମିଳୁ ନାହିଁ। କିନ୍ତୁ ଅଷ୍ଟାନାର ମେଡିକାଲ ଷ୍ଟାଫ୍ ମର୍କୋଭଙ୍କୁ ରେସ୍‌ରେ ଅଂଶଗ୍ରହଣରୁ ରୋକିଛନ୍ତି। ସେ ଚଳିତବର୍ଷ ଶେଷରେ ଅବସର ନେବେ। ମର୍କୋଭ ୨୦୧୩ ସ୍ପାନିଶ ଭୁଏଲ୍‌ଟାରେ ଏକ ରେସ୍ ଜିତିଥିଲେ। ତିନିବର୍ଷ ପୂର୍ବେ ସେ କୋଟିଓ ଅଲିମ୍ପିକ୍ସ ବେଳେ ମାଡିସନ ଟ୍ରାକ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଆସନ୍ତା ପ୍ୟାରସ ଅଲିମ୍ପିକ୍ସରେ ଭାଗ ନେବେ। ଟୁର୍ ଡି’ ଫ୍ରାନ୍ସର ୧୨ତମ ଷ୍ଟେଜ ଫ୍ରାନ୍ସର ଦକ୍ଷିଣ ପଶ୍ଚିମାଞ୍ଚଳ ଅନ୍ତର୍ଗତ ଅରିଲାକ୍‌ଠାରୁ ଭିଲେନ୍ୟୁଭ୍-ସୁର୍ ଲଟ୍ ପର୍ଯ୍ୟନ୍ତ ୨୦୪ କିଲୋମିଟର ବିଶିଷ୍ଟ ଥିଲା।

# ଓସିଏଲ୍: ଓଡ଼ିଶା ଚିତାସ୍ ବିଜୟୀ

ଭୁବନେଶ୍ୱର, ୧୧।୭ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଚିତାସ ଦଳ ୧୮ ରନରେ ଓଡ଼ିଶା ଜାଗୁଆର୍ସକୁ ପରାସ୍ତ କରିଛି। କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୫୮ ରନ ସଂଗ୍ରହ କରିଥିଲା। ଦଳର ଟପ୍ ସ୍କୋରର ଆଶୀର୍ବାଦ ସ୍ୱାଇଁ ୨୬ ବଲ୍‌ରୁ ୪୦ ରନ ଏବଂ ଶ୍ରେୟାଂଶ ଭରଦ୍ୱାଜ ୩୩ ବଲ୍‌ରୁ ୩୦ ରନ କରିଥିଲେ। ବିପକ୍ଷ ଦଳର କ୍ରିଷ୍ଣା ପଲାଇ ଓ ଆଶିଷ ରାୟ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୧୫୯ ରନର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ଜାଗୁଆର୍ସ ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୪୦ ରନ କରିପାରିଥିଲା। ଦଳର ଟପ୍ ସ୍କୋରର ଭେଙ୍କଟେଶ ଏ. ଭାଣ୍ଡେ ୬୪ (୫୦ବଲ୍) ଓ ଅନୀଲ ପରିଡ଼ା ୩୪ (୨୩ ବଲ୍) ରନ କରିଥିଲେ। ଚେତାସ ଦଳର ସର୍ବେଶ୍ୱର ମହାନ୍ତି ୨ ଓ ମିଲନ ସାମଲ ଗୋଟିଏ ଉଇକେଟ ନେଇଥିଲେ। ବିଜୟୀ ଦଳର ଆଶୀର୍ବାଦ ସ୍ୱାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।




ପ୍ଲେୟର ଅଫ୍ ଦି ମ୍ୟାଚ୍ ଗ୍ରହଣ କରୁଛନ୍ତି ଆଶୀର୍ବାଦ ସ୍ୱାଇଁ।

# ଆର୍ଜେଣ୍ଟିନା-କଲମ୍ବିଆ ଫାଇନାଲ

ଚାର୍ଲୋଟ,୧୧।୭(ପି.ଟି.)

## କୋପା ଆମେରିକା

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଖେଳା ଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଉରୁଗୁଏକୁ ୧-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି କଲମ୍ବିଆ। ୩୯ ତମ ମିନିଟରେ ଜେଫରସନ୍ ଲେର୍ମା କଲମ୍ବିଆ ପକ୍ଷରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଏହା ସହ ୨୩ ବର୍ଷ ପରେ କଲମ୍ବିଆ ପ୍ରଥମ ଥର ଫାଇନାଲରେ ପହଞ୍ଚିଛି। ଡିଫେଣ୍ଡର ଡାନିଏଲ ମୁନୋଜଙ୍କୁ ରେଡ୍‌କାର୍ଡ ମିଳିବା ସହ ଉରୁଗୁଏ ୬୧ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲା। ମ୍ୟାଚ୍‌ରେ ଅଧାରୁ ଅଧିକ ସମୟ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ କଲମ୍ବିଆ ଫାଇନାଲରେ ପହଞ୍ଚିଥିଲା। ସୋମବାର ହାର୍ଡରକ୍ ଷ୍ଟାଡିୟମରେ ଆର୍ଜେଣ୍ଟିନା ଓ କଲମ୍ବିଆ ମଧ୍ୟରେ ଫାଇନାଲ ଖେଳାଯିବ। ଏହା ସହ କଲମ୍ବିଆ କ୍ରମାଗତ ୨୯ ମ୍ୟାଚ୍‌ରେ ଅପରାଜେୟ ରହିଛି।

ମ୍ୟାଚ୍‌ର ୩୯ ତମ ମିନିଟରେ କଲମ୍ବିଆକୁ ଏକ କର୍ନର କିକ୍ ମିଳିଥିଲା। ଜେମ୍ସ ରୋଡ୍ରିଗୁଏଜଙ୍କ ଶଟ୍‌କୁ ଜେଫରସନ୍ ଲେର୍ମା ଏକ ଚମତ୍କାର ହେଡର ଜରିଆରେ ଗୋଲ କରିଥିଲେ। ଜେଫରସନ୍ ଲେର୍ମାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଏହା ତୃତୀୟ ଗୋଲ ହୋଇଥିବା ବେଳେ ଚଳିତ କୋପା ଆମେରିକାରେ ଦ୍ୱିତୀୟ ଗୋଲ୍। ସେହିପରି ଜେମ୍ସ ରୋଡ୍ରିଗୁଏଜ ଚଳିତ ଟୁର୍ନାମେଣ୍ଟରେ ଷଷ୍ଠ ଥର ପାଇଁ ଆସିଷ୍ଟ କରିଛନ୍ତି। ମ୍ୟାଚ୍‌ର ୬୬ ତମ ମିନିଟରେ ଉରୁଗୁଏ ପକ୍ଷରୁ ଲୁଇସ୍ ସୁଆରେଜ୍ ପଡିଆକୁ ଓହ୍ଲାଇଥିଲେ। ତେବେ ୭୧ତମ ମିନିଟରେ ତାଙ୍କର ଏକ ଶଟ୍ ପୋଷ୍ଟ ବାହାରେ ବାଜିଥିଲା।



କଲମ୍ବିଆ ଓ ଉରୁଗୁଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା ଆଥ୍‌ଲେଟ

ଡେନଭର,୧୧।୭(ପି.ଟି.)

## ଅଲିମ୍ପିକ୍ସ ପାଇଁ ଆମେରିକା ଦଳ

ଗୁରୁବାର ଆମେରିକା ପକ୍ଷରୁ ଏହାର ଅଲିମ୍ପିକ୍ସ ଦଳ ଘୋଷଣା କରାଯାଇଛି। ୫୯୨ ଜଣିଆ ଦଳରେ ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା ରହିଛନ୍ତି। କ୍ରମାଗତ ଚତୁର୍ଥ ଥର ପାଇଁ ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା ଖେଳାଳି ଅଛନ୍ତି। ଏହା ମଧ୍ୟରେ ୩୧୪ ଜଣ ମହିଳା ଓ ୨୭୮ ଜଣ ପୁରୁଷ ଖେଳାଳି ଅଛନ୍ତି। ୧୬-୫୯ ବର୍ଷ ବୟସ ମଧ୍ୟରେ ଖେଳାଳିଙ୍କୁ ଏଥିରେ ସ୍ଥାନ ମିଳିଥିବା ବେଳେ ୪୬ ଷ୍ଟେଟ୍‌ସର ପ୍ରତିନିଧିତ୍ୱ ରହିଛି। ୬୬ ଜଣ ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ଏହି ଦଳରେ ସ୍ଥାନ ମିଳିଥିବା ବେଳେ ଏହି ଖେଳାଳିମାନେ ମିଳିତ ଭାବରେ ୧୧୦ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୩ ଜଣ ୫ ଥର ଅଲିମ୍ପିଆନ ଏଥିରେ ସାମିଲ ଅଛନ୍ତି। ବାସ୍କେଟବଲ୍ ଖେଳାଳି ଡାଏନା ଟୌରାସିଙ୍କ ସହ ଇକ୍ୱିଷ୍ଟ୍ରିଆନ ଷ୍ଟିଫେନ ପିଟର୍ସ ଓ ମ୍ୟାକଲିଆନ ୱାର୍ଡ ଏହି ତାଲିକାରେ ସାମିଲ ଅଛନ୍ତି। ଜୁଲାଇ ୨୪ ତାରିଖରୁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବା ବେଳେ ୨୬ ତାରିଖରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ନେଲସନ୍ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁସାରେ ଆମେରିକା ୩୭ ସ୍ୱର୍ଣ୍ଣ ସହ ୧୨୩ ପଦକ ହାସଲ କରିବାର ସମ୍ଭାବନା ରହିଛି।



କେଟି ଲେଡେକି

ଏହି ଦଳରେ ୩ ଜଣ ୧୬ ବର୍ଷୀୟ ଖେଳାଳି ରହିଛନ୍ତି। ଏହା ମଧ୍ୟରେ ହେଜ୍‌ଲି ରିଭେରା ସର୍ବକନିଷ୍ଠ ଖେଳାଳି ରହିଛନ୍ତି। ସେହିପରି ୫୯ ବର୍ଷ ବୟସରେ ପିଟର୍ସ ସବୁଠାରୁ ବୟସ୍କ ଖେଳାଳି ଅଟନ୍ତି। ସର୍ବାଧିକ ୧୦ ଅଲିମ୍ପିକ୍ସ ପଦକ ସହ ସନ୍ତରଣକାରୀ କେଟି ଲେଡେକି ପ୍ରଥମ ସ୍ଥାନରେ ରହିଛନ୍ତି। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ ଓ ୩ ରୌପ୍ୟ ସାମିଲ ଅଛି। ଜିମ୍ନାଷ୍ଟ ସିମୋନ ବାଇଲ୍ସ ଓ ସନ୍ତରଣକାରୀ କାଲେବ ଡ୍ରେସେଲ ୭ଟି ଲେଖାଏ ପଦକ ହାସଲ କରିଥିବା ବେଳେ ର୍‍ୟାନ୍ ମର୍ଫିଙ୍କ ନାମରେ ୬ଟି ପଦକ ରହିଛି।

ଷ୍ଟେଟ୍‌ସକୁ ଦୃଷ୍ଟିରେ ରଖିଲେ କାଲିଫର୍ନିଆରୁ ସର୍ବାଧିକ ୧୨୦ ଆଥ୍‌ଲେଟଙ୍କୁ ଚୟନ କରାଯାଇଛି। ଏହା ବ୍ୟତୀତ ଫ୍ଲୋରିଡାରୁ ୪୨ ଓ ଟେକ୍ସାସରୁ ୪୧ ଜଣ ଖେଳାଳି ଅଲିମ୍ପିକ୍ସ ଦଳରେ ସାମିଲ ହୋଇଛନ୍ତି। ଆମେରିକୀୟ ଅଲିମ୍ପିକ୍ସ ଦଳରେ ୭୫ ପ୍ରତିଶତ ଖେଳାଳି ଏମିତି ଅଛନ୍ତି, ଯେଉଁମାନଙ୍କୁ କଲେଜ ସ୍ତରରୁ ଚୟନ କରାଯାଇଛି। ୧୫ଟି ଦଳ ଏମିତି ରହିଛି ଯେଉଁଥିରେ କେବଳ କଲେଜ ଛାତ୍ରୀଛାତ୍ର ରହିଛନ୍ତି। ମହିଳା ବାସ୍କେଟବଲ୍, ୩ ଏ ସାଇଡ ପୁରୁଷ ଓ ମହିଳା ବାସ୍କେଟବଲ, ପୁରୁଷ ଓ ମହିଳା ଇନ୍‌ଡୋର ଭଲିବଲ୍, ଡାଇଭିଂ, ଫେନ୍‌ସିଂ, ମହିଳା ଫିଲ୍ଡ ହକି, ମହିଳା ରଗ୍‌ବୀ, ମଡର୍ନ ପେଣ୍ଟାଥ୍ଲନ, ପୁରୁଷ ଓ ମହିଳା ୱାଟର ପୋଲୋ, ରୋଇଂ ଓ ଟ୍ରାୟାଥ୍ଲନ ଦଳରେ ସମ୍ପୂର୍ଣ୍ଣ ଭାବେ କଲେଜ ଛାତ୍ରୀଛାତ୍ର ରହିଛନ୍ତି।

ବ୍ୟାଡ୍‌ମିଣ୍ଟନରେ ଆନି ଜୁ-କେରୀ ଜୁ, ଫିଲ୍ଡ ହକିରେ ବ୍ରୁକ୍ ଓ ଏମା ଡେବର୍ଡିନ୍, ସନ୍ତରଣରେ ଆଲେକ୍ସ-ଆରୋନ୍ ଶାକେଲ, ସନ୍ତରଣରେ ଗ୍ରେଚେନ୍-ଆଲେକ୍ସ ୱାଲ୍ସ, ଟ୍ରାକ୍ ଆଣ୍ଡ ଫିଲ୍ଡରେ ଜୁଲିଏଟ୍-ଇସାବେଲା ହ୍ୱିଟାକେର ଏବଂ ଚେସ୍-ରାଇଡର ଉଡ୍‌ଙ୍କ ପରି ଭାଇ-ଭଉଣୀ ଯୋଡି ସାମିଲ ଅଛନ୍ତି।

## ପ୍ୟାରିସ୍ ଅଲିମ୍ପିକ୍ସ




ଆଉ ୧୪ ଦିନ

# ଅଲିମ୍ପିକ୍ସ ଓ ଭାରତୀୟ ମହିଳା କ୍ରୀଡ଼ାବିତ୍

ଅଲିମ୍ପିକ୍ସରେ ଅଦ୍ୟାବଧି ଭାରତର ୭ ମହିଳା କ୍ରୀଡ଼ାବିତ୍ ୮ଟି ପଦକ ହାସଲ କରିଛନ୍ତି ଏହା ମଧ୍ୟରେ ୨ ରୌପ୍ୟ ଓ ୬ ବ୍ରୋଞ୍ଜ ସାମିଲ। ଅଲିମ୍ପିକ୍ କ୍ରୀଡ଼ାରେ ଭାରତୀୟ ମହିଳା କ୍ରୀଡ଼ାବିତ୍‌ମାନଙ୍କ ପ୍ରଦର୍ଶନକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା....


ଭାରତୀ ଭୂଷଣ ମିଶ୍ର

ଚାଇନାକୁ ପଛରେ ପକାଇ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶର ମାନ୍ୟତା ଲାଭ କରିଛି। ଭାରତ ବର୍ତ୍ତମାନ ଏକ ଦ୍ରୁତ ପ୍ରଗତିଶୀଳ ରାଷ୍ଟ୍ର ଭାବେ ବିଶ୍ୱ ସମ୍ପ୍ରଦାୟର ଦୃଷ୍ଟି ଆକର୍ଷଣ କରିଛି। ଆମର ଏହି ପ୍ରଗତିରେ ଦେଶର ସବୁ ନାରୀ ଓ ପୁରୁଷଙ୍କର, ସବୁବର୍ଗର, ସମସ୍ତ ଧର୍ମର ଓ ସମସ୍ତ ଜାତିର ଜନସାଧାରଣଙ୍କର ସମ୍ମିଳିତ ଯୋଗଦାନ ରହିଛି। ଆମ ଦେଶର ନାରୀମାନେ ପୁରୁଷମାନଙ୍କ ସହିତ କାନ୍ଧ ମିଳେଇ ଦେଶର ପ୍ରଗତିରେ ଅଂଶୀଦାର ହୋଇଛନ୍ତି ଓ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆମେ ଭାରତୀୟ କ୍ରୀଡ଼ାଜଗତ ବିଶେଷତଃ ଅଲିମ୍ପିକ୍ କ୍ରୀଡ଼ାରେ ଆମର ମହିଳା କ୍ରୀଡ଼ାବିତ୍‌ମାନଙ୍କର ସଫଳତା ସମ୍ବନ୍ଧରେ ଆଲୋକପାତ କରିବା।

ଏଠାରେ ଏହା ପ୍ରଣିଧାନଯୋଗ୍ୟ ଯେ ଯଦିଓ ୧୯୪୭ ପର୍ଯ୍ୟନ୍ତ ଭାରତ ବ୍ରିଟିଶ ଶାସନାଧୀନ ଥିଲା ତଥାପି ଏକ ସ୍ୱତନ୍ତ୍ର ଦେଶ ଭାବେ ୧୯୦୦ରୁ ପ୍ୟାରିସ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତ ଅଂଶଗ୍ରହଣ କଲା। ଏକମାତ୍ର କ୍ରୀଡ଼ାବିତ୍ ନର୍ମାନ୍ ପ୍ରିଚାର୍ଡ ଏଥିରେ ଆଥ୍‌ଲେଟିକ୍ସରେ ଅଂଶଗ୍ରହଣ କରି ଦୁଇଗୋଟି ରୌପ୍ୟପଦକ ହାସଲ କରିଥିଲେ। ଏଣୁ ଭାରତ ପରବର୍ତ୍ତୀ ୩ ଅଲିମ୍ପିକ୍ ୧୯୦୪ ସେଣ୍ଟଲୁଇସ୍, ୧୯୦୮ ଲଣ୍ଡନ ଓ ୧୯୧୨ ଷ୍ଟକ୍ ହୋମ୍ କ୍ରୀଡ଼ାରେ ଅଂଶଗ୍ରହଣ କରି ନ ଥିଲା। ସାର୍ ଦୋରାବଜୀ ଟାଟା ଓ ବମ୍ବେର ତତ୍କାଳୀନ ଗଭର୍ଣ୍ଣର ଜର୍ଜ ଲଏଡ୍‌ଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟିରେ ଭାରତର ପ୍ରତିନିଧିତ୍ୱ ସମ୍ଭବ ହେଲା ଓ ଫଳ ସ୍ୱରୂପ ୧୯୨୦ରେ ଆଣ୍ଟୱେର୍ପ ଅଲିମ୍ପିକ୍ କ୍ରୀଡ଼ାକୁ ଭାରତ ୩ ଆଥ୍‌ଲେଟ୍, ୨ କୁସ୍ତି ଯୋଦ୍ଧା ଓ ୨ ମ୍ୟାନେଜର ସୋରାବ୍ ଭୂତ୍ ଓ ଏଏଚ୍ଏ ଫୈଜିଙ୍କୁ ପଠାଇଲା।

୧୯୨୩ରେ ଅନ୍ତରୀଣ ଭାରତୀୟ ଅଲିମ୍ପିକ୍ କମିଟି ଗଠନ ସହ ସର୍ବଭାରତୀୟ ଅଲିମ୍ପିକ୍ କ୍ରୀଡ଼ା ଆୟାଜନ ହେଲା, ଯହିଁରୁ ୭ ଆଥ୍‌ଲେଟ୍ ଓ ୭ ଟେନିସ୍ ଖେଳାଳିଙ୍କୁ ମନୋନୟନ କରାଗଲା ୧୯୨୪ ଗ୍ରୀଷ୍ମକାଳୀନ ପ୍ୟାରିସ ଅଲିମ୍ପିକ୍ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ। ହ୍ୟାରି ବକ୍ ଏହି ଦଳର ମ୍ୟାନେଜର ମନୋନୀତ ହେଲେ। ଏହି ସର୍ବଭାରତୀୟ ଅଲିମ୍ପିକ କ୍ରୀଡ଼ା ପରବର୍ତ୍ତୀ ସମୟରେ ଜାତୀୟ କ୍ରୀଡ଼ା ଭାବେ ନାମିତ ହେଲା। ପ୍ୟାରିସ ଅଲିମ୍ପିକ୍ ପାଇଁ ମନୋନୀତ ଭାରତୀୟ ଦଳରେ ସାମିଲ ଥିଲେ ୨ ମହିଳା କ୍ରୀଡ଼ାବିତ୍। ତଥ୍ୟ ଅନୁଯାୟୀ ଦୋରା ମାର୍ଗାରେଟ ପଲିଜେକି ଟେନିସ୍‌ର ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଏବଂ ମେହେରି ଟାଟା ମିକ୍ସଡ ଡବଲ୍ସ ଟେନିସ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏଣୁ ପ୍ରଥମ ଥର ଏହି ଅଲିମ୍ପିକ୍ସରେ ଭାରତୀୟ ମହିଳା ଖେଳାଳି ଭାଗ ନେଇଥିଲେ।

କିନ୍ତୁ ଏହାପରେ ଅନୁଷ୍ଠିତ ୪ ଅଲିମ୍ପିକ୍ସ ଯଥା ୧୯୨୮ ଆମଷ୍ଟରଡାମ୍, ୧୯୩୨ ଲସ୍‌ଏଞ୍ଜେଲସ, ୧୯୩୬ ବର୍ଲିନ ଓ ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଭାରତର କୌଣସି ମହିଳା ଖେଳାଳି ଅଂଶ ଗ୍ରହଣ କରି ନ ଥିଲେ।

୧୯୫୨ରେ ହେଲ୍‌ସିଙ୍କିଠାରେ ହେଲା ପରବର୍ତ୍ତୀ ଅଲିମ୍ପିକ୍। ଏଥିରେ ୧୧ଟି କ୍ରୀଡ଼ାରେ ୬୦ ପୁରୁଷ ଓ ୪ ମହିଳା ଖେଳାଳି ଭାରତର ପ୍ରତିନିଧିତ୍ୱ କରିଥିଲେ। ମହିଳା ଖେଳାଳିମାନେ ହେଲେ ନୀଳିମା ଘୋଷ (୧୦୦ ମିଟର ଦୌଡ଼ ଓ ୮୦ମିଟର ହର୍ଡଲ୍ସ), ମେରି ଡିସୁଜା ସିକୋରା (୧୦୦ ଓ ୨୦୦ ମିଟର), ଆରତି ଶାହା ଓ ଡଲି ନାଜିର (ସନ୍ତରଣ)। କିନ୍ତୁ ପ୍ରତିନିଧିତ୍ୱ ଦୃଷ୍ଟିରୁ ନୀଳିମା ଘୋଷ ହେଉଛନ୍ତି ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିଥିବା ଆମ ସ୍ୱାଧୀନ ଭାରତର ପ୍ରଥମ ମହିଳା ଖେଳାଳି। ସେ ଅଲିମ୍ପିକ୍‌ରେ ଅଂଶଗ୍ରହଣ କଲାବେଳକୁ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। ଏହି ଅଲିମ୍ପିକ୍ସରେ ଭାରତ ପୁରୁଷ ହକିରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତର କେ.ଡି. ଯାଦବ କୁସ୍ତିରେ ବ୍ରୋଞ୍ଜ ପଦକ ଜିତି ବ୍ୟକ୍ତିଗତ ଇଭେଣ୍ଟରେ ପ୍ରଥମ ସ୍ୱାଧୀନ ଭାରତୀୟ ହେବାର ଗୌରବ ଲାଭ କରିଥିଲେ। ଏହାପରେ ୧୯୬୦ ରୋମ୍, ୧୯୬୮ ମେକ୍ସିକୋ ସିଟି ଓ ୧୯୭୬ ମଣ୍ଟ୍ରିଲ କ୍ରୀଡ଼ାରେ କୌଣସି ମହିଳା ଖେଳାଳି ଭାରତର ପ୍ରତିନିଧିତ୍ୱ କରିନାହାନ୍ତି ଓ ୨୦୨୦ ପର୍ଯ୍ୟନ୍ତ ଅବଶିଷ୍ଟ ସମସ୍ତ ଅଲିମ୍ପିକ୍ସରେ ଆମର ମହିଳା ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ପାୟୋଲି ଏକ୍ସପ୍ରେସ୍ ଭାବେ ପରିଚିତ ପ୍ରସିଦ୍ଧ ଆଥଲେଟ୍ ପି.ଟି. ଉଷା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାରେ ଭାରତର ସବୁଠାରୁ କମ୍ ବୟସର ଖେଳାଳି। ମାତ୍ର ୧୬ ବର୍ଷ ବୟସରେ ସେ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ସେ ମଧ୍ୟ ଫାଇନାଲରେ ପହଞ୍ଚିବାରେ ପ୍ରଥମ ଭାରତୀୟ ମହିଳା କ୍ରୀଡ଼ାବିତ୍। ସେ ୧୯୮୪ ଲସ୍ ଏଞ୍ଜେଲ୍‌ସ ଅଲିମ୍ପିକ୍ସର ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ପହଞ୍ଚିଥିଲେ କିନ୍ତୁ ଦୁର୍ଭାଗ୍ୟକୁ ଅତି ଅଳ୍ପ ବ୍ୟବଧାନରେ ଚତୁର୍ଥ ସ୍ଥାନରେ ରହିଲେ। ନଚେତ୍ ସେ ଅଲିମ୍ପିକ୍ ପଦକ ଜିତିବାରେ ଭାରତର ପ୍ରଥମ ମହିଳା ଖେଳାଳି ହୋଇଥାଆନ୍ତେ।

ଭାରତ ଅଦ୍ୟାବଧି ଅଲିମ୍ପିକ୍ କ୍ରୀଡ଼ାରେ ମୋଟ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ସହ ୩୫ଟି ପଦକ ଲାଭ କରିଛି। ସେଥିରୁ କେବଳ ହକିରେ ୧୨ ପଦକ ଅନ୍ତର୍ଭୁକ୍ତ। ତେଣୁ ବିଚାର କଲେ, ଦଳଗତ କ୍ରୀଡ଼ାରେ କେବଳ ପୁରୁଷ ହକିରେ ହିଁ ଭାରତ ଏହି ପଦକ ପାଇଛି। ବ୍ୟକ୍ତିଗତ ଇଭେଣ୍ଟରେ ୧୯୦୦ରୁ ୨୦୨୦ ଟୋକିଓ ଅଲିମ୍ପିକ୍ ପର୍ଯ୍ୟନ୍ତ ୧୩ ପୁରୁଷ କ୍ରୀଡ଼ାବିତ୍ ୧୫ ଗୋଟି ପଦକ ଲାଭ କରିଛନ୍ତି। ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଆମର ଅଦ୍ୟାବଧି ସର୍ବମୋଟ ୭ ମହିଳା କ୍ରୀଡ଼ାବିତ୍ ୮ଟି ଅଲିମ୍ପିକ୍ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଇତିହାସର ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ ଆଧୁନିକ ଅଲିମ୍ପିକ୍ସରେ ୧୯୦୦ରେ ଭାରତ ଅଂଶଗ୍ରହଣ କରିବାର ଦୀର୍ଘ ଶହେ ବର୍ଷ ପରେ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ କର୍ଣ୍ଣମ ମାଲେଶ୍ୱରୀ ଭାରୋତ୍ତୋଳନରେ ୬୯ କେଜି ବର୍ଗରେ ବ୍ରୋଞ୍ଜପଦକ ଜିତି ପ୍ରଥମ ଭାରତୀୟ ମହିଳା ଭାବେ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏହାପରେ ପୁଣି ୧୨ ବର୍ଷ ବିତିଯାଏ। ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ମହିଳା ବକ୍ସିଂକୁ ଅନ୍ତର୍ଭୁକ୍ତ କରାଯାଏ। ଭାରତ ତରଫରୁ ଏକମାତ୍ର ପ୍ରତିଯୋଗୀ ଭାବେ ୫ ଥର ବିଶ୍ୱ ବିଜୟିନୀ ମେରୀ କମ୍ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ଏଥିରେ ସେ ଉତ୍ତମ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କଲେ ଏବଂ ବକ୍ସିଂରେ ଅଲିମ୍ପିକ୍ ପଦକ ଜିଣିବାରେ ପ୍ରଥମ ଭାରତୀୟ ମହିଳା ଭାବେ ବିବେଚିତ ହେଲେ। ଏହି ଅଲିମ୍ପିକ୍‌ରେ ସାଇନା ନେହ୍ୱାଲ ଏକ ବ୍ରୋଞ୍ଜ ପଦକ ହାସଲ କରି (୪ ଅଗଷ୍ଟ ୨୦୧୨) ବ୍ୟାଡ୍‌ମିଣ୍ଟନରେ ପଦକ ହାସଲ କରିବାରେ ହେଲେ ପ୍ରଥମ ଭାରତୀୟ ଖେଳାଳି। ଯଦିଓ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ମହିଳା କୁସ୍ତି ଏକ କ୍ରୀଡ଼ା ଶୃଙ୍ଖଳା ଭାବେ ସାମିଲ ହୋଇଥିଲା ତେବେ ଗୀତା ଫୋଗଟ ପ୍ରଥମ ଭାରତୀୟ ମହିଳା ଭାବେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ।

ଭାରତ ପାଇଁ ଅଲିମ୍ପିକ୍‌ରେ ପଦକ ସଂଖ୍ୟା ବଢ଼ାଇବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯିବାର ଫଳ ସ୍ୱରୂପ ଆମର କ୍ରୀଡ଼ାବିତ୍‌ମାନେ ପ୍ରଦର୍ଶନରେ ମଧ୍ୟ ଉନ୍ନତି ହାସଲ କରିପାରିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି.ସିନ୍ଧୁ ପ୍ରଥମ ଭାରତୀୟ ମହିଳା ଭାବେ ଅଲିମ୍ପିକ୍ସରେ ଏକ ରୌପ୍ୟ ପଦକ ଲାଭ କରିବାର ଗୌରବ ଅର୍ଜନ କଲେ। ସେ ଫାଇନାଲରେ ସ୍ପେନ୍‌ର କରୋଲିନା ମାରିନଙ୍କଠାରୁ ପରାସ୍ତ ହୋଇ ଥିଲେ (୧୯ ଅଗଷ୍ଟ ୨୦୧୬)। ସେ ମଧ୍ୟ ପଦକ ଜିଣିବାରେ ସବୁଠାରୁ କମ୍ ବୟସ୍କା ଭାରତୀୟ ହେଲେ। ଏହି ଅଲିମ୍ପିକ୍ସରେ ଅନ୍ୟତମ ଭାରତୀୟ ସାକ୍ଷୀ ମଲିକ ଏକ ବ୍ରୋଞ୍ଜ ପଦକ ହାସଲ କରି (୫୮ କେଜି ଫ୍ରିଷ୍ଟାଇଲ୍ ବର୍ଗ) ପ୍ରଥମ ଭାରତୀୟ ମହିଳା ଭାବେ କୁସ୍ତିରେ ଅଲିମ୍ପିକ୍ ପଦକ ପାଇଲେ। ଏହା ଥିଲା ଭାରତ ପାଇଁ ପ୍ରଥମ ଅଲିମ୍ପିକ୍ ଯେଉଁଥିରେ କି ସମସ୍ତ ପଦକ ବିଜୟିନୀ କେବଳ ମହିଳା ଥିଲେ । ଏହାପରେ ଖେଳାଳିମାନଙ୍କର ପ୍ରଶିକ୍ଷଣ, ଉନ୍ନତ କ୍ରୀଡ଼ା ଉପକରଣ ଯୋଗାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରତି ଗୁରୁତ୍ୱ ପ୍ରଦାନ କରାଗଲା ଓ ଖେଳାଳିମାନଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଉପରେ ଜୋର ଦିଆଗଲା। ଏହାର ଲାଭ ମିଳିଲା ୨୦୨୦ ଟୋକିଓ ଅଲିମ୍ପିକ୍ସରେ। ଦୀର୍ଘ ୪୦ ବର୍ଷପରେ ରାଣୀ ରାମପାଲଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ହକି ଦଳ ଉନ୍ନତ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ସମସ୍ତଙ୍କର ହୃଦୟ ଜିଣିଥିଲା ଓ ୪ର୍ଥ ସ୍ଥାନ ହାସଲ କରିଥିଲା। ଏହାପୂର୍ବରୁ ଭାରତୀୟ ମହିଳା ହକି ଦଳ ୧୯୮୦ ମସିହା ମସ୍କୋ ଅଲିମ୍ପିକ କ୍ରୀଡ଼ାରେ ପ୍ରଥମଥର ପାଇଁ ଅଂଶ ଗ୍ରହଣ କରି ୬ ଦଳଙ୍କ ମଧ୍ୟରେ ଚତୁର୍ଥ ସ୍ଥାନ ଲାଭ କରିଥିଲା। ରୁପା ସାଇନି ଥିଲେ ଭାରତୀୟ ମହିଳା ହକି ଦଳର ଅଧିନାୟିକା। ୨୦୧୬ର ରିଓ ଅଲିମ୍ପିକ୍ସରେ ଭାରତ ଦ୍ୱାଦଶ ସ୍ଥାନରେ ଥିଲା। ଅଧିନାୟିକା ଥିଲେ ସୁଶୀଳା ଚାନୁ ପୁଖ୍ରାମ୍ବମ୍।

୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରଥମ ଦିନରେ ହିଁ ସାଇଖମ୍ ମିରାବାଈ ଚାନୁ ଭାରୋତ୍ତୋଳନରେ ରୌପ୍ୟ ପଦକ ଲାଭ କରିଥିଲେ। ସେ ସ୍ନାଚ୍‌ରେ ୮୭ କେ.ଜି ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୫ କେଜି ଏପରି ମୋଟ ୨୦୨ କେଜି ଭାର ଉଠାଇଥିଲେ। ପି.ଭି.ସିନ୍ଧୁ ବ୍ୟାଡ୍‌ମିଣ୍ଟନ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ପ୍ରଥମ ଭାରତୀୟ ମହିଳା କ୍ରୀଡ଼ାବିତ୍ ଭାବେ ୨ଟି ଅଲିମ୍ପିକ ପଦକ ବିଜେତାର ମାନ୍ୟତା ଲାଭ କଲେ। ୨୦୧୬ରେ ସେ ରୌପ୍ୟପଦକ ପାଇଥିଲେ। ଲଭଲିନା ବୋର୍ଗୋହେନ ମହିଳା ୱେଲ୍ଟର ୱେଟ୍ ବକ୍ସିଂରେ କ୍ୱାର୍ଟର ଫାଇନାଲରେ ତାଇୱାନର ଚେନ୍ ନିଏନ୍-ଚୀନ୍‌ଙ୍କୁ ପରାସ୍ତ କରିଥିଲେ ମଧ୍ୟ ସେମିଫାଇନାଲରେ ତୁର୍କୀର ବୁସେନାଜ୍ ସୁର୍ ମେନେଲିଙ୍କଠାରୁ ପରାସ୍ତ ହୋଇ ତାଙ୍କର ପ୍ରଥମ ଅଲିମ୍ପିକ ବ୍ରୋଞ୍ଜପଦକ ଲାଭ କରିଥିଲେ।

ଉପରୋକ୍ତ ତଥ୍ୟକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଭାରତୀୟ ମହିଳା କ୍ରୀଡ଼ାବିତ୍‌ମାନେ ଅଦ୍ୟାବଧି ୨ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ପାଇଛନ୍ତି ଅଲିମ୍ପିକ୍ସରେ। ଆମର ପ୍ରଦର୍ଶନକୁ ଆହୁରି ଶାଣିତ କରିବାକୁ ପଡ଼ିବ। ଉପଲବ୍ଧ ସମସ୍ତ ସୁବିଧା ସୁଯୋଗର ସଦ୍‌ବ୍ୟବହାର କରି, କଠିନ୍ ପରିଶ୍ରମ, ନିଷ୍ଠା ଓ ଦୃଢ଼ ଇଚ୍ଛାଶକ୍ତିର ଉପଯୋଗ କଲେ ଆମର ମହିଳା କ୍ରୀଡ଼ାବିତ୍‌ମାନେ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ ୨୦୨୪ରେ ନିଶ୍ଚିତ ଭାବେ ଯେ ସ୍ୱର୍ଣ୍ଣ ପଦକ ହାସଲ କରିପାରିବେ ଏହା ନିଃସନ୍ଦେହରେ କୁହାଯାଇପାରେ। ଆଗାମୀ ସମୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ସମସ୍ତଙ୍କର ସାମୂହିକ ପ୍ରୟାସ ହିଁ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଆଗେଇ ନେବ ଏହା ଆଜିର ଆଶା ଓ ବିଶ୍ୱାସ ।



କର୍ଣ୍ଣମ ମାଲେଶ୍ୱରୀ


ପି.ଭି. ସିନ୍ଧୁ


ଏମ.ସି. ମେରୀକମ୍

## ଅଲ୍‌ରାଉଣ୍ଡର

ସାନ ସିନା, ତା'ର ବଡ଼ ଗୋଲ ସ୍କୋରରେ
ଫାଇନାଲ ଗଲା ଦେଶ
ଦେଖୁଥା ସ୍ପେନ୍‌ର ଷୋହଳ ବର୍ଷୀୟ
ଲାମିନ ୟାମାଲ କଷ
ୟୁରୋ କପ୍‌ରେ ସ୍ପେନ୍ ଯଶ
ଭୋନ୍‌ଲାଣ୍ଟେନ ସର୍ବ କନିଷ୍ଠ ଗୋଲ ସ୍କୋରର
ରେକର୍ଡ ଏଇଠୁ ଶେଷ।



ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋରରେ
କ୍ରିଷ୍ଟିଆନୋ ସ୍ଥାନ ଏକ
ଶହେ ତିରିଶତମ ଗୋଲ ସହ ରଚିଛି
ପର୍ତ୍ତୁଗାଲ ଦେଶ ଟେକ
ଦ୍ୱିତୀୟରେ ମେସି ଲେଖ
ତୃତୀୟ ଇରାନ ଅଲ୍ ଦାଏଇ ରହିଛି
ଏକ ଗୋଲ ଗ୍ୟାପ ଟୁକ।

କ୍ରିକେଟ ପାଗଳ ଭାରତ ଦେଶରେ
ପଚାର ଯା' ଗୋଟିଗୋଟି
ୟୁରୋ, ଡୁରାଣ୍ଡ, ଶିମ୍‌ଲା ପ୍ରେସିଡେଣ୍ଟ କପ୍
ନ ବୁଝନ୍ତି ଫ୍ୟାନ ଏଠି
ଏକ କାଫି ନୁହଁ ଜଟି
ଅଲ୍‌ରାଉଣ୍ଡର ପ୍ରତିଭା ନ ଥିଲେ
ନ ବଢ଼ନ୍ତି ବେଟା ବେଟି।

–ସୁବାସ ଚନ୍ଦ୍ର ପ୍ରଧାନ

# ପ୍ରତୀକ୍ଷାର ଅନ୍ତ

ଟି୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଭାରତ ହୋଇଛି ବିଶ୍ୱବିଜୟୀ। ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଟି୨୦ ବିଶ୍ୱକପ୍‌ର ୧୭ବର୍ଷ, ଏକଦିବସୀୟ ବିଶ୍ୱକପ ବିଜୟର ୧୩ବର୍ଷ ଏବଂ ଚାମ୍ପିୟନ୍ସ ଟ୍ରଫି ବିଜୟର ୧୧ବର୍ଷ ପରେ ଭାରତକୁ ମିଳିଛି ଏହି ବିରାଟ ସଫଳତା...


ନିର୍ମଳ କୁମାର ମିଶ୍ର

ଦୀର୍ଘ ପ୍ରତୀକ୍ଷାର ଅନ୍ତଘଟିଛି। ଟି୨୦ ବିଶ୍ୱକପର ୯ମ ସଂସ୍କରଣରେ ଭାରତ ହୋଇଛି ବିଶ୍ୱବିଜୟୀ। ଟି୨୦ ବିଶ୍ୱକପର ୧୭ବର୍ଷ, ଏକଦିବସୀୟ ବିଶ୍ୱକପ ବିଜୟର ୧୩ବର୍ଷ ଏବଂ ଚାମ୍ପିୟନ୍ସ ଟ୍ରଫି ବିଜୟର ୧୧ବର୍ଷ ପରେ ଭାରତକୁ ମିଳିଛି ଏହି ବିରାଟ ସଫଳତା। ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଦ୍ୱିତୀୟ ଥର ପାଇଁ ଆମେ ଟି୨୦ ବିଶ୍ୱକପରେ ଚାମ୍ପିୟନ ହୋଇପାରିଛୁ। ରୋହିତ ବାହିନୀର ଏହି ସଫଳତା ପାଇଁ ଦେଶ ବିଦେଶରୁ ଛୁଟିଛି ପ୍ରଶଂସାର ସୁଅ। ଏହି ଅଭିଯାନ ଭାରତ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ଟିମ୍ ସିଲେକଶନ୍ ସମୟରେ ଅନେକ ସମାଲୋଚନା କରାଯାଇଥିଲା। ଏପରି ଟିମ୍‌କୁ ନେଇ ଆମେ ବିଶ୍ୱକପ ଚାମ୍ପିୟନ ହୋଇପାରିବୁ ନାହିଁ ବୋଲି ଅନେକ କ୍ରିକେଟ ଅଧିନାୟକ, ପୂର୍ବତନ ଖେଳାଳି ଓ ଭାଷ୍ୟକାର ମନ୍ତବ୍ୟ ଦେଇଥିଲେ। ମାତ୍ର ରୋହିତ ବାହିନୀ ତାହାକୁ ଭୁଲ୍ ବୋଲି ପ୍ରମାଣିତ କରି ଦେଖାଇଲେ। ଦ୍ୱିତୀୟ ଥର ପାଇଁ ଟି୨୦ ବିଶ୍ୱକପ ସହିତ ମୋଟ ୫ଥର ଆଇସିସି ଟ୍ରଫି ଜିତିଲା ଭାରତ। ଆମେରିକାର ଚ୍ୟାଲେଞ୍ଜପୂର୍ଣ୍ଣ 'ଡ୍ରପ-ଇନ୍' ପିଚ୍‌ରେ ଭାରତ ଗ୍ରୁପ ପର୍ଯ୍ୟାୟରେ ଅପରାଜୟ ରହିଥିଲା। ପରେ ସୁପର ୮ ପର୍ଯ୍ୟାୟରେ ବିପୁଳ ବ୍ୟବଧାନରେ ଆଫଗାନିସ୍ତାନ, ବାଂଲାଦେଶ ଏବଂ ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଓ ଭଲ ପ୍ରଦର୍ଶନ କରିଥିବା ଟିମ୍‌ଗୁଡ଼ିକୁ ପରାସ୍ତ କଲା। ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ହରାଇ ଅପରାଜୟ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଗ୍ରୁପ ପର୍ଯ୍ୟାୟ ଓ ସୁପର-୮ରେ ଭାରତୀୟ ପେସ୍ ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏଥିସହିତ ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ଓ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଉପଯୋଗୀ ଇନିଂସ ଖେଳିଲେ। ଟୁର୍ନାମେଣ୍ଟରେ ରୋହିତ ଶର୍ମା ଉପଯୋଗୀ ବ୍ୟାଟିଂ ସହିତ ନେତୃତ୍ୱରେ ଚତୁରତା ଦେଖାଇଥିଲେ। ଏହାକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ସେ ଭାରତ ପକ୍ଷରୁ ୩ ଅର୍ଦ୍ଧଶତକ ସହ ସର୍ବାଧିକ ୨୫୭ ରନ୍ କରିଥିଲେ। ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୪୧ ବଲରୁ ୯୨ ରନ୍ ସଂଗ୍ରହ କରି ୨୦୨୨ ସେମିଫାଇନାଲ ପରାଜୟର ପ୍ରତିଶୋଧ ନେଇଥିଲେ। ରୋମାଞ୍ଚଭରା ଟାଇଟଲ ମୁକାବିଲାରେ ଭାରତ ପ୍ରଥମ ଥର ପାଇଁ କୌଣସି ଆଇସିସି ଟ୍ରଫି ଫାଇନାଲ ଖେଳିଥିବା ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇବା ପରେ ରୋହିତ ଶର୍ମାଙ୍କ ବହୁଦିନର ସ୍ୱପ୍ନ ସାକାର ହୋଇଥିଲା। ଫାଇନାଲ ପୂର୍ବରୁ ଭାରତ ପରି ଦକ୍ଷିଣ ଆଫ୍ରିକା ମଧ୍ୟ ଟୁର୍ନାମେଣ୍ଟରେ ଅପରାଜୟ ରହିଥିଲା। କୌଣସି ଟି୨୦ ବିଶ୍ୱକପର ଫାଇନାଲ ଦୁଇ ଅପରାଜୟ ଦଳ ମଧ୍ୟରେ ଖେଳାଯିବାରେ ଏହା ଏକ ରେକର୍ଡ।

ଗତ ଟି୨୦ ବିଶ୍ୱକପରେ ମୋଟ ୧୪୭୮ଚୌକା ହୋଇଥିଲା। ଫଳରେ ୨୦୨୧ର ୧୩୪୯ଟି ଚୌକା ରେକର୍ଡକୁ ଅତିକ୍ରମ କରିଥିଲା। ସେହିପରି ୨୦୨୧ ସଂସ୍କରଣରେ ୪୦୫ ଛକା ହୋଇଥିବା ବେଳେ ଏଥର ୫୧୫ ହୋଇଛି। ଯାହାକି ଏକ ସର୍ବକାଳୀନ ରେକର୍ଡ।

ଗତ ଟି୨୦ ବିଶ୍ୱକପରେ ଅନେକ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ଆଇସିସି ଆସୋସିଏଟ୍ ସଦସ୍ୟ ଦେଶ। ମୋଟ ୨୦ଟି ଟିମ୍‌କୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଆମେରିକା, କାନାଡା, ସ୍କଟଲାଣ୍ଡ, ନେପାଳ, ନେଦରଲାଣ୍ଡ୍ସ ପରି ଦେଶ ମଧ୍ୟ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଏକାଧିକ ବିପର୍ଯ୍ୟୟ ଘଟାଇ ଦୁର୍ବଳ ଦଳଗୁଡ଼ିକ ଟୁର୍ନାମେଣ୍ଟର ସମୀକରଣ ବଦଳାଇ ଦେଇଥିଲେ। ପାକିସ୍ତାନ ଓ ଆମେରିକା ମ୍ୟାଚ ସୁପର ଓଭରରେ ଶେଷ ହୋଇଥିଲା। ଏଥିରେ ଆମେରିକା ବିଜୟ ହାସଲ କରି ପ୍ରଥମ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଏହାପରେ ବିପର୍ଯ୍ୟୟ ସଂଖ୍ୟା ବଢ଼ିଥିଲା।

ମୋଟ ଉପରେ ଦେଖିବାକୁ ଗଲେ ଏକ ରୋମାଞ୍ଚକ ଟି୨୦ ବିଶ୍ୱକପରେ ଭାରତ ତା'ର ଦକ୍ଷତା ମାଧ୍ୟମରେ ୨ୟ ଥର ପାଇଁ ବିଶ୍ୱ ଚାମ୍ପିୟନ ହେଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ୨ଥର ଫାଇନାଲକୁ ଯାଇ ପରାସ୍ତ ହୋଇଥିଲା। ସେହିପରି ଦିନିକିଆ ବିଶ୍ୱକପରେ ଗତବର୍ଷ ଅଷ୍ଟ୍ରେଲିଆଠାରୁ ଗୋଟିଏ ପରାଜୟ ଦଳକୁ ନିରାଶ କରିଥିଲା। ଏଥର ଟି୨୦ ବିଶ୍ୱକପ ବିଜୟ ସହ ଭାରତ ପୁଣି ଆଇସିସି ଟ୍ରଫି ଜିତିବା ଧାରାକୁ ଫେରିଛି। ନିଶ୍ଚିତରୂପେ ଏହି ବିଜୟ ସ୍ମରଣୀୟ ହୋଇରହିବ।



ବିଶ୍ୱକପ ଟ୍ରଫି ସହ ରୋହିତ ଶର୍ମା

# ଓଡ଼ିଶାର ଜ୍ୟୋତ୍ସ୍ନା, ରିଙ୍କିଙ୍କୁ ସ୍ୱର୍ଣ୍ଣ



ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନର କୃତୀ ପ୍ରତିଯୋଗୀମାନେ ପଦକ ସହ।

## ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍

## ଝିଲିଙ୍କୁ ରୌପ୍ୟ, ତୁଳସୀ, ସନ୍ଧ୍ୟାରାଣୀଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୧।୭
(ତପନ ସ୍ୱାଇଁ)

ଓଡ଼ିଶା ଭାରୋତ୍ତୋଳନ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ୱେଟ୍‌ଲିଫ୍ଟିଙ୍ଗ୍ ହଲ୍‌ରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍‌ର ପ୍ରଥମ ଦିବସରୁ ଓଡ଼ିଶା ପ୍ରତିଯୋଗୀମାନେ ଚମକ ଦେଖାଇଛନ୍ତି। ଜ୍ୟୋତ୍ସ୍ନା ଶବର ଓ ରିଙ୍କି ନାୟକ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଝିଲି ଦଲବେହେରା ରୌପ୍ୟ ଏବଂ ତୁଳସୀ ଶବର ଓ ସନ୍ଧ୍ୟାରାଣୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୟୁଥ୍ ମହିଳା ୪୦ କେଜି ବର୍ଗରେ ଜ୍ୟୋତ୍ସ୍ନା ସ୍ନାଚ୍‌ରେ ୫୯, କ୍ଲିନ୍ ଆଣ୍ଡ ଜର୍କରେ ୬୮ ଏହିପରି ମୋଟ ୧୨୭ କେଜି ଭାରୋତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆସାମର ମ୍ରିଦୁସ୍ମିତା ଚିତ୍ରକର ୯୮ (୪୩+୫୫) ଓ ଅରୁଣାଚଳ ପ୍ରଦେଶର ତାମ୍ ଆୟା ୮୦ (୩୬+୪୪) କେଜି ଉତ୍ତୋଳନକରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସିନିୟର ମହିଳା ୪୫ କେଜିରେ ରିଙ୍କି ନାୟକ ସ୍ନାଚ୍‌ରେ ୬୧ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୦ ଏହିପରି ମୋଟ ୧୪୧ କେଜି ଉତ୍ତୋଳନକରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଅରୁଣାଚଳ ପ୍ରଦେଶର ତାଗ୍ରିକ୍ ନାୟା ୧୩୩ (୫୯+୭୪) ଓ ଆସାମର ରେଖାମୋନି ଗୋଗୋଇ ୧୨୬ (୫୮+୬୮) କେଜି ଭାର ଉଠାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସିନିୟର ମହିଳା ୪୯ କେଜିରେ ଝିଲି ୧୬୬ (୭୫+୯୧) ଓ ସନ୍ଧ୍ୟାରାଣୀ ୧୫୪ (୬୯+୮୫) କେଜି ଉତ୍ତୋଳନକରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଛତିଶଗଡ଼ର ଜ୍ଞାନେଶ୍ୱରୀ ଯାଦବ ୧୮୪ (୮୩+୧୦୧) କେଜି ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୟୁଥ୍ ମହିଳା ୪୫ କେଜିରେ ତୁଳସୀ ସ୍ନାଚରେ ୫୩ କେଜି ଉଠାଇ ପ୍ରଥମରେ ରହିଥିଲେ ହେଁ କ୍ଲିନ୍ ଆଣ୍ଡ ଜର୍କରେ ୬୫ କେଜି ଉତ୍ତୋଳନ କରି ଓଭରଅଲ୍ ତୃତୀୟରେ ସନ୍ତୁଷ୍ଟ ହୋଇଛନ୍ତି। ସେ ମୋଟ ୧୧୮ କେଜି ଉତ୍ତୋଳନ କରିଛନ୍ତି। ଅରୁଣାଚଳ ପ୍ରଦେଶର ପୁଙ୍ଗନି ତାରା ୧୨୨ (୫୩+୬୯) ଓ ଆସାମର ମୋନିକା ସୋନୋୱାଲ ୧୨୦ (୫୦+୭୦) କେଜି ଉଠାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

ଅନ୍ୟ ଇଭେଣ୍ଟ ଗୁଡ଼ିକ ମଧ୍ୟରେ ଜୁନିୟର ମହିଳା ୪୫ କେଜିରେ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି (ଏନ୍‌ସିଓଇ)ରୁ ପ୍ରତିନିଧିତ୍ୱ କରୁଥିବା ଅରୁଣାଚଳ ପ୍ରଦେଶର ତାଗ୍ରିକ ନାୟା ୧୩୩, ଆସାମର ରେଖାମୋନି ଗୋଗୋଇ ୧୨୬ ଓ ଅରୁଣାଚଳ ପ୍ରଦେଶର ପୁଙ୍ଗନି ତାରା ୧୨୨ କେଜି ଉତ୍ତୋଳନକରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ଜୁନିୟର ମହିଳା ୪୯ କେଜିରେ ଅରୁଣାଚଳ ପ୍ରଦେଶର ୟୁକର ଅମକ ୧୨୭, ଆସାମର ଅପୁନ କୁତୁମ ୧୧୬ ଓ ବିହାରର ରିୟା ସିଂ ୧୦୩ ଏବଂ ୟୁଥ୍ ମହିଳା ୪୯ କେଜିରେ ଛତିଶଗଡ଼ର କୁମ୍‌କୁମ୍ ଧ୍ରୁବ ୧୩୧, ଝାଡ଼ଖଣ୍ଡର ଧନପତି କୁମାରୀ ୧୧୨ ଓ ଅରୁଣାଚଳ ପ୍ରଦେଶର ଏନ୍‌ଗୁଞ୍ଜା ତାଙ୍ଗଡଙ୍ଗ ୧୧୦ କେଜି ଉତ୍ତୋଳନକରି ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜୋନାଲ ଲିଗ୍‌ରେ ଅରୁଣାଚଳ ପ୍ରଦେଶରୁ ୧୫, ଆସାମରୁ ୨୧, ବିହାରରୁ ୧୨, ଛତିଶଗଡ଼ରୁ ୨୩, ଝାଡ଼ଖଣ୍ଡରୁ ୧୪, ମିଜୋରାମରୁ ୪, ମଣିପୁରରୁ ୧୦, ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି (ଏନ୍‌ସିଓଇ)ରୁ ୭, ଓଡ଼ିଶାରୁ ୨୨ ଏବଂ ପଶ୍ଚିମବଙ୍ଗରୁ ୭ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ